୪୭ତମ ନିଖିଳ ଉତ୍କଳ

# ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ

# ସ୍ମରଣିକା

୪, ୫, ୬ ଏବଂ ୭ ଏପ୍ରିଲ ୨୦୧୭


## ମାତୃଭବନ

ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩

ଟେଲିଫୋନ : (୦୬୭୧) ୨୩୪୪୩୩୮, ୨୩୪୦୭୧୮

e-mail : matrubhaban@gmail.com

website: www.motherorissa.com

# ସୂଚୀପତ୍ର


| | | | |
|---|---|---|---|
| ୧. | ବାଧାବିପତ୍ତି ପୁରସ୍କାରବିହୀନ ନୁହେଁ | ଶ୍ରୀଅରବିନ୍ଦ | ୫ |
| ୨. | ମହାକାବ୍ୟ ସାବିତ୍ରୀ (ଶ୍ରୀମା'ଙ୍କ ସହିତ କଥୋପକଥନ) | | ୬ |
| ୩. | ଆବିଷ୍କାରର ସର୍ତ୍ତ | ଶ୍ରୀ ସତ୍‌ପ୍ରେମ | ୧୦ |
| ୪. | ସୁବର୍ଣ୍ଣ ନିୟମ | ଶ୍ରୀ ନଳିନୀକାନ୍ତ ଗୁପ୍ତ | ୧୪ |
| ୫. | ମନେ ପଡ଼େ | ଶ୍ରୀ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ | ୧୭ |
| ୬. | ଶ୍ରୀଅରବିନ୍ଦ - ଗାୟତ୍ରୀ | ଶ୍ରୀ ମାଧବ ପଣ୍ଡିତ | ୧୯ |
| ୭. | ପୂର୍ଣ୍ଣଯୋଗରେ ସମର୍ପଣ | ଶ୍ରୀ ରାମକୃଷ୍ଣ ଦାସ | ୨୨ |
| ୮. | ସମୟର ଡାକ | ଶ୍ରୀ ପ୍ରପତ୍ତି | ୨୫ |
| ୯. | ଅସମ୍ଭବ ଓ ସମ୍ଭବ | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ୨୭ |
| ୧୦. | ସ୍ୱର୍ଗ-ଶିଶୁ ନିଶିକାନ୍ତ | ଶ୍ରୀମତୀ ଝରଣା ଘୋଷାଲ | ୨୯ |
| ୧୧. | କିଂ କର୍ତ୍ତବ୍ୟ | ଶ୍ରୀ ଲଳିତ ମୋହନ ଘୋଷ | ୩୩ |
| ୧୨. | ଶ୍ରୀଅରବିନ୍ଦଙ୍କ କାହାଣୀ | ଶ୍ରୀ ଦିଲୀପ ରାୟ | ୩୭ |
| ୧୩. | ଏପ୍ରିଲ ୪ - ସ୍ୱୀକୃତି ଓ ସମ୍ଭାବନା | ଶ୍ରୀ ବିମଳ ପ୍ରସନ୍ନ ଦାସ | ୩୯ |
| ୧୪. | ପ୍ରଥମେ ଶୁଣିଲି ତୁମରି ଗୀତି | ନିର୍ମଳପ୍ରଭା ଦେବୀ | ୪୦ |
| ୧୫. | ସ୍ୱପ୍ନ ଯଦି ସତ୍ୟ ହୁଏ | ସଲୀଳା କୁମାରୀ ପଟ୍ଟନାୟକ | ୪୧ |
| ୧୬. | ସୂର୍ଯ୍ୟ-ଆହ୍ୱାନ | ସଲୀଳା କୁମାରୀ ପଟ୍ଟନାୟକ | ୪୨ |
| ୧୭. | ଶ୍ରୀମୀରାରବିନ୍ଦୌଶରଣଂ | ଶ୍ରୀମତୀ ବିଦ୍ୟୁତ୍‌ପ୍ରଭା ଦେବୀ | ୪୨ |
| ୧୮. | କୃତଜ୍ଞତା | ଜ୍ୟୋସ୍ନାରାଣୀ ଦାଶ | ୪୩ |
| ୧୯. | ଦିବ୍ୟଜନନୀ | ଶ୍ରୀମତୀ କନକଲତା ମହାନ୍ତି | ୪୪ |
| ୨୦. | ମା' ନାମଜପେ ସବୁ ସରଳ | ଲତା ଦାସ | ୪୫ |
| ୨୧. | ଚିରସ୍ଥାୟୀ ପରିବର୍ତ୍ତନ | କୈବଲ୍ୟ ଜେନା | ୪୬ |
| ୨୨. | କୋରାପୁଟ ଜିଲ୍ଲାରେ ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନ | ଶ୍ରୀ ପଞ୍ଚାନନ ପାତ୍ର | ୪୮ |
| ୨୩. | ନବଜୀବନ ଶିକ୍ଷା ସଂସଦ | ଶ୍ରୀ ଚିତ୍ତ ରଞ୍ଜନ ଦାସ | ୫୧ |
| ୨୪. | ବିବର୍ତ୍ତନର ସ୍ରୋତରେ ମଣିଷ | ଶ୍ରୀ ଜନାର୍ଦ୍ଦନ ପତି | ୫୬ |
| ୨୫. | ମା' ଆମର ଦାୟିତ୍ୱ ନେବେ | ଶ୍ରୀ ପ୍ରସାଦ ତ୍ରିପାଠୀ | ୫୭ |


All Orissa Sri Aurobindo Study Circle Committee, Matrubhaban, Cuttack extends its gratitude to the Managing Trustee of Sri Aurobindo Ashram, Pondicherry for giving permission to print the photographs of Sri Aurobindo & The Mother and their writtings in the Souvenir.

# PRAYER

## 47th All Orissa Sri Aurobindo Study Circle Conference

**ALL ORISSA SRI AUROBINDO STUDY CIRCLE COMMITTEE**

**MATRUBHABAN,CUTTACK**

**E.Mail: matrubhaban@gmail.com, Website: www.motherorissa.com**

Sweet Mother,

Pranams at Thy Lotus Feet.

The 47th All Orissa Sri Aurobindo Study Circle Conference is going to be organised during 4th to 7th April, at Matrubhaban, Cuttack.

In this conference, all the organisers of Sri Aurobindo Relics Centres, Sri Aurobindo Integral Schools and Sri Aurobindo Study Circles will participate. Our normal programme of the conference is to review the progress of The Mother's Work in Orissa and prepare the plans for the coming year.

In last three years of this conference, we have discussed some poems of Sri Aurobindo from His collected Works. This year, we will take up some more poems of Sri Aurobindo for discussion in the seminar.

We pray Thy full Presence, Guidance and Protection for all the activities to be undertaken during the conference.

Let "Harmony at any Cost" be our watch word in organisation.

Let Thy Will be done in spite of all our shortcomings, ignorance and weakness.

With deep gratitude at Thy Feet,

Thy Children

Members

All Orissa Sri Aurobindo Study Circle Committee,

Matrubhaban,

Sri Aurobindo Marg, Cuttack-753013



**SRI AUROBINDO ASHRAM**
COPYRIGHT DEPARTMENT

Telegrams
AUROBINDO-PONDICHERRY

PONDICHERRY - 605 002
India

**Sri Manoj Das Gupta**
Managing Trustee

We invoke the Mother's Blessings for the 47th All Orissa Sri Aurobindo Study Circle Conference to be held from 4th to 7th April, 2017, at Matrubhaban, Cuttack.

We are happy to give permission to include extracts from the Writings of the Mother and Sri Aurobindo in the souvenir to be brought out for the occasion. A photograph of the Mother may be printed inside the souvenir, not on the cover, and its quality must be ensured.

Proper reference notes must be given and due acknowledgement made to the Sri Aurobindo Ashram Trust for the above permission. A copy of the souvenir may be sent to the Copyright Department for our records.

We convey our best wishes for the success of the conference.

In Her Love,

**Manoj Das Gupta**
Copyright Department
Sri Aurobindo Ashram

# ବାଧାବିପତ୍ତି ପୁରସ୍କାରବିହୀନ ନୁହେଁ

**ଶ୍ରୀଅରବିନ୍ଦ**

ଯୋଗସାଧନା ପଥରେ ଶେଷପର୍ଯ୍ୟନ୍ତ ଯେଉଁ ବସ୍ତୁ ମୂଲ୍ୟବାନ୍ ତାହା ହେଲା ଆନ୍ତରିକତା ଏବଂ ତାହା ସହିତ ପଥ ଧରି ଚାଲିବାର ଅଟଳ ଧୈର୍ଯ୍ୟ। ଅନେକଙ୍କର ଏହି ଧୈର୍ଯ୍ୟ ନଥିଲେ ମଧ୍ୟ ସେମାନେ ଲକ୍ଷ୍ୟପଥରେ ଚାଲିପାରନ୍ତି; କାରଣ ବିଦ୍ରୋହ, ଅଧୀରତା, ଉତ୍ସାହ ଭଙ୍ଗ, ହତାଶା, କ୍ଳାନ୍ତି, ସାମୟିକ ବିଶ୍ୱାସହାନି ଆଦି ବାଧା ସତ୍ତ୍ୱେ ସେମାନଙ୍କର ବାହ୍ୟ ସତ୍ତା ଅପେକ୍ଷା ଏକ ମହତ୍ତର ଶକ୍ତି, ଅଧ୍ୟାତ୍ମପୁରୁଷର ଶକ୍ତି, ଅନ୍ତରାତ୍ମାର ଦାବିର ପ୍ରେରଣା ସେମାନଙ୍କୁ ସକଳ ମେଘ ଓ କୁହୁଡ଼ି ମଧ୍ୟଦେଇ ସେମାନଙ୍କର ସମ୍ମୁଖସ୍ଥ ଲକ୍ଷ୍ୟ ନିକଟକୁ ଠେଲି ନେଇଯାଏ। ପ୍ରକୃତିରେ ଦୋଷତ୍ରୁଟି ଆଦି ସାମୟିକ ଭାବେ ପ୍ରତିବନ୍ଧକ ସୃଷ୍ଟି କରିପାରନ୍ତି ଓ ଏକ ଅଶୁଭ ପତନ ଆଣି ଦେଇପାରନ୍ତି; କିନ୍ତୁ ଚିରନ୍ତନ ଭାବେ ବାଧା ଦେଇପାରନ୍ତି ନାହିଁ। ପ୍ରକୃତି ଭିତରେ ଯଦି କିଛି ବାଧା ଦେଉଥାଏ ତେବେ ତାହା ବିଳମ୍ବର ଏକ ସାଙ୍ଘାତିକ କାରଣ ହୋଇପାରେ, କିନ୍ତୁ ସେସବୁ ମଧ୍ୟ ଚିରକାଳ ରହେ ନାହିଁ।

ତୋର ମାନ୍ଦାଳିଆ ଅବସ୍ଥା ଦୀର୍ଘକାଳ ସ୍ଥାୟୀ ହେଲେ ସୁଦ୍ଧା, ତାହା ତୋର କ୍ଷମତା ଓ ନିଜର ଆଧ୍ୟାତ୍ମିକ ନିୟତି ଉପରୁ ବିଶ୍ୱାସ ହରାଇବାର ଯଥେଷ୍ଟ କାରଣ ନୁହେଁ। ଅନ୍ଧକାର ଓ ଆଲୋକ ଗୋଟିକ ପରେ ଗୋଟିଏ ଆସିବା ଯୋଗୀମାନଙ୍କର ଏକ ସାର୍ବଜନୀନ ଅଭିଜ୍ଞତା; ଏହାର ବ୍ୟତିକ୍ରମ ଖୁବ୍ ବିରଳ। ଏ ବିଷୟଟି ଧୈର୍ଯ୍ୟହରା ମଣିଷ ପ୍ରକୃତି ପକ୍ଷରେ ଏକାନ୍ତ ଅପ୍ରିୟ, ମୋର ମନେହୁଏ ଅନୁସନ୍ଧାନ କଲେ ଦେଖାଯିବ ଯେ ଏହାର କାରଣ ପ୍ରଧାନତଃ ଦୁଇଟି। ପ୍ରଥମ କାରଣ ହେଉଛି: ମଣିଷ-ଚେତନା ଦିବ୍ୟଜ୍ୟୋତି, ଶକ୍ତି ଓ ଆନନ୍ଦର ନିରନ୍ତର ଅବତରଣ ସହ୍ୟ କରିପାରେ ନାହିଁ ଅଥବା ତତ୍‌କ୍ଷଣାତ୍ ଗ୍ରହଣ କରି ତାକୁ ନିଜ ମଧ୍ୟରେ ମିଶାଇପାରେ ନାହିଁ, ନିଜ ମଧ୍ୟରେ ମିଶାଇବା ନିମିତ୍ତ କିଛି କିଛି ସମୟ ଆବଶ୍ୟକ କରେ; କିନ୍ତୁ ଏହି ମିଶ୍ରଣକ୍ରିୟା ବାହ୍ୟଚେତନାର ଆବରଣର ପଶ୍ଚାତ୍‌ରେ ଚାଲିଥାଏ; ଊର୍ଦ୍ଧ୍ୱରୁ ଓହ୍ଲାଇ ଆସିଥିବା ଅଭିଜ୍ଞତା ବା ଉପଲବ୍ଧି ଏହି ଆବରଣର ଅନ୍ତରାଳକୁ ଚାଲିଯାଏ ଏବଂ ବାହ୍ୟ ବା ଉପରିସ୍ଥ ଚେତନାଟି ଖାଲିହୋଇ ପଡ଼ିରହେ ଓ ଏକ ନୂତନ ଅବତରଣ ନିମିତ୍ତ ପ୍ରସ୍ତୁତ ହେଉଥାଏ। ଯୋଗସାଧନାର ଉନ୍ନତ ଅବସ୍ଥାରେ ଏହିସବୁ ଅନ୍ଧକାର ଓ ମାନ୍ଦାଳିଆ ଭାବର ସମୟ ଖୁବ୍ କମ୍ ହୋଇଯାଏ, ଅଳ୍ପ କଷ୍ଟକର ହୁଏ ଏବଂ ଗୋଟିଏ ବୃହତ୍ତର ଚେତନାର ଅନୁଭୂତିରେ ଊର୍ଦ୍ଧ୍ୱକୁ ଉନ୍ନୀତ ହୁଏ, ସେହି ବୃହତ୍ତର ଚେତନା ହଠାତ୍ ଅଗ୍ରଗତି ନିମିତ୍ତ କାର୍ଯ୍ୟ ନକଲେ ସୁଦ୍ଧା ସେଠାରେ ଉପସ୍ଥିତ ରହି ବାହ୍ୟପ୍ରକୃତିକୁ ଧାରଣ କରିଥାଏ। ଦ୍ୱିତୀୟ କାରଣ ହେଉଛି: ମଣିଷପ୍ରକୃତି ଭିତରେ କିଛି ବାଧା ଥାଏ, ଯାହାକି ପୂର୍ବତନ ଅବତରଣକୁ ଅନୁଭବ କରିପାରି ନଥାଏ, ସେଥିଲାଗି ପ୍ରସ୍ତୁତ ହୋଇ ନଥାଏ ବା ପରିବର୍ତ୍ତନ ହେବାଲାଗି ଇଚ୍ଛାପ୍ରକାଶ କରେ ନାହିଁ। ଏହି ବସ୍ତୁଟି ହେଲା ଅନେକ ସମୟରେ ମନର ବା ପ୍ରାଣର ଗୋଟିଏ ଦୃଢ଼ ଅଭ୍ୟାସଗତ ବୃତ୍ତି ଅଥବା ଶାରୀର ଚେତନାର ଗୋଟିଏ ସାମୟିକ ଜଡ଼ତା ମାତ୍ର, କିନ୍ତୁ ଏହା ଠିକ୍ ରୂପେ ପ୍ରକୃତିର ଏକ ଅଂଶ ନୁହେଁ–ଆଉ ଏହି ଜିନିଷଟି ଜଣାପଡୁଥାଉ ଅଥବା ଗୁପ୍ତ ଭାବରେ ଥାଉ, ବାଧାବିଘ୍ନକୁ ଠେଲି ଉପରକୁ ଉଠାଇଦିଏ। ବ୍ୟକ୍ତି ଯଦି ନିଜ ମଧ୍ୟରେ ଏହି କାରଣଟିକୁ ଧରିପାରେ, ତାକୁ ସ୍ୱୀକାର କରେ; ତାହାର କ୍ରିୟାଧାରାକୁ ନିରୀକ୍ଷଣ କରେ, ତାକୁ ଅପସାରିତ କରିବା ନିମନ୍ତେ ଦିବ୍ୟଶକ୍ତିଙ୍କୁ ଆବାହନ କରେ, ତେବେ ଅନ୍ଧକାରର ସ୍ଥିତିକାଳକୁ ବହୁତ କମାଇ ଦିଆଯାଇପାରେ ଓ ସେମାନଙ୍କ ଭୀଷଣତା ମଧ୍ୟ ହ୍ରାସ ପାଏ। ଯାହା ବି ହେଉ ଭଗବାନଙ୍କ ଶକ୍ତି ସର୍ବଦା ଅନ୍ତରାଳରେ ରହି କାର୍ଯ୍ୟ କରୁଛନ୍ତି। ଦିନେ ହୁଏତ, ଯେତେବେଳେ କେହି ଆଶା କରି ନଥାଏ ସମସ୍ତ ବାଧା ବିଦୂରିତ ହୁଏ, ମେଘ ଉଭେଇଯାଏ, ଆଲୋକ ଓ ସୂର୍ଯ୍ୟରଶ୍ମି ପୁନରାୟ ଫେରିଆସେ। ଏପରି ଅବସ୍ଥାରେ ସବୁଠାରୁ ଉତ୍ତମ କାର୍ଯ୍ୟ ହେଉଛି– ଯଦି ସମ୍ଭବ ହୁଏ–ତେବେ ବ୍ୟସ୍ତ ନହେବା, ହତାଶ ନହେବା, ଶାନ୍ତ ସ୍ଥିର ଭାବରେ ଲାଗିରହି ନିଜକୁ ଆଲୋକ ଆଡକୁ ଉନ୍ମୁକ୍ତ ଓ ପ୍ରସାରିତ କରି ରଖିବା ଏବଂ ବିଶ୍ୱାସର ସହିତ ଆଲୋକର ଆଗମନୀକୁ ପ୍ରତୀକ୍ଷା କରିବା–ଏପରି କରିବା ଦ୍ୱାରା ମୁଁ ଦେଖିଛି ଦୁର୍ଭୋଗର କାଳ ହ୍ରାସ ପାଏ। ତା'ପରେ ଯେତେବେଳେ ବାଧା ଉଭେଇଯାଏ, ସେତେବେଳେ ଦେଖାଯାଏ ଯେ ବହୁତ ଉନ୍ନତି ହୋଇଛି ଏବଂ ଚେତନା ପୂର୍ବାପେକ୍ଷା ଅନେକ ବେଶୀ ଗ୍ରହଣକ୍ଷମ ଓ ଧାରଣକ୍ଷମ ହୋଇଅଛି। ଆଧ୍ୟାତ୍ମିକ ଜୀବନର ସମସ୍ତ ପରୀକ୍ଷା ଓ ପୀଡ଼ନ ଲାଗି ପୁରସ୍କାର ମଧ୍ୟ ରହିଛି।

(ଯୋଗାଧାର ପୁସ୍ତକରୁ)

# ମହାକାବ୍ୟ ସାବିତ୍ରୀ

## (ଶ୍ରୀମା'ଙ୍କ ସହିତ କଥୋପକଥନ)

ଶ୍ରୀଅରବିନ୍ଦଙ୍କ ମହାକାବ୍ୟ 'ସାବିତ୍ରୀ' ତେଇଶ ହଜାର ଆଠଶହ ତେର ଧାଡ଼ି ସମ୍ବଳିତ, ଇଂରାଜୀ ଭାଷାରେ ଲିଖିତ ସର୍ବବୃହତ୍ କାବ୍ୟଗ୍ରନ୍ଥ। ସାହିତ୍ୟ ରାଜ୍ୟରେ ଏକ ସାର୍ଥକ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଜୀବନ ଓ ସୃଷ୍ଟିର ନିଗୂଢ଼ ରହସ୍ୟ, ଦର୍ଶନ ଓ ସାଧନାର ଗଭୀର ସମସ୍ୟାସବୁ ଉପରେ ଏହା ଏକ ଅନବଦ୍ୟ ସୃଷ୍ଟି।

ମହାଭାରତର 'ସାବିତ୍ରୀ' ଉପାଖ୍ୟାନକୁ ଭିତ୍ତି କରି ଏହା ରଚିତ ହୋଇଥିଲେ ହେଁ ପ୍ରକୃତରେ ସାବିତ୍ରୀ ଉପାଖ୍ୟାନର ବିଭିନ୍ନ ଚରିତ୍ରସବୁକୁ ଶ୍ରୀଅରବିନ୍ଦ ପ୍ରତୀକ ରୂପେ ଗ୍ରହଣ କରିଛନ୍ତି। ଏହି କାବ୍ୟର ଅଶ୍ୱପତି ସୃଷ୍ଟିର ରହସ୍ୟ ଭେଦକରି ସତ୍ୟର ଉପଲବ୍ଧି କରିବାପାଇଁ କଠୋର ସାଧନା ଚଳାଇଛନ୍ତି; ତାଙ୍କ ସାଧନା ଭିତରେ ମୂର୍ତ୍ତ ହୋଇଛି ମନୁଷ୍ୟର ଜିଜ୍ଞାସା ଏବଂ ସତ୍ୟପ୍ରାପ୍ତି ପାଇଁ ତାର ଚିରନ୍ତନ ଅଭୀପ୍ସା। ଚେତନାର ସ୍ତର ପରେ ସ୍ତର ଅଶ୍ୱପତି ଆରୋହଣ କରି ଚାଲିଛନ୍ତି, ତାଙ୍କର ଯାତ୍ରା ଚାଲିଛି ଆଲୋକ ଓ ଅନ୍ଧକାରର ନାନା ଜଗତ ଭିତରେ, ସ୍ଥୂଳ ସୂକ୍ଷ୍ମ ଓ ଅତୀନ୍ଦ୍ରୀୟ ନାନା ଲୋକ ଭିତରେ। ସେ କିପରି ସାଧନା ରାଜ୍ୟରେ ଅଗ୍ରସର ହେଉଛନ୍ତି, ସତ୍ୟ ପରେ ସତ୍ୟ ପ୍ରତ୍ୟକ୍ଷ କରୁଛନ୍ତି ଓ ସଙ୍କଟ ପରେ ସଙ୍କଟ ସମ୍ମୁଖୀନ ହେଉଛନ୍ତି, ଅତିକ୍ରମ କରିଛନ୍ତି, ତାହାର ଅପୂର୍ବ ବର୍ଣ୍ଣନା ରହିଛି। ବାସ୍ତବରେ ଏଗୁଡ଼ିକ ଶ୍ରୀଅରବିନ୍ଦଙ୍କର ନିଜ ସାଧନା-ଅନୁଭୂତିର ବର୍ଣ୍ଣନା। ଏହି କାବ୍ୟର ସାବିତ୍ରୀ ହେଲେ ସ୍ୱୟଂ ଭଗବତୀ ଦିବ୍ୟ ଜନନୀ; ଅଶ୍ୱପତିଙ୍କ ଅଭୀପ୍ସାର ଉତ୍ତର ସ୍ୱରୂପ ମନୁଷ୍ୟ ଶରୀର ନେଇ ପୃଥିବୀରେ ଅବତୀର୍ଣ୍ଣା ହୋଇଛନ୍ତି ଅଶ୍ୱପତିଙ୍କ କନ୍ୟାରୂପେ, ମନୁଷ୍ୟର ଦୁଃଖ, ଶୋକ, ଶ୍ରମ, ବେଦନା ଓ ମୃତ୍ୟୁ ଆଦିର ସମସ୍ୟାକୁ ବରଣ କରିନେଇଛନ୍ତି ନିଜର ଦିବ୍ୟ ସଙ୍କଳ୍ପ ବଳରେ ସେଗୁଡ଼ିକୁ ସମାଧାନ କରିବେ ବୋଲି, ଏଇ ମରଣଶୀଳ ପୃଥିବୀକୁ ଏକ ଅମୃତମୟ ସ୍ୱର୍ଗରେ ରୂପାନ୍ତରିତ କରିବେ ବୋଲି। ତେଣୁ ସେ ସତ୍ୟବାନଙ୍କ ଅକାଳମୃତ୍ୟୁ ବିଧିନିର୍ଦ୍ଦିଷ୍ଟ ଜାଣି ମଧ୍ୟ ତାଙ୍କୁ ପତି ରୂପେ ବରଣ କରିଛନ୍ତି, ମୃତ୍ୟୁକୁ ପରାଜିତ କରିବାପାଇଁ ନିଜର ବିଧିନିର୍ଦ୍ଦିଷ୍ଟ ଭୂମିକା ହେତୁ। ନିର୍ଦ୍ଧାରିତ ସମୟରେ ସତ୍ୟବାନଙ୍କ ମୃତ୍ୟୁ ହୋଇଛି ଓ ସାବିତ୍ରୀ ଜାଗ୍ରତ ହୋଇଉଠିଛନ୍ତି ମୃତ୍ୟୁକୁ ଜୟ କରି ସ୍ଥୂଳଜଗତରେ ଅମରତ୍ୱ ପ୍ରତିଷ୍ଠା କରିବାପାଇଁ ନିଜର ସଙ୍କଳ୍ପରେ। ମୃତ୍ୟୁ-ଦେବତାଙ୍କ ସହ ତାଙ୍କର ଉକ୍ତି ପ୍ରତ୍ୟୁକ୍ତି ଜୀବନ ଓ ମୃତ୍ୟୁର ଗଭୀର ରହସ୍ୟ ଭେଦ ଦିଗରେ ଏକ ଆଲୋକପାତ। ଶେଷରେ ମୃତ୍ୟୁ ପରାଜିତ ହୋଇଛି, ପରାଜୟ ପୂର୍ବରୁ ସାବିତ୍ରୀଙ୍କ ଭିତରେ ସେ ଦେଖିବାକୁ ଓ ପୂଜା କରିବାକୁ ଚାହିଁଛି ଭଗବତୀ ଜନନୀଙ୍କ ଦିବ୍ୟ ସ୍ୱରୂପକୁ। ମୃତ୍ୟୁର ପ୍ରାର୍ଥନା ସାବିତ୍ରୀ ପୂର୍ଣ୍ଣ କରିଛନ୍ତି ଓ ନିଜର ଦିବ୍ୟ ସ୍ୱରୂପ ତାକୁ ଦେଖାଇଛନ୍ତି, ତାହା ଦର୍ଶନ କରି ମୃତ୍ୟୁର ଅନ୍ଧକାରମୟ ଶରୀର ଭସ୍ମୀଭୂତ ହୋଇ ସେ ରୂପାନ୍ତରିତ ହୋଇଛି ତାର ମୂଳ ଦିବ୍ୟ ଆଲୋକମୟ ସ୍ୱରୂପରେ। ସତ୍ୟବାନ ଫେରି ପାଇଛନ୍ତି ରୂପାନ୍ତରିତ ନବଜୀବନ।

ସମସ୍ତ କାବ୍ୟଟି ଶ୍ରୀଅରବିନ୍ଦ ଲେଖିଥିଲେ ମନର ଊର୍ଦ୍ଧ୍ୱସ୍ଥ ଚେତନାରୁ, ବିଶେଷକରି ଅଧିମାନସ ଚେତନାରୁ। ପୂର୍ଣ୍ଣ ଯୋଗର ସାଧକମାନଙ୍କ ପାଇଁ ଏହି କାବ୍ୟ ଯେ କେଡ଼େ ଅମୂଲ୍ୟ ସେ ସମ୍ପର୍କରେ ମା' କେତେ ବର୍ଷତଳେ ଜଣେ ସାଧକକୁ ଯାହା କହିଥିଲେ ତାହା ଅତି ତାତ୍ପର୍ଯ୍ୟପୂର୍ଣ୍ଣ:

ମା' ପଚାରିଲେ- ତୁମେ 'ସାବିତ୍ରୀ' ପଢ଼ କି ?

ମୁଁ - ହଁ ମା', ପଢ଼େ।

ମା' - ସମସ୍ତଟା ପଢ଼ିଛ ?

ମୁଁ - ହଁ, ମା' ଦୁଇଥର ପଢ଼ିଛି ?

ମା'- ଯା ପଢ଼ିଛ ସବୁଟା ବୁଝି ପାରିଛ ?

ମୁଁ - ନା, ବେଶି କିଛି ବୁଝି ପାରିନାହିଁ, ତେବେ ମୁଁ କବିତାକୁ ଭଲପାଏ, ତେଣୁ ପଢ଼ିଯାଏ।

ମା' କହିଚାଲିଲେ: ବେଶ୍ ଭଲ। ବୁଝି ନ ପାରିଲେ ବି କିଛି ଯାଏ ଆସେ ନାହିଁ। ପଢ଼ି ଯାଅ। କ୍ରମେ ଦେଖିବ ଯେତେ ଥର ପଢ଼ିଛ ପ୍ରତ୍ୟେକ ଥର ତୁମ ନିକଟରେ ନୂଆ କିଛି ଖୋଲିଯାଇଛି। ପ୍ରତ୍ୟେକ ଥର ଆବିଷ୍କାର କରିବ ନୂତନ ବସ୍ତୁ, ନୂତନ ଅଭିଜ୍ଞତା। ଯେଉଁ ଜିନିଷ ତୁମ ଜ୍ଞାନରେ ନଥିଲା, ଯେଉଁ ଜିନିଷ ତୁମେ ବୁଝି ପାରି ନଥିଲ ତାହା ହଠାତ୍ ଦେଖା ଦେଇଛି, ପରିଷ୍କାର ହୋଇଉଠୁଛି। କଥା ପରେ କଥା ଭିତର ଦେଇ ଛତ୍ର ପରେ ଛତ୍ର ଭିତର ଦେଇ ନିରନ୍ତର ଅପ୍ରତ୍ୟାଶିତ କିଛି ଆସି ଧରାଦେଇଛି। ଯେତେଥର ତୁମେ ପଢ଼ିବାକୁ ଚେଷ୍ଟା କର, ବୁଝିବାକୁ ଚେଷ୍ଟାକର, ସେତେଥର ଦେଖିବ ଗୋଟାଏ କିଛି ପଛରେ ଲୁଚି ରହିଥିଲା, ସ୍ପଷ୍ଟ ହୋଇ, ଜୀବନ୍ତ ହୋଇ ଦୃଷ୍ଟିଗୋଚର ହୋଇଛି। ପୁଣିଥରେ ତୁମକୁ କହୁଛି ଯେ ଯେଉଁସବୁ ବାକ୍ୟ ତୁମେ ପଢ଼ିଛ, ଠିକ

ସେଇଗୁଡ଼ିକ ନୂତନ ଏକ ଆଲୋକ ନେଇ ଦେଖାଦେବ, ଯେତେ ଥର ପଢ଼ିବ ସେତେଥର ନୂତନ ନୂତନ ହୋଇ। ସଦାସର୍ବଦା ଏଇପରି ଘଟେ। ସଦାସର୍ବଦା କିଛି ଗୋଟାଏ ଆସି ତୁମ ଉପଲବ୍ଧିକୁ ସମୃଦ୍ଧ କରେ, ପ୍ରତିପଦରେ ନୂତନ ସତ୍ୟର ଆବିର୍ଭାବ।

"ତେବେ ମନେରଖିବ 'ସାବିତ୍ରୀ' ସେପରି ଭାବେ ପଢ଼ିବ ନାହିଁ, ଅନ୍ୟ ସବୁ ବହି ବା ଖବର କାଗଜ ଯେପରି ପଢ଼। ଯେତେବେଳେ ପଢ଼ିବ ମଥା ଖାଲି କରିଦେବ, ମନକୁ ରଖିବ ସାଦା, ଶୂନ୍ୟ, ଅନ୍ୟ କୌଣସି ଚିନ୍ତା ରଖିବ ନାହିଁ। ଏକାଗ୍ର ହେବ, ପ୍ରଶାନ୍ତ, ସ୍ଥିର ରହିବ, ନିଜକୁ ଖୋଲି ରଖିବ। ତାହେଲେ ସିନା କଥା, ଛନ୍ଦ ଓ ସ୍ପନ୍ଦନ ସିଧା ପ୍ରବେଶ କରି ଏଇ ସାଦା ପୃଷ୍ଠାଟି ଉପରେ ଓ ତାର ଛାପ ରଖିଯିବ। ତୁମ ମଥା ଭିତରେ କୌଣସି ଚେଷ୍ଟା ବି ନାହିଁ, ତାର ଅର୍ଥ ସେମାନେ ନିଜେ ବ୍ୟକ୍ତ କରିଯିବେ। ସାଧନ-ସୋପାନର ସର୍ବଶେଷ ଚୂଡ଼ାରେ ତୁମକୁ ତୋଳିଧରିବା ପାଇଁ ଏକା 'ସାବିତ୍ରୀ' ହିଁ ଯଥେଷ୍ଟ। ଏହାର ବିଷୟବସ୍ତୁ ଉପରେ ଯଦି ତୁମେ ଧ୍ୟାନ ଦିଅ ତେବେ ସବୁ କିଛି ସାହାଯ୍ୟ ତାରି ଭିତରୁ ପାଇବ। ସାଧନାର ପଥ ଧରି ଯେ କେହି ଚାଲିବାକୁ ଚାହେଁ, ଏହା ଯେପରି ତୁମକୁ ହାତ ଧରି ନେଇ ଚାଲିଛନ୍ତି ସ୍ଥିର ଲକ୍ଷ୍ୟ ଦିଗରେ, ଆଉ ତୁମର ଯାହାକିଛି ପ୍ରଶ୍ନ ବା ସମସ୍ୟା ଉଠେ, ତାହା ଯେତେ ବି ବ୍ୟକ୍ତିଗତ ହେଉନା କାହିଁକି ତାହାର ଉତ୍ତର ସେଠାରୁ ମିଳିବ। ପ୍ରତ୍ୟେକ ବାଧାବିଘ୍ନ ଆସିଲେ, କ'ଣ କରି ତାହା ଅତିକ୍ରମ କରାଯାଏ, ତାହାର ନିର୍ଦ୍ଦେଶ ମଧ୍ୟ ଏଥିରେ ଅଙ୍କା ରହିଛି। ଫଳତଃ ଯୋଗ-ସାଧନା ପାଇଁ ଯାହା କିଛି ପ୍ରୟୋଜନ ଏଠାରେ ସବୁକିଛି ରହିଛି। ଗୋଟିଏ ପୁସ୍ତକ-ପୃଷ୍ଠାର ଭିତରେ ସେ ଯେପରି ସମସ୍ତ ବିଶ୍ୱକୁ ଠେସି ଭରି ଦେଇଛନ୍ତି। ଅପୂର୍ବ ଏହି ଗ୍ରନ୍ଥ, ଅତ୍ୟାଶ୍ଚର୍ଯ୍ୟ, ଅତୁଳନୀୟ, ସର୍ବାଙ୍ଗ ସୁନ୍ଦର।

"ଜାଣିଛ କି ? 'ସାବିତ୍ରୀ' ଆରମ୍ଭ କରିବା ପୂର୍ବରୁ ଶ୍ରୀଅରବିନ୍ଦ ମୋତେ କହିଲେ "ନୂତନ ଏକ ଅଭିଯାନ ମୁଁ ବର୍ତ୍ତମାନ ଆରମ୍ଭ କରିବାକୁ ଯାଉଛି, ପ୍ରଥମେ ମୋତେ ଟିକେ ଇତସ୍ତତଃ ଲାଗିଥିଲା, କିନ୍ତୁ ବର୍ତ୍ତମାନ ସିଦ୍ଧାନ୍ତ ସ୍ଥିର। ତେବେ ଜାଣେନାହିଁ କେତେଦୂର ସଫଳ ହେବି। ଭଗବତ୍ ସାହାଯ୍ୟ ପାଇଁ ପ୍ରାର୍ଥନା କରୁଛି।" ("I am impelled to launch on a new adventure; I was hesitant in the beginning, but now I am decided. Still I do not know how far I shall succedd. I pray for help.") ଏ ହେଲା ବହିଟି ଆରମ୍ଭ କରିବାର ପୂର୍ବ କଥା, ତୁମକୁ ଆଉଥରେ ସ୍ମରଣ କରାଇ ଦେଉଛି– ଏ ହେଲା ତାଙ୍କର କଥା କହିବାର ନିଜସ୍ୱ ଭଙ୍ଗୀ, ଭଗବତ୍‌କଳ୍ପ ବିନୟ ଓ ନମ୍ରତାରେ ପରିପୂର୍ଣ୍ଣ। ସେ ନିଜେତ କେବେ ବି ନିଜର ପ୍ରତିଷ୍ଠା ଚାହିଁ ନାହାନ୍ତି। ତାପରେ ଯେଉଁଦିନ ସେ ଆରମ୍ଭ କଲେ, ମୋତେ କହିଲେ, "ମୁଁ ଅନନ୍ତର ଅସୀମ ପ୍ରସାର ଭିତରକୁ ଝାମ୍ପ ଦେଲି ମଙ୍ଗହୀନ ପାଲହୀନ ନୌକାରେ।" ("I have launced myself in a rudderless boat upon the vastness of the Infinite") ତାପରେ ଥରେ ଯେତେବେଳେ ଆରମ୍ଭ ହେଲା ସେତେବେଳେ ପୃଷ୍ଠାପରେ ପୃଷ୍ଠା ଅବିରଳ ଲେଖା ଚାଲିଲା–ଯେପରିକି ଊର୍ଦ୍ଧ୍ୱରେ ପୂରା ତିଆରି ହୋଇ ଏହି ବସ୍ତୁ ଥିଲା ଓ ତାକୁ କେବଳ ତଳକୁ ଓହ୍ଲାଇ ଦିଆଯାଇଛି ଓ ଏହିସବୁ ପୃଷ୍ଠା ଉପରେ ଧରିଦିଆଯାଇଛି। ଫଳତଃ 'ସାବିତ୍ରୀ' ଗ୍ରନ୍ଥଟି ତାର ପୂର୍ଣ୍ଣ ରୂପ ନେଇ ସମଗ୍ରଭାବେ ଓହ୍ଲାଇ ଆସିଛି ଏକ ଊର୍ଦ୍ଧ୍ୱତମ ରାଜ୍ୟରୁ, ଶ୍ରୀଅରବିନ୍ଦ କେବଳ ତାଙ୍କ ପ୍ରତିଭା ଦେଇ ତାକୁ ସଜାଇ ଧରିଛନ୍ତି ଏକ ଅପୂର୍ବ ଭାଷା ଓ ଭଙ୍ଗିରେ। ଅନେକ ସମୟରେ ପୂରା ଗୋଟିଏ ବାକ୍ୟ-ଗୁଚ୍ଛ ଅଭିବ୍ୟକ୍ତ ହୋଇଛି, ଶ୍ରୀଅରବିନ୍ଦ ତାହା ଯେପରି ଆସିଛି ସେଇପରି ରଖି ଦେଇଛନ୍ତି, ସେଥିରେ ହାତ ଦେଇନାହାନ୍ତି। ସେ ଅନେକ ଯତ୍ନ ଓ ପରିଶ୍ରମ କରିଛନ୍ତି, କେବେ ଶ୍ରାନ୍ତ ହୋଇ ନାହାନ୍ତି, ସର୍ବଦା ତାଙ୍କର ଲକ୍ଷ୍ୟ ଥିଲା ଅନୁପ୍ରେରଣା ଯେପରି ଆସେ ସର୍ବୋଚ୍ଚ ଭୂମିରୁ। କି ଅପରୂପ କାବ୍ୟ ସେ ସୃଷ୍ଟି କରିଛନ୍ତି। ବାସ୍ତବିକ ଏହା ଏକ ଅପରୂପ ସୃଷ୍ଟି, ଏ ସୃଷ୍ଟିର ତୁଳନା ନାହିଁ। ସବୁକିଛି ଏହାରି ଭିତରେ ରହିଛି, ଆଉ ଧରି ଦିଆହୋଇଛି ଏପରି ରୂପ ଭିତରେ –କେତେ ସରଳ, କେତେ ସ୍ୱଚ୍ଛ; ନିଖୁଣ ଛନ୍ଦ, ପରିଚ୍ଛନ୍ନ ଚିରନ୍ତନ ସତ୍ୟ। ମୁଁ ଅନେକ ବିଷୟ ପଢ଼ିଛି, କିନ୍ତୁ କୌଣସିଠାରେ ଏପରି ବସ୍ତୁର ସାକ୍ଷାତ୍ ପାଇ ନାହିଁ ଯାହାର 'ସାବିତ୍ରୀ' ସଙ୍ଗେ ତୁଳନା ହୋଇପାରେ। ପ୍ରାଚୀନ ଗ୍ରୀକ୍ ଓ ଲାଟିନ୍ ସାହିତ୍ୟର, ଇଂରାଜୀ ସାହିତ୍ୟର, ଫରାସୀ ସାହିତ୍ୟର ତ ନିଶ୍ଚୟ, ଜର୍ମାନ ସାହିତ୍ୟ, ପ୍ରାଚ୍ୟ ଓ ପାଶ୍ଚାତ୍ୟର ଶ୍ରେଷ୍ଠତମ ରଚନା ମୁଁ ପାଠ କରିଛି, ସେମାନଙ୍କର ସମସ୍ତ ମହାକାବ୍ୟ ପଢ଼ିଛି କିନ୍ତୁ ତୁମକୁ ଆଉଥରେ କହୁଛି 'ସାବିତ୍ରୀ' ପରି କୌଣସି ରଚନା କେଉଁଠାରେ ଦେଖିନାହିଁ। ଏଇସବୁ ସାହିତ୍ୟ ସୃଷ୍ଟି-ମନେହୁଏ ସେଗୁଡ଼ିକ ଯେପରି ଫାଙ୍କା, ଫମ୍ପା, ତୁଚ୍ଛ, କୌଣସି ଗଭୀର ସଦ୍‌ବସ୍ତୁ ନାହିଁ ସେସବୁରେ, ହୁଏତ ଗୋଟିଏ ଦୁଇଟି ବିରଳ ବ୍ୟତିକ୍ରମ ଛଡ଼ା, ତା ମଧ୍ୟ ତୁଳନାରେ ହେବ 'ସାବିତ୍ରୀ'ର ଗୋଟିଏ ଅଂଶମାତ୍ର। ଏଥିରେ କି ମହିମା, କି ବିଶାଳତା, କି ଗଭୀର ସତ୍ୟ, ଶ୍ରୀଅରବିନ୍ଦ ସୃଷ୍ଟି କରିଛନ୍ତି, ଗୋଟିଏ ଅମର ଶାଶ୍ୱତ ବସ୍ତୁ ! ପୁଣିଥରେ ତୁମକୁ କହୁଛି ସମସ୍ତ ପୃଥିବୀରେ 'ସାବିତ୍ରୀ'ର ସମପର୍ଯ୍ୟାୟର କେଉଁଠି କିଛି ନାହିଁ। ଏଠାରେ ଯେଉଁ ସତ୍ୟଦୃଷ୍ଟି ରହିଛି, ଯେଉଁ ମୂଳ ସଦ୍‌ବସ୍ତୁ ରହିଛି, ତାର ଅନୁପ୍ରେରଣାର ପଛରେ ଯାହା ରହିଛି, ସେ କଥା ଛାଡ଼ିଦେଲେ ମଧ୍ୟ, କେବଳ ଯଦି କାବ୍ୟ ଅର୍ଥାତ୍ ସୁଛନ୍ଦ ବାକ୍ୟର ମାହାତ୍ମ୍ୟ ଧରାଯାଏ ତେବେ ସେ କ୍ଷେତ୍ରରେ ମଧ୍ୟ ଦେଖାଯିବ ମହାକବି ମାନଙ୍କର ଶ୍ରେଷ୍ଠତମ କାବ୍ୟର ମହିମାକୁ ଏହା ଅତିକ୍ରମ କରିଯାଇଛି। ଶ୍ରୀଅରବିନ୍ଦ ଯାହା ସୃଷ୍ଟି କରିଛନ୍ତି, ଏପରି ଜିନିଷ ମଣିଷ ତାର କଳ୍ପନା ଭିତରେ ଧରି ପାରେନା, କାରଣ ତା ଭିତରେ ରହିଛି ସମସ୍ତ ଜିନିଷ।

"କୁହାଯାଇପାରେ 'ସାବିତ୍ରୀ' ହେଲା ଏକ ସତ୍ୟଦୃଷ୍ଟି, ସତ୍ୟର ଅଭିବ୍ୟକ୍ତି । ଏ ହେଲା ଧ୍ୟାନ, ଅନନ୍ତର ଓ ଶାଶ୍ୱତର ଅନୁସନ୍ଧାନ । ବହିଖଣ୍ଡି ତୁମେ ଯଦି ପଢ଼ ଅମରତ୍ୱର ଆସ୍ପୃହା ନେଇ, ସେହି ପଢ଼ିବାହିଁ ତୁମକୁ ଅମରତ୍ୱର ପଥ ଦେଖାଇଚାଲିବ । ଫଳତଃ ସାବିତ୍ରୀ ପାଠହିଁ ହେଲା ଯୋଗସାଧନା, ଆଧ୍ୟାତ୍ମିକ ଏକାଗ୍ରତା; ଭଗବତ୍ ସାକ୍ଷାତ୍କାର ପାଇଁ ତୁମର ଯାହାକିଛି ପ୍ରୟୋଜନ ଏଥିରେ ସବୁ ମିଳିବ । ଯୋଗସାଧନାର ପ୍ରତିଟି ସୋପାନ ଏଥିରେ ଦେଖାଇ ଦିଆଯାଇଛି, ଏପରିକି ଅନ୍ୟାନ୍ୟ ଯୋଗସାଧନାର ରହସ୍ୟ ତୁମେ ଏଥିରୁ ପାଇବ । କୌଣସି ସନ୍ଦେହ ନାହିଁ, କେହି ଯଦି ଆନ୍ତରିକ ଭାବରେ ଅନୁସରଣ କରେ, ଏଠାରେ ପ୍ରତିଟି ବାକ୍ୟରେ ଯେଉଁ ନିର୍ଦ୍ଦେଶ ବ୍ୟକ୍ତ କରାଯାଇଛି, ସେ ଅବଶେଷରେ ଉତ୍ତୀର୍ଣ୍ଣ ହେବ ଅତିମାନସ ଯୋଗର ରୂପାନ୍ତର ସିଦ୍ଧିରେ । ପ୍ରକୃତରେ ଏଥିରେ ତୁମେ ପାଇବ ଏପରି ଅଭ୍ରାନ୍ତ ଚାଳକ, ଯେ ତୁମକୁ କେବେହେଲେ ଛାଡ଼ିଯିବେ ନାହିଁ, ତାଙ୍କର ସାହାଯ୍ୟ ସର୍ବଦା ରହିଛି, ଏ ପଥରେ ଯେ କେହି ଚାଲିବାକୁ ଚାହେଁ ତା ପାଇଁ ସାବିତ୍ରୀର ପ୍ରତିଟି ପଦ ଗୋଟିଏ ଗୋଟିଏ ସିଦ୍ଧ ମନ୍ତ୍ର ଯେପରି । ମନୁଷ୍ୟ ଏପର୍ଯ୍ୟନ୍ତ ଯେତେ ଜ୍ଞାନ ଅଧିଗତ କରିଛି ସେସବୁକୁ ଅତିକ୍ରମ କରିଯାଇଛି ଏ ମନ୍ତ୍ର । ମୁଁ ତୁମକୁ ପୁଣି କହିବି ସାବିତ୍ରୀର ବାକ୍ୟସବୁ ଏପରି ଭାବରେ ଉକ୍ତ ହୋଇଛି, ସଜ୍ଜିତ ହୋଇଛି ଯେ ତାର ଛନ୍ଦର ଧ୍ୱନି ନେଇଯାଏ ସକଳ ଧ୍ୱନିର ଉତ୍ସ ଯେଉଁ ଧ୍ୱନି 'ଓଁ', ତା ଭିତରକୁ ।

"ହଁ, ପୁଣିଥରେ କହୁଛି, ବାରମ୍ବାର କହୁଛି ଯେ ଏଥିରେ ସମସ୍ତ କିଛି ରହିଛି–ଅଧ୍ୟାତ୍ମ ରହସ୍ୟ, ଅଲୌକିକ ତଥ୍ୟ, ଦାର୍ଶନିକ ତତ୍ତ୍ୱ, ବିବର୍ତ୍ତନର ଇତିହାସ, ମନୁଷ୍ୟର ଇତିହାସ, ଦେବତାମାନଙ୍କର ଇତିହାସ, ସୃଷ୍ଟିର ଇତିହାସ । ବିଶ୍ୱ କିପରି ସୃଷ୍ଟି ହୋଇଛି, କାହିଁକି, କେଉଁ ଉଦ୍ଦେଶ୍ୟରେ, କେଉଁ ଲକ୍ଷ୍ୟରେ–ସବୁ ରହିଛି ଏଥିରେ । ଯେତେ ପ୍ରକାର ପ୍ରଶ୍ନ ହୋଇପାରେ, ତାହାର ଯେତେ ପ୍ରକାର ଉତ୍ତର ହୋଇପାରେ, ତୁମେ ଏଥିରୁ ସବୁ ପାଇବ । ସବୁକିଛି ବ୍ୟାଖ୍ୟା କରାଯାଇଛି, ମନୁଷ୍ୟର ଭବିତବ୍ୟ, ବିବର୍ତ୍ତନର ଭବିତବ୍ୟ, ଯାହାକିଛି ମନୁଷ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଜାଣେ ନାହିଁ, ସେ ସମସ୍ତକୁ ସେ ବ୍ୟକ୍ତ କରିଛନ୍ତି, ଧରିଦେଇଛନ୍ତି ସୁନ୍ଦର ପରିଚ୍ଛନ୍ନ ବାକ୍ୟରେ, ଯାହା ସାହାଯ୍ୟରେ ଆଧ୍ୟାତ୍ମିକ ଦୁଃସାହସିକମାନେ, ଯେଉଁମାନେ ସୃଷ୍ଟିର ରହସ୍ୟ ଜୟ କରିବାକୁ ଚାହାନ୍ତି ସେମାନେ ତାହା ସହଜରେ ହୃଦୟଙ୍ଗମ କରିପାରିବେ । ତେବେ, ଅବଶ୍ୟ ରହସ୍ୟଟି ଆବୃତ ରହିଛି, ବାକ୍ୟାବଳୀର ପଶ୍ଚାତ୍‌ରେ–ତାକୁ ଆବିଷ୍କାର କରିବାକୁ ହେଲେ ସତ୍ୟଚେତନାର ଏକ ବିଶେଷ ସ୍ତରକୁ ଉଠିଯିବାକୁ ହେବ । ସକଳ ଭବିଷ୍ୟତ୍ ବାଣୀ ଯାହାକିଛି ପୃଥିବୀରେ ଘଟିଚାଲିଛି ସବୁ ବ୍ୟକ୍ତ କରାହୋଇଛି,ପରିଷ୍କାର, ପରିସ୍ଫୁଟ, ଅପରୂପ ଆଲୋକରେ ପୂର୍ଣ୍ଣ କରି । ଶ୍ରୀଅରବିନ୍ଦ ଏଥିରେ ତୁମ ହାତରେ ସତ୍ୟର ଚାବି ତୋଳି ଦେଇଛନ୍ତି, ଯାହାଦ୍ୱାରା ତୁମେ ସୁଚେତନା ଲାଭ କରିପାର, ବିଶ୍ୱସମସ୍ୟାର ମୀମାଂସାରେ ପହଞ୍ଚିପାର । ଏକଥା ମଧ୍ୟ ସେ କହିଛନ୍ତି, ସେ ନିଜେ କିପରି ଅଚେତନାର ଦୁଆର ଖୋଲିଧରିଲେ, ଯାହାଦ୍ୱାରା କି ସେଠାରେ ଆଲୋକ ପ୍ରବେଶ କରିପାରିବ ଓ ତାହାକୁ ରୂପାନ୍ତରିତ କରିପାରିବ । ସେ ପଥ ଦେଖାଇଦେଇଛନ୍ତି, କିପରି ଅଜ୍ଞାନରୁ ମୁକ୍ତିଲାଭ ହୁଏ, କିପରି ଉତ୍ତର ଚେତନାର ପ୍ରତ୍ୟେକ ସ୍ତର, କିପରି ଗୋଟିଏ ପରେ ଗୋଟିଏ ତାହା ପାର ହେବାକୁ ହେବ, କିପରି ସମସ୍ତ ବାଧା ଅତିକ୍ରମ କରାଯିବ, ମୃତ୍ୟୁର ବାଧା ପର୍ଯ୍ୟନ୍ତ, କିପରି ଅମରତ୍ୱରେ ଉତ୍ତୀର୍ଣ୍ଣ ହେବାକୁ ହେବ, ପଥଯାତ୍ରାର ପୁଙ୍ଖାନୁପୁଙ୍ଖ ବିବରଣୀ ତୁମେ ଏଥିରୁ ପାଇବ । ଏହି ନିର୍ଦ୍ଦେଶ ଅନୁସାରେ ତୁମେ ଯେତେ ଆଗେଇଚାଲିବ, ଏପରି ସବୁ ଜିନିଷ ଆବିଷ୍କାର କରିବ, ମଣିଷର ଯାହା ସମ୍ପୂର୍ଣ୍ଣ ଅଜ୍ଞାତ, ଏହାହିଁ ହେଲା 'ସାବିତ୍ରୀ'–ଏବଂ ଆହୁରି ଅନେକ ଜିନିଷ ମଧ୍ୟ । ସାବିତ୍ରୀପାଠ ଏକ ଯଥାର୍ଥ ଅଭିଜ୍ଞତା, ଯେଉଁସବୁ ଗୁପ୍ତ ରହସ୍ୟ ମନୁଷ୍ୟ ଅଧିଗତ କରିଛି, ଏଥିରେ ସେସବୁକୁ ଶ୍ରୀଅରବିନ୍ଦ ବ୍ୟକ୍ତ କରିଛନ୍ତି, ଆଉ ଯେଉଁସବୁ ଭବିଷ୍ୟତ୍ ରହସ୍ୟର ଅପେକ୍ଷାରେ ସେ ଅଛି ତା' ମଧ୍ୟ ସେ ବ୍ୟକ୍ତ କରିଛନ୍ତି । ସାବିତ୍ରୀ ଭିତରେ ଏ ସମସ୍ତ ନିହିତ । ତେବେ ସେସବୁକୁ ଆବିଷ୍କାର କରିବାକୁ ହେଲେ ଆଗେ ଦରକାର ସମୁଚିତ ଜ୍ଞାନ, ଚେତନାର ସ୍ତରସମୂହର ଜ୍ଞାନ, ଅତିମାନସର ଅନୁଭୂତି ଏପରିକି ମୃତ୍ୟୁଜୟର ଅନୁଭୂତି ପର୍ଯ୍ୟନ୍ତ । ସେ ପ୍ରତ୍ୟେକଟି ପାହାଚର ନିର୍ଦ୍ଦେଶ ଦେଇଛନ୍ତି, ପ୍ରତ୍ୟେକ ପଦକ୍ଷେପର ହିସାବ ଦେଇଛନ୍ତି, ଯାହାଦ୍ୱାରା ପୂର୍ଣ୍ଣଯୋଗର ସାଧନାରେ ପୂର୍ଣ୍ଣଭାବରେ ଆଗେଇ ଚାଲିହେବ ।

"ମନେରଖିବ, ଏ ସମସ୍ତ ହେଲା ତାଙ୍କ ନିଜର ଅଭିଜ୍ଞତା ଏବଂ ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା ଏସବୁ ମଧ୍ୟ ମୋ ନିଜର ଅଭିଜ୍ଞତା । ସେ ଦେଇଛନ୍ତି ତାଙ୍କ ନିଜ ସାଧନାର ବିସ୍ତୃତ ବିବରଣ; ପ୍ରତ୍ୟେକ ବିଷୟ, ପ୍ରତ୍ୟେକ ଘଟଣା, ପ୍ରତ୍ୟେକ ଉପଲବ୍ଧି, ସମସ୍ତ ଚିତ୍ରାବଳୀ, ଏପରିକି ସେଗୁଡ଼ିକର ବର୍ଣ୍ଣବିନ୍ୟାସ ପର୍ଯ୍ୟନ୍ତ ହେଲା ମୁଁ ନିଜେ ଠିକ୍ ଯେପରି ଭାବରେ ଦେଖିଛି । କଥାଗୁଡ଼ିକ, ବାକ୍ୟଗୁଡ଼ିକ ଯେପରି ଭାବରେ ମୁଁ ଶୁଣିଛି । କିନ୍ତୁ ଏସବୁ ହୋଇଛି ମୋର ସାବିତ୍ରୀ ପଢ଼ିବାର ଆଗରୁ । ସାବିତ୍ରୀ ମୁଁ ପଢ଼ିଛି ବହୁବାର କିନ୍ତୁ ଅନେକ ପରେ । ତେବେ ପ୍ରଥମେ ଯେତେବେଳେ ସେ ଲେଖୁଥିଲେ ସେତେବେଳେ ମୋତେ ପଢ଼ି ଶୁଣାଉଥିଲେ–ପୂର୍ବର ରାତ୍ରିରେ ସେ ଲେଖୁଥିଲେ ଓ ପରେ ସକାଳେ ତାହା ଶୁଣାଉଥିଲେ । ସବୁଠୁ କୌତୁହଳର ବିଷୟ ମୁଁ ଲକ୍ଷ୍ୟ କରିଛି ଯେ ଦିନ ପରେ ଦିନ ଯେଉଁସବୁ ଅଭିଜ୍ଞତାର ବର୍ଣ୍ଣନା ସେ ମୋତେ ସକାଳେ କହନ୍ତି, ତା ପୂର୍ବର ରାତ୍ରିରେ ମୋର ସେସବୁଗୁଡ଼ିକର ଅଭିଜ୍ଞତା ହୋଇଥାଏ । ଏକବାରେ କଥାଏ କଥାଏ ତା ମିଳିଯାଏ । ବାସ୍ତବିକ ସବୁ ବିବରଣ, ସବୁ ଚିତ୍ର, ସବୁ ରଙ୍ଗ ଯାହା ମୁଁ ଦେଖିଥାଏ, ଯେଉଁସବୁ ବାକ୍ୟ ମୁଁ ଶୁଣିଥାଏ, ପରେ ସବୁ ମୁଁ ଶୁଣିଛି ତାଙ୍କ ମୁଖରୁ, ତାଙ୍କ ଅପରୂପ କାବ୍ୟରୂପ ଭିତରେ । ବାସ୍ତବିକ ଏହିପରି ହେଉଥିଲା, ଆଗ ଦିନର ମୋର ଅଭିଜ୍ଞତାକୁ ସେ ପରଦିନ କଥାରେ

ପଢ଼ି ଶୁଣାଉଥିଲେ। ଗୋଟିଏ ଦିନ ନୁହେଁ, ଦିନ ପରେ ଦିନ ଏହିପରି ହୋଇଚାଲିଥାଏ। ମୁଁ ତୁଳନା କରି ଦେଖିଛି, ସେ ଯାହା କହୁଥିଲେ ଆଉ ମୋର ଯେଉଁ ଅଭିଜ୍ଞତା ହେଉଥିଲା, ପୂରାପୂରି ତା ମିଳିଯାଏ। ପୁଣି ତୁମକୁ କହୁଛି ଯେ ମୋର ଅଭିଜ୍ଞତା ତାଙ୍କୁ ମୁଁ ଆଗରୁ ବିବୃତ କରିଛି ଓ ପରେ ସେ ତାହା ଲିପିବଦ୍ଧ କରିଛନ୍ତି ଏପରି ନୁହେଁ। ମୁଁ ଯେ କ'ଣ ଦେଖୁଛି, ସେ ତାହା ପୂର୍ବରୁ ଜାଣୁଥିଲେ। ମୋର ଅଭିଜ୍ଞତା ସବୁ ସେ ବ୍ୟକ୍ତ କରି ଧରିଛନ୍ତି ଓ ଏଗୁଡ଼ିକ ମଧ ତାଙ୍କ ନିଜର ଅଭିଜ୍ଞତା, ଏ ହେଲା ଅଜ୍ଞାତର ଅଭିମୁଖରେ ଅର୍ଥାତ୍ ଅତିମାନସ ଅଭିମୁଖରେ ଆମ ଦୁଇଜଣଙ୍କର ଯେଉଁ ସମ୍ମିଳିତ ଯାତ୍ରା, ତାହାର ଚିତ୍ର।

"ଏସବୁ ଅଭିଜ୍ଞତା ହେଲା ତାଙ୍କ ନିଜ ଜୀବନରେ ଉପଲବ୍ଧ ବାସ୍ତବ ସତ୍ୟ, ବିଶ୍ୱାତୀତ ସତ୍ୟ। ଏସବୁ ସେ ନିଜେ ଅନୁଭବ କରିଛନ୍ତି, ଆନନ୍ଦ ଓ ଦୁଃଖ ସ୍ଥୂଳ ଭାବରେ ତୁମେ ଯେପରି ଅନୁଭବ କର। ସେ ଅଚେତନାର ଅନ୍ଧକାରରେ ପାଦରେ ଚାଲି ଚାଲି ଯାଇଛନ୍ତି, ମୃତ୍ୟୁ ପାଖ ପର୍ଯ୍ୟନ୍ତ ଯାଇଛନ୍ତି, ନରକର ଯନ୍ତ୍ରଣା ପର୍ଯ୍ୟନ୍ତ ସହ୍ୟ କରିଛନ୍ତି। ସେହି କାଦୁଅ ଭିତରୁ ସେ ବାହାରି ଆସିଛନ୍ତି, ପୃଥିବୀର ଦୁଃସ୍ଥତା ଅତିକ୍ରମ କରି ଆସିଛନ୍ତି, ପରମ ପୂର୍ଣ୍ଣତାର ମୁକ୍ତ ବାୟୁ ନିଃଶ୍ୱାସରେ ଗ୍ରହଣ କରିବା ନିମନ୍ତେ, ଉର୍ଦ୍ଧ୍ୱତମ ଆନନ୍ଦରେ ପ୍ରବେଶ କରିବା ନିମନ୍ତେ। ଏହିସବୁ ରାଜ୍ୟ ସେ ଅତିକ୍ରମ କରିଯାଇଛନ୍ତି, ସେଗୁଡ଼ିକର ଫଳ ଭୋଗିଛନ୍ତି, ଶାରୀରିକ କଷ୍ଟ ଅନୁଭବ କରିଛନ୍ତି, ଏତେ ସହ୍ୟ କରିଛନ୍ତି ଯାହା କଳ୍ପନା କରାଯାଇ ପାରିବ ନାହିଁ। ପୃଥିବୀରେ ଆଜି ପର୍ଯ୍ୟନ୍ତ ତାଙ୍କ ପରି ବେଦନା କେହି ଭୋଗ କରି ନାହାନ୍ତି। ଦୁଃଖକଷ୍ଟ ସେ ସ୍ୱୀକାର କରିଛନ୍ତି ଦୁଃଖକଷ୍ଟକୁ ଭଗବତ୍ ସାଯୁଜ୍ୟର ଆନନ୍ଦରେ ପରିଣତ କରିବା ପାଇଁ। ସୃଷ୍ଟିର ଇତିହାସରେ ଏ ଘଟଣା ଅଦ୍ୱିତୀୟ, ଅତୁଳନୀୟ। ଏପରି ବିଷୟ ପୂର୍ବେ କେବେ ଘଟି ନାହିଁ। ସର୍ବପ୍ରଥମ ସେ ଅଜ୍ଞାତ ମଧଦେଇ ପଥ କରିଦେଇଛନ୍ତି, ଯେଉଁଥିରେ ଆମ୍ଭେମାନେ ନିଃସନ୍ଦେହରେ ଅତିମାନସ ଆଡ଼କୁ ଚାଲିପାରିବୁ। ଆମ୍ଭମାନଙ୍କ ପାଇଁ କାମଟି ସହଜ କରିଦେଇଛନ୍ତି। 'ସାବିତ୍ରୀ' ମଧରେ ମୂର୍ତ୍ତ ତାଙ୍କର ସମଗ୍ର ରୂପାନ୍ତର ଯୋଗସାଧନା ଓ ତାଙ୍କ ଯୋଗସାଧନା ପାର୍ଥିବ ଚେତନାରେ ଏଇ ସର୍ବପ୍ରଥମ ପ୍ରକାଶ ପାଇଛି।

"ମୁଁ ମନେକରେ ଏହାକୁ ଗ୍ରହଣ କରିବାପାଇଁ ମନୁଷ୍ୟ ବର୍ତ୍ତମାନ ମଧ ପ୍ରସ୍ତୁତ ହୋଇନାହିଁ। ତାପାଇଁ ଏହା ଅତି ଉର୍ଦ୍ଧ୍ୱର ଅତି ବିପୁଳ ଜିନିଷ। ମନୁଷ୍ୟ ଏହାକୁ ବୁଝିପାରେ ନାହିଁ, ଧରିପାରେ ନାହିଁ, କାରଣ ମନଦେଇ ମାନୁଷୀ ବୁଦ୍ଧି ଦେଇ ସାବିତ୍ରୀ ବୁଝାଯାଏ ନାହିଁ। ସାଧନା -ପଥରେ ଯେତେ ଅଗ୍ରସର ହେବ ସେତେ ଭଲକରି, ବେଶୀକରି ଏ ବସ୍ତୁକୁ ଗ୍ରହଣ କରାଯାଏ। ନା, ମୋର ମନେହୁଏ ଏ ଜିନିଷର ଆଦର ହେବ ଭବିଷ୍ୟତରେ, ଏ ହେଲା ଭବିଷ୍ୟତର କାବ୍ୟ, ସେ ନିଜେ ଯାହାର ବ୍ୟାଖ୍ୟା ଦେଇଛନ୍ତି ତାଙ୍କର 'ଭବିଷ୍ୟତର କାବ୍ୟ' ଗ୍ରନ୍ଥରେ। ଏ ବସ୍ତୁ ଅତି ସୂକ୍ଷ୍ମ, ଅତି ଗଭୀର, ଏ ଜିନିଷ ମନ ମଧରେ ବା ମନ ଦେଇ ଗୃହୀତ ହୁଏ ନାହିଁ। ସାବିତ୍ରୀ ତାର ଅର୍ଥ ବ୍ୟକ୍ତ କରେ ଧ୍ୟାନ ଭିତରେ।

"ଦେଖ, ମନୁଷ୍ୟର କି ଦୁଃସାହସ ସାବିତ୍ରୀକୁ ତୁଳନା କରେ, ନିମ୍ନତର ସ୍ଥାନ ଦିଏ ଭର୍ଜିଲ ବା ହୋମରଙ୍କ ଅନୁପ୍ରେରଣା ଅପେକ୍ଷା। ମଣିଷର କୌଣସି ବୋଧ ନାହିଁ, ବୁଝିବାର କ୍ଷମତା ନାହିଁ। ମନୁଷ୍ୟର ଜ୍ଞାନ କେତେ ସାମାନ୍ୟ, ଏତେ ଟିକେ ବି ହେବ ନାହିଁ। ବୃଥା ସେମାନଙ୍କୁ ବୁଝାଇବାର ଚେଷ୍ଟା। ସୁଦୂର ଭବିଷ୍ୟତରେ ଲୋକେ ବୁଝିବେ ସାବିତ୍ରୀ କି ଜିନିଷ। ନୂତନ ଜୀବ ଯେତେବେଳେ ସେମାନଙ୍କର ନୂତନ ଚେତନା ନେଇ ଆସିବେ, ସେତେବେଳେ ସେମାନେ ବୁଝିବେ। ମୋ କଥା ବିଶ୍ୱାସ କର ଏଇ ନୀଳ ଆକାଶ ତଳେ ଏପରି କୌଣସି ଜିନିଷ ନାହିଁ, 'ସାବିତ୍ରୀ'ର ସହିତ ଯାହାର ତୁଳନା ହୋଇପାରେ। ଏ ହେଲା ରହସ୍ୟର ରହସ୍ୟ, ମହାନ୍ ମହା ବାକ୍ୟ, ମହା ସାହିତ୍ୟ, ମହା କାବ୍ୟ, ମହା ସୃଷ୍ଟି, ଏ ହେଲା ମହାନ୍ ଏକ କୃତି ଯଦି କେବଳ ଗଣନା କରାଯାଏ ତାଙ୍କ ରଚିତ ବାକ୍ୟର ପରିଣାମ। ନା, ମାନୁଷୀ ବାକ୍ ସାବିତ୍ରୀର ବର୍ଣ୍ଣନା ଦେଇ ପାରିବ ନାହିଁ। ବର୍ଣ୍ଣନା ପାଇଁ ପ୍ରୟୋଜନ ହୁଏ ଅତି-ଉକ୍ତି, ଅତିଶୟ ଉକ୍ତି, କାରଣ ଏ ହେଲା ଏକ ଅତି ମହାକାବ୍ୟ। ମାନୁଷୀ କଥାର ଏପରି ସାମର୍ଥ୍ୟ ନାହିଁ ଯେ ସେ ପ୍ରକାଶ କରିବ 'ସାବିତ୍ରୀ' କ'ଣ; ଏପରି ବିଶେଷଣ ନାହିଁ, ଉପାଧି ନାହିଁ ଯାହା କହି ପାରିବ ସାବିତ୍ରୀ ହେଉଛି ଏଇୟା, ଅନ୍ତତଃ ମୋ ଜାଣିବାରେ ସେପରି କିଛି ନାହିଁ। ମୂଲ୍ୟର ଦିଗରୁ ତାହା ବିଶାଳ, ଆଧାତ୍ମିକ ମୂଲ୍ୟ ଓ ଅନ୍ୟ ସବୁପ୍ରକାର ମୂଲ୍ୟ ଦିଗରୁ। ତାର ବିଷୟବସ୍ତୁ ହେଲା ଶାଶ୍ୱତ, ତାର ଆହ୍ୱାନ ଅନନ୍ତ, ତାର ଭଙ୍ଗି, ତାର ଗଠନଶକ୍ତି ଅଲୌକିକ, ଏ ବସ୍ତୁ ଅଦ୍ୱିତୀୟ। ତୁମେ ତା'ର ଘନିଷ୍ଠ ସମ୍ପର୍କରେ ଯେତେ ଆସିବ, ସେତେ ଉର୍ଦ୍ଧ୍ୱକୁ ଉଠିଯିବ। ଏ ଜିନିଷର ପ୍ରକୃତରେ ତୁଳନା ନାହିଁ, କି ନିଟୋଳ ସର୍ବାଙ୍ଗସୁନ୍ଦର ବସ୍ତୁ, ସେ ମନୁଷ୍ୟ ପାଇଁ ରଖିଯାଇଛନ୍ତି ସର୍ବୋଚ୍ଚ ଶିଖରର ଜିନିଷ। କି ଜିନିଷ ? ମଣିଷ ତା କେବେ ଜାଣିବ ? କେବେ ମଣିଷ ଚାହିଁବ ସତ୍ୟର ଜୀବନ ଯାପନ କରିବା ପାଇଁ ? ବର୍ତ୍ତମାନର ଜୀବନ ମଧରେ କେବେ ସେ ତାକୁ ଗ୍ରହଣ କରିବ ? ଏହି ହେଉଛି ପ୍ରଶ୍ନ।"

ଶ୍ରୀମା'ଙ୍କର ଏହି ଉକ୍ତିରୁ ସାବିତ୍ରୀ ମହାକାବ୍ୟ ଯେ କିପରି ମହାନ୍ ବସ୍ତୁ ତାହା ସହଜରେ ଅନୁମେୟ। ପାଠକମାନେ ଏହି ମହାକାବ୍ୟକୁ ପ୍ରତ୍ୟହ କିଛି ସମୟ ପଢ଼ିବାକୁ ଚେଷ୍ଟା କଲେ ମନ ଓ ହୃଦୟରେ ଅଫୁରନ୍ତ ଆନନ୍ଦ, ଉତ୍ସାହ ଓ ପ୍ରେରଣା ଲାଭ କରିବେ। ଏହି ମନ୍ତ୍ରମୟୀ 'ମହାକାବ୍ୟ'ର ଦ୍ୟୋତନା ଏବଂ ଦୃଷ୍ଟି ଅତିମାନସ ସୃଷ୍ଟିର ଯେ ପୂର୍ବାଭାବ ଏଥିରେ କୌଣସି ସନ୍ଦେହ ନାହିଁ।

(୨୧.୨.୧୯୬୮ ନବଜ୍ୟୋତିରୁ ସଂଗୃହୀତ)

# ଆବିଷ୍କାରର ସର୍ତ୍ତ

**ଶ୍ରୀ ସତ୍‌ପ୍ରେମ**

ଆମେ ଯଦି ଏହି ବିଶ୍ୱର ଭୌତିକ ଅବସ୍ଥା, କହିବାକୁ ଗଲେ ଯେଉଁ ତଥାକଥିତ ପ୍ରାକୃତିକ ନିୟମ ଏହି ବିଶ୍ୱ ଏବଂ ଆମ୍ଭମାନଙ୍କ ଅସ୍ତିତ୍ୱକୁ ପରିଚାଳିତ କରୁଛି ତାହାର ରୂପାନ୍ତର ଚାହୁଁ ଏବଂ ଯଦି ଆମେ ଚୈତନ୍ୟଶକ୍ତିଦ୍ୱାରା ଏହି ରୂପାନ୍ତର କାର୍ଯ୍ୟ କରିବାକୁ ଚାହୁଁ, ତେବେ ଦୁଇଗୋଟି ସର୍ତ୍ତ ପୂର୍ଣ୍ଣ ହେବା ଆବଶ୍ୟକ–ଏକ ଦିଗରେ, ଉପରକୁ ପଳାଇ ନଯାଇ ସ୍ୱକୀୟ ଶରୀରରେ କାର୍ଯ୍ୟ କରିବା, କାରଣ ଶରୀରହିଁ ଜଡ଼ଗର୍ଭରେ ଚେତନାର ପ୍ରବେଶ ବିନ୍ଦୁ ଏବଂ ଅନ୍ୟଦିଗରେ ଆବିଷ୍କାର କରିବାକୁ ହେବ ସେହି ଚେତନାର ପଦ୍ଧତି, ଯାହାର ଜଡ଼କୁ ରୂପାନ୍ତର କରିପାରିବାର ସାମର୍ଥ୍ୟ ଥିବ। ଏହା ସୁବିଦିତ ଯେ ବର୍ତ୍ତମାନ ପର୍ଯ୍ୟନ୍ତ ମଣିଷଜାତିକୁ ଯେ ମାନସିକ, ପ୍ରାଣିକ ବା ଶାରୀରିକ ଚେତନା ବା ଚେତନାର ସ୍ତର ଜଣା ଅଛି ତାହାର ଏ ପରିବର୍ତ୍ତନ କରିବାର ସାମର୍ଥ୍ୟ ନାହିଁ। ଏହା ବାସ୍ତବ ଯେ କେବଳ ବିଶୁଦ୍ଧ ଅନୁଶାସନ ଦ୍ୱାରା କେତେକ ବ୍ୟକ୍ତିବିଶେଷ ପ୍ରାକୃତିକ ନିୟମକୁ ପ୍ରତିରୋଧ କରିବାକୁ ସକ୍ଷମ ହୋଇପାରିଛନ୍ତି–ଓଜନ, ଶୈତ୍ୟ, କ୍ଷୁଧା, ପୀଡ଼ା ଇତ୍ୟାଦି ଉପରେ ବିଜୟ ହାସଲ କରିଛନ୍ତି, କିନ୍ତୁ ପ୍ରଥମତଃ ଏ ପରିବର୍ତ୍ତନ ଥିଲା ବ୍ୟକ୍ତିଗତ ଏବଂ କେବେ ବି ଏହାକୁ ସ୍ଥାନାନ୍ତରରେ ସଞ୍ଚାରିତ କରାହୋଇ ପାରିନାହିଁ। ପୁଣି ଏଗୁଡ଼ିକ ଯଥାର୍ଥରେ ଜଡ଼ର ରୂପାନ୍ତର ନୁହେଁ। ଶରୀରକୁ ପରିଚାଳିତ କରୁଥିବା ନିୟମଗୁଡ଼ିକ ପ୍ରକୃତରେ ଯେପରି ଥିଲା ସେପରି ରହିଯାଏ। କେବଳ କେତେକ ଆପାତ ପ୍ରତୀୟମାନ ବିଶେଷ ଅଲୌକିକ ପ୍ରଭାବ ଊଣା ଅଧିକେ ଅସ୍ଥାୟୀ ଭାବରେ ପ୍ରକୃତି ଉପରେ ଆରୋପିତ ହୋଇଥାଏ। ଆମେ ଶ୍ରୀରବିନ୍ଦଙ୍କର ଜଣେ ବିପ୍ଳବକାରୀ ଯୋଗୀ ସଙ୍ଗୀଙ୍କର ଉଦାହରଣ ଦେବା। ତାଙ୍କୁ ଥରେ ଗୋଟିଏ ପାଗଳା କୁକୁର କାମୁଡ଼ିଲା–ସେ ତାଙ୍କର ଚୈତନ୍ୟଶକ୍ତି ପ୍ରୟୋଗ କରି ସଙ୍ଗେ ସଙ୍ଗେ ସଂକ୍ରାମକ ବିଷର ପରିଣାମକୁ ବନ୍ଦ କଲେ ଏବଂ ସେ ସମ୍ବନ୍ଧରେ ଚିନ୍ତା ନକରି ସମୟ କଟାଇଲେ (ଏହିଠାରେ ଆମେ ସ୍ମରଣ ରଖିବା ଯେ ଯଦି ସେହି ଯୋଗୀ ଚେତନାର ଯଥାର୍ଥ ସ୍ଥିତିରେ ଥାଆନ୍ତେ ତାଙ୍କୁ କୁକୁରଟି କାମୁଡ଼ି ପାରି ନଥା'ନ୍ତା)। ତା'ପରେ ଦିନକର ଘଟଣା, ପ୍ରବଳ ଉତ୍ତେଜନାପୂର୍ଣ୍ଣ ରାଜନୈତିକ ସଭା ମଧ୍ୟରେ ସେ ଧୈର୍ଯ୍ୟ ହରାଇଲେ ଏବଂ ଜଣେ ବକ୍ତାଙ୍କ ଉପରେ ଅସ୍ୱାଭାବିକ ଭାବରେ ରାଗିଉଠିଲେ। ମାତ୍ର କେତେ ଘଣ୍ଟା ପରେ ଜଳାତଙ୍କ (କୁକୁର ବିଷଜନିତ) ରୋଗର ଭୟଙ୍କର ଯନ୍ତ୍ରଣା ଭୋଗି ସେ ମୃତ୍ୟୁବରଣ କଲେ। ତାଙ୍କର ସାମର୍ଥ୍ୟ କେବଳ ତାଙ୍କ ଚେତନାର ନିୟନ୍ତ୍ରଣ ଉପରେ ନିର୍ଭରଶୀଳ ଥିଲା ଏବଂ ଯେଉଁ ମୁହୂର୍ତ୍ତରେ ସେ ଏହି ଚେତନା ହରାଇଲେ ସବୁକିଛି ତାର ପୂର୍ବାବସ୍ଥାକୁ ଚାଲିଆସିଲା, କାରଣ ଶରୀରର ଯେଉଁ ନିୟମ, ତାହା ପରିବର୍ତ୍ତିତ ହୋଇ ନଥିଲା; ତାହା କେବଳ ଜୋରକରି ବନ୍ଦ କରି ଦିଆଯାଇଥିଲା। ସୁତରାଂ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କର ଦୃଷ୍ଟିରେ ରୂପାନ୍ତର, ଊଣାଧିକେ ସାମୟିକ ଭାବରେ ଅଲୌକିକ ସାମର୍ଥ୍ୟ ଲାଭକରିବା ନୁହେଁ ଯାହା ପ୍ରକୃତିକୁ ଘୋଡ଼ାଇ ପକାଏ, କିନ୍ତୁ ଏହାର ଅର୍ଥ ମନୁଷ୍ୟର ସହଜାତ ପ୍ରକୃତି ଏବଂ ଶାରୀରିକ ଅବସ୍ଥାରେ ପରିବର୍ତ୍ତନ ଆଣିବା। ଏହା ନିୟନ୍ତ୍ରଣ କରିବାର ପ୍ରଶ୍ନ ନୁହେଁ, କିନ୍ତୁ ଯଥାର୍ଥରେ ହିଁ ରୂପାନ୍ତର। ଅଧିକନ୍ତୁ ଯଦି ଆମେ ସମଗ୍ର ବିଶ୍ୱ ପାଇଁ ଏକ ଉପଲବ୍ଧି ଚାହୁ, ସତ୍ତାର ସେହି ନୂତନ ତତ୍ତ୍ୱ ଯାହାକୁ ଶ୍ରୀଅରବିନ୍ଦ ଅତିମାନସ ନାମ ଦେଇଛନ୍ତି, ସୁନିଶ୍ଚିତ ଭାବରେ ଆମ ଭିତରେ ପ୍ରତିଷ୍ଠିତ ହେବା ଆବଶ୍ୟକ, ପ୍ରଥମେ ଆମ୍ଭମାନଙ୍କ ମଧ୍ୟରୁ କେତେକଙ୍କ ଭିତରେ ଓ ତା'ପରେ ପ୍ରସ୍ତୁତଥିବା ଅନ୍ୟ ସମସ୍ତଙ୍କ ଭିତରେ ବିକୀର୍ଣ୍ଣ ହୋଇ, ଯେପରି ମାନସ ଓ ପ୍ରାଣତତ୍ତ୍ୱ ସୁନିଶ୍ଚିତ ଭାବରେ ପୃଥିବୀ ପୃଷ୍ଠରେ ପ୍ରତିଷ୍ଠିତ ହୋଇଛି। ଅନ୍ୟ କଥାରେ କହିଲେ ଆବଶ୍ୟକ ହେଉଛି ଏପରି ଏକ ଦିବ୍ୟ ଅତିମାନବତ୍ୱକୁ ପୃଥିବୀରେ ସୃଷ୍ଟି କରିବା ଯାହା ଅଜ୍ଞତା, ଯାତନା ଏବଂ ଅବକ୍ଷୟ କଳବରରେ ଆଉ ନଥିବ।

ଏହି ସାହସିକ କର୍ମ ଆମକୁ ଆଡମ୍ବରପୂର୍ଣ୍ଣ ଏବଂ କାଳ୍ପନିକ ବୋଧ ହୋଇପାରେ, କାରଣ ଆମେ କେବଳ କେତେକ ଦଶନ୍ଧିର ପରିପ୍ରେକ୍ଷୀରେ ଦେଖୁ ବୋଲି, କିନ୍ତୁ ଏହା ସମ୍ପୂର୍ଣ୍ଣ ଭାବରେ ବିବର୍ତ୍ତନଧାରା ସଙ୍ଗେ ସମାନ। ଆମେ ଯଦି ଯଥାର୍ଥରେ ବିଚାର କରୁ ଯେ ଆତ୍ମାର ଏହି ସକଳ ପାର୍ଥିବ ପରିଣାମ ବା ମାନବ-ଜନ୍ମ ଆତ୍ମାର ବିକାଶ ବା ମନୁଷ୍ୟ ମଧ୍ୟସ୍ଥ ସତ୍ୟର ବିକାଶ, ତେବେ ଏହା ସତ୍ୟ ଯେ ମନୁଷ୍ୟ ସର୍ବଦା ଏହି ସଙ୍କୀର୍ଣ୍ଣତାରେ ସନ୍ତୁଷ୍ଟ ରହିବ ନାହିଁ। ଜୀବନ-

ଯାତ୍ରା ଶେଷରେ ଆତ୍ମା ସେହି ବିଶ୍ୱାତୀତ ମହିମା ଏବଂ ପରମାନନ୍ଦ ମଧ୍ୟକୁ ଫେରି ଯାଏ ନାହିଁ–କାରଣ ସେଠାରୁ ଆସିବା ମଧ୍ୟ ଆବଶ୍ୟକ ନଥିଲା–ଯେହେତୁ ସେଠାରେ ସେହି ଶାଶ୍ୱତ ଜ୍ୟୋତି ଚିରନ୍ତନ, ନିତ୍ୟ, ଅପରିବର୍ତ୍ତନୀୟଭାବେ ବିଦ୍ୟମାନ। ଆତ୍ମା ନିମିତ୍ତ ଏହା ବିଜୟ ନୁହେଁ। କିନ୍ତୁ ଜଡ଼ ମଧ୍ୟରେ ପ୍ରକାଶ ଏବଂ ଏଠାରେ ସ୍ୱର୍ଗ-ନିର୍ମାଣ ହୁଏତ ତା'ର କାର୍ଯ୍ୟ। ସମ୍ଭବତଃ ଏହା ତାହାର ସେହି ଐଶ୍ୱର୍ଯ୍ୟ ଏବଂ ପରମାନନ୍ଦଙ୍କୁ ତା'ର ବିପରୀତ ପରିସ୍ଥିତି, ଏପରିକି ଜୀବନର ମୃତ୍ୟୁ, ଅଜ୍ଞାନତା, ଅନ୍ଧକାର ଏବଂ ବୈଚିତ୍ର୍ୟ ମଧ୍ୟରେ ଉପଲବ୍ଧି କରିବାକୁ ଚାହେଁ। ଏଥିପାଇଁ ଜୀବନ ଓ ଜଡ଼ର ଗୋଟାଏ କିଛି ଅର୍ଥ ରହିଛି, ଏହା ଆଉ ନରକ ନୁହେଁ କି ଊର୍ଦ୍ଧ୍ୱ ଆଡକୁ ନିଷ୍ଫଳ ଗତି ନୁହେଁ, କିନ୍ତୁ ଗୋଟିଏ ପରୀକ୍ଷାଗାର, ଯେଉଁଠାରେ ଜଡ଼, ଉଦ୍ଭିଦ, ପଶୁ, ତାପରେ ଅଧିକରୁ ଅଧିକ ସଚେତନ ମାନବ ମଧ୍ୟଦେଇ ବ୍ରହ୍ମ ସ୍ତର ପରେ ସ୍ତର ଦେବତାକୁ ବା ଅତିମାନବକୁ ଗତୁଛି। କେବଳ ମାତ୍ର ମାନବ ଜାତିରେ ବିକଶିତ ହୋଇ ଆତ୍ମାର ଚରମ ପରିଣାମ ସମାପ୍ତ ହୋଇନାହିଁ, ବରଂ ସେହି ମାନବଜାତିକୁ ଗୋଟିଏ ଉଚ୍ଚତର ସମ୍ଭାବନାରାଜିରେ ବିକଶିତ କରିବାକୁ ବାକି ଅଛି। ଏହା ସୁସ୍ପଷ୍ଟ ଯେ କାରିବି ( କାରିବି, ଆପାସ୍ ଓ ଗାଙ୍ଗଷ୍ଟର୍‌ମାନେ ପାଶ୍ଚାତ୍ୟର ଗୋଟିଏ ଗୋଟିଏ ଗୋଟିଏ ମନୁଷ୍ୟପୂର୍ବ ଅସଂସ୍କୃତ ଅସଭ୍ୟ ଗୋଷ୍ଠୀ)ଙ୍କ ମଧ୍ୟରେ କିମ୍ବା ଅଶିକ୍ଷିତ ଆଦିମଙ୍କ ମଧ୍ୟରେ କିମ୍ବା ପ୍ୟାରିସ୍‌ର ଆପାସ୍‌ଙ୍କ ମଧ୍ୟରେ ବା ଆମେରିକାର ଗାଙ୍ଗଷ୍ଟରଙ୍କ ମଧ୍ୟରେ ଯେ ଆତ୍ମା ବାସକରେ ତାହା ନିମିତ୍ତ ମାନବ-ଜନ୍ମର ଆବଶ୍ୟକତା ପୁନର୍ବାର ରହିଛି, କିମ୍ବା ଗୋଟିଏ ଜନ୍ମରେ ତାହାର ସମସ୍ତ ସମ୍ଭାବନା–ବିକଶିତ ହୋଇ ନାହିଁ, ବା ମାନବସମାଜର ସକଳ ମର୍ମ, ସଚ୍ଚିଦାନନ୍ଦଙ୍କର ସମସ୍ତ ଅଭିପ୍ରାୟ ଯାହା ବିଶ୍ୱମାନବ ମଧ୍ୟରେ କ୍ରିୟାଶୀଳ ହୁଏ, ତାହା ହୋଇ ନାହିଁ। ଆତ୍ମାର ଅବସ୍ଥାନ ବୀର୍ଯ୍ୟମାନ ୟୁରୋପୀୟର ସକ୍ରୀୟ ଉତ୍ପାଦନ ଏବଂ ପ୍ରାଣଜ ସୁଖ-ବିହାର ମଧ୍ୟରେ ନାହିଁ ଅଥବା ଏସୀୟ କୃଷକର ଅଜ୍ଞାନ ଗାର୍ହସ୍ଥ୍ୟ ଓ ଅର୍ଥନୀତିକ ଜୀବନର ଘୂର୍ଣ୍ଣନ ମଧ୍ୟରେ ବି ନାହିଁ। ଆମେ ଯୁକ୍ତିଯୁକ୍ତ ରୂପେ ଏ ବିଷୟରେ ସନ୍ଦେହ କରିପାରିବା; ଯଥାର୍ଥରେ କ'ଣ ପ୍ଲାଟୋ କିମ୍ବା ଶଙ୍କରଙ୍କ ଖ୍ୟାତି ମାନବ ଆତ୍ମାର ଚରମ ବିକାଶ ଓ ଶେଷ କଥା। ଆମ୍ଭେମାନେ ହୁଏତ କଳ୍ପନା କରିପାରୁ ଯେ ଏଗୁଡ଼ିକ ମାନବିକ ବିକାଶର ଗୋଟାଏ ଗୋଟାଏ ସୀମାରେଖା କାରଣ ଏହିସବୁ ବିଷୟ ଏବଂ ଅନ୍ୟ କେତେକ ବ୍ୟାପାର ମନୁଷ୍ୟ ମନର ଚରମ ଉତ୍କର୍ଷ ଏବଂ ବିକାଶ, ଏହା ସତ୍ୟ, କିନ୍ତୁ ଆମର ବର୍ତ୍ତମାନ ସମ୍ଭାବନାର ଏହା ଗୋଟାଏ ଭ୍ରମ ହୋଇପାରେ। ଅତୀତରେ ଆତ୍ମା ମନୁଷ୍ୟରୂପେ ଜନ୍ମ ନେବାର ପୂର୍ବାବସ୍ଥା ଥିଲା ଏବଂ ଭବିଷ୍ୟତରେ ତାହାର ମନୁଷ୍ୟୋତ୍ତର ପରବର୍ତ୍ତୀ ଅତିମାନବ ଅବସ୍ଥା ରହିଛି।

ଶ୍ରୀଅରବିନ୍ଦ ବିବର୍ତ୍ତନ ସମ୍ବନ୍ଧରେ କେବଳ ତାତ୍ତ୍ୱିକ ଆଲୋଚନା କରିନାହାନ୍ତି, ବରଂ ସେ କାର୍ଯ୍ୟତଃ ତାହା ଦର୍ଶାଇଛନ୍ତି। ଯାହା ସେ ବିବର୍ତ୍ତନ ସମ୍ବନ୍ଧରେ କହିଛନ୍ତି ବା ଲେଖିଛନ୍ତି, ତାହା ତାଙ୍କ ଉପଲବ୍ଧି ଓ ଅନୁଭୂତିରୁ ପ୍ରାପ୍ତ। ଆଲିପୁର ଜେଲରେ ତାଙ୍କର ଯେଉଁ ସତ୍ୟାନୁସନ୍ଧାନ ଓ ଅନୁଭୂତି ପରୀକ୍ଷାମୂଳକଭାବେ ଚାଲିଥିଲା, ପରେ ସେ ତାହାର ସ୍ୱଷ୍ଟ ବ୍ୟାଖ୍ୟା ଦେଇଛନ୍ତି–ସେ ସ୍ୱଷ୍ଟଭାବେ ଦେଖିପାରିଲେ ଯେ ଏହି ଜାଗତିକ ଚେତନାର ଆନନ୍ଦମୟ ବିପୁଳତା ଯଥାର୍ଥରେ କର୍ମର କ୍ଷେତ୍ର ନୁହେଁ, ଏଥିପାଇଁ ଶରୀର ଅଭିମୁଖରେ ବିନୀତ ଅବତରଣ ପୂର୍ବକ ଏହି ସତ୍ୟକୁ ସେହିଠାରେହିଁ ସନ୍ଧାନ କରିବାକୁ ହେବ। ଯାହାହେଉ, ପ୍ରଶ୍ନ ହେଉଛି– ଯଦି ଚୈତନ୍ୟ-ଶକ୍ତି ପ୍ରଭାବରେ ଏହି 'ରୂପାନ୍ତର' କ୍ରିୟା ହେବ ଏବଂ କୌଣସି ବାହ୍ୟ ଯାନ୍ତ୍ରିକ ଉପାୟରେ ହେବନାହିଁ, ତେବେ ବିଶ୍ୱଗତ ଭୂମା ଚେତନାଠାରୁ ଉଚ୍ଚତର ଚେତନା ଆଉ କ'ଣ ଥାଇପାରେ? ଶିଢ଼ିର ଶୀର୍ଷରେ କ'ଣ ପହଞ୍ଚି ହୋଇନାହିଁ, ଅର୍ଥାତ୍ ଚେତନା ଶକ୍ତିର ଶେଷ ସୀମାରେ ଆମେ ପହଞ୍ଚି ନାହୁଁ କି? ପ୍ରଶ୍ନଟି ଗୁରୁତ୍ୱପୂର୍ଣ୍ଣ ଯଦି ଆମେ ଆବିଷ୍କାରର ବାସ୍ତବ ପ୍ରକ୍ରିୟା ହୃଦୟଙ୍ଗମ କରିବାକୁ ଏବଂ ଅବଶେଷରେ ନିଜ ନିଜ ମଧ୍ୟରେ ପରୀକ୍ଷା କରିବାକୁ ଚାହୁଁ। ବର୍ତ୍ତମାନ ଦୁଇଟି ଉକ୍ତିଦ୍ୱାରା ଆମ୍ଭେମାନେ ଏହାର ଉତ୍ତର ଦେଇ ପାରିବା। ପ୍ରଥମତଃ ଚେତନାର ଉଚ୍ଚତର ଶକ୍ତିସମୂହ ଲାଭ କରିବା ଯଥେଷ୍ଟ ନୁହେଁ, ବର୍ତ୍ତମାନ ଯାହା ଦରକାର ତା'ହେଲା, "ଜଣେ କେହି ସେଗୁଡ଼ିକ ମୂର୍ତ୍ତ କରୁଥିବ, ସଶରୀରେ ଧାରଣ କରୁଥିବ, ନଚେତ୍ ଆମର ଅବସ୍ଥା ସେହି ବ୍ୟାଧ ସଦୃଶ ହେବ ଯେ କେବଳ ତାର ଦୂରବୀକ୍ଷଣ ଯନ୍ତ୍ରର ଅଗ୍ରଭାବରେ ହିଁ ତା'ର ମୂଲ୍ୟବାନ ଶିକାର ଲାଭ କରିଥାଏ। ବିଶ୍ୱଗତ ଚେତନା ମଧ୍ୟରେ ସେ ଜଣକ କାହାନ୍ତି? କିନ୍ତୁ ପ୍ରକୃତରେ ବର୍ତ୍ତମାନ ଜଗତରେ ସେପରି ବ୍ୟକ୍ତି କେହି ନାହାନ୍ତି। ଗୋଟିଏ ଆଧୁନିକ ଉଦାହରଣ ଦ୍ୱାରା ବିଷୟଟିର ଉତ୍ତମ ବ୍ୟାଖ୍ୟା କରିହେବ। ଜଣେ ସୂର୍ଯ୍ୟଲୋକକୁ ରକେଟ୍ ପଠାଇପାରେ, ତା'ଫଳରେ ସମ୍ଭବତଃ ପୃଥିବୀର ଶୀର୍ଷଦେଶରେ ପହଞ୍ଚିଯାଇ ହେଲା, କିନ୍ତୁ ମନୁଷ୍ୟର ଶୀର୍ଷରେ ନୁହେଁ। ମନୁଷ୍ୟ ତଦ୍ଦ୍ୱାରା ଏକଇଞ୍ଚ ମଧ୍ୟ ଘୁଞ୍ଚିବ ନାହିଁ। ଆମ ରକେଟ୍ ପାର୍ଥିବ ଜଗତର ବାହାରକୁ ଯାଇଥିବ। ଜଣେ ଯୋଗୀ ସେହି ଧାରାରେ ନିଜ ସତ୍ତାର କୌଣସି ଅଂଶରେ ଏକାଗ୍ର ହୋଇ ତା'ର ସମସ୍ତ ଶକ୍ତିକୁ ଏକାଠିକରି, ରକେଟ୍‌ର କୋନ୍ (cone) ପରି ନିଜ ସତ୍ତାରେ ଗୋଟିଏ ଛିଦ୍ର ଫୁଟାଇପାରେ ଏବଂ ଅନ୍ୟତ୍ର ପହଞ୍ଚିପାରେ ଅର୍ଥାତ୍ ଅନ୍ୟ ଗୋଟିଏ ପରିସର ମଧ୍ୟକୁ, ତାହା ବିଶ୍ୱଗତ ହେଉ ଅଥବା ବିଶ୍ୱାତୀତ ନିର୍ବାଣ ଭିତରକୁ ହେଉ। ସେ ଜ୍ୱଳନ୍ତ ଅଗ୍ନିଶିଖା ସଦୃଶ ଆରୋହଣ କରେ।

କିନ୍ତୁ କିଏ ଜାଗତିକ ଚେତନାକୁ ଉପଲବ୍ଧି କରିଛି ? ଯୋଗୀ ନୁହେଁ–ଯୋଗୀକୁ ପୂର୍ବପରି ପାନ, ଭୋଜନ, ଶୟନ କରିବାକୁ ହୁଏ, ଅନ୍ୟ ମାନବିକ ପଶୁଙ୍କ ପରି ସାମୟିକ ପୀଡ଼ିତ ହେବାକୁ ପଡ଼େ ଏବଂ ମୃତ୍ୟୁ ମୁଖରେ ପଡ଼ିବାକୁ ହୁଏ–ତେଣୁ ସେ ନୁହେଁ, ତା ଭିତରର କୌଣସି ଏକ ଅତି ସୂକ୍ଷ୍ମ ଅଂଶହିଁ ଜାଗତିକ ଚେତନାକୁ ଉପଲବ୍ଧି କରିଥାଏ, ସେହି ଅଂଶ ଉପରେହିଁ ସେ ଏକାଗ୍ର ହୋଇଥିଲା ଓ ଆଧାର ଭିତରୁ ବାହାରି ଆସିବାକୁ ପ୍ରାଣପଣେ ଚେଷ୍ଟା କରିଥିଲା। କିନ୍ତୁ ମୁକ୍ତିଲାଭର ସେହି ଗୋଟିଏ ବିନ୍ଦୁ ଉପରେ ଏକାଗ୍ର ହେବାପାଇଁ ସେ ଯେଉଁସବୁ ମାନବିକ ଓ ପାର୍ଥିବ ପ୍ରକୃତିକୁ ନିଜ ସାଧନାର ଅନ୍ତର୍ଗତ କରି ନ ଥିଲା, ଯେଉଁଗୁଡ଼ିକୁ ସେ ଦମନ ବା ନିଗ୍ରହ କରି ରଖିଥିଲା, ସେମାନେ ମାତ୍ର ଏକ ପରୋକ୍ଷ ବିକୀରଣ ବ୍ୟତୀତ ତାର ଏହି ଜାଗତିକ ଚେତନାରେ ଅଂଶଗ୍ରହଣ କରନ୍ତି ନାହିଁ। ତେଣୁ ଶ୍ରୀଅରବିନ୍ଦ ଏହି ପ୍ରଥମ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରତିଷ୍ଠିତ କଲେ ଯେ ଚେତନାର ମାତ୍ର ଗୋଟିଏ ଅଂଶରେ ଏକ ରୈଖିକ ଉପଲବ୍ଧି ଯଥେଷ୍ଟ ନୁହେଁ, ଯଥାର୍ଥରେ ଯାହା ଆମେ ଦରକାର କରୁ ତାହା ହେଲା ସତ୍ତାର ସମସ୍ତ ଅଂଶରେ ଏକ ବିଶାଳ ବ୍ୟାପକ ଉପଲବ୍ଧି, ଯାହା ସମସ୍ତ ଅବସ୍ଥାରେ ବ୍ୟକ୍ତିର ସମଗ୍ର ଅସ୍ତିତ୍ୱକୁ ଅନ୍ତର୍ଭୁକ୍ତ କରେ। ମା' କହିଛନ୍ତି, "ତୁମେ ଯଦି ତୁମ ପ୍ରକୃତି ଓ ସତ୍ତାର ରୂପାନ୍ତର ଚାହଁ ଏବଂ ତୁମେ ଯଦି ଏହି ନୂତନ ପୃଥିବୀ ଗଠନରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ, ତେବେ ଏହି ଅଭୀପ୍ସା, ସାଧନାର ଏହି ତୀକ୍ଷ୍ଣ ଏବଂ ରୈଖିକ ଧାରା ଆଉ ସେଥିପାଇଁ ଯଥେଷ୍ଟ ନୁହେଁ। ତୁମକୁ ନିଜ ଚେତନା ମଧ୍ୟରେ ସମଗ୍ର ବିଶ୍ୱକୁ ଧାରଣ କରିବାକୁ ହେବ।" ତେଣୁ ଏହି ଅଖଣ୍ଡ ଯୋଗ, ସାମଗ୍ରିକ ଯୋଗ ଓ ପୂର୍ଣ୍ଣ ଯୋଗ ବିଷୟ କୁହାଯାଇଛି। ଆମେ ବ୍ୟକ୍ତି ଭାବରୁ ନିଷ୍କୃତି ଚାହୁଁଥିଲୁ, କାରଣ ଏହା ଆମର ଆଧ୍ୟାତ୍ମିକ ଓ ଜାଗତିକ ବିସ୍ତୃତି ଭିତରେ ସ୍ୱଚ୍ଛନ୍ଦରେ ବିଚରଣ କରିବା ଦିଗରେ ଏକ ବୋଝ ଓ ବାଧାସ୍ୱରୂପ। କିନ୍ତୁ ଏହି ବ୍ୟକ୍ତି ବିନା ଆମେ ଏହି ପୃଥିବୀ ପାଇଁ କିଛି କରିପାରିବା ନାହିଁ, ଆମେ ଆମର ଊର୍ଦ୍ଧ୍ୱର ପରମ ସମ୍ପଦସବୁକୁ ନିମ୍ନକୁ ଅବତରଣ କରାଇପାରିବା ନାହିଁ। ଏଠାରେ ଆମକୁ କେବଳ ବ୍ୟକ୍ତିତ୍ୱର ମାୟା-ଆବରଣକୁ ଭାଙ୍ଗି ଅସୀମଙ୍କ ଭିତରେ ମିଶି ମୁକ୍ତ ହୋଇଯିବାଠାରୁ ଅଧିକ କିଛି କରିବାକୁ ହେବ। ଏ ସମ୍ପର୍କରେ ଶ୍ରୀଅରବିନ୍ଦ ଆମକୁ ଏକ ବିଶେଷ ବିଚାର ଦିଗରେ ଆଗେଇ ନେଉଛନ୍ତି, ତା'ହେଲା ବ୍ୟକ୍ତିର ଶ୍ୱାସରୋଧ ହୁଏତ ମଣିଷ ଭିତରେ ଥିବା ଭଗବାନଙ୍କ ଶ୍ୱାସରୋଧ ସଙ୍ଗେ ସମାନ। ଦ୍ୱିତୀୟ ବିଚାରଟି ଆହୁରି ଗୁରୁତ୍ୱପୂର୍ଣ୍ଣ ଏବଂ ତାହାକୁ ସ୍ୱୀକାର କରିବାକୁ ପଡ଼ିବହିଁ ପଡ଼ିବ। ପୁନଶ୍ଚ ରକେଟ୍‌ର ଉଦାହରଣ ନେଲେ–ପାର୍ଥିବ ବାତାବରଣ ଯେଉଁଠି ଯାହା ହେଲେବି, ଏହା ତାହାକୁ ଯେକୌଣସି ସ୍ଥାନରେ ଫୁଟାଇଦେଇ ଊର୍ଦ୍ଧ୍ୱକୁ ଉଠିଯାଇ ପାରେ, ନ୍ୟୁୟର୍କଠାରୁ ହେଉ ଅଥବା ବିଷୁବରେଖା ଠାରୁ ହେଉ ଏହା ଯେକୌଣସି ସ୍ଥାନରୁ ଯାଇପାରେ ଏବଂ ଅତି ସହଜରେ ସୂର୍ଯ୍ୟରେ ପହଞ୍ଚିପାରେ। ଏଥିପାଇଁ ଏଭରେଷ୍ଟ ଶୀର୍ଷକୁ ଉଠି ସେଠାରେ ରକେଟ୍ ନିକ୍ଷେପଣ ଘାଟି ନିର୍ମାଣର କୌଣସି ଆବଶ୍ୟକତା ନାହିଁ। ଠିକ୍ ସେହିପରି ସମାନ ଭାବରେ ଯୋଗୀ ଜାଗତିକ ଚେତନାକୁ ନିଜ ସତ୍ତାର ଯେକୌଣସି ଅଂଶରେ ଯେକୌଣସି ସ୍ତରରେ ଉପଲବ୍ଧି କରିପାରେ, ତା'ର ମନରେ, ହୃଦୟରେ ଏବଂ ଏପରିକି ତା'ର ଶରୀରରେ ମଧ୍ୟ। କାରଣ ଜାଗତିକ ଆତ୍ମା ସବୁଠାରେ ରହିଛି, ବିଶ୍ୱର ସବୁ ଅଂଶରେ ଏବଂ ଯେକୌଣସିଠାରେ ଯେକୌଣସି ଅବସ୍ଥାରେ ତାହାର ଅନୁଭୂତି ଆରମ୍ଭ ହୋଇପାରେ। ଏଥିପାଇଁ ଯୋଗୀ ଯେକୌଣସି ବସ୍ତୁ ଉପରେ ଏକାଗ୍ର ହୋଇପାରେ–ଖଣ୍ଡେ ପ୍ରସ୍ତର ଉପରେ, ଅଥବା ପକ୍ଷୀଟିଏ ଉପରେ, କୌଣସି ଗୋଟିଏ ଚିନ୍ତାରେ, ଏକ ପ୍ରାର୍ଥନାରେ, ଗୋଟିଏ ଭାବ ଉପରେ କିମ୍ବା ଏକ ପ୍ରତିମା ଉପରେ। ଜାଗତିକ ଚେତନା ମନୁଷ୍ୟ ଚେତନାର ଶୀର୍ଷତମ ସ୍ତର ନୁହେଁ। ଆମେ ସେଠାରେ ପହଞ୍ଚିବାକୁ ବ୍ୟକ୍ତିର ଶୀର୍ଷଦେଶ ଦେଇ ଯିବାକୁ ପଡ଼େ ନାହିଁ, ବ୍ୟକ୍ତି ଚେତନାରୁ ବାହାରି ଯିବାକୁ ପଡ଼ିବ। ବିଶ୍ୱ-ଆତ୍ମାକୁ ସାକ୍ଷାତ କରିବାକୁ ହେଲେ ସେଥିପାଇଁ ଚେତନାର ଉତ୍‌ଥାନ ଆବଶ୍ୟକ ନାହିଁ, ପ୍ଲୋଟିନସ୍ (Plotinus) ହେବା ଦରକାର ନାହିଁ। ପକ୍ଷାନ୍ତରେ ଜଣେ ଯେତେ କମ୍ ମାନସିକ ତା'ର ଅନୁଭୂତି ସେତେ ସହଜଲଭ୍ୟ। ପୃଥିବୀର ସମସ୍ତ ଚିନ୍ତାଶୀଳ ବ୍ୟକ୍ତି ଏକତ୍ର ହେଲେ ବି ତାଙ୍କ ତୁଳନାରେ ଏ ଦିଗରେ ମୁକ୍ତ ଆକାଶ ତଳର ଜଣେ ମେଷପାଳକ, କିମ୍ବା ଗାଲିଲିର ଜଣେ ମତ୍ସ୍ୟଜୀବୀର ଅଧିକ ସମ୍ଭାବନା ରହିଛି। ତାହାହେଲେ ଏହି ସମସ୍ତ ମାନବିକ ଚେତନା ଅଭିବୃଦ୍ଧିର ଆବଶ୍ୟକତା କ'ଣ ଯଦି ଏଥିପାଇଁ ଏକ ଗ୍ରାମ୍ୟ ଅଧ୍ୟାତ୍ମବାଦହିଁ ଅଧିକ ସହାୟକ? ଆମେ ମାନିବାକୁ ବାଧ୍ୟ ହେବା ଯେ ହୁଏତ ଆମେ ସମସ୍ତେ ଭୁଲ ମାର୍ଗରେ ଚାଲିଛୁ ନଚେତ୍ ଏହି ଗୂଢ଼ ରହସ୍ୟମୟ ପଳାୟନ, ବିବର୍ତ୍ତନର ସମ୍ପୂର୍ଣ୍ଣ ତାତ୍ପର୍ଯ୍ୟ ନୁହେଁ। ଯାହାହେଉ ଆମେ ଯଦି ଗ୍ରହଣ କରିବା ଯେ ବିବର୍ତ୍ତନ ଧାରା ପାର୍ଥିବ ଚେତନାର ଶୀର୍ଷରେ ପହଞ୍ଚିବାର ପଥ ଅନୁସରଣ କରୁ ଯେପରିକି ଲିଓନାର୍ଡୋ ଦା ଭିନ୍‌ସି, ବିଥୋଭାନ୍, ବିଖ୍ୟାତ ଆଲେକ୍‌ଜାଣ୍ଡାର୍, ଦାନ୍ତେ–କିନ୍ତୁ ତା'ହେଲେ ତ ଆମେ ସ୍ୱୀକାର କରିବାକୁ ବାଧ୍ୟ ହେବା ଯେ ଏମାନଙ୍କର କାହାରି ଉନ୍ନତ ଅବସ୍ଥା ମଧ୍ୟ ମନୁଷ୍ୟ

ଜୀବନକୁ ରୂପାନ୍ତର କରିବାକୁ ସକ୍ଷମ ହୋଇନାହିଁ। ମନର ଅଥବା ହୃଦୟର ଶୀର୍ଷାବସ୍ଥା ଅଥବା ଜାଗତିକ ଚେତନାର ଶୀର୍ଷତା କେହି ମଧ୍ୟ ଆମ ପାଇଁ ପ୍ରହେଳିକାର ଚାବିକାଠି ଓ ପୃଥିବୀର ପରିବର୍ତ୍ତନକାରିଣୀ ଶକ୍ତିକୁ ଆଣିଦେଇ ନାହିଁ। ତେଣୁ ଚେତନାର ଅନ୍ୟ ଗୋଟିଏ ସୂତ୍ର ଆବଶ୍ୟକ– ଅନ୍ୟଗୋଟିଏ ଅବଶ୍ୟ, କିନ୍ତୁ ପୂର୍ବର ନିରବଚ୍ଛିନ୍ନତାକୁ ଭାଙ୍ଗିଦେଇ ନୁହେଁ କାରଣ ଯଦି ସେହି ଧାରାକୁ ଭଙ୍ଗ କରାଯାଏ କିମ୍ବା ବ୍ୟକ୍ତିକୁ ହରାଇବାକୁ ପଡ଼େ, ତେବେ ଆମକୁ ପୃଥିବୀ ସହିତ କୌଣସି ସଂଯୋଗ ନ ରଖି କେବଳ ଜାଗତିକ ଚେତନା ଅଥବା କୌଣସି ରହସ୍ୟମୟ ଅତୀନ୍ଦ୍ରୀୟ ଉପଲବ୍ଧି ଭିତରେହିଁ ରହିଯିବାକୁ ପଡ଼ିବ। ଏହା ସୁନିଶ୍ଚିତ ଯେ ଐକ୍ୟ-ଚେତନା ଏବଂ ବିଶ୍ୱାତୀତ ଚେତନା ହେଉଛି ସମସ୍ତ ଉପଲବ୍ଧିର ଅପରିହାର୍ଯ୍ୟ ଭିତ୍ତି (ଏସବୁକୁ ବାଦଦେଲେ ତାହା କୌଣସି ଭିତ୍ତି ନଥିବା ଗୃହ ନିର୍ମାଣ କରିବା ସଙ୍ଗେ ସମାନ ହେବ।) କିନ୍ତୁ ସେଗୁଡ଼ିକୁ ଅନ୍ୟ ଉପାୟରେ ଲାଭ କରିବାକୁ ହେବ ଯାହାକି ବିବର୍ତ୍ତନର କ୍ରମିକତା ବା ନିରବଚ୍ଛିନ୍ନତାକୁ ଗ୍ରହଣ କରେ– ଯାହା ଆବଶ୍ୟକ ତାହା ହେଲା ବିବର୍ତ୍ତନ, ବିପ୍ଳବ ନୁହେଁ। ସଂକ୍ଷେପରେ କହିଲେ ଏହା ଭିତରୁ ମୁକ୍ତ ହେବା ଅଥଚ ଏହା ଭିତରୁ ବାହାରି ନ ଯିବା। ଊର୍ଦ୍ଧ୍ୱକୁ ଉଠି ସୂର୍ଯ୍ୟଙ୍କ ଭିତରେ ନିଜକୁ ନିଶ୍ଚିହ୍ନ କରିଦେଉଥିବା ଏକ ରକେଟ୍ ପରିବର୍ତ୍ତେ ଏପରି ଏକ ଶକ୍ତିଶାଳୀ ରକେଟ୍ ଦରକାର ଯାହା ସର୍ବୋତ୍ତମ ଚେତନାର ସୂର୍ଯ୍ୟଙ୍କୁ ଆୟତ୍ତ କରିବା ସଙ୍ଗେ ସଙ୍ଗେ ତାହାଙ୍କୁ ଆମ ପାର୍ଥିବ ଚେତନାର ସମସ୍ତ ଅବସ୍ଥା ଭିତରକୁ ଅବତରଣ କରାଇ ଆଣିପାରିବ। ତାହାହିଁ ଚରମ ଜ୍ଞାନ ଯାହା ଭଗବାନଙ୍କୁ ବିଶ୍ୱଭିତରେ ତଥା ବିଶ୍ୱାତୀତରେ ଲାଭ କରେ ଏବଂ ତାହାହିଁ 'ପୂର୍ଣ୍ଣଯୋଗ' ଯାହା ବିଶ୍ୱାତୀତଙ୍କୁ ଲାଭ କଲାପରେ ପୁଣି ପୃଥିବୀପୃଷ୍ଠକୁ ଫେରି ଆସେ, ତାହାକୁ ଅଧିକାର କରେ ଏବଂ ଅସ୍ତିତ୍ୱର ବିରାଟ ସୋପାନାବଳୀରେ ମୁକ୍ତ ଭାବରେ ଅବତରଣ ଓ ଉତ୍ତରଣ କରିପାରେ। ବ୍ୟକ୍ତି ଚେତନାର ଏହି ଆରୋହଣ ଓ ଅବରୋହଣର ଦ୍ୱିବିଧ ଗତିହିଁ ହେଲା ଅତିମାନସ ଆବିଷ୍କାରର ମୌଳିକ ନୀତି। କିନ୍ତୁ ପଥ ମଧ୍ୟରେ ଶ୍ରୀଅରବିନ୍ଦ ଏପରି ଏକ ଅଜ୍ଞାତ ଉତ୍ସର ସ୍ପର୍ଶ ପାଇଲେ ଯାହା ସବୁକିଛିକୁ ଓଲଟ ପାଲଟ କରିଦେଲା।

("Sri Aurobindo or The Adventure of Consciousness"ପୁସ୍ତକର 'The Condition of Discovery' ପ୍ରବନ୍ଧର ଅନୁବାଦ)

*ଅନୁବାଦ: ଶ୍ରୀ ନରହରି ରଥ*

ମୋର କହିବାର ଅର୍ଥ ହେଲା, ଜୀବନ ସଦା ସର୍ବଦା ନାନା ବାଧାବିଘ୍ନ, ଦୁଃଖକଷ୍ଟ ଓ ଦୁର୍ଭୋଗରେ ପରିପୂର୍ଣ୍ଣ; ଏହା ଏକ ସାଧାରଣ ଘଣଟା ଏବଂ ପ୍ରତ୍ୟେକକୁ ଏସବୁଥିରୁ ତା'ର ନିଜର ଭାଗଟିର ସମ୍ମୁଖୀନ ହେବାକୁ ହୁଏ। ଯଥାର୍ଥ ଭାବରେ ଏସବୁର ସମ୍ମୁଖୀନ ହେବାର ଏକମାତ୍ର ବାଟ ହେଉଛି ସହ୍ୟ କରିବା ଏବଂ ନିଜର ଆଗ୍ରହ, ଆଶା ଓ ବିଶ୍ୱାସକୁ ସ୍ଥାପନ କରି ରଖିବା ନିଜର ସେହି ଅନ୍ତର୍ଜୀବନ ଓ ଅନ୍ତଶ୍ଚେତନା ଉପରେ, ଯାହା ଭଗବାନଙ୍କର ଅଭିମୁଖୀ, ଭଗବାନଙ୍କ ପାଇଁ ଆସ୍ପୃହାଶୀଳ ଏବଂ ଭଗବାନଙ୍କର ଦିବ୍ୟଶକ୍ତି ଓ ସହାୟତା ଗ୍ରହଣ କରିବା ପାଇଁ ସମର୍ଥ।

**- ଶ୍ରୀମା**

# ସୁବର୍ଣ୍ଣ ନିୟମ

**ଶ୍ରୀ ନଳିନୀକାନ୍ତ ଗୁପ୍ତ**

(୧୯୭୨ ମସିହା ନଭେମ୍ବର ମାସରେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କୁ ଶ୍ରୀ ନଳିନୀକାନ୍ତ ଗୁପ୍ତ ଇଂରାଜରେ "The Golden Rule" ଶିରୋନାମାରେ ଦେଇଥିବା ଏକ ଭାଷଣ)

ଆଜି ତୁମ୍ଭମାନଙ୍କୁ ସୁବର୍ଣ୍ଣ ନିୟମ କଥା କହିବି। ଆମେ ଯେତେବେଳେ ଛୋଟ ଥିଲୁ ସେତେବେଳେ ବିଶେଷ କରି ବିଦ୍ୟାଳୟରେ ଏବଂ ଘରେ ମଧ୍ୟ ଶିକ୍ଷା ଦିଆହେଲା କେତୋଟି ସୁବର୍ଣ୍ଣ ନୀତି। ସେସବୁକୁ ମାନି ଚଳିଲେ ତୁମେ ଭଲ, ଭଲ ବାଳକ, ଭଲ ବାଳିକା, ସକଳଙ୍କର ତୁମେ ପ୍ରିୟ, ସମସ୍ତଙ୍କଠାରେ ତୁମର ସମାଦର। ଏ ସମସ୍ତ ନିୟମ ସହଜ, ସରଳ ଏବଂ ସର୍ବଜନବିଦିତ; ତୁମ୍ଭେମାନେ ବି ଜାଣ ଏବଂ କାର୍ଯ୍ୟରେ ଲଗାଇବାକୁ ମଧ୍ୟ ଚେଷ୍ଟା ନିଶ୍ଚୟ କରିଛ। ଏଇ ଯେପରି "ସର୍ବଦା ସତ୍ୟ କଥା କହିବ, ମିଥ୍ୟା କହିବ ନାହିଁ, ପିତାମାତାଙ୍କ ଆଦେଶ ପାଳନ କରିବ, ଶିକ୍ଷକଙ୍କୁ ସମ୍ମାନ ଦେବ, କାହାରି ମନରେ ଆଘାତ ଦେବ ନାହିଁ" ଇତ୍ୟାଦି ଇତ୍ୟାଦି। ଏଇ ଭିତ୍ତି ଉପରେହିଁ ନିଜର ଚରିତ୍ରକୁ ଗଢ଼ି ତୋଳିବାକୁ ହୋଇଥାଏ, ନିଜର ସ୍ୱଭାବକୁ ଗଠନ କରିବାକୁ ହୋଇଥାଏ ଏବଂ ପବିତ୍ର, ନିର୍ମଳ, ମହତ୍ ଜୀବନର ପ୍ରସ୍ତୁତି ଉଦ୍ଦେଶ୍ୟରେ ଚେଷ୍ଟା ଚାଲିଥାଏ।

ଏହିସବୁ- ଏହି ନୀତିନିୟମଗୁଡ଼ିକ – ବେଶ୍ ଭଲ, ଯେତେଦୂର ସେମାନଙ୍କ କ୍ଷମତାନୁସାରେ; ତଥାପି ସତ କଥା କହିବାକୁ ଗଲେ, ଏସବୁ ବେଶୀ ଦୂର ଆଗେଇ ନିଏ ନାହିଁ। ଏସବୁ ତୁମକୁ ନିବିଡ଼ଭାବେ ସ୍ପର୍ଶ ବି କରେ ନାହିଁ। ଏପରି କୁହାଯାଇପାରେ ଯେ ଏସବୁ ତୁମର ଗୋଟିଏ କାନ ବାଟେ ପଶି ଅନ୍ୟ ଏକ କାନ ଦେଇ ବାହାରିଯାଏ। ତୁମର ହୃଦୟକୁ ଏହା ମନ୍ଥନ କରେ ନାହିଁ, ଅନ୍ତରାତ୍ମାକୁ ଧରିବସେ ନାହିଁ। ଯଦି ଖୁବ୍ ଆଗ୍ରହୀ ହୁଅ ତା'ହେଲେ କେତେ ଦିନ ହୁଏତ ଏ ନୀତି କିମ୍ବା ସେ ନୀତି ପାଳନ କରି ଶେଷରେ ଭୁଲିଯାଅ।

ସେଦିନ ତୁମ୍ଭମାନଙ୍କୁ ଯାଜ୍ଞବଲ୍‌କ୍ୟଙ୍କ କାହାଣୀ କହିଥିଲି: ତାଙ୍କର ଦେଇଥିବା ନିୟମଟି ସୁବର୍ଣ୍ଣ ନୀତିର ଆହୁରି ପାଖାପାଖି। କାର୍ଯ୍ୟତଃ ସେ କହିବାକୁ ଚାହିଁଥିଲେ ଯେ ଏହିସବୁ ବାହ୍ୟ ନିୟମସୂତ୍ରଗୁଡ଼ିକ ନମାନି ବରଂ ଏହାଠାରୁ ନିଜକୁ ଦୂରେଇ ନେବ, ନିଜ ଭିତରେ ବୁଡିଯିବ ଏବଂ ନିଜେ ନିଜକୁ ଖୋଜି ବାହାର କରିବ। ଯାଜ୍ଞବଲ୍‌କ୍ୟ କହନ୍ତି ଯେ ତୁମର ପ୍ରତିବେଶୀକୁ ତୁମର ପ୍ରତିବେଶୀ ବା ଭାଇ ବୋଲି ଭାବି ଭଲ ପାଇବ ନାହିଁ, ଭଲପାଇବ ତାଙ୍କ ମଧ୍ୟରେ ନିଜକୁ ଖୋଜି ପାଅ ବୋଲି। ନିଜର ପ୍ରକୃତ 'ନିଜକୁ' ଖୋଜି ବାହାର କର। ଏହାହିଁ ହେଉଛି ସୁବର୍ଣ୍ଣ ନୀତି। ତୁମ ମଧ୍ୟରେ ଯେଉଁ ଆତ୍ମା ରହିଛି, ତାକୁ ଆବିଷ୍କାର କର, ତା'ପରେ ତୁମେ ଦେଖିବ ଯେ ସେଇ ଆତ୍ମା ତୁମର ପ୍ରତିବେଶୀଙ୍କ ମଧ୍ୟରେ ରହିଛି, ସକଳଙ୍କ ମଧ୍ୟରେ ରହିଛି।

ଏଇ କ୍ଷେତ୍ରରେ ସତର୍କ ରହିବ, ଯେପରି ନିଜ ସଙ୍ଗରେ ନିଜ ଆତ୍ମାକୁ ମିଶାଇ ନଦିଅ। ଯେତେବେଳେ କୁହାଯାଏ ଯେ ତୁମର ଆତ୍ମାକୁ ଖୋଜି ବାହାର କର ସେତେବେଳେ ତା'ର ଅର୍ଥ ଏପରି ନୁହେଁ ଯେ ଅନ୍ୟ ଭିତରେ ନିଜର ବ୍ୟକ୍ତିଗତ ଆତ୍ମାଟିକୁ ଖୋଜି ପାଅ ଏବଂ ଏକାନ୍ତ ବ୍ୟକ୍ତିଗତ ସମ୍ପତ୍ତି ବୋଲି ଭାବି ତାକୁ ଗ୍ରାସ କର। କିନ୍ତୁ ଯେଉଁ ଆତ୍ମାକୁ ଖୋଜି ବାହାର କରିବାକୁ କୁହାଯାଏ ସେ ଆତ୍ମା ଅହଂ ନୁହେଁ- ଅହଂର ଅତୀତ, ଏହା ସେ ଧରଣର ଆତ୍ମପ୍ରାପ୍ତି ନୁହେଁ ଯାହା ସେକ୍‌ସପିଅର୍ ରିଚାର୍ଡରେ ଚିତ୍ରିତ କରିଛନ୍ତି- ଯେଉଁଠି ରାଜା ସର୍ବସ୍ୱ ହରାଇ, ସାରା ପୃଥିବୀରେ ନିଃସ୍ୱ, ରିକ୍ତ ହୋଇ କହିଉଠିଲେ, "ରିଚାର୍ଡ ରିଚାର୍ଡକୁ ଭଲପାଏ; ଅର୍ଥାତ୍ ମୁଁ ମୁଁ;" କାରଣ ଏହି ମୁଁ ତ୍ୱ ଖଣ୍ଡିତ, ସୀମିତ, ବିଛିନ୍ନ ନୁହେଁ; ମୋର 'ମୁଁ ତ୍ୱ' ସଙ୍ଗେ ଏଠାରେ ସମସ୍ତଙ୍କର 'ମୁଁ ତ୍ୱ' ମିଳି ବିଲୀନ ହୋଇଯାଏ, ସବୁ ହୋଇଉଠେ ଏକକ ବା ଏକ ଆତ୍ମା, ଏଇ ସକଳ ଏକାତ୍ମା ସ୍ୱତନ୍ତ୍ର ହେଲେ ମଧ୍ୟ, ପୃଥକ୍ 'ମୁଁ' ବୋଲି ପ୍ରତୀୟମାନ ହେଲେ ମଧ୍ୟ, ସେଇ ଗୋଟିଏ ଆତ୍ମା।

ପ୍ରସଙ୍ଗକ୍ରମେ ଏଠାରେ ଆଶ୍ରମର ଛୋଟ ବାଳକବାଳିକାମାନଙ୍କୁ କହିଥିବା ମା'ଙ୍କର ଏକ ଗଳ୍ପ ଉଲ୍ଲେଖ କରିବି। ସେ ଯେତେବେଳେ ଫରାସୀ ଦେଶରେ ଥିଲେ ସେତେବେଳେ ପ୍ରତିଦିନ ସନ୍ଧ୍ୟାରେ ଜିଜ୍ଞାସୁ ଓ ମୁମୁକ୍ଷୁ ବ୍ୟକ୍ତିମାନେ ସମବେତ ହୋଇ ଆଧ୍ୟାତ୍ମିକ ଜୀବନ ସମ୍ବନ୍ଧୀୟ ବିଷୟ ଉପରେ ଆଲୋଚନା ବା ଧ୍ୟାନ କରୁଥିଲେ। ସେହି ସଭାକୁ ଜଣେ ଅସାମାନ୍ୟା ମହିଳା ଆସୁଥିଲେ ଯାହାଙ୍କର କି ପ୍ରକୃତରେ ଉପଲବ୍ଧିର ସମ୍ଭାର ଥିଲା ଏବଂ ଅନ୍ୟମାନଙ୍କୁ ଏ ପଥରେ

ଚାଲିବାରେ ସାହାଯ୍ୟ କରିବାକୁ ପ୍ରସ୍ତୁତ ଥିଲେ। ଦିନେ ଆତ୍ମା ଓ ପୁନର୍ଜନ୍ମ ବିଷୟ ନେଇ ଆଲୋଚନା ହେଉଥିଲା - ସେ କହିଥିଲେ କିପରି ଭାବରେ ଦେହର ମୃତ୍ୟୁ ପରେ ଆତ୍ମାସବୁ ଅନ୍ୟ ଜଗତକୁ ଚାଲିଯା'ନ୍ତି, ତା'ପରେ ସମୟ ହେଲେ ପ୍ରତ୍ୟେକ ପୃଥିବୀକୁ ଫେରିଆସି ମାନବ-ଆଧାର ଗ୍ରହଣ କରନ୍ତି। ଶ୍ରୋତାମାନଙ୍କ ଭିତରୁ ଜଣେ ମହିଳା ଏଇ ଜନ୍ମ ବିଷୟରେ ବିଭ୍ରାନ୍ତ ବୋଧ କଲେ ଏବଂ ଆହୁରି ବ୍ୟାଖ୍ୟା ଚାହିଁଲେ। ସେ ପ୍ରଶ୍ନ କଲେ: "ଆପଣ କହୁଛନ୍ତି ଯେ ଆତ୍ମା ଓହ୍ଲାଇ ଆସି ଜନ୍ମଗ୍ରହଣ କରେ, ଅର୍ଥାତ୍ ମାନବ-ଦେହ ଧାରଣ କରେ। କିନ୍ତୁ ମର୍ତ୍ତ୍ୟରେ ଜନ୍ମସଂଖ୍ୟା ତ' ବଢ଼ିଚାଲିଛି, ବର୍ଷକୁ ବର୍ଷ ଜନ୍ମସଂଖ୍ୟା ମଧ୍ୟ କ୍ରମଶଃ ଅତୀତର ମାତ୍ରା ଅତିକ୍ରମ କରିଯାଉଛି। ବର୍ତ୍ତମାନ ପ୍ରଶ୍ନ ହେଉଛି ପ୍ରତ୍ୟେକ ବର୍ଷର ଏଇ ବର୍ଦ୍ଧିତ ଜନ୍ମ ନେଇ- ସେସବୁ କ'ଣ ଆଗରୁ କେଉଁଠି ଥିଲେ? ସୃଷ୍ଟିର ଆରମ୍ଭରୁ କ'ଣ ସେମାନେ ଅପେକ୍ଷା କରିଥିଲେ? ସେମାନେ କ'ଣ କାଳକ୍ରମେ ଏକ ଏକ ହୋଇ ଠିକ୍ ନିଜର ଲଗ୍ନଟି ବୁଝି ଦେଖାଦିଅନ୍ତି?" ଆଧୁନିକ ଯୁଗରେ ଆମେ ଅନ୍ୟ ଏକ ଉପମା ନେଇପାରୁ। ଏମାନେ କ'ଣ ସେହି ଅଗଣିତ ତାରକା ବା ନକ୍ଷତ୍ରମଣ୍ଡଳୀ ଭଳି, ଯେଉଁମାନେ କାଳର ପ୍ରବାହରେ ଆମର ଲୀଳାଙ୍ଗନର ସୀମା ଭିତରେ କ୍ରମଶଃ ଫୁଟିଉଠୁଛନ୍ତି, ସେଇ କେଉଁ ସୁଦୂର ବାସ୍ତବ ତାରକାଗଣ ଭଳି ଯାହାଙ୍କର ଆଲୋକ ଆଜିର ପୃଥିବୀରେ ଆସି ପହଞ୍ଚିବାକୁ ଏତେ ସମୟ ଲାଗୁଛି? ପ୍ରଶ୍ନକର୍ତ୍ତ୍ରୀ ତା'ପରେ କହିଉଠିଲେ, "ସେଗୁଡ଼ିକର ସଂଖ୍ୟା କେତେ?" ବକ୍ତା ଶାନ୍ତଭାବେ ହାତ ବଢ଼ାଇ ଅଙ୍ଗୁଳିର ନିର୍ଦ୍ଦେଶିକାଟି ତୋଳିଧରି କହିଲେ–ମାତ୍ର ଗୋଟିଏ'।

ଏହାହିଁ ହେଉଛି ଅସଲ ସତ୍ୟ। ଏହି ଯେଉଁ ବହୁ ଦେହୀ ଦେଖୁଛ, ବହୁ ଲୋକ ଦେଖୁଛ, ଏହା ହେଉଛି ବାହାରର ଦୃଶ୍ୟମାତ୍ର- ପ୍ରକୃତରେ ଆତ୍ମା ହେଉଛି ମାତ୍ର ଗୋଟିଏ, ସକଳଙ୍କରହିଁ ସେଇ ଗୋଟିଏ। ଏହି ସତ୍ୟକୁ ଉପଲବ୍ଧି କରିପାରିଲେ ସକଳଙ୍କୁ ସମାନଭାବେ ଭଲପାଇ ପାରିବ, ଭଲପାଇବାଠାରୁ ଅଧିକ ଗୁଣରେ ତୁମେ ସକଳଙ୍କ ସହିତ ଏକାତ୍ମ ହୋଇପାରିବ ଏବଂ ସକଳଙ୍କଠାରେ ବି ତୁମେ ନିଜକୁ ଦେଖିପାରିବ। ଏଇ ବିଶ୍ୱାତ୍ମାକୁ, ତୁମର ଏଇ ଅସଲ ଆତ୍ମାକୁ ଖୋଜି ପାଇବାକୁ ହେବ, ଜାଣିବାକୁ ହେବ ଏବଂ ଠିକ୍ ସେଇ ଆତ୍ମା ଭଳି ହୋଇଉଠିବାକୁ ହେବ। ଏହାହିଁ ଆଦର୍ଶ ସୁବର୍ଣ୍ଣ ସୂତ୍ରଟିର ସାରମର୍ମ। ଏହି ପ୍ରାପ୍ତି ଏବଂ ସିଦ୍ଧିର ପଥ କ'ଣ?

ମା' ଏହି ବିଷୟରେ ଆମକୁ ଦେଇଛନ୍ତି ସୁବର୍ଣ୍ଣ ସୂତ୍ର- ପ୍ରକୃତରେ ଏହା ସୁବର୍ଣ୍ଣ ନିୟମ ଏବଂ ଅତି ସହଜ ନିୟମ। ସାଧାରଣତଃ କର୍ତ୍ତବ୍ୟ ସମ୍ବନ୍ଧେ ଆମେ ସମସ୍ତେ ଭାବୁ- କେଉଁଟି କର୍ତ୍ତବ୍ୟ ବା କେଉଁଟି ଅକର୍ତ୍ତବ୍ୟ, କେଉଁ ପ୍ରକାର କରଣୀୟ ବା କେଉଁ ପ୍ରକାର ଅକରଣୀୟ। ମା' ତାଙ୍କର ସନ୍ତାନମାନଙ୍କୁ କହିଛନ୍ତି– "ମୋ ସମ୍ମୁଖରେ ଯେଉଁ କାମ କରିବାକୁ ଦ୍ୱିଧାବୋଧ କର ବା ଲଜ୍ଜାବୋଧ କର, ସେ କାମ କରିବ ନାହିଁ। ମୋ ସମ୍ମୁଖରେ ଯାହା ଭାବିବାକୁ ସଙ୍କୋଚବୋଧ କର, ତା'ମନରେ ବି ଆଣିବ ନାହିଁ।" ତା'ହେଲେ ଏହିପରି ଭାବରେ ଚେଷ୍ଟାକର, ଦେଖିବ ଏଇଟି କିପ୍ରକାର ସୁବର୍ଣ୍ଣ ସୂତ୍ର ଏବଂ ସହଜ ନିୟମ। ଶ୍ରୀଅରବିନ୍ଦ ଏହାକୁ ସମର୍ଥନ କରିଛନ୍ତି ଏବଂ ସେହି ସମାନ କଥା କହିଛନ୍ତି। ସେ କହିଛନ୍ତି–ତୁମ୍ଭେମାନେ ସମସ୍ତେ ଏଇ ପରିଚିତ ବାକ୍ୟଟି ଜାଣ– "ସର୍ବଦା ଏପରି ବ୍ୟବହାର କରିବ ଯେପରି ମା' ତୁମ ଆଡ଼କୁ ଚାହିଁ ଅଛନ୍ତି; କାରଣ ପ୍ରକୃତରେ ହିଁ ସେ ତ' ସର୍ବଦା ଉପସ୍ଥିତ।" ତୁମେ କଷ୍ଟ କରି କଳ୍ପନା କରିବାର ଆବଶ୍ୟକତା ନାହିଁ ଯେ ସେ ସମ୍ମୁଖରେ ଅଛନ୍ତି; ପ୍ରକୃତରେ ବାସ୍ତବଭାବେ ସେ ସର୍ବଦା ଉପସ୍ଥିତ ରହିଛନ୍ତି, ତୁମେ ତା' କଳ୍ପନା କର ବା ନକର; ତୁମେ ଅନ୍ଧ, ସେଇଥିପାଇଁ ତୁମେ ତା' ଜାଣ ନାହିଁ, ଅଥଚ ସେ ଠିକ୍ ଭାବରେ ସର୍ବଦାହିଁ ରହିଛନ୍ତି–ତୁମକୁ ଦେଖୁଛନ୍ତି, ପର୍ଯ୍ୟବେକ୍ଷଣ କରୁଛନ୍ତି, ଆଗକୁ ଚଳାଇ ନେଉଛନ୍ତି, ରକ୍ଷା କରୁଛନ୍ତି। ତୁମେ କ'ଣ କରୁଛ, କେବଳ ଯେ ସେତିକି ଦେଖୁଛନ୍ତି, ତା'ନୁହେଁ ସେ ତୁମର ଭିତରର ଅନୁଭୂତିକୁ ମଧ୍ୟ ଦେଖୁଛନ୍ତି, ତୁମର ଗୋପନତମ ଚିନ୍ତା ପର୍ଯ୍ୟନ୍ତ ଦେଖୁଛନ୍ତି। ଜଣେ ବାଳକ ତା'ର ସରଳତା ସହ ମା'ଙ୍କୁ ପ୍ରଶ୍ନ କରିଥିଲା, "ମା', ଆମେ କ'ଣ କରୁ, କ'ଣ ଭାବୁ, କ'ଣ ଅନୁଭବ କରୁ, ଏସବୁକୁ କିପ୍ରକାରେ ତୁମେ ଜାଣିପାର?" ହସିକରି ମା' ଉତ୍ତର ଦେଇଥିଲେ, "ହେ ମୋର ଛୋଟ ଶିଶୁ, ତୁମେ ଯେ ମୋ ଭିତରେ, ମୋର ଆଲିଙ୍ଗନ ମଧ୍ୟରେ ସର୍ବଦା ରହିଛ। ସେଇଥିପାଇଁ ତ' ଜାଣିପାରେ। ମୋ ନିଜ ଭିତରେ କ'ଣ ଘଟୁଛି ତା' ମୁଁ ଜାଣେ, କ'ଣ ଜାଣେ ନାହିଁ? ସେଥିପାଇଁ ତୁମ ଭିତରେ କ'ଣ ଘଟୁଛି ତା' ଦେଖିପାରେ, ତୁମେ ମୋର ଅଂଶ ଆଉ ମୁଁ ବି ତୁମେ।"

ଯଦି ବର୍ତ୍ତମାନ ଏହି ସହଜ ସୂତ୍ରଟିକୁ ନିଷ୍ଠାପର ଭାବେ କ୍ରମାଗତ ମାନି ଚଳ, ତା'ହେଲେ ଦେଖିବ ଯାଦୁମନ୍ତ୍ର ଭଳି ତୁମ ଭିତରେ କି ପରିବର୍ତ୍ତନ ଘଟିଛି, ତୁମେ ହୋଇଉଠିବ କନକଜ୍ୟୋତିରେ ଉଦ୍‌ଭାସିତ ଜନନୀର ସୁବର୍ଣ୍ଣ ସନ୍ତାନ। ଦେଖିବାକୁ ପାଇବ ତୁମର ଚିନ୍ତା, ତୁମର କଥା, ତୁମର ଅନୁଭୂତି, ତୁମର ପ୍ରବୃତ୍ତି, ଏସବୁ ଏକ ନୂତନ ରଙ୍ଗ ଧାରଣ କରିଛି, ତୁମର ଶରୀରପର୍ଯ୍ୟନ୍ତ ଏକ ନୂତନ

ସ୍ୱାସ୍ଥ୍ୟ ଓ ଦ୍ୟୁତି ପାଇଛି। ସାଧାରଣତଃ ଆମର ମସ୍ତିଷ୍କଟି ମାଟିରେ ତିଆରି, ଚିନ୍ତାରେ ମଳିନତାପୂର୍ଣ୍ଣ–ସେଥିରେ ରହିଛି ଭୁଲ ଭାବନା, କାଳିମାମୟ ଭାବନା; ଆମର ରସନା କଞ୍ଚାମାଟିରେ ଗଢ଼ା–ଆମେ ଭୁଲ କଥା କହୁ, ଅପବିତ୍ର କଥା କହୁ; ଆମର ହୃଦୟ ମଧ ସେହି ସମଜାତୀୟ ପଦାର୍ଥରେ ଗଠିତ–ସେ ପ୍ରକାଶ କରେ ଅନୁଚିତ ଓ ଅପରିଚ୍ଛନ୍ନ ବୋଧ; ଆମର ପ୍ରକୃତିର ନିମ୍ନସ୍ତରରେ, ପ୍ରାଣର ରାଜ୍ୟରେ ସକଳ ପ୍ରବୃତ୍ତି ମଧ ଭ୍ରାନ୍ତ, କର୍ଦ୍ଦମାକ୍ତ, ଅପରିଷ୍କାର; ଏବଂ ପରିଶେଷରେ, ଦେହ ମଧ ମାଟି-ବ୍ୟାଧି, ଦୁର୍ବଳତା ଓ ଅକ୍ଷମତାର ସମଷ୍ଟି। କହିବାକୁ ଗଲେ ଆମେ ହେଉଛୁ ଯେପରି ଏଇ କୁତ୍ସିତ ଅପରିଷ୍କୃତ ମିଶ୍ରଣଭରା ଆଧାର। ତା'ହେଲେ ବର୍ତ୍ତମାନ ଏହାରି ଭିତରେ ଢ଼ାଳିଦେବାକୁ ହେବ ସୁବର୍ଣ୍ଣଧାରା–ତରଳ ସୁବର୍ଣ୍ଣଧାରା ଯାହାଫଳରେ ସମସ୍ତ ମଳିନତା, ଅଶୁଦ୍ଧି କ୍ଷୟ ହୋଇଯିବ, ଧୋଇ ପରିଷ୍କାର ହୋଇଯିବ, ପାତ୍ରଟି ଚକ୍ ଚକ୍ ସ୍ୱଚ୍ଛ ହୋଇଉଠିବ, ତା'ର ନିଜସ୍ୱ ଜ୍ୟୋତିର୍ମୟ ପଦାର୍ଥ ସେଠାରେ ଭରିଦେବାକୁ ହେବ–ମା'ଙ୍କ ଉପସ୍ଥିତିର ତରଳ ସ୍ୱର୍ଣ୍ଣ।

ଶ୍ରୀଅରବିନ୍ଦ ନିଜ କବିତାରେ ଏଇ ପ୍ରକ୍ରିୟାର କି ସୁନ୍ଦର ବର୍ଣ୍ଣନା ଦେଇଛନ୍ତି ! ସେଥିରୁ କେତୋଟି ପଂକ୍ତି ଉଲ୍ଲେଖ କରି ଉପସଂହାର କରୁଛି–

ସୁନାର ଆଲୋକ ତବ ଉତ୍ତରି ଆସିଲା ଚିନ୍ତାକୋଷେ ମୋର
ମନର ଧୂସର କକ୍ଷେ ସ୍ପର୍ଶକଲା ସୂର୍ଯ୍ୟର କିରଣ,
ଜ୍ଞାନ-ଗୂଢ଼ ଲୋକେ ଏକ ପ୍ରଦୀପ୍ତ ଉତ୍ତର
ଶାନ୍ତ ସମୁଜ୍ଜ୍ୱଳ ଏକ ଆଲୋକର ଶିଖା।
ସୁନାର ଆଲୋକ ତବ ଉତ୍ତରି ଆସିଲା କଣ୍ଠସ୍ଥଳେ ମୋର,
ସକଳ ବାଣୀରେ ମୋର ପ୍ରକଟିଲା ଭାଗବତ ସୁର,
ତୁମର ଆନନ୍ଦ ଗୀତ ହେଲା ମୋର ଏକମାତ୍ର ସ୍ୱର,
ଶାଶ୍ୱତ-ମଦିରା-ଭରା ହେଲା କଥା ମୋର।
ସୁନାର ଆଲୋକ ତବ ଉତ୍ତରି ଆସିଲା ହୃଦପଦ୍ମେ ମୋର
ପିଟି ଏ ଜୀବନେ ତବ ଅସୀମ ତତ୍ତ୍ୱରେ।
ଏବେ ସେ ମନ୍ଦିର ହେଲା ତୁମେ ତ' ଠାକୁର
ଆବେଗର ସୁଅ ଖାଲି ମୁହାଁଇଲା ତବ ଅଭିମୁଖେ।
ସୁନାର ଆଲୋକ ତବ ଉତ୍ତରି ଆସିଲା ଦୁଇପାଦେ ମୋର,
ମୋର ଏ ପୃଥିବୀ ହେଲା ତବ କ୍ରୀଡାଙ୍ଗନ ଆଉ ତୁମରି ଆସନ।
(The Golden Light)

*ଅନୁବାଦ- ଶ୍ରୀ ଗୋପାଳ ଚନ୍ଦ୍ର ମାହାନା*

ଭଗବାନଙ୍କ ଉପସ୍ଥିତି ହିଁ ପ୍ରତ୍ୟେକଙ୍କ ଜୀବନକୁ ତା'ର ମୂଲ୍ୟ ପ୍ରଦାନ କରେ। ଏହି ଉପସ୍ଥିତିହିଁ ସକଳ ଶାନ୍ତି, ସକଳ ଆନନ୍ଦ, ସକଳ ନିରାପତ୍ତାର ଉତ୍ସ। ଏହି ଦିବ୍ୟ ଉପସ୍ଥିତିକୁ ନିଜ ଭିତରେ ପ୍ରାପ୍ତ କର ଏବଂ ତୁମର ସକଳ ବାଧାବିଘ୍ନ ଅନ୍ତର୍ହିତ ହୋଇଯିବ।

**–ଶ୍ରୀମା**

# ମନେ ପଡ଼େ

**ଶ୍ରୀ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ**

ଅରୋଭିଲ୍ ତ ତିଆରି ହୋଇଛି ମା'ଙ୍କର ଆଇଡ଼ିଆ (କଳ୍ପନା) ଅନୁସାରେ। କିନ୍ତୁ ଅରୋଭିଲ୍ ନିର୍ମାଣକାର୍ଯ୍ୟ ଆରମ୍ଭ ହେବାର ଅନେକ ପୂର୍ବରୁହିଁ, ସେଇ ୧୯୪୫-୪୬ ମସିହାରେ ମା'ଙ୍କଠାରୁ ଶୁଣିଥିଲି, ମା' ଚାହାନ୍ତି ଏପରି ଗୋଟିଏ ସୁନ୍ଦର ଜାଗା, ଯେଉଁଠାରେ ସମୁଦ୍ର ଅଛି, ପାହାଡ଼ ଅଛି, ନଦୀ ଅଛି। ସେଠାରେ ଲୋକେ ବାସ କରିବେ ସମ୍ପୂର୍ଣ୍ଣ ସ୍ୱାର୍ଥଶୂନ୍ୟ ହୋଇ ଭଗବତ୍ ଆସ୍ପୃହା ନେଇ, ଜଗତରେ ଦିବ୍ୟଜୀବନର ସ୍ୱପ୍ନକୁ ସାର୍ଥକ କରି ତୋଳିବା ପାଇଁ। ସେତେବେଳେ ସେ ଅରୋଭିଲ୍ ବୋଲି କୌଣସି ନାମ ଦେଇ ନଥିଲେ। ଏଇଟା ଥିଲା ମା'ଙ୍କର ଗୋଟାଏ ସ୍ୱପ୍ନ। 'ସ୍ୱପ୍ନ' ନାମରେ ମା'ଙ୍କର ଗୋଟିଏ ଲେଖା ବି ରହିଛି।

ଏହିପରି ମା'ଙ୍କର ଆହୁରି କେତେ ସୁନ୍ଦର ସୁନ୍ଦର ଧାରଣାମାନ ଥିଲା। ମା' କହୁଥିଲେ, ଗୋଟାଏ ଖୁବ୍ ବଡ଼ ଜାହାଜ ରହିବ ଆମର। ସେଥିରେ ସାରା ଆଶ୍ରମଟା ରହି ଯାଇ ପାରିବ। ଆଉ ଆମେ ସେହି ଜାହାଜରେ ସମୁଦ୍ରପଥରେ ନାନା ଦେଶ ଭ୍ରମଣ କରିବା। କୌଣସି ଗୋଟାଏ ଜାଗାରେ ସ୍ଥିର ହୋଇ ରହିବାକୁ ହେବ ନାହିଁ। କୌଣସି ଗୋଟିଏ ଦେଶରେ ମଧ୍ୟ ଆବଦ୍ଧ ହୋଇ ରହିବାକୁ ପଡ଼ିବ ନାହିଁ। ସାରା ପୃଥିବୀଟା ହେବ ଆମର ଦେଶ।

ମା' ଆହୁରି କହୁଥିଲେ, ଏପରି ଗୋଟିଏ ଘର ତିଆରି କରିବେ ଯାହାର କାନ୍ଥଗୁଡ଼ିକ ହେବ ସ୍ୱଚ୍ଛ। ଗୋଟାଏ ଗୋଟାଏ ଘରେ ଗୋଟାଏ ଗୋଟାଏ ରଙ୍ଗର ଆଲୁଅ ସେହି ସ୍ୱଚ୍ଛ କାନ୍ଥଗୁଡ଼ିକ ଭିତରୁ ବାହାରି ଆସିବ। ଯାହାର ଯେତେବେଳେ ଯେପରି ମନର ଅବସ୍ଥା ହେବ ସେ ସେହି ପ୍ରକାର ରଙ୍ଗରେ ଆଲୋକିତ ଘରେ ରହିବ।

ମା' ପ୍ରାୟ ଭାବୁଥା'ନ୍ତି, ଦର୍ଶନ ଦିନମାନଙ୍କରେ ଶ୍ରୀଅରବିନ୍ଦଙ୍କୁ ଅନେକ ବେଳ ଧରି ବସି ରହିବାକୁ ପଡ଼େ। କୌଣସି କୌଣସି ଦର୍ଶନରେ ପ୍ରାୟ ଦିନ ତମାମ ବିତି ଯାଉଥିଲା। ଏଥିରେ ହୁଏତ ଶ୍ରୀଅରବିନ୍ଦଙ୍କୁ କଷ୍ଟ ହୁଏ। ତେଣୁ ମା' କହୁଥିଲେ, ଯଦି ଏପରି ହୁଅନ୍ତା, ଗୋଟାଏ ବିରାଟ ସୁନ୍ଦର ବଗିଚା ପରି ହୁଅନ୍ତା, ଯେଉଁଠାରେ ଶ୍ରୀଅରବିନ୍ଦ ଆସି ଠିଆ ହେବେ। ଆଉ ସମସ୍ତେ ଏକସଙ୍ଗେ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବେ। ସେଥିରେ ସମୟ ଅନେକ କମ୍ ଲାଗିବ। ଆଉ ଶ୍ରୀଅରବିନ୍ଦଙ୍କର କୌଣସି କଷ୍ଟ ହେବ ନାହିଁ। ଲୋକମାନେ ମଧ୍ୟ ଅନେକ ସମୟ ଧରି ଶ୍ରୀଅରବିନ୍ଦଙ୍କୁ ଦେଖିପାରିବେ।

ମା'ଙ୍କର ନିଖୁଣ କର୍ମ ନିପୁଣତା ସାଙ୍ଗରେ ଥିଲା ଏହିପରି ଆଶ୍ଚର୍ଯ୍ୟ ସୁନ୍ଦର ସବୁ କଳ୍ପନା।

ଥରେ ପ୍ଲେ-ଗ୍ରାଉଣ୍ଡରେ ପିଲାମାନଙ୍କର ପିଇବା ପାଣି ପାଇଁ ଫିଲ୍‌ଟର ଟ୍ୟାଙ୍କ୍ (ବିଶୁଦ୍ଧ ଜଳାଧାର) ବସାହେଲା। ମା' ଦେଖିବାକୁ ଆସିଲେ।

ମା' ଦେଖି ଖୁବ୍ ଖୁସୀ ହେଲେ।

ମୁଁ ହାତ ଆଞ୍ଜୁଳାରେ ପାଣି ପିଇ ମା'ଙ୍କୁ ଦେଖାଇ ଦେଲି ପିଲାମାନେ କିପରି ପାଣି ପିଇବେ। ଗିଲାସ ରଖିଲେ ପିଲାମାନେ ସବୁ ସମୟରେ ଠିକ୍ ଭାବରେ ଧୋଇବେ ନାହିଁ। ଜଣଙ୍କର ଅଇଁଠା ଆଉ ଜଣେ ପିଇବ। ତେଣୁ ଏହିପରି ବ୍ୟବସ୍ଥା କରିଥିଲି, ପ୍ରତ୍ୟେକେ ଯଦି ହାତ ଧୋଇ ଏମିତି କରି ପାଣି ପିଅନ୍ତି ତା'ହେଲେ କୌଣସି ପ୍ରକାର ଦୂଷିତ ପାଣି ତାଙ୍କ ପେଟକୁ ଯିବ ନାହିଁ। ମୁଁ ମା'ଙ୍କ ଏହିସବୁ ବୁଝାଇ ଦେଉଥିଲି।

ମା' ଶୁଣି କହିଲେ, "ଆଚ୍ଛା, ଯଦି ଏପରି ହୁଅନ୍ତା, ଏମିତି ଯଦି କୌଣସି ମେସିନ୍ ବସା ହୁଅନ୍ତା, ପିଲାମାନେ ପାଣି ପିଇ ଗିଲାସଟା ତା'ରି ଭିତରେ ରଖିଦେଲା ମାତ୍ରେ ଆପଣାଛାଏଁ ଗିଲାସଟା ସେଇ ମେସିନ୍ ଦ୍ୱାରା ଧୁଆ ହୋଇ ପୋଛାପୋଛି ହୋଇ ପୁଣି ଯଥାସ୍ଥାନରେ ଆସି ରହିଯା'ନ୍ତା।

ମା' ଯେମିତି ଏହିପରି ଭାବରେ ତାଙ୍କ ଦୁଇ ହାତ ଦେଇ ସଦାବେଳେ ବାସ୍ତବ ଓ କଳ୍ପନାକୁ ମିଶାଇ ଧରିବାକୁ ଚାହୁଁଥିଲେ।

ଥରେ ମା' କହିଥିଲେ, "ଫ୍ରାନ୍ସ ମୋର ଜନ୍ମଭୂମି, କିନ୍ତୁ ଭାରତବର୍ଷ ମୋର ଆତ୍ମାର ଭୂମି-land of my soul" ତେଣୁ ମା'ଙ୍କ ଜୀବନରେ ଆମେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସମସ୍ତ ଗୁଣର ଏକ ଆଶ୍ଚର୍ଯ୍ୟ ସମନ୍ୱୟ ଦେଖିବାକୁ ପାଉ। ଇଉରୋପର ବାସ୍ତବ ବୁଦ୍ଧି ଓ

ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ପରିବେଶରେ ମା' ଜନ୍ମ ନେଇଥିଲେ, ବଡ଼ ହୋଇଥିଲେ ଓ ଶିକ୍ଷାଲାଭ କରିଥିଲେ। ତେଣୁ ଇଉରୋପର ଯାହା କିଛି ଭଲ ଗୁଣ, ଯାହାକିଛି ଭଲ ବୃତ୍ତି, –ଯେପରି ଜୀବନର ପ୍ରତ୍ୟକ୍ଷ ବାସ୍ତବ ଓ ଜାଗତିକ ସବୁକିଛି ସମ୍ବନ୍ଧରେ ଗୋଟାଏ ଠିକ୍ ବ୍ୟବହାରିକ ଜ୍ଞାନ ଓ ନିପୁଣ କର୍ତ୍ତୃତ୍ୱ ରହିଛି, ସେହିପରି ମା'ଙ୍କ ଅନ୍ତରରେ ରହିଛି ପ୍ରାଚ୍ୟର ତଥା ଭାରତର ଆଧ୍ୟାତ୍ମିକ ଜ୍ଞାନ ଓ ଅନ୍ତର୍ଦୃଷ୍ଟି। ସେଇଥିପାଇଁ ମା' ଜାଗତିକ ଓ ଆଧ୍ୟାତ୍ମିକ ଦୁଇ ଦିଗରୁହିଁ ଜୀବନକୁ ପରିପୂର୍ଣ୍ଣ ଦୃଷ୍ଟିରେ ଦେଖିଛନ୍ତି। ବାସ୍ତବରେ ପୁଙ୍ଖାନୁପୁଙ୍ଖ ଜ୍ଞାନ ଓ ଗଠନ ଓ କର୍ତ୍ତୃତ୍ୱର ସହିତ ସେ ବସ୍ତୁର ଅନ୍ତର୍ନିହିତ ଆଧ୍ୟାତ୍ମିକ ସତ୍ୟକୁ ମିଳାଇ ଧରିଛନ୍ତି। ଆଉ ସେହିପରି ଭାବରେହିଁ ମଣିଷର ସମଗ୍ର ଜୀବନକୁ, ଅନ୍ତରରେ ଓ ବାହାରେ, ସୌନ୍ଦର୍ଯ୍ୟ ଓ ଶକ୍ତିରେ ନୂତନ କରି ଗଠନ କରିବାକୁ ଚାହିଁଛନ୍ତି। ସେଇଥିପାଇଁ, ମା'ଙ୍କର ପ୍ରତିଟି କର୍ମ ଭିତରେ ପାଉ ସୁସ୍ପଷ୍ଟ ବାସ୍ତବ ଜ୍ଞାନ ଓ ବୈଜ୍ଞାନିକ-ଦୃଷ୍ଟି, ତା' ସାଥିରେ ପୁଣି ଆଉ ଆଧ୍ୟାତ୍ମିକ ସତ୍ୟର ଯେତେସବୁ ଗଭୀର ସ୍ୱପ୍ନ ଓ ଭାବଦୃଷ୍ଟି। ସ୍ୱପ୍ନ ଓ ବାସ୍ତବକୁ ସେ ସମାନ ବୋଲି ମଣୁଥିଲେ। ବାସ୍ତବ ଭିତରେହିଁ ସେ ଆଧ୍ୟାତ୍ମିକ ସ୍ୱପ୍ନକୁ ରୂପ ଦେଇଛନ୍ତି ଏବଂ ଆହୁରି ଦେବାକୁ ଚାହିଁଛନ୍ତି।

ପ୍ରକୃତରେ କହିବାକୁ ଗଲେ ସ୍ୱପ୍ନ ଓ ବାସ୍ତବ ଭିତରେ ପାର୍ଥକ୍ୟଟା କେବଳ ସମୟର। ପୃଥିବୀରେ ଆମେ ଦେଖୁ, ଗତକାଲି ଯାହା ସ୍ୱପ୍ନ ଥିଲା, ଆଜି ତାହା ବାସ୍ତବ ହୋଇ ଉଠିଛି। ପୁଣି ଆଜି ଯାହା ସ୍ୱପ୍ନ ବା କଳ୍ପନା, ଆଗାମୀ କାଲି ତାହା ସତ୍ୟ ହୋଇ ବାସ୍ତବ ହୋଇ ଉଠିବ। ସମୟ ଭିତର ଦେଇହିଁ ଧୀରେ ଧୀରେ ମଣିଷର ଅନ୍ତରର ଭାବ ଓ ସ୍ୱପ୍ନ ସତ୍ୟ ହୋଇ ଉଠେ। ସୃଷ୍ଟିଜଗତରେ ମା' ହେଉଛନ୍ତି ଏହି ସମୟର ଅର୍ଥାତ୍ କାଳର କର୍ତ୍ତ୍ରୀ- ସେ ମହାକାଳୀ।

ମା'ଶ୍ରୀଅରବିନ୍ଦ ଚାହିଁଛନ୍ତି ଏହି ବର୍ତ୍ତମାନ ଜୀବନ ଭିତରେ ଗୋଟାଏ ବୃହତ୍ତର ଉଚ୍ଚତର ଚେତନାକୁ ଓହ୍ଲାଇ ଆଣିବାକୁ। ଯାହାଫଳରେ ବର୍ତ୍ତମାନ ଜୀବନ ରୂପାନ୍ତରିତ ହୋଇ ନୂତନ ହୋଇ ଉଠିବ। ଯେମିତି ସୂର୍ଯ୍ୟ ଉଇଁଲେ ସହଜରେ ଫୁଲ ପାଖୁଡ଼ା ମେଲେ, ସେମିତି ନୂତନ ଚେତନାର ଆଲୋକରେ ମଣିଷର ଜୀବନ ବି ସୁନ୍ଦର ହୋଇ ଉଠିବ। ମା'ଶ୍ରୀଅରବିନ୍ଦ ତାଙ୍କର ସାଧନା ଦ୍ୱାରା, ତାଙ୍କର ତପସ୍ୟା ଦ୍ୱାରା ସେହି ଉର୍ଦ୍ଧ୍ୱଲୋକର ଚେତନାକୁ ଉତାର ଆଣିଛନ୍ତି। ଚେତନାର ସେହି ପରିବର୍ତ୍ତନର ବା ରୂପାନ୍ତରର ପ୍ରଭାବ ଯୋଗୁଁ ହିଁ ଆଜି ଜୀବନର ଚତୁର୍ଦ୍ଦିଗରେ ଯେତେସବୁ ଭଙ୍ଗାଗଢ଼ା, ଓଲଟ-ପାଲଟ, ପୁରାତନ ଓ ନୂତନ ମୂଲ୍ୟବୋଧର ଯେତେସବୁ ବିଷମ ଘାତ-ପ୍ରତିଘାତ।

କିନ୍ତୁ ସତ୍ୟର ଯେଉଁ ଆଦର୍ଶ, ଯେଉଁ ପ୍ରଥା ମା'ଶ୍ରୀଅରବିନ୍ଦ ମଣିଷ ସାମ୍ନାରେ ଉଦ୍‌ଘାଟିତ କରି ଧରିଛନ୍ତି, ଯେଉଁ ଦିଶା ସେମାନେ ଦେଇ ଯାଇଛନ୍ତି, ତା'କୁ ଯଦି ଅନୁସରଣ କରୁ ତା'ହେଲେ ମହତ୍ତର ସତ୍ୟର ଲକ୍ଷ୍ୟରେ ଆମେ ପହଞ୍ଚି ପାରିବା। ମା' ଶ୍ରୀଅରବିନ୍ଦ ତାଙ୍କ ଚେତନାର ଆଲୋକ ସାହାଯ୍ୟରେ ପୃଥିବୀର ଆକାଶ, ବତାସ, ଭୂମଣ୍ଡଳକୁ ଶକ୍ତିସଞ୍ଚାରିତ କରି ତେଜୋମୟ କରି ଦେଇ ଯାଇଛନ୍ତି। ଆମେମାନେ ଯେତେ ଯେତେ ଆମର ଜୀବନ ଦେଇ ଅନ୍ତର ଦେଇ ତାହା ଗ୍ରହଣ କରି ପାରିବା, ସେତିକି ସେତିକି ସେହି ଦିବ୍ୟଶକ୍ତି ତା'ର ଅମୋଘ କ୍ରିୟାବଳରେ ଆମମାନଙ୍କର ଜୀବନର ପରିବର୍ତ୍ତନ ଘଟାଇ ପାରିବ।

ମା'ଶ୍ରୀଅରବିନ୍ଦ ଆଜି ସଶରୀରେ ନାହାନ୍ତି ସତ, କିନ୍ତୁ ସେମାନେ ଯେଉଁ ଆଦର୍ଶ ଦେଇ ଯାଇଛନ୍ତି ତାହା ବିଦ୍ୟମାନ। ସେହି ଆଦର୍ଶ ହେଲା, ଗୋଟାଏ ଦିଗରେ ଯେପରି ଜାଗତିକ ସିଦ୍ଧି ଓ ପୂର୍ଣ୍ଣତା, ସେଇ ସଙ୍ଗେ ପୁଣି ଆଧ୍ୟାତ୍ମିକ ଉତ୍କର୍ଷ ଓ ମହିମା- Spiritual height and material perfection through self-culture and dedicated service.

ଭଗବାନଙ୍କ ସେବା ଅପେକ୍ଷା ଅଧିକତର ଆନନ୍ଦ ଆଉ କିଛି ନାହିଁ।
ମୋର ଆଶୀର୍ବାଦ ସହ।

-ଶ୍ରୀମା

# ଶ୍ରୀଅରବିନ୍ଦ - ଗାୟତ୍ରୀ

**ଶ୍ରୀ ମାଧବ ପଣ୍ଡିତ**

ତତ୍ ସବିତୁର୍ବରଂ ରୂପଂ ଜ୍ୟୋତିଃ ପରସ୍ୟ ଧୀମହି।

ଯନ୍ନଃ ସତ୍ୟେନ ଦୀପୟେତ୍।।

ଇଂରାଜୀରେ ଶ୍ରୀଅରବିନ୍ଦ ଏହାର ଅନୁବାଦ ଏହିପରି କରିଛନ୍ତି:

Let us meditate on the most auspicious (best) form of Savitri, on the Light of the Supreme which shall illumine us with the Truth.

ଅର୍ଥାତ୍, ସବିତାଙ୍କର ସେହି ଶ୍ରେଷ୍ଠ ରୂପ, ଯାହା ପରମ ପୁରୁଷଙ୍କର ଜ୍ୟୋତି, ଯାହା ତାହାର ସତ୍ୟରେ ଆମ୍ଭମାନଙ୍କୁ ଦୀପ୍ତିମାନ୍ କରିବ, ସେହି ରୂପକୁ ଆମ୍ଭେମାନେ ଧ୍ୟାନ କରିବା।

ଉପରୋକ୍ତ ଗାୟତ୍ରୀର ଶବ୍ଦାର୍ଥ:

ସବିତୁଃ (ସବିତାଙ୍କର) ପରସ୍ୟ (ପରମ ପୁରୁଷଙ୍କର), ବରଂ (ମଙ୍ଗଳମୟ, ଶ୍ରେଷ୍ଠ), ରୂପଂ (ରୂପ), ତତ୍ (ସେହି), ଜ୍ୟୋତିଃ (ଜ୍ୟୋତି), ଧୀମହି (ଆମ୍ଭେମାନେ ଧ୍ୟାନ କରିବା), ଯତ୍ (ଯାହା), ନଃ (ଆମ୍ଭମାନଙ୍କୁ), ସତ୍ୟେନ (ସତ୍ୟଦ୍ୱାରା), ଦୀପୟେତ୍ (ଦୀପ୍ତିମାନ୍ କରିବା)

☆

ଶ୍ରୀ କପାଳୀ ଶାସ୍ତ୍ରୀକୃତ ଓ ଶ୍ରୀଅରବିନ୍ଦଙ୍କ ଦ୍ୱାରା ଅନୁମୋଦିତ ଉପରୋକ୍ତ ମନ୍ତ୍ରର ବ୍ୟାଖ୍ୟା ନିମ୍ନରେ ଦିଆଗଲା:

ସବିତୁଃ ସ୍ରଷ୍ଟୁଃ ପରସ୍ୟ ପୁରୁଷସ୍ୟ ବରଂ ଶ୍ରେଷ୍ଠଂ କଲ୍ୟାଣତମଂ ରୂପଂ ଯୋଗଦୃଷ୍ଟିଲଭ୍ୟଂ ଶରୀରଭୁତଂ (ପରାର୍ଦ୍ଧେ ପ୍ରକୃତିଭୂତଂ) ତତ୍ଜ୍ୟୋତିଃ ଧୀମହି ଧ୍ୟାୟେମ। ଯତ୍ ସାବିତ୍ରଂ ପରଂ ଜ୍ୟୋତିଃ ନଃ ଅସ୍ମାନ୍ ସତ୍ୟେନ ସତଃ ପରସ୍ମାତ୍ (ତଜ୍ୟୋଃତିଷଶ୍ଚ) ଅନପତେନ ନିତ୍ୟେନ ଭାବେନ ଦୀପୟେତ୍ ପ୍ରକାଶୟେତ୍ ଜ୍ୱଲୟେତ୍।

(ସବିତୁଃ ପରସ୍ୟ ବରରୂପଜ୍ୟୋତିର୍ଧ୍ୟାନେନାସ୍ମକମ୍ ଇହ ଜୀବୟାତ୍ରାସୁ ସତ୍ୟପ୍ରକାଶଲାଭଃ ପ୍ରତିପାଦିତଃ)

ଜ୍ୟୋତିଷଃ ସ୍ତୁତ୍ୟା ଜ୍ୟୋତିଷ୍ମତଃ ସ୍ତୁତିରାକ୍ଷିପ୍ୟତେ ସତ୍ୟୈକସ୍ୱରୂପତ୍ୱେଽପି ଜ୍ୟୋତିର୍ଜ୍ୟୋତିଷ୍ମତୋଃ ଶକ୍ତି ଶକ୍ତୟୋଃ) ଉଭୟ ରୂପତ୍ୱ ଗ୍ରହଣାତ୍।

ଇହ ନଃ ଶ୍ରୀଭଗବନଦୁପଦିଷ୍ଟ ଶ୍ରୀମାତୃ ସାଧନାନୁଗୁଣ୍ୟେ-ନେୟଂ ଚ ଗାୟତ୍ରୀ ଗ୍ରହଣକ୍ଷମା ଭବତି।।

ତଥା ଚ,

ତତ୍ସବିତୁରିତ୍ୟସ୍ୟ ମନ୍ତ୍ରସ୍ୟ
ପରଃ ଶ୍ରୀଅରବିନ୍ଦଃ ଋଷିଃ,
ଗାୟତ୍ରୀ ଛନ୍ଦଃ,
ପରଂ ଜ୍ୟୋତିରମ୍ଧା ଦେବତା।।

ଓଡ଼ିଆରେ ଏହାର ଅର୍ଥ:

ସବିତା, ଯେ ସ୍ରଷ୍ଟା, ଯେ ପରମପୁରୁଷଙ୍କର ସର୍ବଶ୍ରେଷ୍ଠ ମଙ୍ଗଳମୟ ରୂପ, ତାଙ୍କର ସେହି ଜ୍ୟୋତିକୁ ଆମ୍ଭେମାନେ ଧ୍ୟାନ କରୁ। ସେହି ଜ୍ୟୋତିହିଁ ତାଙ୍କର ଶରୀର (ଯାହା ପରାର୍ଦ୍ଧରେ ପ୍ରକୃତିରୂପେ ବିଦ୍ୟମାନ) ଯାହା କେବଳ ଯୋଗଦୃଷ୍ଟିରେ ଦେଖାଯାଏ। ସବିତାଙ୍କର ସେହି ପରମ ଜ୍ୟୋତି ଆମ୍ଭମାନଙ୍କୁ ଆଲୋକିତ କରିବ ଏବଂ ସେହି ସତ୍ୟ, ସେହି ପରମ ବସ୍ତୁ ଏବଂ ତାହାଙ୍କର ଜ୍ୟୋତିଠାରୁ ଅଭିନ୍ନ ସେହି ନିତ୍ୟ ଭାବଦ୍ୱାରା ଆମ୍ଭେମାନେ ଉଦ୍ଭାସିତ ହୋଇଉଠିବୁ।

ପରମସ୍ରଷ୍ଟା ସବିତାଙ୍କର ଶ୍ରେଷ୍ଠରୂପ ଏହି ଜ୍ୟୋତିର ଧ୍ୟାନଦ୍ୱାରା ଆମ୍ଭମାନଙ୍କ ଇହଜୀବନର ଯାତ୍ରାରେ ସେହି ସତ୍ୟ-ଜ୍ୟୋତିରେ ଯେ ଆମ୍ଭେମାନେ ଉପନୀତ ହେବୁ ଏହାହିଁ ପ୍ରମାଣିତ ହୋଇଛି।

ଜ୍ୟୋତିର ସ୍ତୁତି ଜ୍ୟୋତିଷ୍ମାନ୍‌ଙ୍କର ସ୍ତୁତିରୂପେ ପରିବ୍ୟାପ୍ତ ହୋଇଛି। କାରଣ ଜ୍ୟୋତି ଓ ଜ୍ୟୋତିଷ୍ମାନ୍, ଶକ୍ତି ଓ ଶକ୍ତିସ୍ମାନ୍ ବାସ୍ତବରେ ଏକ ହେଲେ ମଧ୍ୟ ସେମାନଙ୍କର ଉଭୟରୂପ ଗୃହୀତ ହୋଇଅଛି।

ଏହି ମନ୍ତ୍ର ଏଠାରେ ମାତୃ ସାଧନାର ଏକହି ସୁରରେ ମିଳିତ ବୋଲି ଆମ୍ଭମାନଙ୍କର ନମସ୍ୟ ପ୍ରଭୁଙ୍କ ଦ୍ୱାରା ଗ୍ରହଣଯୋଗ୍ୟ ହୋଇଛି। ତେଣୁ କହିବାକୁ ହେବ ଯେ–

ଏହି 'ତତ୍ସବିତୁଃ' ମନ୍ତ୍ରର ଦ୍ରଷ୍ଟା ଋଷି, ପରମପୁରୁଷ

ଶ୍ରୀଅରବିନ୍ଦ, ଏହାର ଛନ୍ଦ ଗାୟତ୍ରୀ, ପରମ ଜ୍ୟୋତିରୂପା ଶ୍ରୀମା ଏହାର ଦେବତା।

☆

ସବିତୃ ହେଉଛନ୍ତି ସୂର୍ଯ୍ୟ। ସେ ଆକାଶରେ ଅବସ୍ଥିତ ଜଡ଼ ସୂର୍ଯ୍ୟ ନୁହଁନ୍ତି, କିନ୍ତୁ ଅଧ୍ୟାତ୍ମ-ଜଗତର ସତ୍ୟ-ସୂର୍ଯ୍ୟ। ସବିତୃ ସକଳ ବସ୍ତୁର ସ୍ରଷ୍ଟା। (ସୂ ଧାତୁର ଅର୍ଥ ଜନ୍ମଦେବା, ମୁକ୍ତ କରିବା, ପରିଚାଳିତ କରିବା ଇତ୍ୟାଦି)। ତାଙ୍କର ଅଭିବ୍ୟକ୍ତିରେ ସେ ପରମ ଦିବ୍ୟ ପୁରୁଷ। ସେ ସମସ୍ତ ରୂପକୁ ମୁକ୍ତକରି ସ୍ଥିତିର ବିଭିନ୍ନ ରୂପରେ ପ୍ରତିଷ୍ଠା କରନ୍ତି। ସୃଷ୍ଟିର ଅତ୍ୟୁଚ୍ଚ ଶିଖରରେ ଅଧ୍ୟାତ୍ମ-ସୂର୍ଯ୍ୟରୂପେ, ଆକାଶର ବିସ୍ତୃତ ଚକ୍ଷୁ ଭାବେ (ଦିବୀବ ଚକ୍ଷୁରାତତମ୍; ଋଗ୍‌ବେଦ ୧/୨୨/୨୦) ସେ ଅଧିଷ୍ଠିତ। ଆଉ ସେହିଁ ସତ୍ୟର ଜଡ଼ ଭୂମିରେ ସୂର୍ଯ୍ୟମଣ୍ଡଳରୂପେ ରୂପାୟିତ। ସେ ହେଉଛନ୍ତି ସତ୍ୟ ସୂର୍ଯ୍ୟ ଯେ ସମସ୍ତ ଆଲୋକ ଓ ଜୀବନର ମୂଳାଧାର, ସେ ଆମ୍ଭମାନଙ୍କର ଜୀବନବ୍ୟାପୀ ଯଜ୍ଞର ଲକ୍ଷ୍ୟ ଏବଂ ବୈଦିକ ଋଷିଗଣଙ୍କର ଦିବ୍ୟଦୃଷ୍ଟିର ବସ୍ତୁ (ସଦା ପଶ୍ୟନ୍ତି ସୂରୟଃ; ଋଗ୍‌ବେଦ ୧/୨୨/୨୦)। ସେ ପରମ ପୁରୁଷ, ସେ ବ୍ରହ୍ମ, ଯେ ଆତ୍ମ-ରୂପାୟନ ଦ୍ୱାରା ବିଶ୍ୱସୃଷ୍ଟିର ଶିଖରରେ ସକ୍ରିୟ ପୁରୁଷଭାବେ ସବିତୃରୂପେ ଅବସ୍ଥିତ ଏବଂ ସେହି ସବିତୃଙ୍କର ଆମ୍ଭେମାନେ ପ୍ରତ୍ୟେକେ ଏକ ଏକ ଅଂଶ।

ସେ ସୃଷ୍ଟି କରନ୍ତି। କିନ୍ତୁ ବିରାଟ ବିଶ୍ୱରେ ବିଭିନ୍ନ ରୂପରେ ଅବସ୍ଥିତ ବସ୍ତୁର ଆକାର ଧାରଣ କରନ୍ତି ଏବଂ ତହିଁରେ ନିଜେ ଅନୁପ୍ରବିଷ୍ଟ ହୁଅନ୍ତି। ଅତଏବ ସ୍ୱୟଂ ତାଙ୍କର ରୂପ ବହୁବିଧ। କିନ୍ତୁ ଏପରି ଏକ ରୂପ ରହିଛି ଯାହା ସର୍ବ ରୂପଠାରୁ ଶ୍ରେଷ୍ଠ ଏବଂ ତାହାହିଁ ସବିତା ବା ଜ୍ୟୋତିର ପ୍ରକୃତ ତଥା ସହଜତମ ଏବଂ ସର୍ବୋତ୍ତମ ରୂପ। ସେହି ଜ୍ୟୋତିହିଁ ସତ୍ୟର ବହିରାବରଣ। ଅଧ୍ୟାତ୍ମ ସତ୍ୟର ପ୍ରଥମ ଓ ବୈଶିଷ୍ଟ୍ୟ-ପ୍ରକାଶକ ରୂପହିଁ ଜ୍ୟୋତି, ଏପରିକି ଭୌତିକ ଜ୍ୟୋତି ଯାହା ଅଧ୍ୟାତ୍ମ ରୂପହିଁ ଜ୍ୟୋତିର ସଙ୍କେତ, ତାହା ମଧ୍ୟ ନିଜ ଅନ୍ତର ପ୍ରଦେଶରେ ସେହି ପରମ ସତ୍ୟର କିଛି ଅଂଶକୁ ଧାରଣ କରିଥାଏ। ଏବଂ ଏହା ନିଜର ସ୍ୱାଭାବିକ ରୂପ ଧାରଣ କରିଥିବାରୁ ଏହା ମଧ୍ୟ ଅତି ସୁଖପ୍ରଦ, ନିଜ ମଧ୍ୟରେ ସତ୍ୟର ପୂର୍ଣ୍ଣ ଆନନ୍ଦର ଧାରକ। ଏହାହିଁ "ପ୍ରଜାବତ୍ ସୌଭାମମ୍" (ଋଗ୍‌ବେଦ ୫/୮୨/୪) ଫଳପ୍ରସୂ ଆନନ୍ଦ। ଏହାହିଁ ସେହି ମଙ୍ଗଳମୟ ରୂପ, ଋଷିମାନେ ଯାହାର ସ୍ତବଗାନ କରିଛନ୍ତି, "ଯତ୍ତେ ରୂପଂ କଲ୍ୟାଣତମଂ ତତ୍ତେ ପଶ୍ୟାମି" (ଈଶୋପନିଷଦ-୧୬)

ଅର୍ଥାତ୍, ଯେଉଁ ଜ୍ୟୋତି ତୁମର ସର୍ବୋତ୍କୃଷ୍ଟ ଶୁଭପ୍ରଦ ରୂପ ତାହାକୁ ମୁଁ ତୁମ ମଧ୍ୟରେ ଦେଖୁଛି।

କିନ୍ତୁ ଆମ୍ଭମାନଙ୍କ ସ୍ଥୂଳଦୃଷ୍ଟିରେ ଏହି ଜ୍ୟୋତିର ସ୍ୱରୂପ ଦୃଷ୍ଟିଗୋଚର ହୁଏ ନାହିଁ। ଆମ୍ଭମାନଙ୍କ ସତ୍ତା ବିଶେଷଭାବେ ଶୁଦ୍ଧ ଏବଂ ଆଲୋକିତ ହେବାପରେ ଯୋଗଦ୍ୱାରା ଉନ୍ମୀଳିତ ଅନ୍ତଶ୍ଚକ୍ଷୁରେହିଁ ତାହା ଦୃଷ୍ଟିଗୋଚର ହୁଏ। କିନ୍ତୁ ଦୃଷ୍ଟିଗୋଚର ହୁଏ କେଉଁଠାରେ? ହୃଦ୍ଦେଶର ଗଭୀରରେ। ଯେଉଁ ପରମଜ୍ୟୋତି ଅଜ୍ଞାନାଚ୍ଛନ୍ନ ତ୍ରିଲୋକର ଊର୍ଦ୍ଧ୍ୱରେ ବିରାଜିତ, ସେହି ଜ୍ୟୋତି ମଧ୍ୟ ପ୍ରତ୍ୟେକ ପ୍ରାଣୀର ହୃଦ୍ଦେଶରେ ବିଦ୍ୟମାନ। ଏ ସମ୍ବନ୍ଧରେ ଛାନ୍ଦୋଗ୍ୟରେ (ଯଦତଃ ପରୋଦିବୋ ଜ୍ୟୋତିର୍ଦୀପ୍ୟତେ ବିଶ୍ୱତଃ ପୃଷ୍ଠେଷୁ ସର୍ବତଃ ପୃଷ୍ଠେଷ୍ୱନୁତ୍ତମେଷୁ ଲୋକେଷ୍ୱିଦଂ ବାବ ତଦ୍ୟଦିଦମସ୍ମିନ୍ନନ୍ତଃ ପୁରୁଷେ ଜ୍ୟୋତିଃ। କୁଣ୍ଡଳିନୀ ଉପନିଷଦରେ ମଧ୍ୟ ଅଛି- ଆତ୍ମାନମ୍ ଅଧୂମଜ୍ୟୋତିରୂପକମ୍ ପ୍ରକାଶୟନ୍ତମ୍ ଅନ୍ତସ୍ଥଂ ଧ୍ୟାୟେତ୍ (୩/୨୬)

☆

ସ୍ୱର୍ଗ, ଯାହା ସମସ୍ତ ଜଗତ ଓ ସମସ୍ତ ବସ୍ତୁର ଊର୍ଦ୍ଧ୍ୱରେ ଅବସ୍ଥିତ ଏବଂ ଯାହାର ଊର୍ଦ୍ଧ୍ୱରେ ତାହା ଅପେକ୍ଷା ଉଚ୍ଚ ଅନ୍ୟ କୌଣସି ଜଗତ ଅବସ୍ଥିତ ନୁହେଁ, ସେହି ସର୍ବଶ୍ରେଷ୍ଠ ଓ ସର୍ବୋଚ୍ଚ ଜଗତରେ ଯେଉଁ ଜ୍ୟୋତି ପ୍ରଜ୍ୱଳିତ, ସେହି ଏକହି ଜ୍ୟୋତି ମାନବର ହୃଦ୍ଦେଶରେ ବିଦ୍ୟମାନ।

ଜ୍ୟୋତିର ଏହି ରୂପ ଭଗବାନଙ୍କର ସେହି ଚୈତ୍ୟ-ଶକ୍ତିର ପ୍ରତୀକ, ବେଦ କଥିତ "ତ୍ରୀଣି ରୋଚନାନି" ଯାହା ସତ୍-ଚିତ୍-ଆନନ୍ଦର ଉଚ୍ଚତର ତିନି ଜଗତର ପରାର୍ଦ୍ଧରେ ଅବସ୍ଥିତ ପରାପ୍ରକୃତି; ପୁନଶ୍ଚ ଏହି ଜ୍ୟୋତି-ସତ୍ୟ, ଏକମାତ୍ର ସତ୍ୟ, ସେହି ଦିବ୍ୟ ସ୍ୱରୂପଙ୍କର ଶକ୍ତି ଓ ଆତ୍ମ ପ୍ରକାଶକ ପ୍ରକୃତି। ଏହି ପ୍ରକୃତି ସକ୍ରିୟ ଏବଂ ତାହା ଭଗବାନଙ୍କ ସତ୍ତାର ଅସୀମତା ମଧ୍ୟରେ ଯାହାକିଛି ଅବସ୍ଥିତ, ତାହାକୁ ବାହାରକୁ ନେଇ ଆସି ପ୍ରକାଶ କରେ। ଅରୂପ ମଧ୍ୟରୁ ସୃଷ୍ଟିର ଯେଉଁସବୁ ରୂପ ପ୍ରକାଶିତ, ସେ ତାହାର ଜନନୀ, ସେ ଦିବ୍ୟ ଜଗଜ୍ଜନନୀ। ସେ ବିଶ୍ୱ ବ୍ରହ୍ମାଣ୍ଡର ସମସ୍ତ ଭୁବନକୁ ସୃଷ୍ଟି କରିଅଛନ୍ତି, ସେହି ଏକହି ଜ୍ୟୋତି-ଶକ୍ତି ସେହି ସମସ୍ତ ଭୁବନକୁ ଧାରଣ କରିଛନ୍ତି ଏବଂ ଚିନ୍ମୟ ପୁରୁଷଙ୍କ ସଙ୍କଳ୍ପିତ ନିର୍ଦ୍ଦିଷ୍ଟ ଆକୃତିରେ ସେ ସବୁକୁ ଗଢ଼ି ତୋଳିଛନ୍ତି। କେବଳ ସେହିଁ ଚିନ୍ମୟ ପୁରୁଷଙ୍କ ସେହି ଉଦ୍ଦେଶ୍ୟକୁ ଆମ୍ଭମାନଙ୍କ ମଧ୍ୟରେ ପରିପୂର୍ଣ୍ଣ କରିପାରନ୍ତି। କେବଳ ସେହିଁ ଆମ୍ଭମାନଙ୍କ ସ୍ଥିତିର ବାସ୍ତବ ସତ୍ୟ ସହିତ ଆମ୍ଭମାନଙ୍କୁ ସଂଯୁକ୍ତ

କରିପାରନ୍ତି, ଯେଉଁ ସତ୍ୟକୁ ପ୍ରକାଶ୍ୟ ବା ଅପ୍ରକାଶ୍ୟରେ, ଯେତେ ଅସମ୍ପୂର୍ଣ୍ଣ ଓ ଭ୍ରମ ଚାଳିତ ପଥରେ ଚାଳନା କାହିଁକି, ପ୍ରକାଶ କରିବାକୁ, ଆମ୍ଭମାନଙ୍କ ସହସ୍ର ସହସ୍ର କ୍ରିୟାର ଗତିବୃତ୍ତି କଠୋର ପ୍ରଚେଷ୍ଟା କରୁଅଛନ୍ତି। ଚାଲ, ଆମ୍ଭେମାନେ ସମସ୍ତେ ତାହାଙ୍କୁ ପ୍ରାର୍ଥନା କରିବା, ଯେପରି ତାଙ୍କର କ୍ରିୟାବଳୀର ସଂସ୍ପର୍ଶରେ ଆସିବାପାଇଁ ଏବଂ ତାଙ୍କ ସଙ୍କଳ୍ପ ସହିତ ଆମ୍ଭମାନଙ୍କ ଆସ୍ପୃହାର ଜୀବନ୍ତ ଐକ୍ୟ ସ୍ଥାପନ କରିବାକୁ ଆମ୍ଭମାନଙ୍କ ମଧ୍ୟରେ ଏକ ଚେତନାକୁ ସେ ଜାଗ୍ରତ କରାଇବେ। ଆମ୍ଭେମାନେ ତାହାକୁ ଧ୍ୟାନ କରିବା। ଆଉ ଚାଲ, ଆମ୍ଭମାନଙ୍କ ସତ୍ତାର ସମସ୍ତ ଶକ୍ତି ଏକୀଭୂତ ଓ ମନରେ କେନ୍ଦ୍ରୀଭୂତ କରି, ଆଶାପୂର୍ଣ୍ଣ-ଭାବରେ ତାହାଙ୍କ ଆରାଧନା ଓ ଅନୁସରଣ କରିବା ଯଦ୍ଦ୍ୱାରା ତାହାଙ୍କ ଜ୍ୟୋତିର ସମସ୍ତ ଶକ୍ତିକୁ ଆମ୍ଭମାନଙ୍କ ବୁଦ୍ଧିରେ ଗ୍ରହଣ କରି ତାକୁ ଦୃଢ଼ଭାବେ ଧାରଣ କରିପାରିବା। ଆଉ ଏହା ଫଳରେ ସେ ଆମ୍ଭମାନଙ୍କ ସମଗ୍ର ଜଟିଳ ସତ୍ତାରେ ସତ୍ୟର ସେହି ଜ୍ୟୋତିକୁ ବିସ୍ତୃତ ଓ ପ୍ରତିଷ୍ଠିତ କରି ତାହାକୁ ସତ୍ୟ-ଶିଖାରେ ପ୍ରଜ୍ୱଳିତ କରିବେ। କବି ଗାନ କରିଛନ୍ତି:-

ପବିତ୍ରଂ ତତ୍ ପରଂ ଜ୍ୟୋତିଃ ସତ୍ୟଂ ତଦମୃତଂ ବପୁଃ। ଇହ ସର୍ବାଙ୍ଗମସ୍ମାକମାନ୍ତମଜ୍ୱଳୟେଦପି।।

ଅର୍ଥାତ୍, ସେହି ପବିତ୍ର ଚିନ୍ମୟ ଜ୍ୟୋତି, ସେହି ଅମୃତମୟ ଶରୀର, ଏଠାରେ ଆମ୍ଭମାନଙ୍କର ସମସ୍ତ ଅଂଶ ଅଧିକାର କରୁ ଏବଂ ତାହାର ସବୁକିଛିକୁ ପ୍ରଜ୍ୱୋଳିତ କରି ଗଢୁ। (ଶ୍ରୀ କପାଳୀ ଶାସ୍ତ୍ରୀ:ଆହ୍ନିକସ୍ତବ, ୨୩ ଶ୍ଳୋକ, ଶ୍ରୀମଦରବିନ୍ଦତ୍ରିପଦାସ୍ତବସ୍ତୁତୀୟଃ )

କେବଳ ଆମ୍ଭମାନଙ୍କର ମନ ଯେ ତାହାର ସମସ୍ତ ବୃତ୍ତିକୁ ନେଇ ଏହି ଜ୍ୟୋତିକୁ ଗ୍ରହଣ କରିବ ତାହା ନୁହେଁ, ଆମ୍ଭମାନଙ୍କର ସମସ୍ତ କିଛି ସେହି ଜ୍ୱଳନ୍ତ ସତ୍ୟରେ ପୁନର୍ଜୀବିତ ହୋଇ ଉଠିବ।

ଯଦି କୌଣସି ଅସୁବିଧା ଦେଖାଦିଏ, ତେବେ ସଙ୍ଗେ ସଙ୍ଗେ ମୋର ନାମ ମା' ମା' ଜପ କରିବ। ଏହା ଏକ ଧ୍ୟାନ ଭଳି। ଯେତେବେଳେ ତୁମେ ଭଗବାନଙ୍କର ଦିବ୍ୟ ନାମ ଜପ କରିବ, ତୁମେ ନିଶ୍ଚୟ ଅନୁଭବ କରିବା ଉଚିତ ଯେ ଭଗବାନ ତୁମ ହୃଦୟରେ ଅଛନ୍ତି - ସେଠାରେ ତୁମେ ତାଙ୍କର ମଧୁରତା ଓ ଶାନ୍ତି ଅନୁଭବ କରି ପାରିବ।

**- ଶ୍ରୀମା**

# ପୂର୍ଣ୍ଣଯୋଗରେ ସମର୍ପଣ

ଶ୍ରୀ ରାମକୃଷ୍ଣ ଦାସ

ପ୍ରଶ୍ନ: ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ତଥା ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତର। ଏହି ଲକ୍ଷ୍ୟ ପ୍ରାପ୍ତିର ଉପାୟ କ'ଣ?

ଉତ୍ତର: ଏହି ଲକ୍ଷ୍ୟ ପ୍ରାପ୍ତିର ଉପାୟ ହେଲା ଅଭିପ୍ସା, ସମର୍ପଣ ତଥା ପ୍ରତିକୂଳ ବସ୍ତୁ ଓ ପ୍ରତିକୂଳ ଗତିବୃତ୍ତିର ତ୍ୟାଗ। ଅଭୀପ୍ସାର ଅର୍ଥ ତୀବ୍ରଭାବେ, ଭଗବତ୍ ପ୍ରାପ୍ତି, ଶାନ୍ତି, ଏକାଗ୍ରତା, ଆନନ୍ଦ, ସମର୍ପଣକୁ ମନ-ପ୍ରାଣରେ ପ୍ରତିଷ୍ଠା କରିବାକୁ ଚାହିବା। ପ୍ରାଣରେ ସ୍ୱାର୍ଥ ଥାଏ, ସେଥିରୁ କାମନାବାସନା ତୃପ୍ତି ସକାଶେ ଇଚ୍ଛାକୁ କୁହାଯାଏ ଚାହିଁବା। କିନ୍ତୁ ଆତ୍ମାରେ ସ୍ୱାର୍ଥ ନଥାଏ। ସେହି ସକାଶେ ତା ଚାହିଁବାର ନାମ ହୁଏ ଅଭୀପ୍ସା।

ସମର୍ପଣର ଅର୍ଥ ନିଜେ ଏବଂ ନିଜର ଯାହାକିଛି ସମସ୍ତ– ପ୍ରତ୍ୟେକ କର୍ମ, ମନ-ପ୍ରାଣର ପ୍ରତ୍ୟେକ ଗତିବୃତ୍ତି, ଗୃହ-ପରିବାର, ସମ୍ପତ୍ତି ମା'ଙ୍କ ଚରଣରେ ସମର୍ପଣ। ଅର୍ଥାତ୍ ସମସ୍ତ କିଛି ମା'ଙ୍କର ଜାଣି, ମା'ଙ୍କ ସେବା ଭାବରେ ମା'ଙ୍କ ସକାଶେ କର୍ମ କରିବା।

☆

ପ୍ରଶ୍ନ : ପ୍ରତ୍ୟେକ ଯୋଗରେ ତ ଭଗବାନଙ୍କୁ ସମର୍ପଣ କରାହୁଏ, ଏ ଯୋଗରେ ମା'ଶ୍ରୀଅରବିନ୍ଦଙ୍କୁ କାହିଁକି ସମର୍ପଣ କରାହେବ?

ଉତ୍ତର: ଭଗବାନ, ମା' ଏବଂ ଶ୍ରୀଅରବିନ୍ଦ ଏକ ତତ୍ତ୍ୱ ତଥା ଅଭେଦ, ଏକ। ମା'ଙ୍କୁ ସମର୍ପଣ କରିବାର ଅର୍ଥ ଭଗବାନଙ୍କୁ ସମର୍ପଣ।

'ଶ୍ୱେତଗୋଲାପ' (White Roses)ର ଗୋଟିଏ ପ୍ରଶ୍ନୋତ୍ତର ଏଠାରେ ଉଦ୍ଧାର କରିବା–

Q. Mother, to love you, to love the Lord or to love Sri Aurobindo? Whom can I love?

A. Love, love, love as much as you can - the Lord, Sri Aurobindo and me - None of this love is wasted.

(ପ୍ରଶ୍ନ: ମା' ମୁଁ କାହାକୁ ଭକ୍ତି କରିବି? ଆପଣଙ୍କୁ ଭକ୍ତି କରିବି କି ପରାତ୍ପର ପରମେଶ୍ୱରଙ୍କୁ ଭକ୍ତି କରିବି କିମ୍ବା ଶ୍ରୀଅରବିନ୍ଦଙ୍କୁ ଭକ୍ତି କରିବି?

ଉତ୍ତର: ଭକ୍ତି, ଭକ୍ତି, ଭକ୍ତି, ଯେତେ ତୁ କରିପାରୁ କର–ପରାତ୍ପର ପରମେଶ୍ୱରଙ୍କୁ, ଶ୍ରୀଅରବିନ୍ଦଙ୍କୁ ଏବଂ ମୋତେ – ଏହି ଭକ୍ତି ବ୍ୟର୍ଥ ହେବ ନାହିଁ।)

Loveର ଶବ୍ଦଗତ ଅର୍ଥ ପ୍ରେମ। କିନ୍ତୁ ପ୍ରାଚୀନ ଅଧ୍ୟାତ୍ମ ଗ୍ରନ୍ଥ ଏବଂ ବର୍ତ୍ତମାନ ବ୍ୟବହାରିକ ଦୃଷ୍ଟିରୁ Loveର ଅର୍ଥ ଭକ୍ତି; ଏହା ବିଶେଷ ଯୁକ୍ତିସଙ୍ଗତ।

ଏଥିରୁ ସ୍ପଷ୍ଟ ହେଉଛି ଯେ ମା'ଶ୍ରୀଅରବିନ୍ଦ ଓ ଭଗବାନ ଏକ ତତ୍ତ୍ୱ।

☆

ପ୍ରଶ୍ନ : କେଉଁଠି ଶ୍ରୀଅରବିନ୍ଦ ଲେଖିଛନ୍ତି ଯେ "The Mother" ପୁସ୍ତକରେ ଯେଉଁ "Divine Mother" (ଦିବ୍ୟଜନନୀ)ଙ୍କ କଥା ଉଲ୍ଲେଖ କରାହୋଇଛି, ସେହି ହେଉଛନ୍ତି ଆଶ୍ରମର ମା'?

ଉତ୍ତର: ମା'ଙ୍କ ସମ୍ବନ୍ଧେ ଯେଉଁ ପ୍ରଶ୍ନ କରାହୋଇଥିଲା ତାହାର ଉତ୍ତର ଶ୍ରୀଅରବିନ୍ଦ ପତ୍ରଦ୍ୱାରା ଦେଇଥିଲେ। ସେହି ପତ୍ରଗୁଡ଼ିକ "Sri Aurobindo On Himself and On the Mother" ପୁସ୍ତକରେ ପ୍ରକାଶିତ ହୋଇଛି। (pp.431-438)

Q. Do you refer to the Mother (our Mother) in your book "The Mother"

A. Yes.

(ପ୍ରଶ୍ନ: ଆପଣଙ୍କ 'ମା' ବହିରେ କ'ଣ ଆମ୍ଭର ଏହି ମା'ଙ୍କୁ ଭଗବତୀ ଜନନୀ ବୋଲି ସମ୍ବୋଧନ କରିଅଛନ୍ତି?

ଉ: ହଁ।)

☆

ପ୍ରଶ୍ନ: ଏହା ବ୍ୟତୀତ ଶ୍ରୀଅରବିନ୍ଦ ମା'ଙ୍କ ସମ୍ବନ୍ଧେ ଆଉ କିଛି କହିଛନ୍ତି କି?

ଉତ୍ତର: ବହୁତ କିଛି କହିଛନ୍ତି। ସେଥିରୁ କେତୋଟି କଥା ନିମ୍ନରେ ପ୍ରଦତ୍ତ ହେଲା।

ଯେତେବେଳେ ଶ୍ରୀଅରବିନ୍ଦ ଆଶ୍ରମର ସମସ୍ତ ଭାର ମା'ଙ୍କୁ

ଦେଇ ସେ ଏକାନ୍ତବାସ ଗ୍ରହଣ କଲେ, ସେତେବେଳେ କେତେଜଣ ସାଧକ ଶ୍ରୀଅରବିନ୍ଦଙ୍କର ଏହି ବ୍ୟବସ୍ଥାକୁ ଗ୍ରହଣ କରିବାକୁ ସମର୍ଥ ହେଲେ ନାହିଁ। ସେମାନଙ୍କ ପତ୍ରର ଉତ୍ତରରେ ଶ୍ରୀଅରବିନ୍ଦ ଲେଖିଥିଲେ, "ମା'ଙ୍କଠାରୁ ଯେଉଁମାନେ ସାହାଯ୍ୟ ପାଇପାରନ୍ତି ନାହିଁ, ମୋଠାରୁ ମଧ୍ୟ ସେମାନେ ସାହାଯ୍ୟ ପାଇପାରିବେ ନାହିଁ।"

ଶ୍ରୀଅରବିନ୍ଦ ଅନେକ ସ୍ଥାନରେ କହିଛନ୍ତି– "ବହୁତ ସାଧକ ମୋତେ ଓ ମା'ଙ୍କ ଜାଣନ୍ତି ନାହିଁ, ସେମାନଙ୍କୁ ଆମ୍ଭେମାନେ ସାହାଯ୍ୟ କରୁଅଛୁ, ଆମ୍ଭମାନଙ୍କ ସାହାଯ୍ୟ ପାଇ ସେମାନେ ସାଧନାରେ ଅଗ୍ରସର ହେଉଅଛନ୍ତି।"

ଅନ୍ୟତ୍ର ପୁଣି ସେ କହିଛନ୍ତି– "ଯଦି ତୁ ଚୈତ୍ୟନବଜନ୍ମକୁ ଅସ୍ୱୀକାର କରୁ, ଯଦି ତୁ ମା'ଙ୍କର ନବଜାତ ଶିଶୁ ହେବାକୁ ନଚାହୁଁ, ତୋର ବୁଦ୍ଧିଗତ ଜ୍ଞାନ କିମ୍ବା ମନର ଧାରଣାବଳୀ ଅଥବା ପ୍ରାଣର ବାସନାରାଜି ପ୍ରତି ଆସକ୍ତ ରହୁ, ତାହାହେଲେ ସାଧନାରେ ବିଫଳତା ଆସିବ।"

ଅନ୍ୟପକ୍ଷରେ ଯେପର୍ଯ୍ୟନ୍ତ ମନର ସୀମା ମଧ୍ୟରେ ମନୁଷ୍ୟ ବାସ କରେ ସେପର୍ଯ୍ୟନ୍ତ ମା'ଙ୍କୁ ଗୁରୁ ରୂପେ ଗ୍ରହଣ କରେ, ଶ୍ରଦ୍ଧା କରେ ଏବଂ ସାଧନା ଆରମ୍ଭ କରେ। କ୍ରମଶଃ ମନର ସୀମାକୁ ଅତିକ୍ରମ କଲେ ମା'ଙ୍କର ଯଥାର୍ଥ ସ୍ୱରୂପର ଝଲକ ପାଏ ଏବଂ ବିଶ୍ୱାସ କରେ। ଯେତେବେଳେ ଅତିମାନସ ସ୍ତରରେ ପହଞ୍ଚେ ସେତେବେଳେ ମା'ଙ୍କ ସ୍ୱରୂପକୁ ଯଥାର୍ଥ ଭାବେ ଉପଲବ୍ଧି କରେ। ତା'ପୂର୍ବରୁ ମା'ଙ୍କୁ ଭାଗବତୀ ଜନନୀ ରୂପେ ଗ୍ରହଣ କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ପୂର୍ବଜନ୍ମର ସଂସ୍କାରରୁ ଯେଉଁମାନେ ମା'ଙ୍କୁ ଭାଗବତୀ ଜନନୀ ବୋଲି ମାନନ୍ତି ସେମାନଙ୍କ କଥା ଭିନ୍ନ।

ଶ୍ରୀମା'ଙ୍କୁ Divine Mother (ଦିବ୍ୟ-ଜନନୀ) ରୂପେ ସାଧକମାନେ ଗ୍ରହଣ କରିଅଛନ୍ତି। କାରଣ ଶ୍ରୀଅରବିନ୍ଦ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ ପରାତ୍ପରା ଭାଗବତୀ ଜନନୀ, ମା'ଙ୍କ ରୂପେ ସ୍ୱେଚ୍ଛାରେ ଅଜ୍ଞାନର ବସନ ପରିଧାନ କରି ଏହି ଧରାତଳେ ଅବତୀର୍ଣ୍ଣା ହୋଇଅଛନ୍ତି ମନୁଷ୍ୟକୁ ଉଠାଇ ନେଇଯିବେ ବୋଲି ସେହି ଅତିମାନସ ଦିବ୍ୟଭୂମିକୁ।

☆

ପ୍ରଶ୍ନ: ଯଦି ମା', ଶ୍ରୀଅରବିନ୍ଦ ଏବଂ ଭଗବାନ ଏକ ତତ୍ତ୍ୱ ତେବେ ଭଗବାନଙ୍କୁ ସମର୍ପଣ କଲେ ଶ୍ରୀଅରବିନ୍ଦଙ୍କ ଯୋଗସିଦ୍ଧି ହୋଇପାରିବ। ପୁଣି ମା'ଙ୍କୁ ସମର୍ପଣ କରିବାରେ ବିଶେଷତ୍ୱ କ'ଣ?

ଉତ୍ତର: ମା'ଙ୍କୁ ସମର୍ପଣ କରିବାରେ ବିଶେଷତ୍ୱ ହେଲା ଭଗବାନ ସ୍ଥୂଳ ଦୃଷ୍ଟିରେ ଅଦୃଶ୍ୟ, ମାତ୍ର ମା' ଆମ ସମ୍ମୁଖରେ ଶରୀର ଧାରଣ କରି ଆମରି ପରି କର୍ମ କରୁଅଛନ୍ତି; ଆମ୍ଭମାନଙ୍କର ଭଲମନ୍ଦ ଶୁଣୁଅଛନ୍ତି ଏବଂ ଆବଶ୍ୟକ ସ୍ଥଳେ ସାନ୍ତ୍ୱନା ଦେଉଅଛନ୍ତି ଓ ନିର୍ଦ୍ଦେଶ ଦେଉଅଛନ୍ତି ଏହି ରୂପାନ୍ତର ଯୋଗ ସିଦ୍ଧି କରିବା ସକାଶେ ଏହି ପୃଥିବୀକୁ ଆସିଅଛନ୍ତି। ନିଜେ ସାଧନା କରି ଆମ ସମ୍ମୁଖରେ ଆଦର୍ଶ ରଖିଅଛନ୍ତି, ଆମଙ୍କୁ ଲକ୍ଷ୍ୟ ଦିଗରେ ଅଙ୍ଗୁଳି ନିର୍ଦ୍ଦେଶ କରି ପରିଚାଳନା କରୁଅଛନ୍ତି। ଏହି କାରଣରୁ ମା'ଙ୍କୁ ସମର୍ପଣ କରିବା ସୁବିଧାଜନକ। ଭଗବାନଙ୍କୁ ଆମ୍ଭେମାନେ ଏହି ସ୍ଥୂଳ ଦୃଷ୍ଟିରେ ଦେଖିପାରୁନାହୁଁ, ତାଙ୍କ କଥା ଶୁଣିପାରୁନାହୁଁ, ତାଙ୍କ ନିର୍ଦ୍ଦେଶ ବୁଝିପାରୁନାହୁଁ, ସେ ସ୍ୱୟଂ କର୍ମ କରି ଆମ ସମ୍ମୁଖରେ ଆଦର୍ଶ ରଖିପାରୁନାହାନ୍ତି। ଏହି କାରଣରୁ ତାଙ୍କୁ ସମର୍ପଣ କରିବା ସେତେ ସହଜ ନୁହେଁ।

ତୁମେ କହୁଛ, "ମା', ଶ୍ରୀଅରବିନ୍ଦ ଓ ଭଗବାନ ଏକ।" ଏହା କେବଳ ତୁମର ଶବ୍ଦ ନା ଏଥିରେ କିଛି ଯଥାର୍ଥତା ଅଛି? ଯଦି ଯଥାର୍ଥରେ ଏକ ମନେକରନ୍ତେ, ତେବେ ଏହି ପ୍ରଶ୍ନ କରିବାର ଆବଶ୍ୟକତା ନଥା'ନ୍ତା। ଭଗବାନ ସବୁ ସମୟରେ ସମସ୍ତ ସ୍ଥାନରେ ବିଦ୍ୟମାନ ଥାଆନ୍ତି। କିନ୍ତୁ ଆମ୍ଭେମାନେ ଦେଖିପାରୁ ନାହୁଁ। ସେହି ସକାଶେ ଭଗବାନ ସର୍ବତ୍ର ବିଦ୍ୟମାନ ବୋଲି କେବଳ ଶବ୍ଦରେ କହିବା ଛଡ଼ା ଅନୁଭବ କରୁ ନାହୁଁ। ପୃଥିବୀରେ ନୂତନ ସତ୍ୟ ତଥା ନୂତନ ଚେତନା ପ୍ରତିଷ୍ଠା କରିବାକୁ ହେଲେ ସର୍ବତ୍ର ବିଦ୍ୟମାନ ଥିବା ଭଗବାନଙ୍କଦ୍ୱାରା କାର୍ଯ୍ୟ ସିଦ୍ଧ ହୁଏ ନାହିଁ; ସେହି ସର୍ବମୟ ଭଗବାନ ମନୁଷ୍ୟ ଶରୀରରେ ଅବତାର ନେଇ ଆମ୍ଭମାନଙ୍କ ସହିତ ନିବାସ କରନ୍ତି। ଆମ୍ଭମାନଙ୍କ ସହିତ ମାତା, ପିତା, ଗୁରୁରୂପେ ସମ୍ବନ୍ଧ ସ୍ଥାପନ କରନ୍ତି। ସେ ରହନ୍ତି ସର୍ବଦା ତାଙ୍କର ଉଚ୍ଚତର ଭଗବତ୍ ଚେତନାରେ, ବ୍ୟବହାର କରନ୍ତି ଆମ୍ଭମାନଙ୍କ ସହିତ ଆମ୍ଭମାନଙ୍କ ସ୍ତରରେ ଉତରି ଆସି। ଏହାରିଦ୍ୱାରା ସେ ଆମ୍ଭମାନଙ୍କୁ ଉଚ୍ଚତର ଚେତନାକୁ ଉଠାଇନିଅନ୍ତି। ଏଥିରେ ଆମ୍ଭମାନଙ୍କୁ ସାଧନାରେ ବିଶେଷ ସାହାଯ୍ୟ ମିଳେ। ଅତଏବ ମା'ଙ୍କୁ ସମର୍ପଣ କରିବା ଆବଶ୍ୟକ।

ଭଗବାନ ସର୍ବସମର୍ଥ। କିନ୍ତୁ ନୂତନ ଆଦର୍ଶ ବା ନୂତନ ଚେତନାକୁ ପୃଥିବୀରେ ସ୍ଥାପନ କରିବା ସମୟରେ ସେ ତାଙ୍କର ସେହି ସର୍ବଶକ୍ତିମତ୍ତାକୁ ପ୍ରୟୋଗ କରନ୍ତି ନାହିଁ। ମନୁଷ୍ୟ ଶରୀର ଧାରଣ କରି ଏହି ପୃଥିବୀକୁ ଆସନ୍ତି ଏବଂ ଶିକ୍ଷା ଦିଅନ୍ତି। ସେ ସମୟ ଅତୀତ ହୋଇଗଲେ, ବ୍ୟକ୍ତିର ଚେତନା ବିକଶିତ ହୋଇଯାଏ। ସେହି ଅବତାରଙ୍କ ଶିକ୍ଷା ଥିବା ସତ୍ତ୍ୱେ ତଦ୍ୱାରା ବ୍ୟକ୍ତିର ଲାଭ ହୁଏ ନାହିଁ। ପୁନଶ୍ଚ ଭଗବାନ ଅବତାର ନିଅନ୍ତି।

ତ୍ରେତୟାରେ ଭଗବାନ ଶ୍ରୀରାମରୂପେ ଅବତାର ନେଇ ଆଦର୍ଶ ଗାର୍ହ୍ୟସ୍ଥ ଧର୍ମ ଶିକ୍ଷା ଦେଇଥିଲେ। ମନୁଷ୍ୟ-ଚେତନାର ବିକାଶ ହେବା ପରେ ଶ୍ରୀରାମଙ୍କ ଶିକ୍ଷା ଥିବା ସତ୍ତ୍ୱେ ନୂତନ ଚେତନା ପ୍ରତିଷ୍ଠା କରିବା ସକାଶେ ଶ୍ରୀକୃଷ୍ଣ ଅବତାର ନେଲେ। ପୃଥିବୀରେ ଭଗବାନଙ୍କର ଅବତାର ନ ଥିବା ଅବସ୍ଥାରେ ଅଶରୀରୀ ଭଗବାନଙ୍କୁ ସମର୍ପଣ କରି ତାଙ୍କ ଆଶ୍ରୟରେ ନିଜେ ପ୍ରଯତ୍ନ କରି ତାଙ୍କ ଶିକ୍ଷାଦ୍ୱାରା ବ୍ୟକ୍ତି ତାଙ୍କୁ ପ୍ରାପ୍ତ ହୋଇପାରେ। କିନ୍ତୁ ଏହି ପ୍ରଣାଳୀରେ ପୃଥିବୀରେ କୌଣସି ନୂତନ ଚେତନା ବା ନୂତନ ଆଦର୍ଶ ପ୍ରତିଷ୍ଠା ହୋଇପାରେ ନାହିଁ। ସେଥି ସକାଶେ ଭଗବାନଙ୍କୁ ଏହି ଧରାଧାମକୁ ଆସିବାକୁ ହୁଏ। ସେ ସ୍ୱୟଂ ମନୁଷ୍ୟଜାତିର ସମସ୍ତ ଅପୂର୍ଣ୍ଣତା, ଦୋଷ-ତ୍ରୁଟିକୁ ଗ୍ରହଣ କରନ୍ତି, ଆମ୍ଭମାନଙ୍କର ଦୁଃଖକଷ୍ଟକୁ ବହନ କରନ୍ତି। ନୂତନ ଚେତନା ସ୍ଥାପନ କରିବା ସକାଶେ ପ୍ରତିକୂଳ ଶକ୍ତି ସହିତ ଘୋର ଯୁଦ୍ଧ କରନ୍ତି। ଆମ୍ଭମାନଙ୍କ ସକାଶେ ନୂତନ ମାର୍ଗ ନିର୍ମାଣ କରନ୍ତି, ନିଜେ ସାଧନା କରି ଆମ୍ଭମାନଙ୍କ ସମ୍ମୁଖରେ ଆଦର୍ଶ ରଖନ୍ତି, ତାଙ୍କ ଚରଣରେ ନିଜକୁ ସମର୍ପଣ କଲେ ଆମ୍ଭମାନଙ୍କ ଅଙ୍ଗୁଳି ଧରି ଲକ୍ଷ୍ୟରେ ପହଞ୍ଚାଇ ଦିଅନ୍ତି।

ଶ୍ରୀରାମ, ଶ୍ରୀକୃଷ୍ଣ ମନୁଷ୍ୟ ଶରୀରରେ ଅବତାର ନେଇ ମନୁଷ୍ୟ ମଧ୍ୟସ୍ଥ ମନସ୍ତର ଚେତନାର ବିକାଶ କରାଇଥିଲେ। ପୃଥିବୀରେ ଗୋଟିଏ ଏକବାରେ ନୂତନ ଚେତନା ସ୍ଥାପନ କରି ନଥିଲେ। ମା'ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ହେଉଛି ଏକବାରେ ନୂତନ; ପଶୁ ପରେ ମନୁଷ୍ୟଜାତି ପୃଥିବୀରେ ପ୍ରତିଷ୍ଠା ସଦୃଶ ମନୁଷ୍ୟ ପରେ ଅତିମାନବ ଜାତି ପ୍ରତିଷ୍ଠା, ମନୁଷ୍ୟର ଗୁଣଧର୍ମରୁ ସମ୍ପୂର୍ଣ୍ଣ ଭିନ୍ନ ତଥା ନୂତନ। ମାନବର ଅପୂର୍ଣ୍ଣତା, ଅଜ୍ଞାନତା, ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ଅଶାନ୍ତି, ନିରାନନ୍ଦ, ଶୋକତାପ, ମୋହ-ମାୟା, ରୋଗ, ଜରା, ମୃତ୍ୟୁକୁ ଅତିମାନବ ଅତିକ୍ରମ କରିବ; ଏହା ଉପରେ ପୂର୍ଣ୍ଣତଃ ଅଧିକାର ପ୍ରାପ୍ତ କରିବ, ଏବଂ ନିବାସ କରିବ ପୂର୍ଣ୍ଣ ଜ୍ଞାନ, ଅଖଣ୍ଡ ଶାନ୍ତି, ରୋଗ, ଜରା-ମୃତ୍ୟୁ ମୁକ୍ତ ପୂର୍ଣ୍ଣ ଆନନ୍ଦରେ।

ସେ ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରିବ। ସେହି ଏକହି ଅବସ୍ଥାରେ ଭାଗବତୀ ଶକ୍ତିଦ୍ୱାରା ଭଗବାନଙ୍କ ଯନ୍ତ୍ରରୂପେ ପରିଚାଳିତ ହେବ। ଏହା ଫଳରେ ସମସ୍ତ ସଂସାରରେ ଗୋଟାଏ ପରିବର୍ତ୍ତନ ଆସିବ, ଏହି ପୃଥିବୀ ସ୍ୱର୍ଗରେ ପରିଣତ ହେବ। ଏହି କାର୍ଯ୍ୟ ସାଧକ ପକ୍ଷେ ଏକବାରେ ଅସମ୍ଭବ। ସାଧକକୁ କେବଳ କରିବାକୁ ହୁଏ ମା'ଙ୍କ ଚରଣରେ ନିଜକୁ ସମର୍ପଣ। ରୂପାନ୍ତର କାର୍ଯ୍ୟ କରନ୍ତି ମା'। ଏହି କାରଣରୁ ମା'ଙ୍କ ଚରଣରେ ସାଧକର ସମସ୍ତ ସତ୍ତାରେ ସମର୍ପଣ ଅନିବାର୍ଯ୍ୟ।

... What is most important is to keep a peaceful heart and that is always possible when everything on the Divine Grace.

So be quiet and peaceful – and all will be all right.

**– The Mother**

... ଯାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତା' ହେଉଛି ହୃଦୟରେ ସବୁବେଳେ ଶାନ୍ତି ବଜାୟ ରଖିବା ଏବଂ ଭଗବାନଙ୍କ କୃପା ଉପରେ ନିର୍ଭରତା ରଖିଲେ ତାହା ସମ୍ଭବ ହେବ।

ତେଣୁ ସ୍ଥିର ଏବଂ ଶାନ୍ତ ହୁଅ – ସବୁକିଛି ଠିକ୍ ହେବ।

**- ଶ୍ରୀମା**

# ସମୟର୍ ଡାକ

**ଶ୍ରୀ ପ୍ରପତ୍ତି**

"The solution lies not in reason but in the soul of man, in its spiritual tendencies. It is a spiritual, an inner freedom that alone can create perfect human order."

–Sri Aurobindo

(*Human Cycle, Chapter-XX*)

ସମୟର ଗୋଟାଏ ଡାକ ଥାଏ, କାଳର ଗୋଟାଏ ଦାବି ଥାଏ। ତେବେ, ବର୍ତ୍ତମାନ ସମୟର ଡାକ କ'ଣ? ବର୍ତ୍ତମାନ କାଳର ଦାବି କ'ଣ? ଆଧୁନିକ ସଙ୍କଟର ହୃତ୍‌ପିଣ୍ଡ ଏହିଠାରେ–ସମୟର ଡାକ କ'ଣ ଏବଂ କାଳର ଦାବି କ'ଣ? ମନୁଷ୍ୟ ପ୍ରକୃତରେ ଏହି ଡାକକୁ ବୁଝିପାରିବ କି? ଏହି କାଳର, ମହାକାଳର ଦାବି ପୂରଣ କରିପାରିବ କି?

ସମୟର ଡାକ ହେଲା ଏକ ନୂତନ ପୃଥିବୀ, ଏକ ନୂତନ ସମାଜ, ଏକ ନୂତନ ମାନବଜାତି, ଆଉ କାଳର ଦାବି ହେଲା ମାନବ ପ୍ରକୃତିର ଚରମ ରୂପାନ୍ତର, ମାନବୋତ୍ତର ଦିବ୍ୟ ମାନବର ଆବିର୍ଭାବ, ମାନସୋତ୍ତର ଅତିମାନସ ଜ୍ୟୋତି, ଶକ୍ତି ଓ ଜ୍ଞାନର ପ୍ରତିଷ୍ଠା। ଏହି ଡାକ ଅତି ଭୟଙ୍କର ଏବଂ ଏହି ଦାବି ମଧ୍ୟ ଅତ୍ୟନ୍ତ କଠିନ। ସେଥିପାଇଁ ସଙ୍କଟ ଓ ସମସ୍ୟା ଅଧିକ ଜଟିଳ ଓ ଗଭୀର।

ସବୁଦିଗରେ ଉନ୍ନତି ଘଟିଛି, ବିକାଶ ସମ୍ଭବ ହୋଇଛି, ଅବନତି ମଧ୍ୟ ଆସିଛି ଓ ବ୍ୟର୍ଥତା ମଧ୍ୟ ଦେଖାଦେଇଛି। କେବଳ ଗୋଟିଏ ଦିଗରେ ବିକାଶ ସମ୍ଭବ ହୋଇନାହିଁ। ତାହା ହେଲା ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମ ବିକାଶ। ଅଧ୍ୟାତ୍ମ ବିକାଶ କିଛି ପରିମାଣରେ ଘଟିଛି ମାତ୍ର ପରିପୂର୍ଣ୍ଣ ଅଧ୍ୟାତ୍ମ ବିକାଶ ଏପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ। ମନୁଷ୍ୟର ଉନ୍ନତି ବା ଉତ୍ତରଣ ଅନ୍ୟ ଏକ ଭୂମିରେ ସମ୍ଭବ ହେବ ଏବଂ ମନୁଷ୍ୟ ନିଜକୁ ଅତିକ୍ରମ କରି ଚେତନାର ଅନ୍ୟ ଏକ ପାହାଚରେ ପହଞ୍ଚିବ– ଏହି ଦିଗରେ ବିବର୍ତ୍ତନର ଧାରା ଅଗ୍ରସର ହେଉଛି।

ମନୁଷ୍ୟ ସମାଜର ଯଥାର୍ଥ ଉନ୍ନତିର ଇତିହାସ ହେଲା ଚେତନାର ବିବର୍ତ୍ତନ ଇତିହାସ। ଚେତନାହିଁ ସୃଷ୍ଟିର ମୂଳତତ୍ତ୍ୱ। ଏହି ଚେତନା ସର୍ବବ୍ୟାପକ ଶକ୍ତି, ଜ୍ୟୋତି, ସାମର୍ଥ୍ୟ ଓ ବଳରୂପେ ନିଶ୍ଚେତନା ମଧ୍ୟରୁ ପୂର୍ଣ୍ଣ ଚେତନା ଦିଗରେ ଅଗ୍ରସର ହେଉଅଛି। ନିଶ୍ଚେତନାର ଗର୍ଭରେ ଏହି ଶାଶ୍ୱତ ଚେତନାହିଁ ନିହିତ। ଘନ ଘୋର ଅନ୍ଧକାର ଓ ପୁଞ୍ଜିଭୂତ ତମସା ଜ୍ୟୋତି ଓ ସ୍ୱଚ୍ଛତାର ଅନ୍ୟ ଏକ ରୂପ। ଏହି ନିଶ୍ଚେତନା ଓ ଅନ୍ଧକାର ମଧ୍ୟରୁ ଯେଉଁ ଚେତନା ଉର୍ଦ୍ଧ୍ୱଗାମୀ ହେଉଅଛି ଏବଂ ଯାହାର ବିଭିନ୍ନ ପାବଚ୍ଛରେ ଜଡ଼, ପ୍ରାଣ ଓ ମନର ବିକାଶ ଘଟିଛି, ତାହା ପୂର୍ଣ୍ଣରୂପେ ନିଜକୁ ମୁକ୍ତ କରିପାରି ନାହିଁ। ଚେତନାର ଅଗ୍ରଗତି ମନର ସ୍ତରରେ ରହିଯିବ ନାହିଁ। ମନୋମୟ ସତ୍ତା ପ୍ରକୃତି ବିବର୍ତ୍ତନର ଚରମ ସୋପାନ ନୁହେଁ ଏବଂ ମନୋମୟତା ଦ୍ୱାରା ଚରମ ପୂର୍ଣ୍ଣତା ବା ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ସମ୍ଭବ ହୁଏ ନାହିଁ।

ମନ ଏକ ମଧ୍ୟବର୍ତ୍ତୀ ଭୂମି। ନିମ୍ନରେ ପ୍ରବୃତ୍ତିଗତ, ସହଜାତ ପଶୁତ୍ୱର ଭୂମି, ଉର୍ଦ୍ଧ୍ୱରେ ପୂର୍ଣ୍ଣ ଚେତନାର ଦେବଭୂମି ଅତିମାନସ ଭୂମି। ମନର କ୍ଷେତ୍ରରେ ଚେତନା ଖଣ୍ଡିତ, ଦ୍ୱିଧାଯୁକ୍ତ, ସଙ୍କୀର୍ଣ୍ଣ ହୋଇପଡ଼ିଛି। ପଶୁଜଗତର ସ୍ୱତଃସ୍ଫୁର୍ତ୍ତତା ଓ ସହଜାତ ପ୍ରବୃତ୍ତି ନଷ୍ଟ ହୋଇଛି, ଅଥଚ ଉର୍ଦ୍ଧ୍ୱଲୋକର ନିଶ୍ଚୟତା ବା ପୂର୍ଣ୍ଣାଙ୍ଗ ଦୀପ୍ତି ନାହିଁ। ସୁତରାଂ ପ୍ରତ୍ୟେକ କ୍ଷେତ୍ରରେ ମନର ପ୍ରୟୋଗହିଁ ବ୍ୟର୍ଥତା ଓ ଅନିଶ୍ଚିତତା ଆଣିବ, କାରଣ ମନଦ୍ୱାରା ସତ୍ୟ ଜାଣି ହୁଏ ନାହିଁ ବା ସର୍ବାଙ୍ଗୀନ ସତ୍ୟର ସ୍ପର୍ଶ ମିଳେ ନାହିଁ। ଏଥିପାଇଁ ମନ ଦ୍ୱାରା ଯେତେ ସମସ୍ୟାର ସମାଧାନ କରାଯାଉଛି, ସେହି ସମସ୍ୟାର ସମାଧାନ ହୋଇପାରୁ ନାହିଁ। ସେଥିପାଇଁ ଆମ୍ଭେମାନେ ଯେଉଁ ନୂତନ ସତ୍ୟ ଓ ଆଲୋକ ଖୋଜୁଛୁ, ତାହା ମନର ଭୂମିକୁ ଆଶ୍ରୟ କରି ହେବ ନାହିଁ।

ଯେଉଁ ଭୂମିରେ ସମସ୍ୟାର ସମାଧାନ ହେବ ତାହା ହେଲା ଆତ୍ମାର ଭୂମି। ଏହି ଭୂମି ହେଲା ଏକ ଚତୁଃପରିମାପକ ଭୂମି (four dimensional world)। ଆମ୍ଭେମାନେ ସାଧାରଣତଃ ତ୍ରୈପରିମାପକ ଭୂମିରେ ବାସ କରୁଛୁ, ଏହି ଭୂମିର ସତ୍ୟ, ଉଚ୍ଚ ଭୂମିରେ ଅସତ୍ୟ ଓ ଅବିଦ୍ୟାର ପ୍ରତୀକ ହୋଇଉଠେ। ଆତ୍ମାର ଭୂମି ଜ୍ଞାନ, ଶକ୍ତି, ପ୍ରେମ ଓ ସୌନ୍ଦର୍ଯ୍ୟର ପ୍ରତୀକ–ଏହା ଏପରି ଏକ ଚେତନା ଯାହାର ବିକାଶ ଫଳରେ ମାନବପ୍ରକୃତି ଓ ସ୍ୱଭାବର ଗତିଧାରା ବଦଳିଯାଏ।

ଅବଶ୍ୟ ଅତୀତରେ ଏହି ଆତ୍ମୋପଲବ୍ଧି ମଧ୍ୟ ଘଟିଛି, କିନ୍ତୁ ଏହି ଆତ୍ମୋପଲବ୍ଧିର ଅର୍ଥ ଏହି ବନ୍ଧନ, ଅବିଦ୍ୟା ଓ ନିମ୍ନ ପୃଥିବୀରୁ ମୁକ୍ତ। ଏହା ମନୁଷ୍ୟ ସ୍ୱଭାବ ଓ ପ୍ରକୃତିକୁ ଉପେକ୍ଷା କରି

ଅନ୍ତର୍ଚେତନାରେ ଭଗବତ୍ ପ୍ରେମ, ଐଶ୍ୱର୍ଯ୍ୟ, ମୁକ୍ତିକୁ ଅନ୍ୟ ଏକ ଭୂମିରେ ଦେଖିଛି, ମାତ୍ର ମାନବ ଜୀବନର ସାମଗ୍ରିକ ପରିବର୍ତ୍ତନ ଚାହିଁ ନାହିଁ। ପ୍ରକୃତି ଗୁଣମୟୀ ଯାନ୍ତ୍ରିକ ଓ ଅବିଦ୍ୟାଗ୍ରସ୍ତ ଏବଂ ପୁରୁଷ ଶୁଦ୍ଧ, ବୁଦ୍ଧ, ମୁକ୍ତ, ଚିନ୍ମୟ ଓ ଶାଶ୍ୱତ। ଏକମାତ୍ର ପୁରୁଷରହିଁ ମୁକ୍ତି ସମ୍ଭବ, ପ୍ରକୃତି ପୁନଃ ପୁନଃ ଆବର୍ତ୍ତଶୀଳା; ଏହି ପ୍ରକୃତିର ମଧ୍ୟ ବିନାଶ ନାହିଁ। ପରମ ଆନନ୍ଦ ହେଲା ପ୍ରକୃତି ମଧ୍ୟରୁ ମୁକ୍ତିଲାଭ କରି ପରମ ଶାଶ୍ୱତ ଚେତନା ସହ ଯୁକ୍ତ ହେବା। ଅଧିକାଂଶ ଅଧ୍ୟାତ୍ମ ମାର୍ଗରେ ପ୍ରକୃତି, ପୃଥିବୀ ଓ ସ୍ୱଭାବର କୌଣସି ସୁଚିନ୍ତିତ ସମାଧାନ ନାହିଁ। ତାହା ହେୟ, ନଗଣ୍ୟ ଅଥବା ମାୟା ବୋଲି ଉପେକ୍ଷିତ ହୋଇଛି। କିନ୍ତୁ ମନୁଷ୍ୟର ପୂର୍ଣ୍ଣାଙ୍ଗ ବିକାଶ ନିମିତ୍ତ କେବଳ ଆତ୍ମାର ବିକାଶ ଯଥେଷ୍ଟ ନୁହେଁ– ଆତ୍ମାର ବିକାଶ ସଙ୍ଗେ ସଙ୍ଗେ ଜଡ଼, ପ୍ରାଣ ଓ ମନର ମଧ୍ୟ ଚରମ ବିକାଶ ଆବଶ୍ୟକ।

ଶ୍ରୀଅରବିନ୍ଦ ଏହି ପୂର୍ଣ୍ଣାଙ୍ଗ ବିକାଶ ଓ ବିବର୍ତ୍ତନ ନିମିତ୍ତ ସାଧନା କରିଯାଇଅଛନ୍ତି। ସେ ଦେଖିଲେ ପୃଥିବୀର ବିବର୍ତ୍ତନ ଏକ ସନ୍ଧିକ୍ଷଣରେ ଆସି ପହଞ୍ଚିଛି। ଏହି ସମୟରେ ଏକ ନୂତନ ସତ୍ୟର ଆବିର୍ଭାବ ହେବ। ଶ୍ରୀଅରବିନ୍ଦ ବହୁ ବିଭିନ୍ନ ମାର୍ଗରେ ବହୁ ବିଭିନ୍ନ ଆଧ୍ୟାତ୍ମିକ ଉପଲବ୍ଧି କରି ସୁଦ୍ଧା ସେଥିରେ ପୃଥିବୀର କୌଣସି ପରିବର୍ତ୍ତନ ହେବା ସମ୍ଭବ ନୁହେଁ ବୋଲି ଉପଲବ୍ଧି କଲେ। ସେଥିପାଇଁ ଦୀର୍ଘକାଳ ଧରି ପଣ୍ଡିଚେରୀରେ ତପସ୍ୟା କଲେ ଏବଂ ସେହି ତପସ୍ୟା ଫଳରେ ମାନବଜାତିର ପ୍ରତିନିଧିରୂପେ ଏକ ପରମ ମହାନ୍ ଦିବ୍ୟ ସତ୍ୟର ସାକ୍ଷାତ୍‌କାର କଲେ, ଯେଉଁ ସତ୍ୟର ସାକ୍ଷାତ୍ ଫଳରେ ସମଗ୍ର ସୃଷ୍ଟିର ମୂଳ ରହସ୍ୟ ଉଦ୍‌ଘାଟିତ ହେଲା। ଏହି ସତ୍ୟକୁ ସେ ପୃଥିବୀ ଉପରେ ଉତାରି ଆଣି ଦିବ୍ୟ ଜୀବନର ଭୂମିକା ପ୍ରସ୍ତୁତ କରିବାକୁ ଚାହିଁଛନ୍ତି। ଏହି ସତ୍ୟ ହେଲା ଅତିମାନସ ତତ୍ତ୍ୱ ଯାହା ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଶକ୍ତି, ପୂର୍ଣ୍ଣ ଆନନ୍ଦର ଭୂମି। ଏହା ପରାପ୍ରର ଦିବ୍ୟ ତତ୍ତ୍ୱ, ପୂର୍ଣ୍ଣ ଜ୍ୟୋତିର୍ମୟ ଚେତନା ଏବଂ ଏହାର କ୍ରିୟା ଫଳରେ ପାର୍ଥିବ ଜୀବନରେ ଅନ୍ୟ ଏକ ନୂତନ ପରିଣାମ ଦେଖାଦେବ, ତାହାହିଁ ହେବ ଦିବ୍ୟଜୀବନ।

ମନୁଷ୍ୟ ବର୍ତ୍ତମାନ ଯେଉଁ ଦୁଃଖ ଓ ଦ୍ୱନ୍ଦ୍ୱ ମଧ୍ୟ ଦେଇ ଗତି କରୁଛି, ତାହାର ପ୍ରକୃତ ରହସ୍ୟ ଏହି ଯେ ଏହି ନୂତନ ସତ୍ୟର ଆବିର୍ଭାବ ବେଳ ସନ୍ନିକଟ। ଯେତେବେଳେ ଏପରି ଏକ ସତ୍ୟ ଦେଖାଦେବ, ତାହାର ପରିଣାମ ଯେପରି ମଙ୍ଗଳକର ହେବ, ସେହିପରି ଭୟାବହ ହେବ। ଏହା ଯଥାର୍ଥରେ ଏକ ନୂତନ ସୃଷ୍ଟିର ବେଳ। ଏହି ସୃଷ୍ଟିର ନିଶ୍ଚିତ ସମ୍ଭାବନା ଏକ ଆଧ୍ୟାତ୍ମିକ ବିକାଶ ଦିଗରେ। ଅନ୍ୟ ସକଳପ୍ରକାର ବହିର୍ମୁଖୀ ବା ଅନ୍ତର୍ମୁଖୀ ବିକାଶ ହୁଏତ ନିରର୍ଥକ ହେବ ବା ସମସ୍ୟାର ସମାଧାନ କରି ପାରିବ ନାହିଁ।

ମନୁଷ୍ୟ ଯେତେ ଯେତେ ଏହି ସତ୍ୟକୁ ଗ୍ରହଣ କରିବାକୁ ସକ୍ଷମ ହେବ, ନିଜର ଅଧ୍ୟାତ୍ମ ବିକାଶ ଓ ପରିବର୍ତ୍ତନକୁ ଅଧିକ ମୂଲ୍ୟ ଦେବ, ସେତେ ପରିମାଣରେ ସଙ୍କଟ ଲାଘବ ହେବ, ସେତେ ପରିମାଣରେ ମନୁଷ୍ୟ ସମାଜର ଦୁଃଖ ଦ୍ୱନ୍ଦ୍ୱର ଅବସାନ ଘଟିବ। ଏହି ପରଣାମ ଅତି ବୈପ୍ଲବିକ ଏବଂ ନାନା ସମସ୍ୟା ଓ ସଙ୍କଟ ଉପସ୍ଥାପିତ କରିବ। ମନୁଷ୍ୟର ଏ କ୍ଷେତ୍ରରେ ଆବଶ୍ୟକ ବୀରତ୍ୱ ଏବଂ ସାହସ। ଏହି ସମାଧାନ ସମ୍ବନ୍ଧରେ ଶ୍ରୀଅରବିନ୍ଦ ଏପରି ଦୃଢ଼ ଏବଂ ନିଶ୍ଚିତ ଯେ ସେ ସ୍ପଷ୍ଟ କଣ୍ଠରେ ଘୋଷଣା କରୁଛନ୍ତି:

... ଅର୍ଥାତ୍, "ଏହା ଏପରି ଏକ ସମାଧାନ ଯାହା ଏକ ଉନ୍ନତ ମାନବସମାଜର ପରିଣତିକୁ ଅଧିକ ବିଳମ୍ବିତ କରୁଛି, କାରଣ ମାନବଜାତିର ବିବର୍ତ୍ତନ ମଧ୍ୟରେ ଏହି ପରିଣାମ ନିହିତ। ଏହାର ଅର୍ଥ ମନୁଷ୍ୟ-ବୁଦ୍ଧି ଦ୍ୱାରା ଯେତେ ଉପାୟ ଉଦ୍‌ଭାବନ କରାଯାଉ ନା କାହିଁକି ତାହା ବ୍ୟକ୍ତି ବା ସମଷ୍ଟିର ପୂର୍ଣ୍ଣତା ଆଣିପାରିବ ନାହିଁ, ମାନବ ସ୍ୱଭାବର ଏକ ଆନ୍ତର ରୂପାନ୍ତର ବା ପରିବର୍ତ୍ତନ ଆବଶ୍ୟକ। ଏପରି ଏକ ରୂପାନ୍ତର କାର୍ଯ୍ୟକାରୀ କରିବା ଅତ୍ୟନ୍ତ କଠିନ– କେବଳ ଅଳ୍ପ କେତେକ ଏହା ପ୍ରାପ୍ତ ହୋଇପାରନ୍ତି। କିନ୍ତୁ ଏହା ମଧ୍ୟ ନିଶ୍ଚିତ ନୁହେଁ; ତେବେ, ସେ କଥା ଯାହା ବି ହେଉ, ଯଦି ଏହି ସମାଧାନକୁ ସ୍ୱୀକାର ନ କରାଯାଏ, ତେବେ ଅନ୍ୟ କୌଣସି ସମାଧାନ ନାହିଁ, ଯଦି ଏହି ମାର୍ଗ ମାର୍ଗ ନୁହେଁ, ତେବେ ମନୁଷ୍ୟଜାତି ପାଇଁ ଅନ୍ୟ ମାର୍ଗ ନାହିଁ। ତାହାହେଲେ ପାର୍ଥିବ ବିବର୍ତ୍ତନ ମନୁଷ୍ୟଜାତିକୁ ଛାଡ଼ି ଅନ୍ୟ ଏକ ଉଚ୍ଚତର ଜାତି ଆଡ଼କୁ ଅଗ୍ରସର ହେବ, ଯେପରି ମନୁଷ୍ୟ ନିଜେ ପଶୁକୁ ଅତିକ୍ରମ କରି ଆସିଛି ଏବଂ ସେହି ଉଚ୍ଚ ଜାତି ଏକ ଆଧ୍ୟାତ୍ମିକ ପରିବର୍ତ୍ତନରେ ସମର୍ଥ ହେବ, ଏପରି ଏକ ଜୀବନ ପ୍ରକାଶିତ ହେବ ଯାହା ଭାଗବତ ଜୀବନର ନିକଟତର ହେବ।"

*(ମାନବ ଯୁଗ-ଚକ୍ର, ବିଂଶ ଅଧ୍ୟାୟ)*

# ଅସମ୍ଭବ ଓ ସମ୍ଭବ

**ଶ୍ରୀ ବିଶ୍ୱମ୍ଭର ସାମନ୍ତ**

ସମ୍ଭବ ଓ ଅସମ୍ଭବର ସୀମାରେଖା କେଉଁଠି ? ଏପରି କିଛି ବିଷୟ ଅଛି କି ଯାହାକୁ ଆମେ କହିବା ସମ୍ପୂର୍ଣ୍ଣ ଅସମ୍ଭବ ବୋଲି ? ପୃଥିବୀ ଓ ମନୁଷ୍ୟ ବିକାଶର ପଥରେ ଯେତିକି ଯେତିକି ଆଗେଇ ଚାଲିଛନ୍ତି, 'ସମ୍ଭବ'ର ପରିଧି ସେତିକି ସେତିକି ବଢ଼ିଚାଲିଛି, 'ଅସମ୍ଭବ'ର ପରିଧିକୁ ତାହା ସେତିକି ଅଧିକ ଗ୍ରାସ କରିବାରେ ଲାଗିଛି; କାଲି ଯାହା ଅସମ୍ଭବ ମନେ ହେଉଥିଲା ଆଜି ତାହା ସମ୍ଭବ ହେଉଛି। ଚନ୍ଦ୍ର ଉପରେ ପାଦ ରଖିବା ହେଉ ବା ଅସ୍ତ୍ରୋପଚାର ଦ୍ୱାରା ହୃଦୟ ସଂରୋପଣ ହେଉ, ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ କିଛିକାଳ ଆଗେ ଯାହାକୁ ଅସମ୍ଭବ ମନେ କରାଯାଇ କେବଳ କାଳ୍ପନିକ ଉପନ୍ୟାସ ଲେଖା ଯାଉଥିଲା, ସେଗୁଡ଼ିକ ଆଜି ବାସ୍ତବରେ ପରିଣତ ହୋଇସାରିଲାଣି। ଏକଦା ମହାଶୂନ୍ୟରେ କେବଳ ଏକ ଜ୍ୱଳନ୍ତ ବାଷ୍ପ ଓ ଧାତୁପିଣ୍ଡରୂପେ ଘୁରୁଥିବା ଆମର ଏଇ ପୃଥିବୀ ଆଜି ଯେ ଏପରି ଗଛଲତା ଫୁଲଫଳରେ ଶୋଭା ସମ୍ଭାରରେ ପୂର୍ଣ୍ଣ ହୋଇଉଠିଛି, ଜୀବନ ଆନନ୍ଦରେ ମତ୍ତ ଜାତି ଜାତି ପଶୁପକ୍ଷୀଙ୍କର କ୍ରୀଡ଼ା କୂଜନରେ ମୁଖରିତ ହୋଇଉଠିଛି, ମାନବଶିଶୁର ଦେବଦୁର୍ଲଭ କମନୀୟ ମୁଖଶ୍ରୀ ଓ ସ୍ମିତହାସ୍ୟର ମାଧୁରିମା ନେଇ ହସିଉଠିଛି, ଏହା କ'ଣ ସମ୍ଭବ ବୋଲି ସେଦିନ କେହି କଳ୍ପନା କରି ପାରିଥାଆନ୍ତା ?

କୌଣସି ଜିନିଷକୁ ସମ୍ପୂର୍ଣ୍ଣ ଅସମ୍ଭବ ବୋଲି କୁହାଯାଇ ପାରିବ ନାହିଁ। ନେପୋଲିୟନ୍ ଯାହା କହିଥିଲେ ଯେ 'ଅସମ୍ଭବ' ଶବ୍ଦଟା କେବଳ ନିର୍ବୋଧମାନଙ୍କର ଅଭିଧାନରେ ସ୍ଥାନ ପାଇବା ଉଚିତ ତାହା ଅନେକାଂଶରେ ସତ୍ୟ। କୌଣସି ଜିନିଷ ପ୍ରକୃତରେ ଆମକୁ ଅସମ୍ଭବ ଲାଗେ କେତେବେଳେ ? ଯେତେବେଳେ ଆମେ ସେ ସମ୍ବନ୍ଧରେ ଚିନ୍ତା କରୁ, କଳ୍ପନା କରୁ କେତେଦୂର ତାହା ବାସ୍ତବରେ ପରିଣତ ହୋଇପାରେ ବା ତାହାକୁ ବାସ୍ତବରେ ପରିଣତ କରିବାପାଇଁ ଚେଷ୍ଟା କରୁ। ଅର୍ଥାତ୍ ଅନ୍ୟ କଥାରେ କହିଲେ, କୌଣସି ଜିନିଷ ଆମକୁ ଯେତେବେଳେ ଅସମ୍ଭବ ଲାଗେ, ତାହା ପୂର୍ବରୁ ତାହା ଆମ ଚେତନା ଭିତରକୁ ଆସି ସାରିଥାଏ, ତା'ନହେଲେ ଆମେ ସେ ବିଷୟରେ ଚିନ୍ତା କରନ୍ତୁ କାହିଁକି ? ତା'ର ସମ୍ଭବତ୍ୱ ଅସମ୍ଭବତ୍ୱ ନେଇ ମୁଣ୍ଡ ଖେଳାନ୍ତୁ କାହିଁକି ? ମା' ଏ ସମ୍ପର୍କରେ ଥରେ ସୁନ୍ଦର ଭାବରେ ବୁଝାଇ କହିଥିଲେ, "ଯେତେବେଳେ ସେ ଜିନିଷ ତୁମ ଚେତନା ଭିତରକୁ ଆସି ସାରିଥାଏ, ସେତିକିବେଳେହିଁ ତୁମେ ଦେଖିବାକୁ ପାଅ ତାହା ସମ୍ଭବ କି ଅସମ୍ଭବ। କିନ୍ତୁ ଯେତେବେଳେ ତମ ଚେତନା ମଧ୍ୟରେ ତାହା ସ୍ଥାନ ପାଇଛି, ସେତେବେଳେ ତୁମେ ଜାଣିବା ଉଚିତ ଯେ ତାହା ଆଜି ସମ୍ଭବ ନହେଲେ ମଧ୍ୟ ଦିନେ ନା ଦିନେ ସମ୍ଭବ ହେବ।.... ଯାହା ତୁମର ଚେତନାର ବାହାରେ, ତା'ଛଡ଼ା ଅସମ୍ଭବ ବୋଲି ଜଗତରେ କିଛି ନାହିଁ।

ଶ୍ରୀଅରବିନ୍ଦ ତାଙ୍କର 'ଚିନ୍ତାକଣା ଓ ଦୃଷ୍ଟିନିମେଷ' (Thoughts and Aphorisms)ରେ ଏହି ସମ୍ଭବ ଅସମ୍ଭବ କଥାଟିକୁ ବେଶ୍ ସରସ ଭାବରେ ଘୁରାଇ କରି କହିଛନ୍ତି; ସେ କହିଛନ୍ତି, "ବର୍ତ୍ତମାନ ମୁଁ ଯାହା କରିବାକୁ ସକ୍ଷମ ହେବି। ଅସମ୍ଭବ ଭିତରୁହିଁ ସମ୍ଭବର ସୂତ୍ରପାତ। ଏହି ଅନିତ୍ୟ ବିଶ୍ୱ ଥିଲା ଅବିଶ୍ୱାସ୍ୟ ଓ ଅସମ୍ଭବ, ତେଣୁ ଶାଶ୍ୱତ ସ୍ରଷ୍ଟା ନିଜ ସତ୍ତା ଭିତରୁ ସୃଷ୍ଟି ଦ୍ୱାରା ଏହାକୁ ସମ୍ଭବ କଲେ।"

ସ୍ଥାନ-କାଳରେ ଆବଦ୍ଧ ଅନିତ୍ୟ ଚେତନା ପାଇଁ ସ୍ଥାନ-କାଳର ଅତୀତ ଶାଶ୍ୱତ ଚେତନା ଯେପରି ଅସମ୍ଭବ ଓ ଅବିଶ୍ୱାସ୍ୟ, ସ୍ଥାନ-କାଳର ଅତୀତ ଶାଶ୍ୱତ ଦିବ୍ୟ ଚେତନା ପାଇଁ ସ୍ଥାନ-କାଳରେ ଆବଦ୍ଧ ଏହି ଅନିତ୍ୟ ସୃଷ୍ଟି ମଧ୍ୟ ସେହିପରି ଅସମ୍ଭବ ଓ ଅବିଶ୍ୱାସ୍ୟ ହେବା କଥା। ଯେହେତୁ ଏହା ଅସମ୍ଭବ ଓ ଅବିଶ୍ୱାସ୍ୟ ହେବା କଥା। ଯେହେତୁ ଏହା ଅସମ୍ଭବ ତେଣୁ ଏହି ଅସମ୍ଭବକୁ ସମ୍ଭବ କରିବା ପାଇଁ ସର୍ବସମର୍ଥ ଦିବ୍ୟସ୍ରଷ୍ଟା ଏହାକୁ ସୃଷ୍ଟିକଲେ ବା ସ୍ୱୟଂ ଅସୀମ ଓ ଶାଶ୍ୱତ ଏହି ସସୀମ, ଅନିତ୍ୟରୂପ ଗ୍ରହଣ କଲେ। ମା' ଏହି ବିଷୟଟିକୁ ବୁଝାଇ ଲେଖିଛନ୍ତି, "ସ୍ଥାନ-କାଳର ଅତୀତରେ ଯେ ରହିଛି, ତା'ପାଇଁ ଏହି ସ୍ଥାନ-କାଳହିଁ ହେବ ପ୍ରହେଳିକା ଭଳି ଅବିଶ୍ୱାସ୍ୟ, ତା'ପାଇଁ ଏହାର କୌଣସି ଅସ୍ତିତ୍ୱ ନାହିଁ, ଆଉ ତାହା ଅସମ୍ଭବ ବୋଲିହିଁ ଶାଶ୍ୱତ ତାଙ୍କର ନିଜ ସତ୍ତାରୁ ଏହାକୁ ନିର୍ଗତ କରିଲେ ଅର୍ଥାତ୍ ଏହି ଅନସ୍ତିତ୍ୱକୁ ଅସ୍ତିତ୍ୱ ଭିତରକୁ ଆଣିଲେ-ତାଙ୍କର ଏକ ଲୀଳା ରୂପେ–ଦେଖିବାକୁ ତାହା କେମିତି ହେଉଛି। କାରଣ ସ୍ଥାନ ଓ କାଳ ଭିତରେ ଆସି ସ୍ୱୟଂ ସମ୍ଭୂତ ନ ହେଲେ ଏ ଲୀଳା କିପରି ହେବ ତାହା ତ' ଜଣାଯିବ ନାହିଁ।

ଯେହେତୁ ସେହି ପରମ ନିତ୍ୟ ଅସୀମ ଭଗବାନ ଏହି ଅନିତ୍ୟ ଓ ସୀମିତ ସୃଷ୍ଟିର ରୂପ ନେଇଛନ୍ତି, ତେଣୁ ଏହି ଅନିତ୍ୟ ସୃଷ୍ଟି ମଧ ତାର ମୂଳ ସ୍ୱରୂପରେ ସେହି ଅସୀମ ଶାଶ୍ୱତ ଭଗବାନ। ଏହି ସୃଷ୍ଟିର ପ୍ରତ୍ୟେକ ବସ୍ତୁହିଁ ସେହି ଅସୀମ ଦିବ୍ୟ ଚେତନାରହିଁ ଏକ ଖଣ୍ଡିତ ସୀମିତ ରୂପ। ଏହି ସୀମା ଭିତରେହିଁ ସେହି ପରମ ଚେତନା ନିଜର ଅସୀମତାକୁ ଫୁଟାଇବାକୁ ଚାହେଁ। ବିଶ୍ୱାତୀତ ସ୍ୱରୂପରେ ଅସୀମ ଦିବ୍ୟ ଚେତନା ନିଜ ଅସୀମତା ଭିତରେ ଅକ୍ଷୁଣ୍ଣ ହୋଇ ରହିଛି, ତା'ପାଇଁ ସୀମା ଏକ ଅସମ୍ଭବ ବିଷୟ। କିନ୍ତୁ ସେ ଏହି ଅସମ୍ଭବକୁ ସମ୍ଭବ କରିଛି, ସ୍ଥାନ ଓ କାଳ ଭିତରେ ନିଜେ ଏକ ସୀମିତ ରୂପ ଗ୍ରହଣ କରିପାରିଛି। କିନ୍ତୁ ଥରେ ସୀମିତ ରୂପ ନେଲା ପରେ ସେହି ସୀମିତ ରୂପ ପାଇଁ ପୁଣି ଅସୀମତା ହୋଇଉଠିଛି ଏକ ଅସମ୍ଭବ ବିଷୟ, ତେଣୁ ପୁଣିଥରେ ସେହି ଅସମ୍ଭବକୁ ସମ୍ଭବ କରିବାପାଇଁ ସେ ଚାହେଁ ସୀମା ଭିତରେ ଅସୀମତାର ଅଭିବ୍ୟକ୍ତି, ତାର ବିଶ୍ୱାତୀତ ସ୍ୱରୂପ ପରି ଅସୀମତାରେ ଅସୀମତତାର ଅଭିବ୍ୟକ୍ତି ନୁହେଁ, ବା ତାର ଐହିକ ରୂପ ପରି ସୀମା ଭିତରେ ସୀମାର ଅଭିବ୍ୟକ୍ତି ନୁହେଁ, ଏହି ବିଶ୍ୱଗତ ସ୍ଥାନ ଓ କାଳ ଭିତରେ, ଏହି ସୀମିତ ରୂପ ଭିତରେହିଁ ନିଜର ପରମ ନିତ୍ୟ ଅସୀମତାର ଅଭିବ୍ୟକ୍ତି ଓ ପ୍ରକାଶ,–ଏହାହିଁ ତାର ଲକ୍ଷ୍ୟ। ଏହି ସମ୍ପୂର୍ଣ୍ଣ ଅସମ୍ଭବକୁ ସମ୍ଭବ କରିବାରେହିଁ ହୁଏତ ତାର ଲୀଳାର ଆନନ୍ଦ।

ପ୍ରତ୍ୟେକ ମନୁଷ୍ୟ ତାର ମୂଳସ୍ୱରୂପରେ ସେହି ପରମ ଭଗବାନ, ସ୍ୱୟଂ ଭଗବାନହିଁ ମଣିଷର ସୀମିତ ରୂପ ନେଇଛନ୍ତି। ସୀମିତ ଓ ଅପୂର୍ଣ୍ଣ ମନୁଷ୍ୟତ୍ୱ ଭିତରେ ଅସୀମ ଓ ପୂର୍ଣ୍ଣ ଭଗବତ୍ ସତ୍ୟ ସ୍ୱରୂପକୁ ଫୁଟାଇ ତୋଳିବାରେହିଁ ତାଙ୍କର ଲୀଳାର ଆନନ୍ଦ। ସେଇଥିପାଇଁ ହିଁ ମଣିଷ ଭିତରେ ଉନ୍ନତି ପାଇଁ, ବିକାଶ ପାଇଁ, ପୂର୍ଣ୍ଣତା ପାଇଁ ଏହି ଆବେଗ, ସବୁକିଛି ବାଧାବନ୍ଧ ଅତିକ୍ରମ କରି ଭଗବାନଙ୍କ ପରି ସର୍ବଜୟୀ, ସର୍ବଜ୍ଞ ଓ ସର୍ବସମର୍ଥ ହୋଇଉଠିବା ପାଇଁ ତା' ଭିତରେ ଏହି ପ୍ରେରଣା। ଉନ୍ନତି ଓ ବିକାଶର ପ୍ରବେଗ ଦ୍ୱାରା ଆଗେ ଯାଉ ଯାଉ ମଣିଷ ଯେତେବେଳେ ତାର ନିଜ ଭିତରେ ନିତ୍ୟବିରାଜମାନ ଭଗବତ୍ ଉପସ୍ଥିତିକୁ ସ୍ପର୍ଶ କରିବ, ତା' ଭିତରେ ଦିବ୍ୟ ସମ୍ପଦର ଅକ୍ଷୟ ଭଣ୍ଡାର ଖୋଲିଯିବ, ଜ୍ଞାନ, ଶକ୍ତି ଓ ଆନନ୍ଦର ଅନନ୍ତ ଉତ୍ସ ସହିତ ସେ ଯେତେବେଳେ ମିଳି ଏକ ହୋଇଯିବ, ସେତେବେଳେ ତା'ପାଇଁ ଅସମ୍ଭବ ବୋଲି ଆଉ କିଛି ରହି ନପାରେ। ତା'ପାଇଁ ଏପରିକିଛି ବାଧା ରହିବ ନାହିଁ ଯାହାକି ଅନତିକ୍ରମଣୀୟ, ଏପରିକିଛି କାର୍ଯ୍ୟ ରହିବ ନାହିଁ ଯାହାକି ଅସାଧ, ଏପରି କିଛି ଲକ୍ଷ୍ୟ ରହିବ ନାହିଁ ଯାହାକୁ ସିଦ୍ଧ କରିବା ପାଇଁ ସେ ଅକ୍ଷମ, ତା'ପାଇଁ ଅସମ୍ଭବ ଶବ୍ଦର ଆଉ କୌଣସି ଅର୍ଥ ରହିବ ନାହିଁ।

Be peaceful and quiet, give up the charge of everything to the Lord and you will be quite all right.

**–The Mother**

ଶାନ୍ତ ଏବଂ ସ୍ଥିର ହୁଅ, ସବୁକିଛିର ଦାୟିତ୍ୱ ପ୍ରଭୁଙ୍କୁ ଅର୍ପଣ କରିଦିଅ, ତୁମେ ସମ୍ପୂର୍ଣ୍ଣ ଠିକ୍ ହୋଇଯିବ।

**– ଶ୍ରୀମା**

# ସ୍ୱର୍ଗ-ଶିଶୁ ନିଶିକାନ୍ତ

**ଶ୍ରୀମତୀ ଝରଣା ଘୋଷାଲ**

ଶ୍ରୀମା ଓ ଶ୍ରୀଅରବିନ୍ଦ କହିଛନ୍ତି ଯେ ପୂର୍ଣ୍ଣ ଗଠିତ ଆତ୍ମାସକଳ ପୃଥିବୀ ପୃଷ୍ଠରେ ଜନ୍ମନେବା ପୂର୍ବରୁ ତାଙ୍କର ଜନ୍ମ, ପିତା, ମାତା, ପରିବେଶ ଓ ସର୍ବୋପରି ଭାବୀ କର୍ମକ୍ଷେତ୍ର ସ୍ୱେଚ୍ଛାରେ ବାଛିନେଇ ପାରନ୍ତି। ସେମାନେ କେଉଁ ଉଦ୍ଦେଶ୍ୟ ଓ ଉଦ୍ଦିଷ୍ଟ କର୍ମ ନିମନ୍ତେ ଆସିଛନ୍ତି ସେ ବିଷୟରେ ସଚେତନ ଥାଆନ୍ତି ଯଦିଚ ଜନ୍ମନେବା ପରେ ଜଡ଼ଜଗତ ସଂସ୍ପର୍ଶରେ ଆସି ବାହ୍ୟ ଚେତନା ଆଚ୍ଛନ୍ନ ହୋଇପଡ଼େ ତଥାପି ଅନୁକୂଳ ସମୟ ଓ ଅବସ୍ଥାରେ ସତ୍ୟଚେତନାର ଜାଗରଣ ହୁଏ। ଏହିପରି ଆତ୍ମାଗଣ କୌଣସି ନିର୍ଦ୍ଦିଷ୍ଟ କର୍ମ ନିମନ୍ତେ ଦୁଇଥର ଜନ୍ମଗ୍ରହଣ କରନ୍ତି ନାହିଁ। ପୂର୍ବଜନ୍ମର ଏକ ରାଜା ହୁଏତ ପରବର୍ତ୍ତୀ ଜୀବନରେ ସାଧାରଣ ମନୁଷ୍ୟଜନ୍ମ ନେଇପାରେ। ଇତିହାସର ପୃଷ୍ଠାରେ ଯାହାଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ, ସେ ହୁଏତ ଲୋକଚକ୍ଷୁ ଅନ୍ତରାଳରେ ରହି ଅଭିଜ୍ଞତା ସଞ୍ଚୟ କରିପାରେ। କୌଣସି ଆତ୍ମା ଭଗବତ୍ ଇଚ୍ଛା ପୂର୍ଣ୍ଣ କରିବା ନିମିତ୍ତ ଜନ୍ମଗ୍ରହଣ କରି ନିଜ କ୍ରିୟା ଶେଷ କରି ଚାଲିଯାଇ ପାରନ୍ତି ଏବଂ ଏହି ଯିବା ଆସିବାର ସୂକ୍ଷ୍ମ ତଥ୍ୟଟି ସାଧାରଣ ଭାବେ ଦୃଷ୍ଟିଗୋଚର ହୁଏ ନାହିଁ। ଏହିପରି ଏକ ଆତ୍ମାର ଅମର ଜୀବନର ଅମୃତମୟ କାହାଣୀ–

ପଶ୍ଚିମବଙ୍ଗର ୨୪ ପ୍ରଗଣା ଜିଲ୍ଲାରେ ବସିରହାଟ ସବ୍‌ଡିଭିଜନ୍ ଅନ୍ତର୍ଗତ ଶିବହାଟି ଗ୍ରାମର ଏକ ସମୃଦ୍ଧ ବର୍ଦ୍ଧିଷ୍ଣୁ ଜମିଦାରବଂଶରେ ୧୯୦୯ ମସିହାରେ ନିଶିକାନ୍ତଙ୍କର ଜନ୍ମ। ପିତାଙ୍କ ନାମ ବିଜୟ ଶଙ୍କର ରାୟଚୌଧୁରୀ ଓ ମାତାଙ୍କ ନାମ ସୌଦାମିନୀ। ପିତା ବିଜୟଶଙ୍କରଙ୍କର ଅଳ୍ପ ବୟସରୁ ଦୃଷ୍ଟିଶକ୍ତି ହ୍ରାସହେଲେ ସୁଦ୍ଧା ନିଜର ଅସାଧାରଣ ସ୍ମୃତିଶକ୍ତି ଓ ଶ୍ରୁତିଶକ୍ତି ପ୍ରଖର ଥିଲା। ଜନୈକ ଶିକ୍ଷକ ତାଙ୍କୁ ପାଠ୍ୟପୁସ୍ତକ ପଢ଼ି ଶୁଣାଉଥିଲେ ଏବଂ ତୀକ୍ଷ୍ଣ ମେଧାଶକ୍ତି ଫଳରେ ବି.ଏଲ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଉତ୍ତରପ୍ରଦେଶରେ ଦୀର୍ଘକାଳ ଓକିଲାତି କରିଥିଲେ। ଉତ୍ତରପ୍ରଦେଶରେ ଥିବା ହେତୁ ବାଲ୍ୟକାଳରେ ନିଶିକାନ୍ତ ବଙ୍ଗଳା ପରିବର୍ତ୍ତେ ହିନ୍ଦୀମିଶ୍ରିତ ବଙ୍ଗଳା କହୁଥିଲେ। ତିନି ଭାଇ ଓ ଦୁଇ ଭଉଣୀ ମଧ୍ୟରେ ସେ ଥିଲେ ଚତୁର୍ଥ। ପିତୃବଂଶ ମଧ୍ୟରେ ତାଙ୍କର ନିକଟସମ୍ପର୍କର କାକା ଭୁଜଙ୍ଗଧର ଚୌଧୁରୀ କବି ହିସାବରେ ବଙ୍ଗଳା ସାହିତ୍ୟ ଜଗତରେ ପ୍ରତିଷ୍ଠିତ। ଅଳ୍ପ କେତେ ବର୍ଷ ତଳେ ତାଙ୍କର ଶତବାର୍ଷିକୀ ଉଦ୍‌ଯାପିତ ହୋଇଛି। ମାତୁଳ ସତୀଶ ରାୟ ଶାନ୍ତିନିକେତନର ପ୍ରାକ୍ତନ ଶିକ୍ଷକ ହିସାବରେ ପରିଚିତ। ସେ ଏକ ଅଦ୍ଭୁତ ପ୍ରତିଭା–କିନ୍ତୁ ଦୁଃଖର ବିଷୟ ମାତ୍ର ୨୨ବର୍ଷ ବୟସରେ କବି ସତୀଶ ରାୟଙ୍କ କାବ୍ୟ-ପୁଷ୍ପ ପୂର୍ଣ୍ଣରୂପେ ବିକଶିତ ହେବା ମୁହୂର୍ତ୍ତରେ ବୃନ୍ତଚ୍ୟୁତ ହୁଏ। ତାଙ୍କ ରଚିତ କବିତା ଏବେ ସୁଦ୍ଧା ରସଜ୍ଞ ସମାଜରେ ସମାଦୃତ। ନିଶିକାନ୍ତଙ୍କର ଜନ୍ମ ସତୀଶ ରାୟଙ୍କ ମୃତ୍ୟୁର ଅଳ୍ପ କାଳ ପରେ ହୋଇଥିବାରୁ ତାଙ୍କ ପରିବାରର ପ୍ରାଚୀନଗଣଙ୍କ ଧାରଣା ଯେ, ସତୀଶ ରାୟହିଁ ନିଶିକାନ୍ତରୂପେ ଜନ୍ମ ନେଇଛନ୍ତି।

ବାଲ୍ୟବୟସରୁ ନିଶିକାନ୍ତଙ୍କ ଶରୀର ନାନା ରୋଗର ଆବାସସ୍ଥଳ ଥିଲା। ମାତା ମଧ୍ୟ ଚିରରୁଗ୍‌ଣା ଥିଲେ। ତିନିବର୍ଷ ବୟସରେ ମାତୃବିୟୋଗ ହେଲା। ଏହାପରେ ନିଶିକାନ୍ତ ଉତ୍ତରପ୍ରଦେଶରୁ ନିଜ ପୈତୃକ ଗ୍ରାମକୁ ଆସି ଖୁଡ଼ିଙ୍କ ପାଖରେ ଥିଲେ। ଏତେ ଅଳ୍ପ ବୟସରେ ତାଙ୍କର କଳ୍ପନାଶକ୍ତି ପ୍ରବଳ ଥିଲା। ତାଙ୍କର କାକାଝିଅ ଭଉଣୀ, ବୟସରେ ତାଙ୍କଠାରୁ ବେଶ୍ ବଡ଼, ତାଙ୍କୁ ପ୍ରାୟ ଆରବ୍ୟ ଉପନ୍ୟାସର କାହାଣୀ ଶୁଣାଉଥିଲେ। ସେହି ଦିଦିଙ୍କ ପାଖରେ ଆରବ୍ୟ ଉପନ୍ୟାସର ଚିତ୍ର ଦେଖି ଓ କାହାଣୀ ଶୁଣି ସେ ଏପରି ତନ୍ମୟ ହୋଇ ଯାଉଥିଲେ ଯେ ସତେ ଯେପରି ଅନ୍ୟ ଏକ ରାଜ୍ୟରେ ବିଚରଣ କରୁଛନ୍ତି ବୋଲି ମନେ ହେଉଥିଲା। ପ୍ରାୟ ୫ବର୍ଷ ବୟସରେ ଅଗ୍ରଜ ସୁଧାକାନ୍ତଙ୍କ ସହିତ ଶାନ୍ତିନିକେତନ ଆସିଲେ। ପଥରେ କଲିକତା ନଗରୀର ଆଲୋକୋଜ୍ଜ୍ୱଳ ସମାରୋହ, ବଡ଼ ବଡ଼ ପ୍ରାସାଦୋପମ ଅଟ୍ଟାଳିକା ଦେଖି ଦୃଢ଼ ଧାରଣା କରିଥିଲେ ଯେ, ସେ ଆରବ୍ୟ ଉପନ୍ୟାସ ବର୍ଣ୍ଣିତ ବାଗଦାଦ ନଗରୀରେ ପହଞ୍ଚି ଯାଇଛନ୍ତି। ଶାନ୍ତିନିକେତନରେ ପହଞ୍ଚିବା ପରେ ଦିନେ ପ୍ରଣାମ ଉଦ୍ଦେଶ୍ୟରେ ସୁଧାକାନ୍ତ ନିଶିକାନ୍ତଙ୍କୁ ଗୁରୁଦେବ ରବୀନ୍ଦ୍ରନାଥଙ୍କ ପାଖକୁ ନେଇଗଲେ, କିନ୍ତୁ ଆଶ୍ଚର୍ଯ୍ୟ! ବାଳକ ନିଶିକାନ୍ତ ପ୍ରଣାମ ପରିବର୍ତ୍ତେ ଏକ ଦୃଷ୍ଟିରେ କାଷ୍ଠବତ୍ ହୋଇ ରବୀନ୍ଦ୍ରନାଥଙ୍କୁ ଚାହିଁ ରହିଥାଏ। ଏତାଦୃଶ ବ୍ୟବହାରରେ ଗୁରୁଦେବ ସୁଧାକାନ୍ତଙ୍କୁ ପଚାରିଲେ, "ତା'ର କ'ଣ ହେଲା?" ପାଖକୁ ଆସି ସୁଧାକାନ୍ତ ପଚାରିବାରୁ ଉତ୍ତରରେ ସେ କହିଲେ, "ସେ ତ ଗୁରୁଦେବ ନୁହଁନ୍ତି। ଖଲିଫା ହାରୁନ୍-ଅଲ୍-

ରସିଦ୍।" ସୁଧାକାନ୍ତ ହସି ହସି ଗୁରୁଦେବଙ୍କୁ କହିଲେ ଯେ ତା' ମନ ଏବେ ସୁଦ୍ଧା ଆରବ୍ୟ ଉପନ୍ୟାସରେ ରହିଛି। ମନେମନେ ନିଶିକାନ୍ତ ଭାବୁଥା'ନ୍ତି, "ଆମ ଗ୍ରାମର ଗୁରୁଦେବ ତ' କାନ୍ଧରେ ପଇତା, ମୁଣ୍ଡରେ ଚିତା ଓ ଦେହରେ ନାମାବଳୀର ଚାଦର ପକାଇ ପୂଜା କରିବାକୁ ଆସନ୍ତି। ଇଏତ ସେହିପରି ନୁହଁନ୍ତି। ଇଏ ହାରୁନ୍-ଅଲ୍-ରସିଦ୍। ଠିକ୍ ଆରବ୍ୟ ଉପନ୍ୟାସର ବର୍ଣ୍ଣନା ଅନୁସାରେ ଲମ୍ବା ପୋଷାକ, ମୁହଁରେ ଦାଢ଼ି ନିଶ ସବୁ ଅଛି। ଦାଦା କିଛି ଜାଣେନି।"

ସର୍ବଦା ମ୍ୟାଲେରିଆ ଜ୍ୱର ଭୋଗୁଥିବା ଫଳରେ ଦିନେ ସ୍କୁଲ ଗଲେ ଚାରିଦିନ ଛୁଟି, ଅଗତ୍ୟା ସ୍କୁଲ ଶିକ୍ଷା ସମ୍ପୂର୍ଣ୍ଣରୂପେ ଛାଡ଼ିବାକୁ ପଡ଼ିଥିଲା, କିନ୍ତୁ ସେ ବରାବର ନାନା ବହିପତ୍ର ପଢୁଥିଲେ। ବିଶେଷ କରି ବଡ଼ ବଡ଼ କବି ଓ ସାହିତ୍ୟିକମାନଙ୍କ ରଚନା ସେ ବୟସରେ ଦୁର୍ବୋଧ ହେଲେ ମଧ୍ୟ ଆକର୍ଷଣୀୟ ଥିଲା। ଶାନ୍ତିନିକେତନର ପ୍ରାକୃତିକ ସୌନ୍ଦର୍ଯ୍ୟ ତାଙ୍କୁ ମୋହିତ କରିଥିଲା। ସେହି ସମୟରୁ ସେ ଶାଳବନ ମଧ୍ୟରେ ବୁଲିବୁଲି ଅନେକ କବିତା ରଚନା କରନ୍ତି ଏବଂ ଏଗୁଡ଼ିକ ଗୁରୁଦେବଙ୍କୁ ଦେଖାନ୍ତି। ପିଲାବେଳୁ ତାଙ୍କ ମଧ୍ୟରେ ଆଉ ଏକ ଗୁଣ ପ୍ରବଳଭାବେ ଦେଖାଯାଇଥିଲା–ଖାଦ୍ୟ ପ୍ରତି ବିଶେଷ ଆକର୍ଷଣ। ସେହି କାରଣରୁ ସେ ଲୋଭୀ ହିସାବରେ ମଧ୍ୟ ବିଖ୍ୟାତ। ଗୁରୁଦେବ ଏହି କାରଣରୁ ଅନେକ ଥର ନିଜ ସହିତ ପ୍ରାତଃଭୋଜନ ପାଇଁ ନିମନ୍ତ୍ରଣ କରି ତାଙ୍କ ମଧ୍ୟରେ ଥିବା 'କବି'-ପ୍ରତିଭା ସମ୍ବନ୍ଧରେ ଅନେକ ଆଲୋଚନା କରନ୍ତି ଓ ଉତ୍ସାହ ଦିଅନ୍ତି। ରବୀନ୍ଦ୍ରନାଥ ସ୍ନେହରେ ଶିଶୁ-କବିଟିକୁ 'ଚାନ୍ଦ୍‌କବି' ବୋଲି ଡାକନ୍ତି। ତେଣୁ ଆଜିସୁଦ୍ଧା ଶାନ୍ତିନିକେତନରେ 'ଚାନ୍ଦକବି' କହିଲେ ନିଶିକାନ୍ତଙ୍କୁହିଁ ସମସ୍ତେ ବୁଝନ୍ତି। ଶାନ୍ତିନିକେତନର 'କଳାଭବନ'ରେ ଶିଳ୍ପୀ ନନ୍ଦଲାଲ ବସୁଙ୍କ ପାଖରେ ସେ ଚିତ୍ରାଙ୍କନର ଶିକ୍ଷା କରନ୍ତି। ଅଳ୍ପକାଳ ମଧ୍ୟରେ ଜଣେ ସୁଯୋଗ୍ୟ ଶିଷ୍ୟ ଭାବରେ ଶାନ୍ତିନିକେତନରେ ପ୍ରତିଷ୍ଠା ଲାଭ କରନ୍ତି।

ଶାନ୍ତିନିକେତନର ଅବକାଶ ସମୟରେ ସେ ନିଜ ଗ୍ରାମ ଶିବହାଟି ଯାଆନ୍ତି। ଗ୍ରାମପ୍ରାନ୍ତର ନିଭୃତ ନିର୍ଜନ ଗୋରାତଲା ଶ୍ମଶାନର ପରିବେଶ ତାଙ୍କୁ ଭଲ ଲାଗେ। ସେହି ଶ୍ମଶାନ ମଧ୍ୟରେ 'ଯୋଡ଼ାବଟ' ନାମରେ ଦୁଇଟି ବିରାଟକାୟ ବରଗଛ ପାଖାପାଖି ହୋଇ ଚାରିଆଡ଼େ ଦୀର୍ଘବାହୁ ବିସ୍ତାର କରି ଏକ ଭୟଙ୍କର ନିସ୍ତବ୍ଧତା ପ୍ରଚାର କରେ। ଦିନ ଦ୍ୱିପ୍ରହର ସମୟରେ ସାହସୀ ବୟସ୍କ ଲୋକ ସେ ସ୍ଥାନକୁ ଯିବାକୁ ସାହସ କରନ୍ତି ନାହିଁ। କିନ୍ତୁ ଏଇ ନିର୍ଭୀକ ନିଶିକାନ୍ତ ଦିନେ ଦିନେ ହଠାତ୍ ଘରୁ ଅଦୃଶ୍ୟ ହୋଇ 'ଯୋଡ଼ାବଟ' ତଳେ ବସି କବିତା ଲେଖୁଥା'ନ୍ତି। ସେ ସମୟରେ ତାଙ୍କର ସମୟଜ୍ଞାନ ନଥାଏ, ବାହ୍ୟଜ୍ଞାନ ଶୂନ୍ୟ ହୋଇ ସେ ଏପରି ତନ୍ମୟ ହୋଇ ଯାଇଥାନ୍ତି ଯେ, ବହୁ ଖୋଜାଖୋଜି ପରେ ଆତ୍ମୀୟସ୍ୱଜନ ତାଙ୍କୁ ଆବିଷ୍କାର କରି ପ୍ରାୟ ଟେକିନେଇ ଚାଲିଆସନ୍ତି।

କବି ହିସାବରେ ନିଶିକାନ୍ତ ଶାନ୍ତିନିକେତନରେ ଯେପରି ପରିଚିତ ଥିଲେ ସେହିପରି ନିଜର ଦୁଷ୍ଟବୁଦ୍ଧି ଯୋଗୁଁ ସର୍ବଜନବିଦିତ ଥିଲେ। ଗୁରୁଦେବଙ୍କ ଦ୍ୱାରା ସିଂହଳରୁ ଆନୀତ ନଡ଼ିଆଗଛର ସୁଦୃଶ୍ୟ ପଇଡ଼ ଦେଖି ନିଜ ଲୋଭ ସମ୍ବରଣ କରି ନପାରି ଗଛରେ ଚଢ଼ି ଏକ ତୀକ୍ଷ୍ଣ ଛୁରୀ ସାହାଯ୍ୟରେ ପଇଡଟି ଛିଦ୍ର କରି ତା' ମଧ୍ୟରେ କାଉଁରିଆ କାଠି ଦେଇ ପାଣି ପିଇ ସୁଧାର ବାଳକ ପରି ଗଛରୁ ଓହ୍ଲାଇ ଆସୁଥିଲେ। ଅବଶ୍ୟ ପରେ ଘଟଣାଟି ଗୁରୁଦେବଙ୍କ କର୍ଣ୍ଣଗୋଚର ହୋଇଥିଲା। ଅନ୍ୟ ଏକ ଘଟଣା–ଗୁରୁଦେବ ନିଜ ରଚିତ ନାଟକର ରିହର୍ସାଲ କରାଉଥାନ୍ତି। ବନ୍ଧୁମାନଙ୍କ 'ରସଗୋଲା' ପୁରସ୍କାର ଲାଭର ପ୍ରରୋଚନାରେ ଷ୍ଟେଜ୍ ରିହର୍ସାଲ ସମୟରେ ବୀରଭୂମର ପ୍ରଚଳିତ ଭାଷାରେ "ବଲିହାରୀବାବା, ବଲିହାରୀବାବା" ବୋଲି ଚିତ୍କାର କରିଉଠିଲେ। (ବୀରଭୂମରେ ଚଳିତ ବଙ୍ଗଳା ଶୁଦ୍ଧ ନୁହେଁ ବୋଲି ଗୁରୁଦେବଙ୍କ କଡ଼ା ନିର୍ଦ୍ଦେଶ ଥିଲା ଯେ, କେହି ଯେପରି ସେହି ଭାଷା ବ୍ୟବହାର ନକରନ୍ତି।) ଗୁରୁଦେବ ରାଗିଯାଇ ସେଦିନର ରିହର୍ସାଲ ବନ୍ଦ କରିଦେଲେ। ତା'ପରଦିନ ଡାକପଡ଼ିଲା ନିଶିକାନ୍ତଙ୍କୁ। କମ୍ପିତ ପଦରେ ଯାଇ ଠିଆହେଲେ ଗୁରୁଦେବଙ୍କ ସମ୍ମୁଖରେ। ଗୁରୁଦେବ କହିଲେ, "କାଲିର ସନ୍ଧ୍ୟାଟା ମୋର ମାଟି କରିଦେଲୁ, ଏ ବୁଦ୍ଧି ତ' ତୋର ନୁହେଁ–କହ କାହିଁକି ଏପରି କଲୁ?" ନିର୍ଭୟରେ ଜବାବ ମିଳିଲା, "ସାଙ୍ଗମାନେ କହିଥିଲେ ମୁଁ ଚିତ୍କାର କରିପାରିଲେ ରସଗୋଲା ଖୁଆଇବେ, ସେଥିପାଇଁ ମୁଁ ପାଟି କରିଥିଲି।" ଗୁରୁଦେବ କହିଲେ, "ତୋର ଲୋଭ ରିପୁଟା ପ୍ରବଳ, ଆଚ୍ଛା କେତେ ରସଗୋଲା ଖାଇବୁ ଖା" କହି, ସେଦିନ ପ୍ରାୟ ବଡ଼ ବଡ଼ ୧୨ଟି ରସଗୋଲା ଖୁଆଇଦେଲେ। ନିଶିକାନ୍ତଙ୍କ ଭାଷାରେ "ମୋର ଦୁଇଆଡୁ ଲାଭ ହୋଇଥିଲା।"

ନିଶିକାନ୍ତଙ୍କ ଅଗ୍ରଜ ସୁଧାକାନ୍ତ ମଧ୍ୟ ଜଣେ ସାହିତ୍ୟିକ ଥିଲେ। ବୀରଭୂମ ଜିଲ୍ଲାର 'ସିଉଡ଼ି'ଠାରେ ସେ କିଛିଦିନ ପାଇଁ ଏକ ଗୀର୍ଜାରେ ବାଇବେଲ୍‌ର ସୁସମାଚାର ରଚନାର କାର୍ଯ୍ୟଭାର ଗ୍ରହଣ କରିଥିଲେ। ଗୀର୍ଜାର ବିଶପ୍ ତାଙ୍କର ଏହି ପ୍ରତିଭାର ଯଥେଷ୍ଟ ମୂଲ୍ୟ ଦେଇ ସେସମୟର ନାନା ପତ୍ରପତ୍ରିକାରେ ଲେଖା ପ୍ରକାଶର ଯତ୍ନ ନେଇଥିଲେ। ସିଉଡ଼ିରେ ଥିବା ସମୟରେ ନିଶିକାନ୍ତଙ୍କର ପିତୃବିୟୋଗ ଘଟିଲା। ଦିନେ ଏକ ଅଜଣା ବୈରାଗ୍ୟର ବଶବର୍ତ୍ତୀ ହୋଇ ସେ ଗୃହତ୍ୟାଗ କଲେ। ଜଣେ ସନ୍ୟାସୀଙ୍କ ସହିତ ତାଙ୍କର ସାକ୍ଷାତ ହୁଏ। ସନ୍ୟାସୀଙ୍କୁ ଦୀକ୍ଷା ଦେବା ପାଇଁ ଅନୁରୋଧ କରିବାରୁ ପ୍ରଥମେ ସେ ରାଜିହେଲେ ନାହିଁ,

ବାରମ୍ବାର ଅନୁରୋଧ ଫଳରେ ସେଦିନ ସନ୍ୟାସୀ ଭବିଷ୍ୟତବାଣୀ କରିଥିଲେ– "ମୁଁ ତୋତେ ଦୀକ୍ଷା ଦେଇ ପାରିବି ନାହିଁ,ତୋ ପଶ୍ଚାତ୍‌ରେ ସାକ୍ଷାତ ମହାଶକ୍ତି, ମହେଶ୍ୱର ଓ ରବୀନ୍ଦ୍ରନାଥଙ୍କୁ ଦେଖିପାରୁଛି। ସେମାନେ ତୋର ପଥ ନିର୍ଦ୍ଦେଶ କରିବେ।" ସେଥରର ବୈରାଗ୍ୟଯାତ୍ରା ତାଙ୍କର ସଫଳ ହେଲା ନାହିଁ। ତାଙ୍କୁ ସିଉଡ଼ି ଫେରି ଆସିବାକୁ ପଡ଼ିଥିଲା। ଗୁରୁଦେବଙ୍କ ଅନୁରୋଧକ୍ରମେ ସୁଧାକାନ୍ତ ଚାକିରିରୁ ଇସ୍ତଫା ଦେଇ ଶାନ୍ତିନିକେତନ ଫେରିଆସିଲେ ପରିବାର ସହିତ।

ଶ୍ରୀଅରବିନ୍ଦଙ୍କ ନାମ ସେ ପିତାଙ୍କ ମୁଖରୁ ଶୈଶବରେ ଶୁଣିଥିଲେ ଜଣେ ବିପ୍ଳବୀ ହିସାବରେ। ଶାନ୍ତିନିକେତନରେ ଗୁରୁଦେବଙ୍କ ଅଗ୍ରଜ ଦେବେନ୍ଦ୍ରନାଥ ଠାକୁରଙ୍କ ପାଖରୁ ମଧ୍ୟ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧରେ ଜାଣିଥିଲେ। ସିଉଡ଼ିରୁ ଫେରିବା ପରେ ଶ୍ରୀଅରବିନ୍ଦଙ୍କ ଲିଖିତ କେତେକ ପୁସ୍ତକ ପାଠ କରନ୍ତି ଓ ଏଗୁଡ଼ିକ ତାଙ୍କୁ ଖୁବ୍ ଭଲ ଲାଗିଥିଲା। ଏହି ସମୟରେ ଶାନ୍ତିନିକେତନରେ ନିରାମିଷ ଆହାରର ବ୍ୟବସ୍ଥା ଥିଲା। ସମସ୍ତ ସଂସ୍କାରର ଭିତ୍ତି ନାଶ କରିବା ଉଦ୍ଦେଶ୍ୟରେ ନିଶିକାନ୍ତ କେତେକ ବନ୍ଧୁଙ୍କ ସହଯୋଗରେ 'ସଂସ୍କାର ନିବାରିଣୀ ସମିତି' ଗଠନ କରି ଆଶ୍ରମ ସୀମା ବାହାରେ ଗୋମାଂସ ରନ୍ଧନ କରିଥିଲେ। ଏହା ଫଳରେ ଶାନ୍ତିନିକେତନର ବ୍ରାହ୍ମ ଶିକ୍ଷକଗଣ ତାଙ୍କ ପ୍ରତି ବିରୂପ ହୋଇଥିଲେ।

ନିଶିକାନ୍ତଙ୍କର ଶୈଶବ ଅତିବାହିତ ହୋଇଛି ରୋଗଯନ୍ତ୍ରଣା ମଧ୍ୟରେ। ତାରୁଣ୍ୟରେ ହାରୁନ୍-ଅଲ୍-ରସିଦ୍‌ଙ୍କ ସାମ୍ରାଜ୍ୟରେ ମଧ୍ୟ ରୋଗ ତାଙ୍କୁ ନିଜ କବ୍‌ଜାରେ ଦୃଢ଼ ଭାବରେ ଧରି ରଖିଥିଲା। ସେ ସମୟରେ ମ୍ୟାଲେରିଆ, ପ୍ଲୀହା, ଲିଭର ବଢ଼ିବା ଫଳରେ ରକ୍ତଶୂନ୍ୟତା ହେତୁ ଦେହ ଦୁର୍ବଳ ହେଲେ ସୁଦ୍ଧା ଦୁର୍ଦ୍ଧର୍ଷ ପ୍ରାଣଶକ୍ତିକୁ ସ୍ପର୍ଶ କରିପାରୁ ନଥିଲା। ଶାନ୍ତିନିକେତନରୁ ପ୍ରକାଶିତ ଏକ ହାତଲେଖା ପତ୍ରିକାରେ ସେ 'ଗଗନବିହାରୀ' ଛଦ୍ମନାମରେ କବିତା ଲେଖୁଥିଲେ କିନ୍ତୁ ଗୁରୁଦେବ 'ଗଗନବିହାରୀ' ଅନ୍ତରାଳରେ ପ୍ରିୟ 'ଚାନ୍ଦକବି'ଙ୍କୁ ଚିହ୍ନିବାରେ କେବେହେଁ ଭୁଲ କରୁ ନଥିଲେ। କାବ୍ୟ ପ୍ରତିଭା ସଦୃଶ ଆଉ ଏକ ପ୍ରତିଭାର ସେ ଅଧିକାରୀ ଥିଲେ–ଦୃଶ୍ୟ ଜଗତରେ ଥାଉ ଅଦୃଶ୍ୟ ଜଗତର କ୍ରିୟା ସୂକ୍ଷ୍ମଦର୍ଶନରେ ସେହି ବୟସରୁ ଦେଖିପାରୁଥିଲେ। ସୂକ୍ଷ୍ମ ଜଗତର ବର୍ଣ୍ଣନା କବିତା ମଧ୍ୟରେ ପ୍ରକାଶ ପାଉଥିଲା। ଥରେ ଗୁରୁଦେବ କହିଥିଲେ, "ଏସବୁ ତୁ ପାଉ କେଉଁଠାରୁ?" ନିଶିକାନ୍ତଙ୍କର ପ୍ରାଣଜଗତ ସହିତ ନିବିଡ଼ ସମ୍ବନ୍ଧ ଥିଲା। ସେହି ସ୍ତରରୁ ସମସ୍ତ କବିତା ସ୍ରୋତସ୍ୱିନୀ ପରି ତାଙ୍କ ଚେତନାରେ ପ୍ରବାହିତ ହେଉଥିଲା।

ତୀବ୍ର ବୈରାଗ୍ୟର ବଶବର୍ତ୍ତୀ ହୋଇ –ସମସ୍ତ କବିତାର ପାଣ୍ଡୁଲିପି ଜଳାଇ, ଚିତ୍ରପଟଗୁଡ଼ିକୁ ବନ୍ଧୁମାନଙ୍କ ମଧ୍ୟରେ ବିତରଣ କରି ଏବଂ ଖଣ୍ଡିଏ ଚିତ୍ରପଟର ବିକ୍ରୟଲବ୍ଧ ଟଙ୍କା ନେଇ ହଠାତ୍ ଦିନେ ସେ ଶାନ୍ତିନିକେତନରୁ ନିରୁଦ୍ଦେଶ ହୋଇଗଲେ। ପ୍ରଥମେ ବୁଦ୍ଧଗୟା, ପରେ ବାରାଣସୀ ଓ ଶେଷରେ ପଣ୍ଡିଚେରୀରେ ୧୯୩୪ ମସିହା ଫେବୃୟାରୀ ମାସରେ ଆସି ପହଞ୍ଚିଲେ। ଷ୍ଟେସନରେ ଓହ୍ଲାଇଲାବେଳେ ଏକ ଅପାର୍ଥିବ ଶାନ୍ତି ଓ ଆନନ୍ଦ ତାଙ୍କ ମନ-ପ୍ରାଣରେ ଭରି ଯାଇଥିଲା।

ଆଶ୍ରମରେ ରହିବାକୁ ଅନୁମତି ପ୍ରାର୍ଥନା କରି ଶ୍ରୀଅରବିନ୍ଦଙ୍କୁ ଜଣାଇବାରୁ, ଶ୍ରୀଅରବିନ୍ଦ ଦିଲୀପ ରାୟଙ୍କୁ ଲେଖିଲେ, "ଆମ ଯୋଗର ପଥ ନିଶିକାନ୍ତର ନୁହେଁ, ତାକୁ ଅନ୍ୟତ୍ର ଯିବାକୁ କୁହ।" କିନ୍ତୁ ନିଶିକାନ୍ତ ନିଜ ବିଶ୍ୱାସରେ ଅଚଳ, ଅଟଳ। ପ୍ରାୟ ପାଞ୍ଚମାସ ପରେ ଶ୍ରୀଅରବିନ୍ଦ କହିଲେ, "ତା'ହେଲେ ତାକୁ କୁହ ଯେ ଏଠାରେ ତାକୁ ଭୟାନକ କଷ୍ଟ ଭୋଗିବାକୁ ପଡ଼ିବ।" ସେହିଦିନୁ ନିଶିକାନ୍ତ କଷ୍ଟ ଭୋଗିବାର ସମ୍ମତି ଦେଇ ଗ୍ରହଣ କରିନେଲେ ଶ୍ରୀଅରବିନ୍ଦଙ୍କୁ ଗୁରୁରୂପେ।

ଏହାପରେ ଆରମ୍ଭ ହେଲା ତାଙ୍କର କର୍ମଯୋଗ। ଆଶ୍ରମର ଡାଇନିଂ ହଲ୍‌ରେ ତାଙ୍କୁ ରନ୍ଧନର କାର୍ଯ୍ୟ ଦିଆଗଲା। ସେହି ସୁଯୋଗରେ ସେ ନାନା ରକମର ମିଷ୍ଟାନ୍ନ, କେକ୍, ବିସ୍କୁଟ୍ ଆଦି ପ୍ରସ୍ତୁତ କରି ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କୁ ଖୁଆଇଛନ୍ତି। ତାଙ୍କ ରନ୍ଧନର ପାରଦର୍ଶିତା ସମ୍ବନ୍ଧରେ ପୁରାତନ ଆଶ୍ରମବାସୀମାନେ ଏବେ ସୁଦ୍ଧା ପ୍ରଶଂସା ଓ ଗଳ୍ପ କରନ୍ତି। ଏହି ସମୟରେ ସାଂଘାତିକ ଗ୍ୟାସ୍ଟିକ ଅଲ୍‌ସର୍ ଭୋଗିବା ଯୋଗୁଁ ତାଙ୍କୁ କର୍ମଯୋଗରୁ ଅବ୍ୟାହତି ମିଳିଲା। ଡାକ୍ତରମାନେ ତାଙ୍କର ସଙ୍କଟାପନ୍ନ ଅବସ୍ଥା ସମୟରେ ଯେତେବେଳେ ସମ୍ପୂର୍ଣ୍ଣ ଆଶା ଛାଡ଼ି ଦେଇଥିଲେ, କେବଳ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଆଶୀର୍ବାଦ ଓ ଆତ୍ମବିଶ୍ୱାସ ଫଳରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପାରିଥିଲେ। ରୋଗ ପ୍ରତି ତାଙ୍କର ଆଦୌ ଭ୍ରୂକ୍ଷେପ ନଥିଲା। ଅଲ୍‌ସର୍ ସମ୍ପୂର୍ଣ୍ଣରୂପେ ଭଲ ହୋଇ ନଥାଏ, ଥରେ ଦଶ ମାଇଲ ଚାଲି ଚାଲି ବୁଲି ଆସିଲେ। ଶ୍ରୀମା ଏକଥା ଶୁଣି କହିଲେ, "ତୁମେ କେଉଁ ସାହସରେ ଏ କାଣ୍ଡ କଲ?" ନିର୍ଭୟ ନିଶିକାନ୍ତ ଜବାବ ଦେଲେ, "କାହିଁକି ମା, ମୁଁ ତ' ମହାକାଳୀର ସନ୍ତାନ।" ମା କହିଲେ, "Then it is all right."

କଣ୍ଟାତାରରେ ଘେରା ଜୀବନ ତାଙ୍କର, ତଥାପି ହୃଦୟଟି ସଦାସତେଜ ପ୍ରାଣପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ। ହୃତ୍‌ପିଣ୍ଡକୁ ବର୍ଷେ ଦେଢ଼ବର୍ଷ ପର୍ଯ୍ୟନ୍ତ ପ୍ରଚୁର ରକ୍ତକ୍ଷରଣ ଫଳରେ ତାଙ୍କର ଦେହ ଦୁର୍ବଳ ହୋଇପଡିଲା ଏବଂ ସେହି ସଙ୍ଗେ ବହୁମୂତ୍ରରୋଗ ଆକ୍ରମଣ କଲା। ଅମାନୁଷିକ ଯନ୍ତ୍ରଣା ହେଲେ ମଧ୍ୟ ଅନେକ ଥର ଡାକ୍ତରଙ୍କୁ ଖବର ଦେଇ ନାହାନ୍ତି। ଖବର ନଦେବାର କାରଣ ପଚାରିଲେ କହନ୍ତି, ମା'କହିଛନ୍ତି ଡାକ୍ତରଙ୍କ କଥା ମାନିବାକୁ, କିନ୍ତୁ ଡାକ୍ତରଙ୍କ କଡ଼ା ନିୟମାନୁସାରେ ଦେହର ଦୁର୍ବଳତା ମନକୁ ସଂକ୍ରମିତ କରେ। ବେଶୀ କଷ୍ଟ ହେଲେ ମା'ଙ୍କ ପାଖରୁ ଆଶୀର୍ବାଦ ପୁଷ୍ପ ଆସେ, ଫୁଲ ପ୍ୟାକେଟ୍‌ଟି ଛାତି

ପକେଟରେ ରଖିଦେଇ ପ୍ରାର୍ଥନା କରନ୍ତି, 'ମା', ମୁଁ ତୁମ ପାଖରେ Surrender କରିବାକୁ ଆସିଲି, ଆଉ କ'ଣ ପୁଣି ମୋତେ ଡାକ୍ତରମାନଙ୍କ ପାଖରେ Surrender କରିବାକୁ ପଡିବ। ମା' ଓ ଶ୍ରୀଅରବିନ୍ଦଙ୍କ ଆଶୀର୍ବାଦ ଫଳରେ ଦଶବର୍ଷ ଲଢ଼ାଇ କରି ଟି.ବି. ମଧ୍ୟ ଭଲ ହୋଇଗଲା। ଏପରିଭାବେ ଭଲ ହୋଇଥିଲା ଯେ ତାହା ଡାକ୍ତରଙ୍କ ଧାରଣାର ବାହାରେ। ତାଙ୍କ ରୋଗଯନ୍ତ୍ରଣାରେ ବ୍ୟଥିତ ହୋଇ କେହି ତାଙ୍କୁ ସମବେଦନା ଜଣାଇଲେ ପ୍ରତ୍ୟୁତ୍ତରରେ କହିଛନ୍ତି "ଶ୍ରୀଅରବିନ୍ଦ ତ' ମୋତେ ପୂର୍ବରୁ ସାବଧାନ କରି ଦେଇଛନ୍ତି।"

ବିବିଧ ରୋଗ ସହିତ ନିର୍ବିକାର ଭାବରେ ଯୁଦ୍ଧ କରିବାର ସେ ଉଜ୍ଜ୍ୱଳ ନମୂନା ଦେଖାଇଛନ୍ତି। ତାଙ୍କ ଦେହ ନାନା ବ୍ୟାଧିର ଯୁଦ୍ଧକ୍ଷେତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ। ନିଶିକାନ୍ତଙ୍କର ସୂକ୍ଷ୍ମଦୃଷ୍ଟି ସମ୍ବନ୍ଧରେ ମା' ତାଙ୍କର ଆଶ୍ରମ ପ୍ରବେଶ ମୁହୂର୍ତ୍ତରେ ଭବିଷ୍ୟତବାଣୀ କରିଥିଲେ, "ସେ ସୂକ୍ଷ୍ମଜଗତର ଅନେକ କିଛି ଦେଖିପାରିବେ ଓ ଶୁଣିପାରିବେ।" ମା'ଙ୍କୁ ସାକ୍ଷାତ୍ ଦର୍ଶନ କରିବା ପୂର୍ବରୁ ମଧ୍ୟ ତାଙ୍କୁ ସେ vision ଦ୍ୱାରା ଦେଖି ପାରିଥିଲେ। ଥରେ ନିଶିକାନ୍ତଙ୍କ ସାଧକବନ୍ଧୁ ନୀରଦବରଣ ଶ୍ରୀଅରବିନ୍ଦଙ୍କୁ ଲେଖିଥିଲେ, "ନିଶିକାନ୍ତ ଏତେ vision ଦେଖେ, କାହିଁ ମୁଁ ତ' ଗୋଟେ ମୂଷା ମଧ୍ୟ ଦେଖି ପାରେନି।" ଉତ୍ତରରେ ଶ୍ରୀଅରବିନ୍ଦ ଲେଖିଲେ– "You must have the faculty of vision for it."

ଶ୍ରୀଅରବିନ୍ଦଙ୍କ ଜନ୍ମ ଶତବାର୍ଷିକୀ ଦିନଠାରୁ ସେ ଅସୁସ୍ଥ ହୋଇପଡ଼ିଲେ। ତିନିମାସ ଡାକ୍ତରଖାନାରେ ରହି ଘରକୁ ଫେରିଆସିଲେ ସୁଦ୍ଧା ପୂର୍ବର ସ୍ୱାସ୍ଥ୍ୟ ଓ ଶକ୍ତି ଆଉ ଫେରିନାହିଁ। ତୀବ୍ର ଯନ୍ତ୍ରଣା ସମୟରେ ମା'ଙ୍କୁ ପ୍ରାର୍ଥନା କଲେ– "ମା, ଶ୍ରୀଅରବିନ୍ଦଙ୍କ ଶତବାର୍ଷିକୀ ଦେଖିଲି, ଏଥର ମୋତେ ଟାଣିନିଅ, ତୁମର ଶତବାର୍ଷିକୀ ମୁଁ ସର୍ଭିସ ଗଛର ଡାଳରେ ବସି ଦେଖିବି।"

ହସ୍‌ପିଟାଲର ରୋଗଶଯ୍ୟାରେ ଶୋଇ ଶୁଶ୍ରୂଷାକାରିଣୀମାନଙ୍କ ସହିତ ହାସ୍ୟରସ କରିବାକୁ କେବେବି ସେ କ୍ଳାନ୍ତିବୋଧ କରୁନଥିଲେ। ସେମାନଙ୍କୁ କହନ୍ତି, "ତୁମ ମଧ୍ୟରେ କିଏ ବିବାହିତା ବା ବିବାହସଙ୍କଳ୍ପିତା କୁହ, କାରଣ ମୁଁ ଯାହା ଗର୍ଭରେ ହେଲେ ଜନ୍ମ ନେଇପାରେ।" ବନ୍ଧୁବାନ୍ଧବମାନଙ୍କୁ ସେ ପ୍ରାୟ କହୁଥିଲେ – "ଦେଖିବ, ମୁଁ ପୁନରାୟ ଉତ୍ତମ ସ୍ୱାସ୍ଥ୍ୟ ନେଇ ମା'ଙ୍କ Green Groupକୁ ଫେରି ଆସିବି।" ଆମେ ଚିହ୍ନିପାରିବୁ କିପରିର ଉତ୍ତରରେ ସେ କହିଥିଲେ,

"When I shall get reborn you will easily recognise me. You have only to look for a child who is extremely greedy."

ସେହି ନିଶିକାନ୍ତ ୧୯୭୩ ମସିହା ମେ ମାସ୨୦ ତାରିଖ ରାତି ଦଶଟା ବେଳେ ଇହଧାମ ତ୍ୟାଗ କଲେ। ରବୀନ୍ଦ୍ରନାଥଙ୍କ ମାନସପୁତ୍ର, ଶ୍ରୀଅରବିନ୍ଦଙ୍କ କବି-ଶିଷ୍ୟ ତାଙ୍କର ମରଦେହ ଛାଡ଼ି ଚାଲିଗଲେ। ଚାଲିଯିବାର ପୂର୍ବ ମୁହୂର୍ତ୍ତରେ ମଧ୍ୟ ଶ୍ରୀମା, ଶ୍ରୀଅରବିନ୍ଦଙ୍କ ନାମ ଉଚ୍ଚାରଣ କରି କରି ବହୁ ଯତ୍ନରେ ସାଇତା ମା'ଙ୍କ ଆଶୀର୍ବାଦ ପୁଷ୍ପର ପ୍ୟାକେଟଗୁଡ଼ିକୁ ଛାତି ଉପରେ ଜାକିଧରି ଶେଷ ନିଃଶ୍ୱାସ ତ୍ୟାଗ କଲେ। ସେ ଚାଲିଗଲେ ସତ, କିନ୍ତୁ ରଖିଗଲେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ପ୍ରତି ଅଚଳ, ଅଟଳ, ଅନାବିଳ ଆତ୍ମ ସମର୍ପଣ ଓ ଭକ୍ତିର ଉଜ୍ଜ୍ୱଳ ଦୃଷ୍ଟାନ୍ତସ୍ୱରୂପ କଳ୍ପନାତୀତ କାବ୍ୟର ନନ୍ଦନକାନନ।

ନିଶିକାନ୍ତଙ୍କର ଜୀବନବ୍ୟାପୀ ସାଧନା ଲକ୍ଷ୍ୟ କଲେ ଗୀତୋକ୍ତ ଶ୍ରୀକୃଷ୍ଣଙ୍କ ବାଣୀ ମନେପଡ଼େ ଯେପରି-

ଯେ ତୁ ସର୍ବାଣି କର୍ମାଣି ମୟି ସଂନ୍ୟସ୍ୟ ମତ୍ପରାଃ।
ଅନନ୍ୟେନୈବ ଯୋଗେନ ମାଂ ଧ୍ୟାୟନ୍ତ ଉପାସତେ।।
ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁ ସଂସାରସାଗରାତ୍।
ଭବାମି ନ ଚିରାତ୍ ପାର୍ଥ ମର୍ଯ୍ୟାବେଶିତଚେତସାମ୍।।

ଅର୍ଥାତ୍, ଯେ ନିଜର ସକଳ କର୍ମ ଭଗବାନଙ୍କୁ ଯଜ୍ଞରୂପେ ଉତ୍ସର୍ଗ କରେ, ଭଗବାନ ତାହାର ସକଳ ଭାର ଗ୍ରହଣ କରନ୍ତି। ଯେତେବେଳେ ଭକ୍ତ ଗଭୀର ପ୍ରେମରେ ଏକମାତ୍ର ଭଗବାନଙ୍କ ମଧ୍ୟରେ ଆନନ୍ଦ ଅନୁଭବ କରେ ସେତେବେଳେ ପରମପୁରୁଷ ରକ୍ଷାକର୍ତ୍ତାରୂପେ ତତ୍‌କ୍ଷଣାତ୍ ତାହାର ସମୀପରେ ଉପସ୍ଥିତ ହୋଇ ଦେହ, ମନ, ହୃଦୟରେ ଗାଢ଼ ସୁଖମୟ ଆଲିଙ୍ଗନ ଦେଇ ତାହାକୁ ଏକ ମୃତ୍ୟୁମୟ ସଂସାରରୁ ଉଦ୍ଧାର କରନ୍ତି।

# କିଂ କର୍ତ୍ତବ୍ୟ

**ଶ୍ରୀ ଲଳିତ ମୋହନ ଘୋଷ**

ମାନବର ଆଧୁନିକ ସଭ୍ୟତା ଓ ସମବେତ ଜୀବନଧାରାର ମୂଳ କେଉଁଠି ? ଏହି ସଭ୍ୟତାର କାଣ୍ଡ, ଶାଖା ପ୍ରଶାଖା ତ ଚତୁର୍ଦ୍ଦିଗରେ ବହୁତ ବିସ୍ତାର ଲାଭ କରିଅଛି। କିନ୍ତୁ ତାହାର ପ୍ରଧାନ ମୂଳ କେଉଁଠି ? ଏହାର ମୂଳରେ ରହିଅଛି ପ୍ରଚଣ୍ଡ ଅହମିକା, ପ୍ରାଣର ତାଡ଼ନା, ସ୍ୱାର୍ଥର ପ୍ରବଳ ପ୍ରେରଣା, ଅର୍ଥଲାଳସା, ନିର୍ମ୍ମମ ରକ୍ତ ପିପାସା। ଏହାକୁ ଯୁକ୍ତି ବୁଦ୍ଧିଦ୍ୱାରା ଘୋଡ଼ାଇବା ପାଇଁ ସଭ୍ୟ ମାନବ ଅକ୍ଳାନ୍ତ ଚେଷ୍ଟା କରୁଅଛି, କିନ୍ତୁ ପାରୁନାହିଁ। ପ୍ରାଣଶକ୍ତିର ତାଡ଼ନା ଯାହାକୁ ମନୁଷ୍ୟର ଆନ୍ତର ପାଶବ ବୃତ୍ତି ବୋଲାଯାଏ ତାହା ସହିତ ମନୁଷ୍ୟର ଉଚ୍ଚବୃତ୍ତି ସମୂହର ଯେଉଁ ସଂଘର୍ଷ ଅହରହ ଚାଲିଛି ତାହାର କିପରି ନିଦର୍ଶନ ଆମ୍ଭେମାନେ ଜୀବନରେ ଦେଖିବାକୁ ପାଉ ? ଧର୍ମ, ନୀତି, ଆଦର୍ଶ ପ୍ରଭୃତିର ପ୍ରେରଣା ଓ ମନୁଷ୍ୟର ମନରେ ବରାବର ଅଛି। ଏହିସବୁ ପ୍ରେରଣା ସହିତ ମନୁଷ୍ୟର ଭୋଗ ବିଳାସ ସ୍ପୃହା, ତାହାର ଅର୍ଥ-ଲାଳସା, ତାହାର ଦ୍ୱେଷ, ହିଂସା, ଅତ୍ୟାଚାର, ଅନାଚାର ପ୍ରଭୃତିର ସମ୍ବନ୍ଧ କ'ଣ ? ସମ୍ବନ୍ଧଟି ହେଲା ଅହରହ କଳହ। ପ୍ରାଣମୟ ମନୁଷ୍ୟ ଚାହେ ଐଶ୍ୱର୍ଯ୍ୟ ସୁଖ ସ୍ୱାଚ୍ଛନ୍ଦ୍ୟ– ଧର୍ମ ଓ ନୀତି କହେ ସଂଯମ ଓ ଶୃଙ୍ଖଳା। ପ୍ରାଣ କହେ ଭୋଗ କର– ଧର୍ମ ଓ ନୀତି କହେ ତ୍ୟାଗ କର, ଲୋଭ ପରିହାର କର। ପ୍ରାଣମୟ ନର ଚାହେ ଶାନ୍ତି, ଅଚଞ୍ଚଳ ଅଧ୍ୟବସାୟ। ପ୍ରାଣମୟ ଚାହେ ଶୌର୍ଯ୍ୟ, ବୀର୍ଯ୍ୟ, ପରାକ୍ରମ-ଧର୍ମ ଚାହେ ନମ୍ରତା, ବିନୟ, ଅହିଂସା, ନିରଭିମାନ। ପ୍ରାଣଶକ୍ତି ଚାହେ ବଂଶବୃଦ୍ଧି ନିମିତ୍ତ ଯୌନ ସମ୍ବନ୍ଧ–ଧର୍ମ ଚାହେ ବ୍ରହ୍ମଚର୍ଯ୍ୟ, ସଂଯମ।

ତାହାହେଲେ ଆମ୍ଭମାନଙ୍କର ପ୍ରାଣଶକ୍ତି ଓ କର୍ମ ପ୍ରବୃତ୍ତି କ'ଣ ସ୍ୱଭାବତଃ ଈଶ୍ୱରଦ୍ରୋହୀ; ଏହା ମଧ୍ୟଦେଇ କ'ଣ ଆମ୍ଭେମାନେ ଉଚ୍ଚତମ ଭାଗବତ ଚେତନାରାଜ୍ୟକୁ ଉଠି ପାରିବା ନାହିଁ? ଯଦି ଆମ୍ଭମାନଙ୍କର ପ୍ରାଣମୟ ଚେତନା ଈଶ୍ୱର-ଦ୍ରୋହୀ ହୁଏ ତାହାହେଲେ ମନୁଷ୍ୟ ପକ୍ଷରେ ଭାଗବତ ଜୀବନ ତ ଗୋଟିଏ ସ୍ୱପ୍ନ ମାତ୍ର। ତାହାହେଲେ ଧରାତଳରେ ଭାଗବତ ଜୀବନର ପ୍ରତିଷ୍ଠା ଅସମ୍ଭବ। ତାହାହେଲେ ମାନବ ଜୀବନର ଚରମ ପରିଣତି ଇହଲୋକରେ ନୁହେଁ, ଅନ୍ୟତ୍ର। ତାହାହେଲେ କ'ଣ ମାନବର ଉଚ୍ଚତର ବୃତ୍ତିଚୟର ବିକାଶ ନିମିତ୍ତ ଏହି ଜଗତ ଉପଯୁକ୍ତ କ୍ଷେତ୍ର ନୁହେଁ? ତାହାହେଲେ ତ ମୃତ୍ୟୁକାଳକୁ ଅପେକ୍ଷା କରି ରହିବା କଥାହିଁ ଠିକ୍; ଯାହା ହେବାର ତାହା ମୃତ୍ୟୁ ପରେ ହେବ। ଯେତେ ଶୀଘ୍ର ମୃତ୍ୟୁ ହୁଏ ସେତେ ଭଲ। ତାହାହେଲେ କ'ଣ ଭଗବାନ ନିର୍ଦ୍ଦେଶ ଦେଇଛନ୍ତି ଯେ ଜୀବନ କାଳ ମଧ୍ୟରେ ଯାହା ହେବାର ହେଉ, ମୃତ୍ୟୁପରେ ତୁମର କଥା ତଥା ମାନବଜାତିର କଥା ବୁଝାଯିବ, ତୁମେ ବର୍ତ୍ତମାନ ବ୍ୟସ୍ତ ହୁଅ ନାହିଁ, ସଂସାରରେ ଏହିପରି 'ଲଟରପଟର' ହେଉଥାଅ।

ଶ୍ରୀଅରବିନ୍ଦ ବାରମ୍ବାର କହିଅଛନ୍ତି ଯେ ଆମ୍ଭମାନଙ୍କର ସତ୍ତା ମଧ୍ୟରେ ବର୍ଜ୍ଜନୀୟ କିଛି ନାହିଁ। ଏପରିକି ଜଡ଼ ଦେହ ମଧ୍ୟ ବର୍ଜ୍ଜନୀୟ ନୁହେଁ। ଦେହ-ପ୍ରାଣ-ମନ ଏହି ତିନିଟିର ରୂପାନ୍ତର ସାଧନ ଆମ୍ଭମାନଙ୍କର ଅସଲ କାର୍ଯ୍ୟ ଏହି ଜଗତରେ। ଜୀବ ଜଗତ ସହଜାତ ଅଧସ୍ତନ ପ୍ରେରଣା ଅତିକ୍ରମ କରି ଯୁକ୍ତି-ବୁଦ୍ଧିରେ ଜାଗ୍ରତ ହୋଇଅଛି। ବର୍ତ୍ତମାନ ମନୁଷ୍ୟ ତାହା ବୁଦ୍ଧି ବଳରେ ନିଜର ଦେହ ଓ ପ୍ରାଣର ନାନା ଉତ୍କର୍ଷ ସାଧନ କରିଅଛି, ନବ ଉଦ୍ଭାବିତ ନାନା ବିଦ୍ୟା ନାନା ଶାସ୍ତ୍ରକୁ ଏହି କାର୍ଯ୍ୟରେ ନିଯୁକ୍ତ କରିଅଛି। ଅଭିବ୍ୟକ୍ତି ପଥରେ ପ୍ରକୃତି ସ୍ଥିର ଧୀର ଭାବରେ ଅଗ୍ରସର ହେଉଅଛି। କିନ୍ତୁ ମନୁଷ୍ୟର ଅସଲ କାର୍ଯ୍ୟ ଏପର୍ଯ୍ୟନ୍ତ ବାକି ରହିଅଛି। ସେ କାର୍ଯ୍ୟ ତାହାକୁ ସାଧନ କରିବାକୁ ହେବ ଯୁକ୍ତି-ବୁଦ୍ଧିର ଅତୀତ ଗୋଟିଏ ସୂକ୍ଷ୍ମତର ଅତିମାନସ ବୃତ୍ତି ସାହାଯ୍ୟରେ। ଶ୍ରୀଅରବିନ୍ଦ କହିଅଛନ୍ତି ଯେ ମନୁଷ୍ୟ ତାହାର ସତ୍ତାକୁ ଅତିକ୍ରମ କରି ଚେତନାର ଶିଖରଦେଶକୁ ଆରୋହଣ କରିପାରେ। ସେହି ବୃହତ୍ତମ ଅତିମାନସ ଅନୁଭୂତି ମଧ୍ୟରେ ପ୍ରହର ପରେ ପ୍ରହର, ଦିନ ପରେ ଦିନ ବାସ କରିପାରେ। ଯେଉଁ ମନୁଷ୍ୟ ଆତ୍ମ ବିଲୋପ ନ ଚାହି ତାହାର ପରିପୂର୍ଣ୍ଣତମ ସତ୍ତାରେ ପହଞ୍ଚିବାକୁ ଚାହେ ତାହାର ପରିଣତିର ଶେଷ ଓ ଉଚ୍ଚତମ ଶିଖରଦେଶ ଏହି ଅତିମାନସ ଚେତନା। ଶ୍ରୀଅରବିନ୍ଦ କହିଅଛନ୍ତି ଯେ ଅତିମାନସ ମନୁଷ୍ୟ ମଧ୍ୟରେ ସମ୍ଭାବନାରୂପେ ସଦା ବର୍ତ୍ତମାନ ଅଛି। କିନ୍ତୁ ଅତିମାନସରେ ଅବସ୍ଥିତ ରହି ତାହାର ଆଲୋକରେ ଜଗତକୁ ଦେଖିବା, ତାହାର ଶକ୍ତିରେ କାର୍ଯ୍ୟ କରିବା ଯେଉଁ ପରମ ବିଷୟ ବା ସିଦ୍ଧି ତାହା ଲାଭ କରିବା ମନୁଷ୍ୟ ପକ୍ଷରେ ସମ୍ଭବ। ମନୁଷ୍ୟ ପକ୍ଷରେ ଏହି ବିଷୟ ବା ସିଦ୍ଧି ଦ୍ରୁତରେ କରିବାପାଇଁ ଶ୍ରୀଅରବିନ୍ଦ ପୃଥିବୀକୁ ଆସିଥିଲେ ଏବଂ ତାଙ୍କର ସେ କାର୍ଯ୍ୟ ସଫଳ ହୋଇଅଛି।

ଆମ୍ଭମାନଙ୍କ ଗାର୍ହସ୍ଥ୍ୟ ଓ ସାମାଜିକ ଜୀବନ ସହିତ ଏହାର ସମ୍ବନ୍ଧ କ'ଣ ? ଆମ୍ଭମାନଙ୍କର ଗାର୍ହସ୍ଥ୍ୟ ଓ ସାମାଜିକ ଜୀବନ ନାନାମୁଖୀ । ତାହାର ପଶ୍ଚାତରେ ଯେଉଁ ପ୍ରେରଣା ଅଛି ତାହା ପ୍ରଧାନତଃ ପ୍ରାଣଶକ୍ତିର ପ୍ରେରଣା । ଏହି ଜୀବନଧାରା ଈଶ୍ୱରମୁଖୀ ହେବା ପ୍ରୟୋଜନ । କାରଣ "ସଂସାର ଜୀବନ ସ୍ୱଭାବତଃ ବିକ୍ଷୋଭର କ୍ଷେତ୍ର । ତାହା ମଧ୍ୟରେ ଯଥାଯଥ ଭାବରେ ଚାଲିବାକୁ ହେଲେ ମନୁଷ୍ୟକୁ ନିଜ ଜୀବନ ଓ ନିଜ କାର୍ଯ୍ୟାବଳୀକୁ ଭଗବାନଙ୍କ ଚରଣରେ ଅର୍ପଣ କରିବାକୁ ହେବ ଏବଂ ଅନ୍ତରରେ ଭଗବାନଙ୍କ ଅଚଞ୍ଚଳ ଶାନ୍ତି ସକାଶେ ପ୍ରାର୍ଥନା କରିବାକୁ ହେବ"- ଶ୍ରୀଅରବିନ୍ଦ । ଯେତେବେଳେ ଏହି ଜୀବନଧାରା ମଧ୍ୟରେ ଧୀରେ ଧୀରେ ଭାଗବତ ତତ୍ତ୍ୱ ଅବତରଣ କରେ ସେତେବେଳେ ତାହା ଈଶ୍ୱରମୁଖୀ ହୁଏ । ଭାଗବତ ତତ୍ତ୍ୱର ଅବତରଣର ଅର୍ଥ ଆମ୍ଭମାନଙ୍କର ସ୍ୱାଭାବିକ ଭେଦଜ୍ଞାନର ବିଲୋପ ଏବଂ ତାହା ସ୍ଥାନରେ ଅଭେଦ ବୋଧର ଜାଗରଣ । ପରିଣତିର ଏହି ତୃତୀୟ ସ୍ତରରେ ସେହିସବୁ ବ୍ୟକ୍ତି ଓ ଜାତି ବଞ୍ଚି ରହିବାପାଇଁ ଯୋଗ୍ୟତମ ହୁଅନ୍ତି ଯେଉଁମାନେ ପରସ୍ପର ସହିତ ମିଳନ, ଆନୁକୂଲ୍ୟ, ଦୟା, ସ୍ନେହ, ମୈତ୍ରୀ ଓ ଏକତାର ବିଧାନକୁ ନିଜ ମଧ୍ୟରେ ପୂର୍ଣ୍ଣରୂପେ ଫୁଟାଇବାକୁ ସକ୍ଷମ ହୁଅନ୍ତି; ଯେଉଁମାନେ ପରସ୍ପର ସହିତ ଆତ୍ମଦାନ ଏବଂ ବଞ୍ଚି ରହିବା ପାଇଁ ଗୋଟିଏ ସାମଞ୍ଜସ୍ୟ ପୂର୍ଣ୍ଣ ସଫଳ ଭାବରେ ସ୍ଥାପନ କରି ପାରନ୍ତି; ଯେଉଁଠାରେ ଅନ୍ୟାନ୍ୟ ବିନିମୟ ଦ୍ୱାରା ବ୍ୟଷ୍ଟ ଜୀବନ ଅନ୍ୟ ବ୍ୟଷ୍ଟି ଜୀବନକୁ ଓ ସମଷ୍ଟି ଜୀବନକୁ ଏବଂ ସମଷ୍ଟି ଜୀବନ ବ୍ୟଷ୍ଟି ଜୀବନ ଏବଂ ଅନ୍ୟ ସମଷ୍ଟି ଜୀବନକୁ ପୁଷ୍ଟ ଓ ବର୍ଦ୍ଧିତ କରେ । ଭେଦ ମଧ୍ୟରେ ଯେ ଅଭେଦ ଅଛି କ୍ରମଶଃ ସେହି ଦିଗରେ ମନୁଷ୍ୟ ସଚେତନ ଭାବେ ଅଗ୍ରସର ହୁଏ ।

ଏହି ଅଭେଦବୋଧର ଜାଗରଣ ମନର କସରତ୍ ଦ୍ୱାରା ଆସେ ନାହିଁ । ଏହିଠାରେ ମାନବଜାତିର ସମସ୍ତ ଜଟିଳ ଓ ଦୁରୂହ ସମସ୍ୟା ରହିଅଛି । ମନୁଷ୍ୟ ମଧ୍ୟରେ ଯୁକ୍ତି ବୁଦ୍ଧିର ଅତୀତ ଯେଉଁ ସୂକ୍ଷ୍ମ ବୃତ୍ତି ଅଛି, ତାହାହିଁ ଜାଗ୍ରତ କରିପାରେ ଏହି ଅଭେଦ ବୋଧକୁ । ମାନବ ଜୀବନରେ ଗୋଟିଏ ବଡ଼ ବନ୍ଧନ ହେଲା ପ୍ରେମର ବନ୍ଧନ । ସଂସାରରେ ଏହି ପ୍ରେମକୁ ଆମ୍ଭେମାନେ ପ୍ରକଟ ଦେଖୁ ଦାମ୍ପତ୍ୟଭାବ, ସ୍ନେହ-ଅନୁରାଗ, ଭକ୍ତି-ଶ୍ରଦ୍ଧା, ସଖ୍ୟ-ମୈତ୍ରୀ ପ୍ରଭୃତି ନାନା ସୁନ୍ଦର ମଧୁର ରୂପରେ । ଏହି ପ୍ରେମକୁ ମିଥ୍ୟା ମାୟା ବୋଲି ଉଡାଇ ଦେବାର କୌଣସି କାରଣ ନାହିଁ, କାରଣ ଏହାହିଁ ଆମ୍ଭମାନଙ୍କୁ ସଙ୍କୀର୍ଣ୍ଣ ଅହମିକାର ବାହାରକୁ ନେଇଯାଏ । ଏହାରି ଜରିଆରେ ମନୁଷ୍ୟ ଧୀରେ ଧୀରେ ଅଭେଦର ଦିବ୍ୟ ସତ୍ୟରେ ପହଞ୍ଚିପାରେ । ଜଗତରେ ନାନା ଧର୍ମ ଏହି ଅଲୌକିକ ପ୍ରେମ-ଅନୁରାଗ ମଧ୍ୟଦେଇ ଭାଗବତ ପ୍ରେମ-ରସ ଶିକ୍ଷା ଦେଇଅଛି ।

ସେହିପରି ଆମ୍ଭମାନଙ୍କ ଜୀବନର ଅନ୍ୟ ସମସ୍ତ ବ୍ୟାପାର ଯଥାଃ- ଅର୍ଥୋପାର୍ଜନ, ରାଷ୍ଟ୍ରନୀତି, ଦେଶପ୍ରେମ –ଏହି ସବୁ କାର୍ଯ୍ୟ ମଧ୍ୟରେ ଯେତେ ଖାଦ ମିଶିଥିଲେ ସୁଦ୍ଧା ଖାଣ୍ଟି ସୁନାର ଅଭାବ ନାହିଁ । ସ୍ୱଚ୍ଛ, ସୁନ୍ଦର ସୁସ୍ଥ ଜୀବନ, ଉଚ୍ଚ ଆଦର୍ଶ, ସ୍ୱାର୍ଥତ୍ୟାଗ, ଶୌର୍ଯ୍ୟବୀର୍ଯ୍ୟ, ଶକ୍ତି-ସାମର୍ଥ୍ୟ, ପ୍ରଭାବ-ପ୍ରଭୁତ୍ୱ ପ୍ରଭୃତି ମନୁଷ୍ୟ ପାଏ ଅର୍ଥ ବା ରାଷ୍ଟ୍ର ବା ଦେଶପ୍ରେମର ଅନୁସରଣ କରି । ବିଦ୍ୱେଷ, ପ୍ରତିଦ୍ୱନ୍ଦ୍ୱିତା, କଳହ ଓ ସଂଘର୍ଷ ମଧ୍ୟରେ ସୁଦ୍ଧା ଜଗତର ଜାତି ସମୂହ ଅନୁଭବ କରୁଅଛନ୍ତି ଯେ ଦିନେ ସେମାନଙ୍କୁ ଏକତ୍ର ହୋଇ କାର୍ଯ୍ୟ କରିବାକୁ ହେବ ମହାମାନବ ଜୀବନର ସାର୍ଥକତା ପାଇଁ । ଅବଶ୍ୟ ଏହା ସତ୍ୟ ଯେ ବିରୋଧ ଓ ଅସଙ୍ଗତି ବର୍ତ୍ତମାନ ଜଗତରେ ଅଧିକ । ମନୁଷ୍ୟ ଏପର୍ଯ୍ୟନ୍ତ ପରମ ସତ୍ୟକୁ ପରିଷ୍କାର ଦେଖିପାରୁ ନାହିଁ; ସେ ଏପର୍ଯ୍ୟନ୍ତ ବୁଝିପାରୁ ନାହିଁ ଯେ ତାହାର ସମ୍ମୁଖରେ ଯେଉଁ କଠିନ କାର୍ଯ୍ୟ ରହିଅଛି ତାହା କେବଳ ବାହାରର ମିଳାମିଶା, ବାକ୍‌ଚାତୁରୀଦ୍ୱାରା ସିଦ୍ଧ ହେବନାହିଁ । ଏଥିପାଇଁ ଲୋଡ଼ା ଅନ୍ତରରେ ଗଭୀର ଅଖଣ୍ଡ ଅଭେଦବୋଧ । ତଥାପି ସଂସାର ଧୀରେ ଧୀରେ ଅଗ୍ରସର ହେଉଅଛି । ଯେଉଁ ପରିମାଣରେ ଅତିମାନସର ଦୀପ୍ତ ଆଦର୍ଶ ସମ୍ମୁଖକୁ ଆସିବ, ସେତେ ଜଗତରେ ଅଭିନ୍ନ ଏକତ୍ୱ ବୋଧ ହୃଦୟରେ ଜାଗି ଉଠିବ । ମାନବର ଐକ୍ୟ ସାଧନ କେବଳ କରିପାରନ୍ତି ତାହାର ଅନ୍ତରର ଦେବତା । ଏହି ଅନ୍ତରର ଦେବତା ତାହାର ମନର କସରତ୍ ନୁହେଁ, ତାହାର ଯୁକ୍ତି ବୁଦ୍ଧି ନୁହେଁ, ତାହାର କଥାର ମାରପେଞ୍ଚ ନୁହେଁ । ସେ ଦେବତା ତାହାର ହୃଦ୍ଦେଶେ ଅଧିଷ୍ଠିତ ନାରାୟଣ, ଯେ ତାଙ୍କର ଦେହ ପ୍ରାଣ-ମନ-ହୃଦୟ-ବୁଦ୍ଧି, ସାନ ବଡ଼ ସବୁ ବୃତ୍ତିକୁ ଆଶ୍ରୟ କରି ଆଜି ତାଙ୍କର ଚିରନ୍ତନ କ୍ରୀଡ଼ା କରୁଛନ୍ତି ।

ମନୁଷ୍ୟ ମନୋମୟ ଜୀବ । ତାହାକୁ ବୁଝି-ବିଚାରି ସ୍ଥିର କରିବାକୁ ହେବ ଯେ ତାହାର ଶକ୍ତି ଓ ସଙ୍କଳ୍ପକୁ ସେ ନିଜର ପ୍ରାଣମୟ ସତ୍ତାର ଅଧୀନରେ ରଖିବ କି ତାହାର ଅନ୍ତରରେ ଅଧିଷ୍ଠିତ ନାରାୟଣଙ୍କର ଅଧୀନରେ ଛାଡ଼ିବ । ଏହା ମଧ୍ୟ ତାହାର ବିଚାର କରିବାର କଥା ଯେ ଆଧ୍ୟାତ୍ମିକ ପ୍ରଭାବରୁ କେତେକ ପରିମାଣରେ ସ୍ୱୀକାର କରି ନେଇ ତାହାର ପ୍ରାଣମୟ ସାଧାରଣ ଜୀବନ ପୂର୍ବବତ୍ ଯାପନ କରିବ କି ନାହିଁ । ଏପର୍ଯ୍ୟନ୍ତ ମନୁଷ୍ୟ ଯାହା କରିଅଛି ତାହା ଏହି ପ୍ରକାର ଗୋଳିଆ ବ୍ୟବସ୍ଥା । ମନୁଷ୍ୟକୁ ଶେଷ ପର୍ଯ୍ୟନ୍ତ ଏହି ଫାଙ୍କି ମାରିବା ଓ ତାଳି ପକାଇବା ଛାଡ଼ିଦେବାକୁ ହେବ । ମନୋଭୂମିକୁ ଉଠିଥିବାରୁ ମନୁଷ୍ୟର ଦେହ, ପ୍ରାଣ ଆଉ ତାହାର ଚରମ କାମ୍ୟ ନୁହେଁ, ସେଗୁଡ଼ିକ ଯନ୍ତ୍ର ମାତ୍ର । ଶ୍ରୀଅରବିନ୍ଦ କହିଛନ୍ତି ଯେ ମନୁଷ୍ୟ ତାହାର ଚରମ ଉତ୍କର୍ଷ ପ୍ରାଣଭୂମିରେ କିମ୍ବା ମନୋଭୂମିରେ ପାଇବ ନାହିଁ । ମନୁଷ୍ୟର ପୂର୍ଣ୍ଣ ଉତ୍କର୍ଷ ଲାଭର ଏକମାତ୍ର ପଥ ତାର ଚିରପୂର୍ଣ୍ଣ ଅନ୍ତରାତ୍ମାର ଉପଲବ୍ଧି । କିନ୍ତୁ ଆତ୍ମନ୍‌କୁ ବୁଦ୍ଧିର ଜାଲରେ ଧରିବାକୁ

ଗଲେ ଜାଲ ଛିଣ୍ଡିଯାଏ, ଆମ୍ଭନ୍ ଧରା ପଡନ୍ତି ନାହିଁ। ଦୃଢ଼ ଅବିଚଳିତ ସଙ୍କଳ୍ପ ଦ୍ୱାରା ମନୁଷ୍ୟକୁ ଅଗ୍ରସର ହେବାକୁ ହେବ ନିଜର ଅନ୍ତରାତ୍ମାର ସନ୍ଧାନରେ, ଯେ ଏହି ସନ୍ଧାନ ପାଇବ, ସେ ହେବ ଯଥାର୍ଥ ମନୁଷ୍ୟ। ତାହା ନହେଲେ ଆମ୍ଭେମାନେ ବର୍ତ୍ତମାନ ଯେପରି ତ୍ରିଶଙ୍କୁର ଦଶା ପ୍ରାପ୍ତ ହୋଇଅଛୁ, ସେ ଦଶା ଭୋଗ ହେଉଥିବ।

ସୁତରାଂ ଦେହ-ପ୍ରାଣ-ମନ ପରେ ଆତ୍ମାର ପୂର୍ଣ୍ଣ ପ୍ରଭାବ–ସତ୍ୟ-ଶିବ-ସୁନ୍ଦରର ପ୍ରଭାବ–ଏହାହିଁ ହେଲା ବର୍ତ୍ତମାନ ଆମ୍ଭମାନଙ୍କର ଆଦର୍ଶ। ଏହି ରୂପାନ୍ତର ଘଟିପାରେ ଯଦି ଆମ୍ଭମାନଙ୍କର ଅନ୍ତରର ଅବ୍ୟକ୍ତ ସଙ୍କଳ୍ପ ଅଧସ୍ତନ ଭୂମିକୁ ଅତିକ୍ରମ କରି ଆଧାତ୍ମିକ କ୍ଷେତ୍ରକୁ ଉନ୍ନୀତ ହୁଏ। ସେହି ଆଧାତ୍ମିକ କ୍ଷେତ୍ରରେ କ୍ରମଶଃ ମାନବର ସଙ୍କଳ୍ପ ଦୀପ୍ତ ହେବ ଅତିମାନସ ଆଲୋଚନା ଏବଂ ଶକ୍ତିମାନ ହେବ ଅତିମାନସ ଶକ୍ତିରେ। ମନୋଭୂମିରେ ମନର ଦୋଦୂଲ୍ୟମାନ ଦୋଳିରେ ଆମ୍ଭେମାନେ ଅଟକି ରହିଅଛୁ। କେତେବେଳେ ସାମନାକୁ କେତେବେଳେ ପଛକୁ ହଟି ଯାଉଛୁ। ଏଠାରେ ଅଟକି ରହିବାର ଆଉ ସମୟ ନାହିଁ କାରଣ ଏହା ବର୍ତ୍ତମାନ ଈଶ୍ୱରଙ୍କର ଅଭିପ୍ରାୟ ନୁହେଁ। ମନୁଷ୍ୟକୁ ଉର୍ଦ୍ଧ୍ୱତର ଆଧାତ୍ମିକ ଚେତନା ରାଜ୍ୟରୁ ଉଠିବାକୁ ହେବ କିମ୍ବା ତଳକୁ ଖସିବାକୁ ହେବ। ତୃତୀୟ ପନ୍ଥା ନାହିଁ। ଏକଥା ସତ୍ୟ ଯେ ଆନ୍ତର ସତ୍ୟର ତଥା ଅନ୍ତରାତ୍ମାର ଉପଲବ୍ଧି ଦ୍ୱାରା ସଂସାରରେ ବାସ୍ତବ ଜୀବନର ଗତିକୁ ପରିବର୍ତ୍ତିତ କରିବା କଠିନ କାର୍ଯ୍ୟ। ତଥାପି ଏହି କଠିନ କାର୍ଯ୍ୟ ମନୁଷ୍ୟକୁ ସାଧନ କରିବାକୁ ହେବ, ନଚେତ୍ ତଳକୁ ଖସି ପଡ଼ିବା ଦ୍ୱାରା ଯାହା ଘଟିବାର କଥା ତାହା ଘଟୁଥିବ; ସେ ଅହମିକାର ମୋହର କବଳରୁ କେବେହେଁ ମୁକ୍ତ ହୋଇ ପାରିବ ନାହିଁ। ସେ ଅନିଶ୍ଚିତ ଓ ଅର୍ଦ୍ଧସତ୍ୟ ମଝିରେ ସର୍ବଦା ବୁଲୁଥିବ। ଚେତନାର କ୍ରମୋନ୍ନତିର ଏହି ପରମ ରହସ୍ୟ ମନୁଷ୍ୟ ସାମାନ୍ୟ ଭାବରେ ବୁଝିବାକୁ ଆରମ୍ଭ କଲାଣି। ଏହାକୁ ପୂର୍ଣ୍ଣଭାବରେ ହୃଦୟଙ୍ଗମ କରିବାର ସମୟ ଭାରତବର୍ଷରେ ଆସିଗଲାଣି କାରଣ ଭାରତ ତ ପୃଥିବୀର ବାହାରେ ନୁହେଁ। ମନୁଷ୍ୟ ତଳକୁ ଖସି ପଡ଼ିଲେ ସମାଜର ଦେଶର କିପରି ଅବସ୍ଥା ହୁଏ ତାହାର ନିଦର୍ଶନ ମିଳିଗଲାଣି। ଆଉ ଖୋଜିବାର ଦରକାର ପଡୁନାହିଁ। ନିମ୍ନଗାମୀ ଚେତନା ସମ୍ବନ୍ଧରେ ଯେତେ କମ୍ ଆଲୋଚନା, ଯେତେ କମ୍ ସନ୍ଧାନ କରାଯାଏ ସେତେ ଭଲ। ଏକଥା ସତ୍ୟ ଯେ ବ୍ୟକ୍ତିରେ ଯାହା ପ୍ରକଟ ହୁଏ ତାହା ପୂର୍ବେ ସମଷ୍ଟିରେ ମଗ୍ନ ଅବସ୍ଥାରେ ଥିଲା।

ଅନେକେ ଏପରି ସଦୁପଦେଶ ଦିଅନ୍ତି ଯେ ବର୍ତ୍ତମାନ ସଭ୍ୟ ଜଗତରେ ମାନବର ସର୍ବୋଚ୍ଚବୃତ୍ତି ତାହାର ଯୁକ୍ତିବୁଦ୍ଧି ଏବଂ ଏହା ପ୍ରଖରତର ହେଲେ ମାନବର ଚେତନା ଦ୍ରୁତଗତିରେ ଅଗ୍ରସର ହେବ। ମନୁଷ୍ୟ ତାହାର ବୁଦ୍ଧି ବଳରେ ସବୁ କ୍ଷେତ୍ରରେ ନିଜର ଜୀବନଧାରା ପରିଚାଳିତ କରିବାପାଇଁ ସର୍ବଦା ଚେଷ୍ଟା କରୁଅଛି। ଯୁକ୍ତିବୁଦ୍ଧି ସାହାଯ୍ୟରେ ମନୁଷ୍ୟ ଗଣିତ, ବିଜ୍ଞାନ ଦର୍ଶନାଦି ବିଦ୍ୟାର ଅନୁଶୀଳନ କରୁଅଛି। ଆଧୁନିକ ଯୁଗର ବୈଜ୍ଞାନିକ ଗବେଷଣା ଫଳରେ ଏହି ପ୍ରକାର ଅନୁଶୀଳନର ବହୁତ ବ୍ୟାପ୍ତି ଘଟିଅଛି। ଜୀବନର ଓ ଜଡ଼ ପ୍ରକୃତିର ତତ୍ତ୍ୱ ଓ ବିଧାନ ସମୂହ ନିର୍ଦ୍ଧାରଣ କରିବାପାଇଁ ମନୁଷ୍ୟ ପ୍ରବୃତ୍ତ ହୋଇଅଛି ଏବଂ ବହୁତ ବିଷୟରେ ସଫଳତା ଅର୍ଜନ କରିଅଛି। କିନ୍ତୁ ମନୁଷ୍ୟର ବୁଦ୍ଧିବୃତ୍ତିର ଦୁଇଟି ଦିଗ ଅଛି-ଅନାସକ୍ତ ଓ ଆସକ୍ତ। ପ୍ରଥମଟିର ଉଦ୍ଦେଶ୍ୟ ନିଃସ୍ୱାର୍ଥ ଜ୍ଞାନ ଓ ସତ୍ୟର ସନ୍ଧାନ। ଅପରଟିର ଉଦ୍ଦେଶ୍ୟ ଲବ୍ଧ ଜ୍ଞାନ ଓ ଉପଲବ୍ଧ ସତ୍ୟର ସ୍ୱାର୍ଥ ସାଧନାର୍ଥେ ପ୍ରୟୋଗ। ଜ୍ଞାନାର୍ଜନ ତ ମନୁଷ୍ୟର ଏକମାତ୍ର କାର୍ଯ୍ୟ ନୁହେଁ; ତାହାର ପ୍ରଧାନ କାର୍ଯ୍ୟ ସଂସାରରେ ଜୀବନଯାତ୍ରା। ସେ ଯେ କେବଳ ଜ୍ଞାନ ସଞ୍ଚୟର ଆନନ୍ଦ ନିମିତ୍ତ ଜ୍ଞାନଲାଭ କରିବାକୁ ଚାହେଁ ତାହା ନୁହେଁ, ଲବ୍ଧ ଜ୍ଞାନ ଜୀବନରେ କିପରି କାମରେ ଲାଗିବ ସେଥିପାଇଁ ସେ ଜ୍ଞାନଲାଭ କରିବାକୁ ଚେଷ୍ଟା କରେ। କିନ୍ତୁ ଯାବତୀୟ ବିଶୃଙ୍ଖଳାର ସୃଷ୍ଟି ହୁଏ ଏହିଠାରେ ଅର୍ଥାତ୍ ଜ୍ଞାନର ପ୍ରୟୋଗରେ। ଏହିଠାରେ ମାନବର ଯୁକ୍ତିବୁଦ୍ଧିର ଅପୂର୍ଣ୍ଣତା ତାହାକୁ ନାନା ବିରୋଧ ଓ ଅସଙ୍ଗତି ମଧ୍ୟକୁ ଟାଣି ନେଇଯାଏ। ଏହାର କାରଣ କ'ଣ? ଏହାର କାରଣ ଏହି ଯେ ମନୁଷ୍ୟର ବୁଦ୍ଧି କର୍ମରେ ପ୍ରବୃତ୍ତ ହେଲେ ସ୍ୱାର୍ଥପର ଓ ଆସକ୍ତ ହୋଇପଡ଼େ; ଶୁଦ୍ଧ ଜ୍ଞାନର ଆଜ୍ଞାକାରୀ ହୋଇ ରହିପାରେ ନାହିଁ। ମନୁଷ୍ୟ ବହୁତ ଲମ୍ବା ଚଉଡା କଥା କହିପାରେ କିନ୍ତୁ ତାହାର ମନ ତ କଦାପି ସମ୍ପୂର୍ଣ୍ଣ ସ୍ୱାର୍ଥହୀନ ଓ ଅନାସକ୍ତ ହୋଇପାରେ ନାହିଁ। ଯେତେଟା ସମ୍ଭବ ସେତେଟା ଅନାସକ୍ତ ଭାବ ଯଦିଚ ଆରମ୍ଭରେ ଥାଏ, ତଥାପି ତାର ଜ୍ଞାନକୁ କାର୍ଯ୍ୟରେ ପ୍ରୟୋଗ କରିବାକୁ ଗଲେ ସେ ନାନା ଅଜଣା ଦୁର୍ଦ୍ଦମ ଶକ୍ତିର କ୍ରୀଡ଼ନକ ହୋଇପଡ଼େ ଓ ସେହି ଶକ୍ତି ସମୂହର ଖାପଚରେ ପଡିଯାଏ। ତତ୍ପରେ ଯୁକ୍ତି ବୁଦ୍ଧି ଯେତେ ଖଟାଇଲେ ସୁଦ୍ଧା ସେ ଏହି ଦୁର୍ଦ୍ଦମ ଶକ୍ତିର ପ୍ରଭାବରୁ ନିଜକୁ ମୁକ୍ତ କରିପାରେ ନାହିଁ। ଯୁକ୍ତିବୁଦ୍ଧି ମନୁଷ୍ୟକୁ ଚରମ ସତ୍ୟକୁ ନେଇ ଯାଇପାରେ ନାହିଁ। ଯୁକ୍ତିବୁଦ୍ଧି ମନୁଷ୍ୟକୁ ପୂର୍ଣ୍ଣ ଜୀବନ ଦେଇପାରେ ନାହିଁ, ନିର୍ଦ୍ଦୋଷ ସମାଜ ଗଢ଼ିପାରେ ନାହିଁ। ମନୁଷ୍ୟକୁ ପରିପୂର୍ଣ୍ଣ ଜୀବନ କେବଳ ରାଜା ଦେଇପାରନ୍ତି–ମନ୍ତ୍ରୀ ପାରନ୍ତି ନାହିଁ। ମନ୍ତ୍ରୀ କିଛି ବାଟ ମନୁଷ୍ୟକୁ ନେଇ ଯାଆନ୍ତି। ମନୁଷ୍ୟର ଆତ୍ମନ୍ ଦେଇ ପାରନ୍ତି ପରିପୂର୍ଣ୍ଣ ଜୀବନ–ବୁଦ୍ଧି ପାରେ ନାହିଁ। ପ୍ରକୃତରେ ଜୀବନର ମୂଳଶକ୍ତି ଯୁକ୍ତିବୁଦ୍ଧିର ନିମ୍ନରେ ଅବସ୍ଥିତ (infra-rational) ଅଥବା ଉର୍ଦ୍ଧ୍ୱକୁ ଉତ୍‌ଥିତ (supra-rational)। "A purely rational society could not come into being and, if it could be born, either could not live or would sterilise and petrify human existence.

The root power of human life, its intimate causes are below, irrational, and they are above, suprarational."

ସୁତରାଂ ଯୁକ୍ତିବୁଦ୍ଧିର କାର୍ଯ୍ୟ ଶେଷ ହେବ ଯେତେବେଳେ ସେ ମନୁଷ୍ୟକୁ କହିବ ଯେ "ବିଶ୍ୱର ତଥା ବ୍ୟକ୍ତିର ଅନ୍ତରରେ ସଦାପ୍ରଚ୍ଛନ୍ନ ଅଛନ୍ତି ଆତ୍ମନ୍, ଈଶ୍ୱର। ତାଙ୍କର ମନ୍ତ୍ରୀରୂପେ ମୁଁ ତୁମ୍ଭର ଆଖି ଫିଟାଇ ଦେଇଅଛି। ବର୍ତ୍ତମାନ ତୁମ୍ଭର ଓ ତାଙ୍କ ମଧ୍ୟରେ ରହିଅଛି କେବଳ ମୋର ନିଜର ଜ୍ୟୋତିର୍ମୟ ପରଦା। ସେହି ପରଦାକୁ ଘୁଞ୍ଚାଇ ଦିଅ, ତାହାହେଲେ ଦେଖିବ ଯେ ମାନବାତ୍ମା ଓ ଦିବ୍ୟସତ୍ତା ଏକ ଅଭିନ୍ନ ବସ୍ତୁ। ସେତେବେଳେ ତୁମ୍ଭେ ନିଜକୁ ଜାଣିବ, ନିଜର ଜୀବନବିଧାନ ବୁଝିବ, ମୋ ଅପେକ୍ଷା ଉଚ୍ଚତର ଜ୍ଞାନ ଓ ସଙ୍କଳ୍ପର ଅଧିକାରୀ ହେବ ଓ ଜୀବନର ପରମ ରହସ୍ୟ ଭେଦ କରିବ।" - ଶ୍ରୀଅରବିନ୍ଦ

ଆଧୁନିକ ଯୁଗରେ ମନୁଷ୍ୟ ଯଦି ନିଜର ଜୀବନର ଯଥାର୍ଥ ବିଧାନ ଜାଣିବାକୁ ଚାହେଁ, କ'ଣ କରିବ ଜାଣିବାକୁ ଚାହେଁ ତାହାହେଲେ ପ୍ରଥମରେ ତାହାକୁ ହୃଦୟଙ୍ଗମ କରିବାକୁ ହେବ ଯେ ତାହାର ଅହମିକା ତାହାର ଆତ୍ମନ୍ ନୁହେଁ। ଅନ୍ତଃପୁରୁଷହିଁ ତାହାର ଆତ୍ମନ୍। ତାହାର ଆତ୍ମନ୍, ଅପରର ଆତ୍ମନ୍, ସର୍ବଭୂତର ଆତ୍ମନ୍। ତାହାର ଆତ୍ମନ୍, ଅପରର ଆତ୍ମନ୍, ସର୍ବଭୂତର ଆତ୍ମନ୍ ଏକ ଓ ଅଭିନ୍ନ। ଯଦି ମନୁଷ୍ୟକୁ ନିଜର ଜୀବନ ପୂର୍ଣ୍ଣ ଓ ସାର୍ଥକ କରିବାକୁ ହୁଏ ତାହାହେଲେ କେବଳ ଦେହ ପ୍ରାଣର ଦାବୀ ମେଣ୍ଟାଇବାଦ୍ୱାରା ତାହା ସେ କରି ପାରିବ ନାହିଁ। କାରଣ ଦେହ ପ୍ରାଣର ଭୋଗସ୍ପୃହା ମେଣ୍ଟାଇବା ପାଇଁ ତାକୁ ତାହାର ସମଗ୍ର ଜ୍ଞାନକୁ ନିଯୁକ୍ତ କରିବାକୁ ହୁଏ ଜୀବନର ସୁଖ, ସ୍ୱାଚ୍ଛନ୍ଦ୍ୟ, ଭୋଗବିଳାସ, ଶିଳ୍ପବାଣିଜ୍ୟ ଆଦିର ଉତ୍କର୍ଷ ସାଧନ ନିମନ୍ତେ। ଏହାପରେ ସତ୍ୟ-ଶିବ-ସୁନ୍ଦରର ଅନୁଧାବନ ଯେତିକି ହେବ ତାହା ହେବ କେବଳ ଦେହ ପ୍ରାଣ ଚର୍ଚ୍ଚାର ଅନୁଚର ରୂପେ। ତେଣୁ ଊର୍ଦ୍ଧ୍ୱତନ ଜୀବନ ଅଧସ୍ତନ ଜୀବନ ଉପରେ କେବଳ ଭାସିବ ଯେପରି ଜଳ ଉପରେ ତେଲ ଭାସେ। ସତ୍ୟ-ଶିବ-ସୁନ୍ଦରକୁ ହେଜିବା ଗୋଟିଏ କଥା, କିନ୍ତୁ ସତ୍ୟ-ଶିବ-ସୁନ୍ଦର ହେବା ଅନ୍ୟ କଥା; କହିବା ଓ ହେବା ମଧ୍ୟରେ ବହୁତ ଫରକ ଅଛି। ଏହା ଫଳରେ ଊର୍ଦ୍ଧ୍ୱତନ ଜୀବନର ଆଦର୍ଶ ମନେହେବ ଯେପରି ଆଦର୍ଶଟି କେବଳ କଥା ଓ ଭାବନାରେ ରହିଅଛି। ବାସ୍ତବ ଜୀବନଟି ଗୋଟିଏ ସତ୍ୟ ଧ୍ରୁବ ତତ୍ତ୍ୱରୂପେ ଜଣାଯିବ। ବାସ୍ତବ ଜୀବନ ସହିତ କୌଣସି ପ୍ରକାରେ ଗୋଟିଏ ରଫାକରି ନେଇ ଠେଲାଠେଲି ହୋଇ ଗୋଟିଏ ଜୀବନଧାରାରେ ଗଡ଼ିଯିବା ସହଜ; କିନ୍ତୁ ଅନ୍ତର ସତ୍ୟର ଉପଲବ୍ଧିଦ୍ୱାରା, ଅନ୍ତରାତ୍ମାର ଉପଲବ୍ଧିଦ୍ୱାରା ବାସ୍ତବ ଜୀବନର ଗତି ମାର୍ଜିତ କରିବା ଓ ପରିବର୍ତ୍ତିତ କରିବା ସହଜ କାର୍ଯ୍ୟ ନୁହେଁ। ବର୍ତ୍ତମାନ ଆମ୍ଭମାନଙ୍କର ଜୀବନଧାରାର ନୀତି, ତାହାର ବିଧାନ, ତାହାର ସାଧାରଣ ଗତି ଆଧ୍ୟାତ୍ମିକତାର ପ୍ରତିକୂଳ, -ତାହାର ଲକ୍ଷ୍ୟ ପ୍ରଧାନତଃ ଦେହ ପ୍ରାଣର ତୁଷ୍ଟି, ଅର୍ଥର ସ୍ୱଚ୍ଛଳତା, ବାହ୍ୟ ସ୍ୱାଚ୍ଛନ୍ଦ୍ୟସାଧନ। ତଥାପି ଯଦି ଆମ୍ଭମାନଙ୍କର ମନରେ ଉଚ୍ଚତର ଜୀବନଧାରାର କଳ୍ପନା ପ୍ରବେଶ କରିବାକୁ ଆରମ୍ଭ କରିଥାଏ, ଯଦି ସେହି କଳ୍ପନା ମନରେ ଗୋଟିଏ ଅଭୀପ୍ସା ଜାଗ୍ରତ କରିଥାଏ, ତାହାହେଲେ ଆଶା କରାଯାଇ ପାରେ ଯେ ଅଦୂର ଭବିଷ୍ୟତରେ ଜୀବନଧାରା ଏହି ଦିଗକୁ ଗତି କରିବ।

ଗୋଟିଏ ନୂତନ ଧର୍ମଗତ ବା ସମ୍ପ୍ରଦାୟର ଉଦ୍ଭବ ଦ୍ୱାରା ଏହି ଉଦ୍ଦେଶ୍ୟ ସିଦ୍ଧ ହେବ ନାହିଁ। ଏପରି ଚେଷ୍ଟା ଜଗତରେ ବହୁବାର ହୋଇଅଛି। ପ୍ରତିଥର ଦେଖାଯାଇଅଛି ଯେ ଜଣେ ମହାପୁରୁଷଙ୍କ ପ୍ରଭାବରେ କିଛିକାଳ ଗୋଟିଏ ଜାଗରଣ ଆସେ; ତତ୍ପରେ କ୍ରମଶଃ ଅବସାଦ ଓ ଅବନତି। ମୂଳ ଆଧ୍ୟାତ୍ମିକ ପ୍ରେରଣାର ସ୍ରୋତ କ୍ଷୀଣରୁ କ୍ଷୀଣତର ହୋଇ ଯାଇଥାଏ। ଗୋଟିକ ପରେ ଗୋଟିଏ ଧର୍ମମତ ଜଗତକୁ ଆସିଥିଲେ ସୁଦ୍ଧା ମାନବ ଜାତିର ଊର୍ଦ୍ଧ୍ୱଭୂମିକୁ ଉତ୍ଥାନ ଘଟିନାହିଁ। ବରଂ ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ କଳହ ଓ ସଂଘର୍ଷ ଫଳରେ ମନୁଷ୍ୟ ବାରମ୍ବାର ନିମ୍ନକୁ ଖସି ପଡ଼ିଛି। ତାହାଛଡ଼ା ଧର୍ମମତ ସମୂହର ଦୃଷ୍ଟି ନିବଦ୍ଧ ହୋଇଅଛି ପ୍ରଧାନତଃ ପାରତ୍ରିକ ଜୀବନରେ; ଇହ ଜୀବନକୁ ଗୌଣ ବ୍ୟାପାରରୂପେ ଦେଖିଅଛି। ଏହିସବୁ ଧର୍ମମତ ଇହ ଜୀବନକୁ ବିଶେଷ ଗୁରୁତ୍ୱ ଦେଇ ନାହାଁନ୍ତି; ମନୁଷ୍ୟକୁ ସ୍ପଷ୍ଟରୂପେ କହି ନାହାନ୍ତି ଯେ ମନୁଷ୍ୟର ଚରମ ଲକ୍ଷ୍ୟ ମରଣ ପରେ ସ୍ୱର୍ଗପ୍ରାପ୍ତି ନୁହେଁ, ଇହ ଜୀବନକୁ ସ୍ୱର୍ଗର ଜ୍ୟୋତିରେ ଦୀପ୍ତ କରିବାହିଁ ପ୍ରଧାନ ଲକ୍ଷ୍ୟ। ବାସ୍ତବିକ ପାର୍ଥିବ ଜୀବନକୁ ବର୍ଜନ କରିବା ଯଦି ଧର୍ମର ଉଦ୍ଦେଶ୍ୟ ହୁଏ, ତାହାହେଲେ ମନୁଷ୍ୟ ତାହାର ସମାଜଗଠନ ବା ସମାଜ-ପରିଚାଳନା କାର୍ଯ୍ୟରେ ଧର୍ମରୁ କୌଣସି ପ୍ରେରଣା ପାଇ ପାରେ ନାହିଁ; ଧର୍ମାଲୋଚନା କେବଳ ଗୋଟିଏ ସଉକି ବ୍ୟାପାର ହେବ।

ଆଧ୍ୟାତ୍ମିକ ଜୀବନର ଅର୍ଥ ଅବିରାମ ଊର୍ଦ୍ଧ୍ୱଗମନ, ଅବିରାମ ଚେତନାର ପ୍ରସାରଣ ଓ ଉତ୍ତୋଳନ। ଅର୍ଦ୍ଧଅନ୍ଧକାର ମଧ୍ୟଦେଇ ମାନବ ମନ ଧୀରେ ଧୀରେ ରୂପାନ୍ତରିତ ହେବ ସଦା ଦୀପ୍ତ ଅତିମାନସ ବିଜ୍ଞାନରେ। ସେତେବେଳେ ସମସ୍ତ ସମସ୍ୟାର ସମାଧାନ ହେବ। ଶ୍ରୀଅରବିନ୍ଦଙ୍କ ଭାଷାରେ:-

"There will be fulfilled the change which will prepare the transition of human life from its present limits into those larger and purer horizons."

# ଶ୍ରୀଅରବିନ୍ଦଙ୍କ କାହାଣୀ

**ଶ୍ରୀ ଦିଲୀପ ରାୟ**

ଶ୍ରୀଅରବିନ୍ଦଙ୍କ ବୟସ ସେତେବେଳେ ଚାରି ପାଞ୍ଚ ବର୍ଷ। ଥରେ ତାଙ୍କ ବଡ଼ ମାମୁଁ ଯୋଗେନ୍ଦ୍ର ବୋଷ୍ ଭଉଣୀ ସହିତ ଥଟ୍ଟାପରିହାସ କରିଛନ୍ତି: ଗୋଟିଏ ଆଇନା ତାଙ୍କର ମୁହଁ ସାମନାରେ ଧରି କହିଲେ, "ଅରୁ, ଏଇ ଦେଖ ଗୋଟାଏ ମାଙ୍କଡ଼"।

ଅରୁ କିଛି କହିଲା ନାହିଁ। କିଛି କ୍ଷଣ ପରେ ଅଇନାଟିକୁ ନେଇଯାଇ ବଡମାମୁଁଙ୍କ ମୁହଁ ସାମନାରେ ଧରି କହିଲା: "ବଡ଼ମାମୁଁ, ବଡ଼ ମାଙ୍କଡ଼"।

☆

ବିନୟ କୁମାର, ମନମୋହନ ଓ ଅରବିନ୍ଦ ତିନିଭାଇ ଦାର୍ଜିଲିଂ ଏର୍ ଲରେଟୋ କନ୍‌ଭେଣ୍ଟ ସ୍କୁଲରେ ବିଦ୍ୟାଧ୍ୟୟନ କରୁଥିଲେ। ସେଠାରେ ପିଲାମାନେ ରାତ୍ରି ସମୟରେ ଗୋଟାଏ ବଡ଼ ହଲରେ ଶୋଉଥିଲେ। ଅରବିନ୍ଦଙ୍କ ମଝିଆ ଭାଇ ମନମୋହନ ଠିକ୍ ଦ୍ୱାରର ସାମନାରେ ଶୋଉଥିଲେ। ଦିନେ ଗୋଟିଏ ପିଲା ଅନେକ ରାତିରେ ଘରକୁ ଫେରି ଦରଜାକୁ ଧକ୍କା ମାରି ମନମୋହନକୁ ଡାକିଲା। ମନମୋହନ ଗମ୍ଭୀର ଗଳାରେ ଜବାବ ଦେଲେ, "ଦ୍ୱାର ଖୋଲିପାରିବି ନାହିଁ। ମୁଁ ବର୍ତ୍ତମାନ ଶୋଇଛି।"

କୌଣସି ଏକ ଛୁଟିରେ ତିନିଭାଇ ଦେଓଘର ଅଜାଙ୍କ ଘରକୁ ବୁଲିଯାଇଛନ୍ତି। ଅଜା ହେଉଛନ୍ତି ଋଷି ରାଜନାରାୟଣ ବସୁ। ଥରେ ସନ୍ଧ୍ୟା ପରେ ସେମାନେ ଅଜାଙ୍କ ସହିତ ବୁଲି ବାହାରିଛନ୍ତି। ଅନେକ ଦୂର ଯିବା ପରେ ହଠାତ୍ ଗୋଟାଏ ସମୟରେ ମନେପଡ଼ିଲା, ଅଜା ତ' ନାହାନ୍ତି। ଅଜା କୁଆଡ଼େ ଗଲେ ?

ପୁଣି ସେମାନେ ଯେଉଁ ବାଟ ଦେଇ ଆସିଥିଲେ ସେଇ ବାଟ ଦେଇ ଲେଉଟି ଚାଲିଲେ। କିଛି ବାଟ ଯାଇ ଦେଖିଲେ, ଅଜା ରାସ୍ତା ଉପରେ ଛିଡ଼ା ହୋଇ ଘୁମାଉଛନ୍ତି।

ଶ୍ରୀଅରବିନ୍ଦଙ୍କ ହାତରେ A B C D ଦ୍ୱାରା ଲେଖି ହୁଏ। 'କ', 'ଖ' ଦ୍ୱାରା ନୁହେଁ। ପ୍ରଥମେ ସେ ବଙ୍ଗଳା ଶିଖିଲେ କେମ୍ବ୍ରିଜ୍‌ରେ। ସେତେବେଳେ ତାଙ୍କର ବୟସ ଅଠର କିମ୍ବା ଊଣେଇଶି ବର୍ଷ। କେମ୍ବ୍ରିଜ୍‌ରେ ବଙ୍ଗଳା ଭାଷାର ଅଧ୍ୟାପକ ଥିଲେ ଟାଓୟାରସ୍ ସାହେବ– ଯେ କି ଆଇ.ସି.ଏସ୍। ଲୋକମାନେ ତାଙ୍କୁ କହୁଥିଲେ ପଣ୍ଡିତ ଟାଓୟାରସ୍। ସେ ଯେଉଁ ବଙ୍ଗଳା ଜାଣିଥିଲେ ସେ ହେଉଛି ବଙ୍ଗଳା ଗଦ୍ୟର ଆଦିଯୁଗୀୟ ଭାଷା–ବାଇବେଲର ବଙ୍ଗଳା। ଦିନେ ଶ୍ରୀଅରବିନ୍ଦ ବଙ୍କିମଚନ୍ଦ୍ରଙ୍କର କୌଣସି ଲେଖାର ଏକ ଅଂଶ ଟାଓୟାରସ୍ ସାହେବଙ୍କୁ ଦେଲେ। ସାହେବ ତାକୁ ଗଭୀର ମନୋନିବେଶ ପୂର୍ବକ ପାଠକଲେ, ଏବଂ ଶ୍ରୀଅରବିନ୍ଦଙ୍କ ଆଡ଼କୁ ଚାହିଁ କହିଲେ, –ଏତ' ବଙ୍ଗଳା ନୁହେଁ।

☆

କେମ୍ବ୍ରିଜ୍‌ରେ ଭାରତୀୟ ଛାତ୍ରଙ୍କର ଗୋଟିଏ ସଭା ଥିଲା। ତାର ନାମ ଥିଲା ଭାରତୀୟ ମଜଲିସ୍। ଭାରତୀୟ ଛାତ୍ରମାନଙ୍କର ଜାତୀୟତାବୋଧ ଓ ତଦନୁଯାୟୀ ରାଜନୈତିକ ଦୃଷ୍ଟିଭଙ୍ଗିକୁ ଗଢ଼ିତୋଳିବାହିଁ ଥିଲା ଏହି ମଜଲିସ୍‌ର ଅନ୍ୟତମ ଉଦ୍ଦେଶ୍ୟ। ଶ୍ରୀଅରବିନ୍ଦ କିଛି ଦିନ ଥିଲେ ଏହି ସଭାର କର୍ମସଚିବ। ଥରେ ଉକ୍ତ ସଭାର ଆଲୋଚ୍ୟ ବିଷୟ ଥିଲା ପରାଧୀନ ଦେଶର ସ୍ୱାଧୀନତା। ଜଣେ ମିଶରର ବିଦ୍ରୋହକୁ ସମର୍ଥନ କରି ଖୁବ୍ ଉତ୍ତେଜନାପୂର୍ଣ୍ଣ ବକ୍ତୃତା କଲେ। ବକ୍ତୃତା ସମୟରେ ତିନିଥର କହିଲେ: Egyptians rose up like a man. ଶ୍ରୋତାମାନଙ୍କ ମଧ୍ୟରୁ ଜଣେ କହିଲେ: They rose up three times, how many times, they sat down?

☆

ଶ୍ରୀଅରବିନ୍ଦ ସେତେବେଳେ ବରୋଦା କଲେଜର ଅଧ୍ୟାପକ। ସାତ ଶହ ଟଙ୍କା ବେତନ ପାଉଥିଲେ ସେ। ବେତନ ଆଣି ନୋଟ ବିଡାଗୁଡ଼ିକୁ ଟେବୁଲ ଉପରେ ପକେଇ ଦେଉଥିଲେ। ତାଙ୍କର ଟଙ୍କା ପଇସା ସର୍ବଦା ଟେବୁଲ ଉପରେହିଁ ପଡ଼ିରହିଥାଏ। ସେ କେବେ ବାକ୍ସରେ ଚାବିଦେଇ ରଖୁ ନଥିଲେ। ଯାହା ଖରଚ କରୁଥିଲେ ତାର ହିସାବ ମଧ୍ୟ ରଖୁ ନଥିଲେ।

ଆର୍.ଏନ୍. ପାତକର ସେଠାକାର ଜଣେ ଓକିଲ, ଶ୍ରୀଅରବିନ୍ଦଙ୍କ ସଙ୍ଗେ ଗୋଟିଏ ଘରେ କିମ୍ବା ତାର ପାଖ ଘରେ ରହୁଥିଲେ।

ଥରେ ଓକିଲବାବୁ ପଚାରିଲେ, "ଆପଣ ଟଙ୍କା ପଇସା ଏପରି ରଖନ୍ତି କାହିଁକି ?"

ଶ୍ରୀଅରବିନ୍ଦ ହସି ଉତ୍ତର ଦେଲେ, "ଏହାଦ୍ୱାରା ପ୍ରମାଣିତ ହେଉଛି ଯେ ଏଠାକାର ଲୋକମାନେ ସବୁ ସତ୍ ଲୋକ।"

ଶ୍ରୀଅରବିନ୍ଦ ତାଙ୍କର ସମୁଦ୍ର ସଦୃଶ ପ୍ରଶାନ୍ତ ମୁଖର ଗଭୀର ଚକ୍ଷୁ ଦୁଇଟିକୁ ପାଦକରଙ୍କର ମୁଖ ସମ୍ମୁଖରେ ତୋଳିଧରିଲେ। ତାପରେ ଟିକେ ହସି କହିଲେ, "ଭଗବାନ ମୋର ହିସାବ ରଖନ୍ତି। ମୋର ଯାହା ଦରକାର ତାହାହିଁ ସେ ଦିଅନ୍ତି। ସେ ମୋତେ ଅଭାବ ଭିତରେ ରଖନ୍ତି ନାହିଁ। ଅତଏବ କାହିଁକି ମୁଁ ଏସବୁ ନେଇ ମୁଣ୍ଡ ଘୁରେଇବି ?"

☆

ବହି ନେଇ ବସିଲେ ଶ୍ରୀଅରବିନ୍ଦଙ୍କର ଆଉ ଦୁଃଖ ରହେ ନାହିଁ। ସେଥିରେ ଏକବାରେ ନିମଜ୍ଜିତ ହୋଇଯାଆନ୍ତି। ଘଣ୍ଟା ପରେ ଘଣ୍ଟା ଅତିକ୍ରମ ହୋଇଯାଏ। ରାତି ପାହି ଭୋର ହୁଏ। କୌଣସି ଖିଆଲ ରହେ ନାହିଁ।

ଚାକର ଆସି ଖାଇବା ରଖିଗଲା ଟେବୁଲ ଉପରେ। ଡାକି କହିଗଲା, "ଖାଇବା ରଖିଛି ବାବୁ"। ବାବୁ ଜବାବ୍ ଦେଲେ "ଆଚ୍ଛା"।

ଘଣ୍ଟାକ ପରେ ଚାକର ଆସିଲା ଅଇଁଠା ବାସନ ନେବାକୁ, ଦେଖିଲା ଖାଇବା ଯେପରି ରଖିଥିଲା ସେହିପରି ପଡିରହିଛି। ପୁଣି ଆଉ ଥରେ ଡାକି ମନୋନିବେଶକୁ ବ୍ୟାଘାତ ଘଟାଇବାକୁ ତାର ସାହସ ହେଲା ନାହିଁ। ସେ ଚୁପ୍ କରି ଯାଇ ଡାକି ଆଣିଲା ପାତକରଙ୍କୁ। ପାତକର ଆସି ସାମ୍ନାରେ ବସି ଶ୍ରୀଅରବିନ୍ଦଙ୍କ ଉପରେ ବିରକ୍ତ ହେଲେ।

☆

ବରୋଦା ରାଜାଙ୍କର ଜଣେ ପାର୍ଶୀ କର୍ମଚାରୀ ଥିଲେ। ତାଙ୍କର ନାମ ପାଡଡ଼ି ଓ ଇଲିୟେଟ୍ ଥିଲେ ରାଜାଙ୍କର ଶିକ୍ଷକ ସେ ପୂରା ଇଂରେଜୀ। ଇଲିୟେଟ୍‌ଙ୍କର କଥା ପାଡଡ଼ି ବୁଝିପାରନ୍ତି ନାହିଁ ଏବଂ ତାଙ୍କର ସାହେବୀ ଉଚ୍ଚାରଣ ମଧ ଧରିପାରନ୍ତି ନାହିଁ। ତେଣୁ ଇଲିୟେଟ୍ କୌଣସି କଥା କହିଲେ ପାଡଡ଼ି କେବଳ yes କହନ୍ତି।

ଥରେ ଯେଉଁଠି No ହେବ ସେଠାରେ ସେ Yes କହିବା ଫଳରେ ଇଲିୟେଟ୍ ରାଗିଯାଇ କହିଲେ Am I talking with an ass?

ପାଡଡ଼ି ଉତ୍ତର ଦେଲେ Yes।

☆

'କୁରୁକ୍ଷେତ୍ର'ର କବି ନବୀନଚନ୍ଦ୍ର ସେନ୍‌ଙ୍କ ସହିତ ଶ୍ରୀଅରବିନ୍ଦଙ୍କର ଦୁଇଥର ଦେଖା ହୋଇଥିଲା–ଥରେ ସୁବୋଧ ମଲ୍ଲିକଙ୍କ ଘରେ, ଆଉ ଥରେ ସୁରାଟ କଂଗ୍ରେସରେ। ଦୁଇଥରଯାକ ଶ୍ରୀଅରବିନ୍ଦଙ୍କୁ ଗଭୀର ରାଜନୈତିକ ସମସ୍ୟାର ଆଲୋଚନା ନେଇ ମଗ୍ନଥିବାର କବି ଦେଖିଛନ୍ତି। ହସିବା ଟିକେ ଦେଖିନାହାନ୍ତି। ତେଣୁ କବି କହିଛନ୍ତି– ଶ୍ରୀଅରବିନ୍ଦ ଏପରି ଲୋକ ଯେ କି କୌଣସି ଦିନ ହସନ୍ତି ନାହିଁ।

☆

୧୯୦୮ ମସିହା, ବଙ୍ଗଳାର ଗଭର୍ଣ୍ଣର ଏଡୋୟାର୍ଡ ବେକାରୀ ବୋମା ଘଟଣାର ଆସାମୀମାନଙ୍କୁ ଦେଖିବାକୁ ଯାଇଥିଲେ ଆଲିପୁର ଜେଲ୍‌କୁ। ଦେଖିଆସି ଜଜ୍ ଚାରୁଦତ୍ତଙ୍କ ପାଖରେ କହିଲେ, 'ଶ୍ରୀଅରବିନ୍ଦ ଘୋଷଙ୍କ ଆଖି ଦେଖିଛ ? ଏକବାରେ ପାଗଳ। ପୂରାପୂରି ପାଗଳର ଆଖି।'

ଚାରୁଦତ୍ତ କହିଲେ, 'ପାଗଳ ନୁହେଁ, ସେ ହେଉଛି ଗୋଟିଏ ଯୋଗୀ। ଯୋଗୀମାନଙ୍କର ଆଖି ଏହିପରି ହୁଏ।'।

ଲାଟସାହେବ କହିଲେ, 'ବୋଗସ୍'।

*ଅନୁବାଦ: ହରିହର ବେହେରା*

ମନୁଷ୍ୟ-ପ୍ରକୃତିର ରୂପାନ୍ତର ନ କରି ମନୁଷ୍ୟ-ଜୀବନର ଯଥାର୍ଥ ପରିବର୍ତ୍ତନ ନିମିତ୍ତ ଆଶା କରିବା ଗୋଟାଏ ଅଯୌକ୍ତିକ ଏବଂ ଅଣଆଧ୍ୟାତ୍ମିକ ସିଦ୍ଧାନ୍ତ, ଏହା ଯେପରି ଗୋଟିଏ କୃତ୍ରିମ, ଅବାସ୍ତବ ବା ଗୋଟିଏ ଅସମ୍ଭବ ଅଲୌକିକ ଘଟଣା ନିମିତ୍ତ ଦାବୀ କରିବା।

**- ଶ୍ରୀଅରବିନ୍ଦ**

# ଏପ୍ରିଲ୍ ୪ - ସ୍ୱୀକୃତି ଓ ସମ୍ଭାବନା

**ଶ୍ରୀ ବିମଳ ପ୍ରସନ୍ନ ଦାସ**

ଏପ୍ରିଲ ୪ ତାରିଖ ୧୯୧୦। ପବିତ୍ର ତପୋଭୂମି ପଣ୍ଡିଚେରୀରେ ଶ୍ରୀଅରବିନ୍ଦ ପଦାର୍ପଣ କଲେ। ଅତୀତରେ ଏହାଥିଲା ଋଷି ଅଗସ୍ତ୍ୟଙ୍କ ପବିତ୍ର ଆଶ୍ରମ। ଋଷିଙ୍କର ତପସ୍ୟାର ବିଭୂତି ବହନ କରି ଏହାର ପ୍ରତିଟି ଧୂଳିକଣାରେ ସେ ପବିତ୍ରତାର ସ୍ପର୍ଶ। ତ୍ରେତୟା ଯୁଗରେ ପ୍ରଭୁ ପରଂବ୍ରହ୍ମ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣ ଅଶ୍ରୁଳ ହୃଦୟରେ ମା' ଜାନକୀଙ୍କ ଅନ୍ୱେଷଣରେ ଗଭୀର ଅରଣ୍ୟ ଭିତରେ ଯାଉଥିବା ବେଳେ ଯେତେବେଳେ ଏହି ବନଭୂମିକୁ ସ୍ପର୍ଶ କରିଛନ୍ତି ସ୍ୱତଃ ମନ-ପ୍ରାଣ ପୁଲକିତ ହୋଇ ଉଠନ୍ତେ ଅନୁଜ ଲକ୍ଷ୍ମଣ କାରଣ ଜିଜ୍ଞାସା କଲେ। ଏବଂ ଅଗ୍ରଜ ପ୍ରଭୁ ଶ୍ରୀରାମ ଉପରୋକ୍ତ ରହସ୍ୟ ବୁଝାଇ ଦେଲେ। ସେଠାରେ ଆଧୁନିକ ଯୁଗର ଋଷି, ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଆବିର୍ଭାବ। ଦିବ୍ୟ ଜନନୀ ଶ୍ରୀମା ଏହାର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରିଛନ୍ତି: "On 4th April, 1910 Sri Aurobindo came over to Pondicherry to begin a new phase of spiritual evolution of mankind - a collective emancipation of humanity from the forces of obscurity, darkness and ignorance."ଅର୍ଥାତ ସମଗ୍ର ମାନବ ଜାତିକୁ ସମୂହ ଭାବରେ ଅଚେତନା, ଅଜ୍ଞାନ ଓ ଅନ୍ଧକାରରୁ ମୁକ୍ତ କରିବା ଉଦ୍ଦେଶ୍ୟରେ ଶ୍ରୀଅରବିନ୍ଦଙ୍କ ଜୀବନରେ ଦ୍ୱିତୀୟ ପର୍ଯ୍ୟାୟ ଏହି ଦିନଠାରୁ ହିଁ ପଣ୍ଡିଚେରୀରେ ଆରମ୍ଭ ହେଲା। ୧୯୬୧ ମସିହା ଫେବୃୟାରୀ ୧୨ତାରିଖରେ ଅନ୍ୟ ଏକ ବାର୍ତ୍ତାରେ ଶ୍ରୀମା କହିଲେ: "A day will come I hope, when we shall be able to tell freely and truly all that Sri Aurobindo's Presence has meant for the town of Pondicherry." (All India Magazine, March, 2010, P-1) ଅର୍ଥାତ୍ ଦିନ ଆସିବ ଯେତେବେଳେ ସ୍ୱତଃ ଓ ସତ୍ୟତାର ସହ ଆମେ କହିପାରିବା, ପଣ୍ଡିଚେରୀ ସହର ପାଇଁ ଶ୍ରୀଅରବିନ୍ଦଙ୍କ ଉପସ୍ଥିତି କି ଗୁରୁତ୍ୱ ବହନ କରିଛି।

ଆମର ମହାମହିମ ରାଷ୍ଟ୍ରପତି ଶ୍ରୀଯୁକ୍ତ ପ୍ରଣବ ମୁଖାର୍ଜୀଙ୍କ ଏ ସମ୍ପର୍କରେ କାଳଜୟୀ ଉକ୍ତି ହେଉଛି "ପଣ୍ଡିଚେରୀର ରହିଛି ଅସାମାନ୍ୟ ଅତୀତ, ପ୍ରତିଶ୍ରୁତିପୂର୍ଣ୍ଣ ବର୍ତ୍ତମାନ ଏବଂ ତାତ୍ପର୍ଯ୍ୟପୂର୍ଣ୍ଣ ଭବିଷ୍ୟତ।" ତାହାହିଁ ପ୍ରମାଣିତ।

କିନ୍ତୁ କାଳ ବକ୍ଷରେ କେତେ ଘଟଣାର ଉତ୍ଥାନ ପତନ ହୋଇଗଲାଣି। କାହିଁ ଋଷି ଅଗସ୍ତ୍ୟଙ୍କ ତପୋବନ, ତ୍ରେତୟାର ଲଙ୍କେଶ ରାବଣ ଦ୍ୱାରା ମା' ଜାନକୀଙ୍କ ଅପହରଣ ଏବଂ ପୁଣି ୧୯୧୦-ଏପ୍ରିଲ ୪ ତାରିଖ ଆତ୍ମାର ବାଣୀ ବହନ କରି ଶ୍ରୀଅରବିନ୍ଦଙ୍କ ପଦାର୍ପଣ ଏବଂ ସାଥିରେ ମାତ୍ର ୪ଜଣ ଅନୁଗାମୀ। ଫରାସୀ ଉପନିବେଶର ସାମାନ୍ୟ ଅଜଣା, ଅଶୁଣା, ଅଜ୍ଞାତ ପରିସର। ମାତ୍ର ତ୍ୟାଗ, ତପସ୍ୟା ସାଧନା ଓ ସିଦ୍ଧିର ସ୍ୱାକ୍ଷର ବହନ କରି ଦେଶ, ବିଦେଶରେ ଯେଉଁ କେତୋଟି ସ୍ଥାନ ପବିତ୍ର, ରୁଚିମନ୍ତ ଓ ବୁଦ୍ଧିମନ୍ତ ହୋଇଛି, ତା ମଧ୍ୟରେ ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀ ଅନ୍ୟତମ। ବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧିରେ ଶ୍ରୀଅରବିନ୍ଦ ଆଶ୍ରମ ଥିଲା ପଣ୍ଡିଚେରୀର,କିନ୍ତୁ ବର୍ତ୍ତମାନ ପଣ୍ଡିଚେରୀ ସହର ଶ୍ରୀଅରବିନ୍ଦ ଆଶ୍ରମର। ସମଗ୍ର ପୃଥିବୀ ପାଇଁ ଏକ ଅନତିକ୍ରମଣୀୟ ଆକର୍ଷଣ।

ହାତ ପାହାନ୍ତାରେ ଆଦିଗନ୍ତ ନୀଳସମୁଦ୍ରର ଶାନ୍ତ, ସ୍ନିଗ୍ଧ ତରଙ୍ଗମାଳା, ଘଞ୍ଚ ନାରିକେଳ ବୃକ୍ଷରାଜିର ଛାୟାଚ୍ଛନ୍ନ ଗାମ୍ଭୀର୍ଯ୍ୟପୂର୍ଣ୍ଣ ନିସ୍ତବ୍ଧତା, ଚତୁର୍ଦ୍ଦିଗରେ କାନ୍ତ କୋମଳ କମନୀୟ ପରିବେଶ ପଣ୍ଡିଚେରୀକୁ ଯେତିକି ଭାସ୍ୱର କରିଛି, ଶ୍ରୀଅରବିନ୍ଦ ଆଶ୍ରମର ଅଶୀ ବର୍ଷର ତରୁଣମାନଙ୍କର ସାଧନାଦୀପ୍ତ ଜୀବନାଦର୍ଶକୁ ସେତିକି ଗମ୍ଭୀର କରିଛି। ସେମାନଙ୍କ ସାନ୍ନିଧ୍ୟ ଓ ସ୍ପର୍ଶ ଲାଭ କଲେ ମନେହୁଏ "ଲାଇଫ୍ ଡ଼ିଭାଇନ୍‌ର" ଅତିନ୍ଦ୍ରୀୟ ପରୀକ୍ଷାହିଁ ଏଠାରେ ନିରବଚ୍ଛିନ୍ନ ଭାବରେ ଚାଲିଛି। ମଣିଷ ନିଜର ଅସମ୍ପୂର୍ଣ୍ଣତାକୁ ଦେଖେ, ଚିହ୍ନିପାରେ। ସତେ ଯେପରି ଏହା ଅସୀମର ଅନନ୍ତ ଆହ୍ୱାନ। ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଦୀର୍ଘ ସାଧନା ପଣ୍ଡିଚେରୀକୁ ଆଧ୍ୟାତ୍ମିକ ଜ୍ୟୋତିରେ ଦୀପ୍ତିମାନ କରିଛି। ଏ ଦୁଇ ମହାନ୍ ଆତ୍ମାର ମହାମିଳନର ଉଦ୍ଦେଶ୍ୟ ଅଭିବ୍ୟକ୍ତ ହୋଇଛି। ଅଚେତନା, ଅନ୍ଧକାର, ଅଜ୍ଞାନତା ଏବଂ ଅହଂକାରରୁ ମୁକ୍ତ ମଣିଷ ଦେବଜୀବନ ଲାଭ କରିବ।

ସୁତରାଂ ପଣ୍ଡିଚେରୀ ଏକ ନୂତନ ଜଗତର କ୍ଷୁଦ୍ର ସଂସ୍କରଣ। ଅନ୍ତହୀନ ଶିକ୍ଷା, ନିରବଚ୍ଛିନ୍ନ ସାଧନା ଓ କାଳଜୟୀ ତାରୁଣ୍ୟର

ତପୋବନ। ଅତୀତ ଓ ଭବିଷ୍ୟତ ମଧ୍ୟରେ ଏକ ସେତୁ। ଭବିଷ୍ୟତ ମାନୁଷୀ ସାଧନାର ସିଦ୍ଧି ଦିଗରେ ଏକ କ୍ଷୀପ୍ର ଉଲଙ୍ଘନ। ଏଠି କେବଳ ପ୍ରଗତି କରିବାପାଇଁ ଏବଂ ନିଜକୁ ଅତିକ୍ରମ କରିଯିବାପାଇଁ କେହି ଚିନ୍ତା କରିପାରିବ। ପ୍ରତ୍ୟେକ ଏଠି କର୍ମଯୋଗୀ। ଅଭୀପ୍ସା, ସମର୍ପଣ ଓ ପ୍ରତ୍ୟାଖ୍ୟାନ ଏ ଯୋଗର ମୂଳମନ୍ତ୍ର। ଅତିମାନସ ଚେତନାରେ ନିଜ ଜୀବନ ଓ ପ୍ରକୃତିକୁ ରୂପାନ୍ତରିତ କରି ଦିବ୍ୟ ଜୀବନ ଯାପନ କରିବାର ମନ୍ତ୍ରରେ ଏହି ଆଶ୍ରମର ପରିବେଶ ଅଭିମନ୍ତ୍ରିତ। ଗୋଟିଏ ନୂତନ ଜୀବନର ଅଧିକାରୀ ଭାବରେ ଆଶ୍ରମବାସୀ ଆଶାତୀତ ଭାବେ ସ୍ଥିର, ଶାନ୍ତ ଓ ସମାହିତ ଠିକ୍ ଯେପରି ପର୍ବତ ଗୁମ୍ଫାରେ ବାୟୁ ନିଷ୍କମ୍ପ, ଗତିହୀନ ଓ ଅଚଞ୍ଚଳ। ଜୀବନର ପୂର୍ଣ୍ଣତା ଦିଗରେ ଅନବରତ ଅଗ୍ରସର। ସେମାନଙ୍କ ପବିତ୍ର ସ୍ପର୍ଶ ଓ ସାନ୍ନିଧ୍ୟରେ ଜୀବନକୁ ଆଉଥରେ ଆରମ୍ଭ କରି ଗଢ଼ିବାପାଇଁ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଛାତ୍ରଟିଏ ହେବାକୁ ମନ ଉଦ୍‌ବେଳିତ ହୋଇଉଠେ। ନିଜର ସଙ୍କୁଚିତ ଓ ସୀମିତ ଦୃଷ୍ଟିକୋଣରୁ ମୁକ୍ତିପାଇଁ ସେମାନଙ୍କ ଆଶୀର୍ବାଦ ଉଦ୍ଦେଶ୍ୟରେ ସ୍ୱତଃ ମଥା ନଇଁ ଆସେ।

ବନ୍ଦେମାତରମ୍।

# ପ୍ରଥମେ ଶୁଣିଲି ତୁମରି ଗୀତି

**ନିର୍ମଳପ୍ରଭା ଦେବୀ**

ମୋ ଜୀବନେ ସେହି ଗୋଟିଏ ସକାଳ ଦେଖାଇଲା ଯିଏ ଆଲୋକ ପଥ,
ମୋ ଜୀବନେ ସିଏ ଗୋଟିଏ ରାଗିଣୀ ଶୁଣାଇଲା ଯିଏ ତୁମରି ଗୀତ।
ପ୍ରଥମେ ଲେଖିଲି ତୁମରି କବିତା
ପ୍ରଥମେ ଲାଗିଲା ତୁମରି ମମତା
ଯେତେ ଲେଖିଥିଲି, ଭଲ ପାଇଥିଲି, ସବୁମିଛ, ତୁମେ କେବଳ ସତ। ।୧।
ସବୁ ଭୁଲିବାରେ କେତେ ଯେ ଆନନ୍ଦ ଦେଇଛ ତୁମେ ଗୋ ଆନନ୍ଦମୟୀ,
ଅନୁଭବି ସିନା ବୁଝି ତା' ପାରିବ ଗୁଣୀ ବିନା ଗୁଣ ନ ଚିହ୍ନେ କେହି।
ଯେ ସୁବାସେ ମୋ'ର ଭରିଲ ଅନ୍ତର
ଯେ ଆଲୋକେ ମୋତେ ଆଲୋକିତ କଲ
ସେ ସୁବାସ ଆଉ ସେ ଆଲୋକ ଦେଇ ତୁମ ପାଦେ ମଥା କରୁଛି ନତ। ।୨।

# ସ୍ୱପ୍ନ ଯଦି ସତ୍ୟ ହୁଏ

ସଲୀଳା କୁମାରୀ ପଟ୍ଟନାୟକ

ସ୍ୱପ୍ନ ଯଦି ସତ୍ୟ ହୁଏ,
ମୁଁ ହୋଇବି ଫୁଲଟିଏ
ଫୁଟିବି ବିଶ୍ୱକାନନେ,
ବିତରି ସୁଗନ୍ଧରାଶି
ସବୁରି ମାନସ ତୋଷି
ଭରିବି ସୁଖ ପରାଣେ।
ମାଆ ମୋ ସୌନ୍ଦର୍ଯ୍ୟମୟୀ
ପ୍ରତି ଦଳ ମୋର ଛୁଇଁ
ଭରି ଦେବ ଚିର ହସ,

ମଳିନତା ଯିବ ଚାଲି
ମଉଳିବ ନାହିଁ ଖାଲି
ହେବାକୁ ତା' ଅଙ୍ଗବାସ।
ସଧୀରେ ମଳୟ ସାଥେ
ନାଚିବି ମୁଁ ଅବିରତେ
ମାଆର ବନ୍ଦନା ବୋଲି,
ଆସୁ ବାତ୍ୟା-ପ୍ରଭଞ୍ଜନ
ନୃତ୍ୟ ମୋର ଚିରନ୍ତନ
ସ୍ୱପ୍ନ ସତ୍ୟ ହେଉ ଖାଲି।

In the difficult hours of life, the imperative duty of each one is to overcome his ego in a total and unconditional self-giving to the Divine. Then the Divine will make you do what you have to do.

(16/422) **—The Mother**

ଜୀବନର କଷ୍ଟକର ମୁହୂର୍ତ୍ତଗୁଡ଼ିକରେ, ପ୍ରତ୍ୟେକଙ୍କର ଏକାନ୍ତ ପ୍ରୟୋଜନୀୟ କର୍ତ୍ତବ୍ୟ ହେଲା, ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ଓ ସର୍ତ୍ତବିହୀନ ଆତ୍ମ ନିବେଦନ ଦ୍ୱାରା ନିଜ ଅହଂ ଉପରେ ବିଜୟ ହାସଲ କରିବା। ସେତେବେଳେ ତୁମେ ଯାହା କରିବା ଆବଶ୍ୟକ, ଭଗବାନ ତୁମଦ୍ୱାରା ତାହା କରାଇନେବେ।

**- ଶ୍ରୀମା**

# ସୂର୍ଯ୍ୟ-ଆହ୍ୱାନ

**ସଲୀଳା କୁମାରୀ ପଟ୍ଟନାୟକ**

ଶ୍ରାନ୍ତ ଧରଣୀ ଭ୍ରାନ୍ତ ସନ୍ତାନ
ଚକ୍ଷୁମେଲି ଚାହଁ ଥରେ,
ଦୂର ଦିଗନ୍ତର ଶେଷ ପ୍ରାନ୍ତରେ
କ୍ଷୁବ୍‌ଧ ଜଳଧି୍ ପାରେ,
ନୂତନ ସବିତା ଉଇଁ ଆସୁଅଛି
ଶତ ସବିତାର ଆଲୋକ ନେଇ
ଉର୍ମିଳ ଜଳେ ଲାଲିମ କିରଣ
ବିଛାଡ଼ି ଦେଇ।
ଋଷି କଣ୍ଠର ମନ୍ଦ୍ର ଧ୍ୱନି
ଛନ୍ଦ ତୋଳୁଛି ଧରଣୀ ବୁକେ,
ବାଳସୂର୍ଯ୍ୟର ନିବିଡ଼ ପରଶ
ଜଡ଼ି ଆସୁଅଛି ସାଗର ବୁକେ।
ଯୁଗ ଯୁଗାନ୍ତର ଘନ ଅନ୍ଧାର
ଚକ୍ଷୁ କି ଆଜି ଦେଇଛି ବାନ୍ଧି ?
ଅମିତାଭର ଉଜ୍ଜ୍ୱଳ ଆଭା
ଦେଖି୍ କି ପାରୁନ ଝୁରୁଛ କାନ୍ଦି ?
ସୂର୍ଯ୍ୟରେ ଆଜି ଆହ୍ୱାନ କର
ଘନ ଅନ୍ଧାର ଯିବରେ ଚାଲି,
ନୂତନ ଦିଗନ୍ତ ପାରିବ ଦେଖି୍
ନିଦ୍ରିତ ତୁମ ଚକ୍ଷୁ ମେଲି।
ଶୁଦ୍ଧ, ପୂତ, କାୟ-ମନ-ପ୍ରାଣେ
ଅର୍ଚ୍ଚନା ଥାଳି ସଜାଡ଼ି ଧର,
ଆସ୍ପୃହା ଦୀପ ରଖ ପ୍ରଜ୍ୱଳିତ
ସୂର୍ଯ୍ୟରେ ଯଦି ଆହ୍ୱାନ କର !

# ଶ୍ରୀମୀରାରବିନ୍ଦୌଶରଣଂ

**ଶ୍ରୀମତୀ ବିଦ୍ୟୁତ୍‌ପ୍ରଭା ଦେବୀ**

ଶ୍ରୀଅରବିନ୍ଦ
ସଚ୍ଚିଦାନନ୍ଦ
ମହାମିଳନ ପ୍ରଜାପତି
ମୀରାମାତା
ଧରା ତ୍ରାତା
ମହା ଚେତନା ମହା ଜ୍ୟୋତି।
ଯୋଗେଶ୍ୱରୀ
ଯୁଗାବତାରୀ
ଯୋଗ ତାପସୀ ନମୋନମଃ।
ମାଟିର ନବ
ଅତିମାନବ
ମାନବପ୍ରେମୀ ହେ ପରମ।
ସର୍ବୋତ୍ତମ
ହେ ଅନୁପମ
ମହାମାୟୀ ଗୋ ମହାମାତ
ଆଲୋକ ଦିଅ
ପୁଲକ ଦିଅ
ଢ଼ାଳୁଛୁ ପଦେ ପ୍ରଣିପାତ।
ପରମୋଚ୍ଚ
ପ୍ରଭୋ ସତ୍ୟ
ନିତ୍ୟତ୍ୱାମୈବକେବଳମ୍।
ଅନୁବର୍ତ୍ତା
ମହେସତ୍ୟଂ
ଅନୁଜୀବାମକେବଳମ୍।

# କୃତଜ୍ଞତା

**ଜ୍ୟୋତ୍ସ୍ନାରାଣୀ ଦାଶ**

ମୃତ୍ୟୁର ଶକ୍ତି କାହିଁ?
ତା' କୋଳକୁ ନେବାପାଇଁ ଟାଣି
ନୀଳମଣି ଭାଇନା ହେ!
ତୁମେ ଓଡ଼ିଶାର ନେତ୍ରମଣି।
ମୃତ୍ୟୁ ତୁମ ମୃତ୍ୟୁ ନୁହେଁ
ଅମୃତର ବିଜୟ ନିଶାଣ
ସୃଷ୍ଟିତୁମ କାଳଜୟୀ
ସ୍ରଷ୍ଟା ତୁମେ ପିହିତ ପାଷାଣ।
ସମୁଦ୍ରର ପ୍ରସାରତା
ନ୍ୟୁନ ତୁମ ବ୍ୟକ୍ତିତ୍ୱର ପାଶେ
ଋଦ୍ଧିମନ୍ତ ଚେତନାର
ବ୍ୟାପ୍ତିତଳେ ଆକାଶଟା ହସେ।
ସାହିତ୍ୟ ଆକାଶେ ତୁମେ
ନୀଳକାନ୍ତ ମଣି ଦିପ୍ତିନେଇ
ଅଲୋଡ଼ାରେ ଅନୁପମ
କରିଦେଲ ଲେଖନୀର - କୁହୁକ ଛୁଆଁଇ।

ନାରୀଶକ୍ତି ଉତ୍ଥାନରେ
ତୁମେ ଥିଲ ଶ୍ରେଷ୍ଠ ପ୍ରବର୍ତ୍ତକ
ଏକାଧାରେ ଅଧ୍ୟାପକ
ସଙ୍ଗଠକ, ଅଧ୍ୟାତ୍ମ ସାଧକ।
ପ୍ରଜ୍ଞା ତୁମ ପ୍ରସ୍ଫୁଟିତ
ସଭାମଞ୍ଚ ହେଉ ଅବା ଶ୍ରେଣୀ
ଗୁଣମୁଗ୍ଧ ଜନତାରେ
ତା ମହକେ ନେଉଥିଲା ଟାଣି।
ଯୁଗର ବିନ୍ଧାଣୀ ତୁମେ
'ସାବିତ୍ରୀ'ରେ କରି ଅନୁବାଦ
ଓଡ଼ିଶାର ହାତେ ଦେଲ
ପ୍ରଭୁଙ୍କର ପରମ ପ୍ରସାଦ।
ହେ ଚିର ଅଗ୍ରଣୀ ବୀର!
ହେ ଅନନ୍ୟ ପୂଜ୍ୟ ଜ୍ୟେଷ୍ଠ ଭ୍ରାତ
ତୁମରି ଅବର୍ତ୍ତମାନେ
କୃତଜ୍ଞ ପ୍ରଣତି ବାଢ଼ୁ ମଥା କରି ନତ।

Be sincere, it is the first indispensable step on the way to the Divine's peace.

**–The Mother**

ଅକପଟ ସରଳ ହୁଅ, ଭଗବାନଙ୍କ ଶାନ୍ତି ପ୍ରାପ୍ତ ହେବା ପଥରେ ଏହାହିଁ ସର୍ବପ୍ରଥମ ଅପରିହାର୍ଯ୍ୟ ପାବଛ୍ଛ।

**– ଶ୍ରୀମା**

# ଦିବ୍ୟଜନନୀ

ଶ୍ରୀମତୀ କନକଲତା ମହାନ୍ତି

ତୁମେ ଅଦିତୀ ଜନନୀ ଆଦ୍ୟାଶକ୍ତି
ଦିବ୍ୟ ଆଲୋକର ତୁମେ ପ୍ରତିମୂର୍ତ୍ତି ।
ତୁମେ ବିଶ୍ୱରୂପା ତୁମେ ବିଶ୍ୱାତୀତା
ଦିବ୍ୟ କରୁଣାରେ ତୁମେ ବ୍ୟକ୍ତିଗତା ।
ତୁମେ ମହେଶ୍ୱରୀ ମହାଜ୍ଞାନଦୀପା
ତୁମେ ମହାକାଳୀ ମହାଶକ୍ତିରୂପା ।
ତୁମେ ମହାଲକ୍ଷ୍ମୀ ବିଶ୍ୱ ଛନ୍ଦେ ଛନ୍ଦେ
ତୁମ ପ୍ରେମର ପରଶେ ପଦବନ୍ଦେ ।
ଦିଅ ସୁଧା ସଞ୍ଜିବନୀ ଢ଼ାଳିପରା
ସୌନ୍ଦର୍ଯ୍ୟ ସଙ୍ଗତି କୃପାଧାରା ।
ମାଗୋ ମହାସରସ୍ୱତୀ ପାଶେ ଥାଅ
ଧୀରେ ପୂର୍ଣ୍ଣତା ପଥରେ ଘେନିଯାଅ ।
ଦେବୀ ଅନନ୍ତ ଧୈର୍ଯ୍ୟର କୃପାକରି
ସୌରଦୀପ୍ତ ପଥେ ନିଅ ହାତଧରି ।
ଦିବ୍ୟ ସବିତୃ ଶକ୍ତି ମା ସାବିତ୍ରୀଗୋ
ଦିବ୍ୟ ମନ୍ତ୍ରମୟୀ ମହାଶକ୍ତି ଗୋ ।
ତୁମେ ସ୍ୱର୍ଣ୍ଣସେତୁ ଦିବ୍ୟ ବହ୍ନିମୟୀ
ତୁମେ ଅନ୍ତରେ ବାହାରେ ଅଛ ରହି ।
ତୁମେ ଚୁମ୍ବକ କଠିନ ଆରୋହଣେ
ପୁଣିଡାକ ଦୁଃସାହସ ଅଭିଯାନେ ।

ଘନ ଅନ୍ଧାରଭରା ବନଭୂଇଁ
ନିଜ ପଥ ନିଜେ କାଟି ଯିବାପାଇଁ ।
ମାଗୋ ଏତେ ଭାବିବାକୁ ବେଳ କାଇଁ
ଜାଣୁ ତୁମେ ଆମ ମା' କୃପାମୟୀ ।
ତୁମ କୋଟି ଚନ୍ଦ୍ରକାନ୍ତି ରୂପଶୋଭା
ତୁମ ମଧୁଝରା ହସ ମନଲୋଭା ।
ତୁମ ଛପା ସୁଧାବାଣୀ ଅପାଶୋରା
ତୁମ ଚରଣ ଯୁଗଳ ଦୁଃଖହରା ।
ତୁମ ଅତିମାନସର ଆଲୋକରେ
ବିଶ୍ୱ ଅବଗାହୁ ଅଛି ନିରନ୍ତରେ ।
ମର ଧରଣୀ ଅମରପୁରୀରୂପେ
ଧୀରେ ବଦଳି ଆସୁଛି ଆପେ ଆପେ ।
ଦିବ୍ୟମାନବ ଆସିବେ ଅବତରି
ସେଇ ଶୁଭ ଲଗନ ମା' ନାହିଁ ଡେରି ।
ଯାହା ଘଟୁଛି ସେ ସବୁ ଶୁଭ ଲାଗି
ଶୁଭଛଡ଼ା ଅଶୁଭର ନାହିଁ ଦାବି ।
ତୁମ ଚରଣ ଯୁଗଳେ ମଥାପାତି
ମାଗୁ ନିରନ୍ତର ତୁମ ଉପସ୍ଥିତି ।
ତୁମ ପଣତ ଛାଇରେ ଥିଲେ ରହି
ମାଗୋ ଭୟ ନାହିଁ ଆମ ଭୟନାହିଁ ।

# ମା' ନାମଜପେ ସବୁ ସରଳ

**ଲତା ଦାସ**

ସଂସାର.............
ସଂସାର ପଥ ଭାରି ଜଟିଳ
କାମନା ବାସନା କ୍ଷମତା ସ୍ୱାର୍ଥରେ
ସବୁ ଅସଙ୍ଗତି ଚଳଚଞ୍ଚଳ।
ସଂସାର .............
ସଂସାର ପଥ ଭାରି ଜଟିଳ
ମା' ନାମ ଜପେ ସବୁସରଳ। -୦-
ଅହଂଯୁକ୍ତ ଆମ ଅନ୍ତର ବାହାର
କଲୁଷେ ଭରା
ବିରୋଧୀ ଶକ୍ତିର ଜାଲେ ଆମେ ନିଜେ
ଦେଉଛୁ ଧରା
ଆଳସ୍ୟ, ମୁଢ଼ତା ମିଥ୍ୟା ସଙ୍କୀର୍ଣ୍ଣତା
ପରିବର୍ତ୍ତନ ହେବାରେ ବିମୁଖତା
ପାଦ ହେଉଅଛି ଟଳମଟଳ
ସଂସାର .............

ସଂସାର ପଥ ଭାରି ଜଟିଳ
ମା' ନାମ ଜପେ ସବୁସରଳ। -୧-
ଦୃଢ଼ ସଙ୍କଳ୍ପରେ ଆସ୍ପୃହା କରିବା
ମା' ପୟରେ
ମନ ପ୍ରାଣ ଶରୀରର ରୂପାନ୍ତର
ହେବା ଆଶାରେ
ପ୍ରତ୍ୟାଖ୍ୟାନ କରିଯିବା ଗୋଟିଗୋଟି
ସବୁ ବାଧାବିଘ୍ନ ସୂତା କାଟିକାଟି
ଆଗକୁ ଦିଶିବ ବାଟ ଉଜ୍ଜ୍ୱଳ
ସଂସାର .............

ସଂସାର ପଥ ଭାରି ଜଟିଳ
ମା' ନାମ ଜପେ ସବୁସରଳ। -୨-
ନୂତନ ଆଲୋକ ସନ୍ଧାନ ଯାତ୍ରାରେ
ମା' ଆମ ସାଥୀ
ବିଶ୍ୱାସ ଓ ଦୁଃସାହସେ ଆଗେଇବା
ନକରି ଭିତି
ବିବେକ ସଦିଚ୍ଛା ସହ ସମର୍ପଣ
ଲକ୍ଷ୍ୟ ହାସଲରେ ମନେ ଟାଣପଣ
ଥିଲେ ପହଞ୍ଚିବା ଅତିଚଞ୍ଚଳ
ସଂସାର .............

ସଂସାର ପଥ ଭାରି ଜଟିଳ
ମା' ନାମ ଜପେ ସବୁସରଳ। -୩-

ଆନ୍ତରିକ ପ୍ରାର୍ଥନାସକଳ ପୂର୍ଣ୍ଣ ହୁଏ,
କିନ୍ତୁ ସ୍ଥୂଳଭାବେ ତାହା ରୂପଗ୍ରହଣ କରିବା ପାଇଁ ସମୟ ଲାଗିପାରେ।

**- ଶ୍ରୀମା**

# ଚିରସ୍ଥାୟୀ ପରିବର୍ତ୍ତନ

**କୈବଲ୍ୟ ଜେନା**

ମା' କହନ୍ତି, "ସାଧାରଣ ଲୋକେ ମୋତେ ବାରମ୍ବାର ପ୍ରଶ୍ନ କରିଚାଲିଛନ୍ତି ଏହା ପରେ କ'ଣ ହେବ ? ଏହା ପରେ କ'ଣ ହେବ ?" ଅର୍ଥାତ୍ ବର୍ତ୍ତମାନ ବ୍ୟକ୍ତି, ବିଶ୍ୱ ଓ ବିଶ୍ୱାତୀତ ସ୍ତରରେ ବିରାଟ ପରିବର୍ତ୍ତନ ଦେଖାଦେଉଛି ଏବଂ ଯାହା ସାଧାରଣ ମଣିଷ ଭାବି ନଥିଲା ତାହାହିଁ ଘଟି ଚାଲିଛି। ମଣିଷ ତାକୁ ଆଶ୍ଚର୍ଯ୍ୟଜନକ ଓ ଅଲୌକିକ ପରିବର୍ତ୍ତନ ବୋଲି ଆଖ୍ୟା ଦେଇ ଦଣ୍ଡେ ମୁହୂର୍ତ୍ତେ ବସି ଚିନ୍ତା କରୁଛି "ଏମିତି କିମିତି ହେଲା, ଏମିତି ତ ହେବା କଥା ନୁହେଁ।" ଯଥାର୍ଥରେ କ୍ଷୁଦ୍ର ପାର୍ଥିବ ମନ ଦେଇ ଏ ପରିବର୍ତ୍ତନ କଥା କେବେ ବି ବୁଝି ହେବ ନାହିଁ। ଏହା ମାନସିକ ସ୍ତରରେ ସଙ୍ଗଠିତ ହେଉ ନାହିଁ, ଏହା ଅତିମାନସ ଶକ୍ତିର କ୍ରିୟା। ଯେଉଁ ବ୍ୟକ୍ତିର ଚୈତ୍ୟିକ ବା ଆତ୍ମିକ ବିକାଶ ଯେତିକି ହେବ, ସେତିକି ସେ ଏ ଗଭୀର ପରିବର୍ତ୍ତନକୁ ଦେଖିବ, ଉପଲବ୍ଧି କରିବ। ମା' ୧୯୭୦ ମସିହା ନବବର୍ଷ ବାଣୀରେ କହିଛନ୍ତି, "The world is preparing for a big change. Will you help?" ସେ ମଣିଷ ସମାଜର ସହଯୋଗ ବା collaboration ଚାହୁଁଛନ୍ତି। ଶ୍ରୀଅରବିନ୍ଦ କହୁଛନ୍ତି, "All would change if man could once consent to be spiritualised;" ଅର୍ଥାତ୍ ମଣିଷ ଯଦି ଅଧ୍ୟାତ୍ମ ଚେତନାରେ ପରିବର୍ତ୍ତିତ ହେବା ନିମନ୍ତେ ସମ୍ମତି ଦିଏ, ତେବେ ସକଳ ସମସ୍ୟାର ସମାଧାନ ହୋଇଯିବ।

ଏହି ଅତିମାନସ ସତ୍ୟଯୁଗରେ ଅନ୍ୟାୟ, ଅସତ୍ୟ, ଛନ୍ଦ, କପଟ, ଅସୂୟା, ପରଶ୍ରୀକାତରତା, ଯାବତୀୟ ପ୍ରକାର ପ୍ରାଣିକ-ମାନସିକ ନିମ୍ନ ପ୍ରକୃତି ତିଷ୍ଠି ରହି ପାରିବ ନାହିଁ। ବୁଦ୍ଧି, ଚତୁରତା, ଫନ୍ଦିଫିକର, କଳକୌଶଳ କିଛି ବି କାମ ଦେବ ନାହିଁ। ଯିଏ ଯେତେ ଚତୁର ହେବ, ସେ ସେତେ ଠକି ଯିବ। କେବଳ ଚୈତ୍ୟିକ ବା ଆତ୍ମିକ ଶକ୍ତି ବଳରେ ଶାସନ, ରାଜନୀତି, ଅର୍ଥନୀତି, ଶିକ୍ଷା, ସଭ୍ୟତା, କୃଷି, ଶିଳ୍ପ, କଳା, ସାହିତ୍ୟ, ସ୍ୱାସ୍ଥ୍ୟ, ସାମାଜିକ ଚାଲିଚଳନ ଚାଲିବ। ଅନ୍ତର ସୂର୍ଯ୍ୟ ଉଦୟ ହୋଇ ମଣିଷର ଚେତନାକୁ ଆଲୋକିତ କରିଦେବ ଏବଂ ଅତୀତ ଜନ୍ମଜନ୍ମାନ୍ତର ଅଜ୍ଞାନ-ଅନ୍ଧକାର ଜାଲରୁ ତାକୁ ଉଦ୍ଧାର କରି ଅତିମାନବରେ ପରିଣତ କରିବ। ଏଥିପାଇଁ ଚୈତ୍ୟ ଆବିଷ୍କାରକୁ "ସର୍ବୋତ୍ତମ ଆବିଷ୍କାର" ବୋଲି ମା' କହିଛନ୍ତି।

ଶ୍ରୀଅରବିନ୍ଦ କହିଥିଲେ, ଭାରତମାତା ଖଣ୍ଡେ ଜଡ଼ ଭୂଖଣ୍ଡ ନୁହେଁ, ସେ ଜୀବନ୍ତ ଦେବୀ, ଭାରତୀ ଭବାନୀ, ସିଂହ ବାହିନୀ, ମହିଷାସୁର ମର୍ଦ୍ଦିନୀ, ସର୍ବଶକ୍ତିଦାୟିନୀ। ସେ କହିଥିଲେ ପ୍ରତ୍ୟେକ ଦେଶର ଗୋଟିଏ ଆତ୍ମା ରହିଛି। ବର୍ତ୍ତମାନ ଭାରତର ଆତ୍ମା ନୂତନ ଆଧ୍ୟାତ୍ମିକତାକୁ ଚାହେଁ।

ବର୍ତ୍ତମାନ ଅତିମାନସ ସତ୍ୟ-ଯୁଗରେ ମା'ଶ୍ରୀଅରବିନ୍ଦ ଆସି ଅତିମାନସ ଶକ୍ତିର କ୍ରିୟାକୁ ଅବତରଣ କରାଇଛନ୍ତି। ଭାରତର ସିଂହାସନରେ ସ୍ୱୟଂ ଭଗବାନ ହିଁ ବସିବେ ଏବଂ ଯୋଗ ଶକ୍ତି ବଳରେ ଦେଶକୁ ଶାସନ କରିବେ। ଭାରତବାସୀମାନେ ସର୍ବଶ୍ରେଷ୍ଠ ମନ୍ତ୍ର ଉଚ୍ଚାରଣ କରିବେ, ତାହା ହେଲା "Supreme Lord, Eternal Truth, Let us obey Thee alone and live according to Truth."

ମଣିଷ ବର୍ତ୍ତମାନ ଯେଉଁ ମନଦ୍ୱାରା ପରିଚାଳିତ ହେଉଛି ତା'ର ଊର୍ଦ୍ଧ୍ୱକୁ ଉଠିଯିବା ଆବଶ୍ୟକ ଅର୍ଥାତ୍ ଅନ୍ତରାତ୍ମାରେ ବାସ କରିବା ଏକାନ୍ତ ଆବଶ୍ୟକ। ମନର କାର୍ଯ୍ୟ ଶେଷ ହୋଇଯିବାରୁ ଅତିମାନସକୁ ଶ୍ରୀଅରବିନ୍ଦ ଅବତରଣ କରି ଆଣି ଏହି ପୃଥିବୀରେ ପ୍ରତିଷ୍ଠିତ କଲେ ଏବଂ ସେ ଶକ୍ତିହିଁ ରୂପାନ୍ତର କ୍ରିୟା କରିଚାଲିଛନ୍ତି। ଆମେ ଯଦି ଚୈତ୍ୟସତ୍ତାଙ୍କ ସହିତ ଯୋଗଯୁକ୍ତ ହୋଇ, ତାଙ୍କର ଶକ୍ତିବଳରେ ଆମର ମନ-ପ୍ରାଣ-ଶରୀରକୁ ଚୈତ୍ତୀକରଣ କରିଦେଇ ପାରିବା ବା ଚୈତ୍ୟ ଧର୍ମରେ ଦୀକ୍ଷିତ, ଶିକ୍ଷିତ ପରିଚାଳିତ କରି ପାରିବା ତାହାହିଁ ହେବ ମା'ଙ୍କୁ ଏ ବିରାଟ ରୂପାନ୍ତର କାର୍ଯ୍ୟରେ ସହାୟତା ବା ସାହାଯ୍ୟ କରିବାର ପରମ ଉପାୟ।

ଏକ ବିରାଟ ଚିରସ୍ଥାୟୀ ପରିବର୍ତ୍ତନ ସଙ୍ଗଠିତ ହେବ ଯାହାକୁ କେତେକ ସାଧକ, ସାଧିକା ମା'ଙ୍କ କୃପାରୁ ଅନୁଭବ କରିପାରିବେ। ଶ୍ରୀଅରବିନ୍ଦ ସାବିତ୍ରୀ ମହାକାବ୍ୟରେ ବର୍ଣ୍ଣନା କରିଛନ୍ତି।

A few shall see what none yet understands;
God shall grow up while the wise men talk and sleep;
For man shall not know the coming till its hour
And belief shall be not till the work is done.

ଏହି ପରିବର୍ତ୍ତନ ଅନ୍ତରଜଗତରୁ ବାହ୍ୟଜଗତକୁ ବିଚ୍ଛୁରିତ ବା ପ୍ରକାଶିତ ହେବ।

ଅତିମାନସ ଶକ୍ତି ସ୍ୱୟଂକ୍ରିୟ, ତେଜଦୀପ୍ତ ଓ ଅମୋଘ ଶକ୍ତି। ସେ ସୂକ୍ଷ୍ମଜଗତରେ ସ୍ଥାୟୀ ପରିବର୍ତ୍ତନ ଧାରା ପ୍ରୟୋଗ କରି ଚାଲିଛି। ମା' ବର୍ତ୍ତମାନ ସୂକ୍ଷ୍ମ ରୂପାନ୍ତରିତ ଶରୀରରେ ରହି ରୂପାନ୍ତର କ୍ରିୟାକୁ ସଙ୍ଗଠିତ କରି ଚାଲିଛନ୍ତି। ମା' କହୁଛନ୍ତି "ପ୍ରଭୁ ରୂପାନ୍ତର କାର୍ଯ୍ୟ କରିବା ନିମନ୍ତେ ଆମେ ପୃଥିବୀ ପୃଷ୍ଠରେ ରହିଅଛୁ। ଏହାହିଁ ଆମର ଏକମାତ୍ର ସଙ୍କଳ୍ପ ଏବଂ କରଣୀୟ କାର୍ଯ୍ୟ। ପ୍ରଭୁ କୃପା କର, ଯେପରି ଏହାହିଁ ହୋଇଉଠୁ ଆମର ଏକମାତ୍ର ବୃତ୍ତି। ଆମର ସକଳ କାର୍ଯ୍ୟ ଏଇ ଏକହିଁ ଲକ୍ଷ୍ୟ ଦିଗରେ ନେଇଯିବା ପାଇଁ ସହାୟକ ହେଉ।"

ଶୀତଋତୁ ଆସେ, ଗ୍ରୀଷ୍ମ ଋତୁ ଆସେ, ସମସ୍ତେ ଶୀତର ଶିକାର ଏବଂ ଗ୍ରୀଷ୍ମର ଶିକାର ହେବାକୁ ବାଧ୍ୟ। କାରଣ ଏହା ହେଉଛି ସେହି କାଳର ସ୍ୱଧର୍ମ, ସେଥିରୁ ଜଣେ ବି ବାଦ ଯାଆନ୍ତି ନାହିଁ। ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ ଯୁଗରେ ଆମେ କିପରି ବା ରୂପାନ୍ତର ପ୍ରକ୍ରିୟାରୁ ବାଦ ଯିବା ? ଶ୍ରୀଅରବିନ୍ଦଙ୍କ କ୍ରିୟାର ଜୀବନ୍ତ ଜାଗ୍ରତ ସ୍ୱଧର୍ମ ହେଲା ମଣିଷ ଅତିମାନବ ସ୍ତରକୁ ଉନ୍ନୀତ ହେବ, ପୃଥିବୀ ସ୍ୱର୍ଗରେ ପରିଣତ ହେବ।

Let Thy Will be done, not mine. ଅର୍ଥାତ୍ ତୁମର ଇଚ୍ଛାହିଁ ପୂରଣ ହେଉ, ମୋର ନୁହେଁ। ସ୍ୱୟଂ ମା' ଭଗବତୀଙ୍କ ଇଚ୍ଛା ଧୀରେ ଧୀରେ କାର୍ଯ୍ୟରେ ପରିଣତ ହେବ ଏବଂ ମାନୁଷୀ ଇଚ୍ଛା ତା ବିରୁଦ୍ଧରେ ଠିଆ ହୋଇ ତିଷ୍ଠି ପାରିବ ନାହିଁ। ମା' କହନ୍ତି "No human will can finally prevail against the Divine's will. Let us put ourselves deliberately and exclusively on the side of the Divine, and the victory is ultimately certain. ଆମେ ପାଣ୍ଡବମାନଙ୍କ ଭଳି କେବଳ ଭଗବାନଙ୍କ ପକ୍ଷରେ ରହି ସବୁ ବାଧା-ବିଘ୍ନକୁ ସହ୍ୟ କରି ନୂତନ ଅତିମାନସ ସତ୍ୟଯୁଗର ଜଣେ ଜଣେ ଜୀବନ୍ତ ଉଦାହରଣ ହୋଇ ଅଗ୍ରଦୂତ ସାଜିବା। ଏପରି ଏକ ଯୁଗ ଆସିବ ଯେଉଁ ଯୁଗରେ ସ୍ୱୟଂ ଭଗବାନ ମା' ରୂପରେ ଆସି ଆମକୁ ଧରା ଦେଇଛନ୍ତି। ଏଣୁ ଆମେ ସାଧାରଣ ମଣିଷ ହୋଇ ମଧ୍ୟ ତାଙ୍କ ଆଶ୍ରିତ, ଭକ୍ତ, ସାଧକ ସାଧିକା, ଶିଷ୍ୟ ହେବାର ସୁଯୋଗ ପାଇଛୁ। ଏହା ତାଙ୍କ ଅସୀମ କୃପାର ଫଳ। ଏ ସୌଭାଗ୍ୟକୁ ଆମେ ହାତଛଡ଼ା କରିବା ଉଚିତ ନୁହେଁ। ସୁବର୍ଣ୍ଣ ସୁଯୋଗ ଦୁଇଥର ଆସେ ନାହିଁ। ବର୍ତ୍ତମାନ ଆମ ଜୀବନର ଏକମାତ୍ର ଲକ୍ଷ୍ୟ ହେବ ସର୍ବାଙ୍ଗୀନ ରୂପାନ୍ତର। ଏହି ରୂପାନ୍ତର ମାଧ୍ୟମରେହିଁ ହେବ ଚିରସ୍ଥାୟୀ ପରିବର୍ତ୍ତନ।

When difficutlties come it is to teach us to be peaceful and even cheerful in spite of everything.

**– The Mother**

ଯେତେବେଳେ ଅସୁବିଧା ଆସେ ସେତେବେଳେ ଏହା ଆସିଥାଏ ଆମକୁ ସବୁକିଛି ସତ୍ତ୍ୱେ ଶାନ୍ତ ଏବଂ ପ୍ରଫୁଲ୍ଲ ରହିବା ନିମନ୍ତେ ଶିକ୍ଷାଦେବାକୁ।

**– ଶ୍ରୀମା**

ସଙ୍ଗଠନର ପୁରାତନ ସ୍ମୃତି....

# କୋରାପୁଟ ଜିଲ୍ଲାରେ ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନ

**ଶ୍ରୀ ପଞ୍ଚାନନ ପାତ୍ର**

ଅତିମାନସ ଯୁଗର ଅଗ୍ରଦୂତ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଦର୍ଶନ ଓ ବାଣୀର ପ୍ରସାର କୋରାପୁଟ ଜିଲ୍ଲାରେ ବସ୍ତୁତଃ ଆରମ୍ଭ ହୁଏ ୧୯୫୧ ମସିହାରେ। ସେହି ସମୟରେ ଜୟପୁର ବିକ୍ରମଦେବ କଲେଜକୁ ବଦଳି ହୋଇ ଆସନ୍ତି ଦର୍ଶନ ଓ ତର୍କ ଶାସ୍ତ୍ରର ଅଧ୍ୟାପକ ଶ୍ରୀ କାଙ୍ଗାଳି ଚରଣ ପତି (ଶ୍ରୀମା'ଙ୍କ ପ୍ରଦତ୍ତ ନାମ 'ପ୍ରପତ୍ତି' ନାମରେ ସୁପରିଚିତ)। ଯେଉଁ ଅଳ୍ପ କେତୋଟି ପୁରାତନ ପାଠଚକ୍ର ଯଥା-ରାଇରଙ୍ଗପୁରସ୍ଥ ଶ୍ରୀ ଉମାପଦ ସେନଙ୍କ, କଟକସ୍ଥ ଶ୍ରୀ ଲଳିତ ମୋହନ ଘୋଷଙ୍କ ଏବଂ ସୁନ୍ଦରଗଡ଼ସ୍ଥ ଡାକ୍ତର ଶ୍ରୀ କିରଣ ଚନ୍ଦ୍ର ଘୋଷଙ୍କ ପରିଚାଳିତ ପାଠଚକ୍ର ଥାଏ, ଜୟପୁରର ଅଧ୍ୟାପକ ପତିଙ୍କ ପ୍ରତିଷ୍ଠିତ ପାଠଚକ୍ର ତନ୍ମଧ୍ୟରୁ ଗୋଟିଏ। ଏହି ପାଠଚକ୍ର ଶ୍ରୀଯୁକ୍ତ ପତିଙ୍କ ବାସଭବନରେ ନିୟମିତ ଅନୁଷ୍ଠିତ ହୁଏ। ପ୍ରତ୍ୟେକ ପାଠଚକ୍ର ଦିବସରେ ଏବଂ ବିଶେଷ ଦର୍ଶନ ଦିବସରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଅଧ୍ୟାପକ ଓ ଛାତ୍ରଗଣ ଏଥିରେ ଯୋଗ ଦିଅନ୍ତି। ପାଠଚ୍ରକର ଗୋଟିଏ ବହି ବିକ୍ରୟକେନ୍ଦ୍ର ଓ ଲାଇବ୍ରେରୀ ସମ୍ପାଦକ ଶ୍ରୀ ପଞ୍ଚାନନ ପାତ୍ର ପରିଚାଳନା କରୁଥିଲେ। ଗୌରବର ବିଷୟ ଯେ, ସେହି ସମୟରେ ଏହି ପାଠଚକ୍ର ତରଫରୁ ଖଣ୍ଡିଏ ଆଶ୍ରମ ପ୍ରକାଶିତ ଇଂରାଜୀ ବହି ଓଡ଼ିଆରେ ଅନୂଦିତ ହୋଇ ପ୍ରକାଶ ପାଇଥାଏ। ୧୯୫୧ ମସିହା ନଭେମ୍ବର ୨୪ ଶ୍ରୀମାଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସରେ କଲେଜ ପ୍ରାଙ୍ଗଣରେ ଏହାର ପ୍ରଥମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ୧୯୫୪ ମସିହାରେ ଅଧ୍ୟାପକ ଶ୍ରୀଯୁକ୍ତ ପ୍ରପତ୍ତି ଏହି ଜୟପୁରରୁହିଁ ସ୍ଥାୟୀଭାବରେ ଆଶ୍ରମ-ବାସିନ୍ଦା ହୋଇ ଚାଲିଯାଇଥିଲେ।

କିଛିକାଳ ଏହି ଆନ୍ଦୋଳନ ଧିମେଇ ଗଲାପରେ ପୁନର୍ବାର ଏହା ଜାଗିଉଠିଲା। ଜୟପୁର କେନ୍ଦ୍ରର ଅଗ୍ରଗତି ଓ ବିକାଶହିଁ ଏହ ଜିଲ୍ଲାର ଆନ୍ଦୋଳନକୁ ବସ୍ତୁତଃ ନିୟନ୍ତ୍ରଣ କରୁଥିଲା। ସ୍ଥାନୀୟ କେତେକ ଉତ୍ସାହୀ ଯୁବକ ଯଥା: ସର୍ବଶ୍ରୀ ରାମନାଥ ପଣ୍ଡା, ମୋହନରାଜ ବୈଦ, ଭାସ୍କର ରାଓ, ଗୌରାଙ୍ଗ ପାଢ଼ୀ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, କୃଷ୍ଣା ଆୟାର ତତ୍କାଳୀନ ସ୍ଥାନୀୟ କଲେଜର ଦର୍ଶନ ଅଧ୍ୟାପକ ଶ୍ରୀଯୁକ୍ତ ହୃଦାନନ୍ଦ ରାୟଙ୍କ ନେତୃତ୍ୱରେ ସକ୍ରିୟ ଆନ୍ଦୋଳନରେ ଯୋଗଦେଲେ। ପାଠଚକ୍ର ସମେତ ଆର୍ଥିକ ଅଭିବୃଦ୍ଧି ନିମିତ୍ତ ଏକ ବ୍ୟକ୍ତି-ସ୍ୱାର୍ଥ-ରହିତ ବ୍ୟବସାୟ ସଂସ୍ଥା ଗଢ଼ି ସେଥିରେ ସକ୍ରିୟ ଅଂଶ ଗ୍ରହଣ କଲେ। ଏକ ଦାତବ୍ୟ ହୋମିଓ ଚିକିତ୍ସାଳୟ ପ୍ରତିଷ୍ଠା କରି ଜନସେବାରେ ନିୟୋଜିତ ହେଲେ। ଚିକିତ୍ସାଳୟଟିକୁ ୧୯୬୧ ମସିହାରେ ଶ୍ରୀଅରବିନ୍ଦ ଆଶ୍ରମର ପୂଜ୍ୟ ସାଧକ ବାବାଜି ମହାରାଜ ଶ୍ରୀ ରାମକୃଷ୍ଣ ଦାସ ଉଦ୍‌ଘାଟନ କରିଥିଲେ। ଠିକ୍ ଏହି ସମୟରେ କୋରାପୁଟ ସହରରୁ ଜନୈକ ସାଧାରଣ ଶିକ୍ଷକ ଶ୍ରୀ ରଘୁନାଥ ପାଣି (ପ୍ରବୀଣ ଶିକ୍ଷାବିତ୍ ରୂପରେ ପରିଚିତ) ପାଠଚକ୍ର ଆନ୍ଦୋଳନର ପ୍ରସାର କଲେ। ସେ ଅଧ୍ୟାପକ ପତିଙ୍କ ସହସମ୍ପାଦକତ୍ୱରେ ଏବଂ ଜୟପୁର ପାଠଚକ୍ରର ସକ୍ରିୟ ସହଯୋଗରେ ଜୟପୁରର ବିକାଶ ପ୍ରେସରୁ ଅଧ୍ୟାତ୍ମ-ଚେତନା-ପ୍ରେରିତ 'ନବଜ୍ୟୋତି' ତ୍ରୈମାସିକ ପତ୍ରିକା ପ୍ରକାଶ କଲେ। ପତ୍ରିକାର ମୁଦ୍ରଣ ଓ ପରିପାଟିରେ ଶ୍ରୀ ରାମନାଥ ପଣ୍ଡା ଓ ଶ୍ରୀ ମନ୍ମଥ ପାଣିଗ୍ରାହୀ ଅଂଶ ଗ୍ରହଣ କରିଥିଲେ। ଦୁଇଗୋଟି ସଂଖ୍ୟା ଜୟପୁରରୁ ହିଁ ପ୍ରକାଶ ପାଇବା ପରେ ତାହା ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମରୁ ଅଧ୍ୟାପକ ପତିଙ୍କ ପ୍ରତ୍ୟକ୍ଷ ଦାୟିତ୍ୱରେ ପ୍ରକାଶ ପାଇଲା ଏବଂ ଏହାକୁ କେନ୍ଦ୍ର କରି ଆଜିର ବିଶିଷ୍ଟ ଅନୁଷ୍ଠାନ 'ନବଜ୍ୟୋତି କାର୍ଯ୍ୟାଳୟ' ଗଢ଼ି ଉଠିଲା। କହିବା ବାହୁଲ୍ୟ ଯେ ବାବାଜି ମହାରାଜଙ୍କ ପ୍ରଣୀତ ସମୁଦାୟ ଅଠଷଠି ଖଣ୍ଡ ବିଶିଷ୍ଟ ଲୋକ ସାହିତ୍ୟର ଆଦ୍ୟ ଗ୍ରନ୍ଥ 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ' ଜୟପୁରରୁ ପ୍ରଥମେ ପ୍ରକାଶ ପାଇଥିଲା। ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରତିଷ୍ଠିତ କଥାକାର, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ତଥା ଶାରଳା ପୁରସ୍କାର ବିଜେତା ଅଧ୍ୟାପକ ମନୋଜ ଦାସ ଯେତେବେଳେ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମରେ ସ୍ଥାୟୀଭାବେ ସାଧକ ଜୀବନଯାପନ ପାଇଁ ନିଷ୍ପତ୍ତି ଗ୍ରହଣ କଲେ, ସେତେବେଳେ ଭୌଗଳିକ ଓଡ଼ିଶାର ଶେଷ ପାଠଚକ୍ର ଜୟପୁର ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିବାର ସୁଯୋଗ ପାଇଥିଲା। ଏହି ସମୟରେ ଜୟପୁର ପାଠଚକ୍ର ତରଫରୁ ଓଡ଼ିଆ ଓ ତେଲୁଗୁ ଭାଷାରେ 'ନୀରାଜନା' ନାମକ ଅଧ୍ୟାତ୍ମ ସାହିତ୍ୟ ସମ୍ବଳିତ ଏକ ତ୍ରୈମାସିକ ପତ୍ରିକା ଅଧ୍ୟାପକ ଶ୍ରୀ ହୃଦାନନ୍ଦ ରାୟ, ଶ୍ରୀ ରାମନାଥ ପଣ୍ଡା ଓ ଶ୍ରୀ ଭାସ୍କର ରାଓଙ୍କ ସମ୍ପାଦନାରେ ପ୍ରକାଶ ପାଇଥିଲା।

୧୯୬୬ ମସିହା ଡିସେମ୍ବର ୫ତାରିଖ ମହାସମାଧି ଦିବସରେ ପାଠଚକ୍ରର ନିଜସ୍ୱ ଗୃହ 'ଶ୍ରୀଅରବିନ୍ଦ ଭବନ' ଶ୍ରୀମା'ଙ୍କ ଅନୁମତିକ୍ରମେ ଅଧ୍ୟାପକ ପ୍ରପତ୍ତି ଉଦ୍‌ଘାଟନ କଲେ। ଭବନର ପ୍ରଥମ ଭିତ୍ତି ସ୍ଥାପନ କାର୍ଯ୍ୟ ସମ୍ପାଦନ କରିଥିଲେ ଓଡ଼ିଶାର ସ୍ୱନାମଧନ୍ୟ ସାହିତ୍ୟିକ, ଶାରଳା ପୁରସ୍କାର ବିଜେତା ଅଧ୍ୟାପକ ଶ୍ରୀ ଚନ୍ଦ୍ରଶେଖର ରଥ। ଉଦ୍‌ଘାଟନ ଉତ୍ସବ ଉପଲକ୍ଷ୍ୟେ ଶ୍ରୀମା'ଙ୍କ ପ୍ରଦତ୍ତ ବାଣୀ ଥିଲା– 'ତୁମେ ତରୁଣମାନେହିଁ ଦେଶର ଆଶା ଓ ଭରସା। ଏହି ଆଶାର ଯୋଗ୍ୟ ହେବା ନିମିତ୍ତ ନିଜକୁ ପ୍ରସ୍ତୁତ କର।' ୧୯୭୦ ମସିହା ଡିସେମ୍ବର ୮ ତାରିଖରେ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ବିମାନ ଯୋଗେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ଏଠାକୁ ଆସିଥିଲା ଏବଂ ଡିସେମ୍ବର ୯ତାରିଖରେ ପ୍ରତିଷ୍ଠିତ ହୋଇଥିଲା। ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ପ୍ରତ୍ୟକ୍ଷ ସାହାଯ୍ୟ, ତାଙ୍କରି ମନ୍ତ୍ରୀମଣ୍ଡଳର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ହରିହର ପଟେଲଙ୍କ ଉପସ୍ଥିତିରେ ଅଧ୍ୟାପକ ପ୍ରପତ୍ତି ଓ ଅଧ୍ୟାପକ ଛୋଟେନାରାୟଣ ଶର୍ମା ଏହି ପବିତ୍ର ଦେହାଂଶ ସ୍ଥାପନ କାର୍ଯ୍ୟ ସମ୍ପାଦନ କରିଥିଲେ। ଏ ଉପଲକ୍ଷ୍ୟେ ଶ୍ରୀମା'ଙ୍କ ବାଣୀ ଥିଲା– 'ଜଣ ଜଣ କରି ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ସର୍ବୋଚ୍ଚ ଚେତନା ଜୀବନର ନିୟନ୍ତା ହେବା ଆବଶ୍ୟକ।' ସେହି ସନ୍ଧ୍ୟାର ଏକ ଉତ୍ସବରେ ଅଧ୍ୟାପକ ପ୍ରପତ୍ତି ଘୋଷଣା କରିଥିଲେ ଯେ, 'ଆଜି ଯେଉଁ ଅପୂର୍ବ ଘଟଣା ଏଠାରେ ଘଟିଲା, ତା'ର ପରିଣାମ ସ୍ୱରୂପ କୋରାପୁଟ ଜିଲ୍ଲାରେ ଅଭୂତପୂର୍ବ ଓ ବ୍ୟାପକ ପରିବର୍ତ୍ତନ ଘଟିବ। ପରବର୍ତ୍ତି କାଳରେ ଦେଖାଦେଇଛି, କୋରାପୁଟ ଜିଲ୍ଲାରେ ବହୁ ପ୍ରକଳ୍ପ କାର୍ଯ୍ୟକାରୀ ହେଉଅଛି ଏବଂ ସନ୍ତ୍ରାସବାଦୀ ନକ୍ସଲପନ୍ଥୀ ଆନ୍ଦୋଳନ ଅପସରି ଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶାରେ ପ୍ରଥମ କରି ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ଜଗତ୍‌ସିଂହପୁର ଓ ଜୟପୁରରେ ସ୍ଥାପିତ ହୋଇଥିଲା।

ଏହି ପାଠଚକ୍ରକୁ କେନ୍ଦ୍ରକରି ଯେଉଁ ବିଶିଷ୍ଟ ସାଧକ, ସାଧିକା, ଅଧ୍ୟାପକ, କର୍ମୀ ତଥା ଭକ୍ତ କୋରାପୁଟ ଜିଲ୍ଲାକୁ ଆଗମନ କରିଛନ୍ତି, ସେମାନଙ୍କ ମଧ୍ୟରେ କତିପୟ ନାମ ନିମ୍ନରେ ଉଲ୍ଲେଖ କରୁଅଛି। ସେମାନେ ହେଲେ– ଶ୍ରୀଅରବିନ୍ଦ ଆଶ୍ରମର ବିଶିଷ୍ଟ ସାଧକ ଅମ୍ବାଭାଇ ପୁରାଣୀଜୀ, ବିଶିଷ୍ଟ ଆମେରିକୀୟ ସାଧକ ଜୟ ହୋମସ୍ ସ୍ମିଥ, ଶ୍ରୀମା'ଙ୍କ ଅନ୍ୟତମ ସେକ୍ରେଟାରୀ ସାଧକ ଉଦାର ପିଣ୍ଟୋ, ବାବାଜି ମହାରାଜ ଶ୍ରୀ ରାମକୃଷ୍ଣ ଦାସ, ଅଧ୍ୟାପକ ମନୋଜ ଦାସ, ଶ୍ରୀଯୁକ୍ତ ବିଶ୍ୱମ୍ଭର ସାମନ୍ତ, ଅଧ୍ୟାପକ ଛୋଟେନାରାୟଣ ଶର୍ମା, ଅଧ୍ୟାପକ ଭି.ମଧୁସୂଦନ ରେଡ୍ଡି, ଅଧ୍ୟାପକ ଭି,ମନମୋହନ ରେଡ୍ଡି, ଶ୍ରୀମା ଶ୍ରୀଅରବିନ୍ଦଙ୍କ ଏକାନ୍ତ ଏକନିଷ୍ଠ ସେବକ ସାଧକ ଚମ୍ପକଲାଲଜୀ, ସାଧିକା କମଳା ବେନ୍, ସାଧକ ଭୋଳେଶ୍ୱର ଭୂୟାଁ, ସାଧକ ମଧୁସୂଦନ ମିଶ୍ର, ଶ୍ରୀଅରବିନ୍ଦ ଆଶ୍ରମ ଆନ୍ଧ୍ର ଶାଖାର ପରିଚାଳକ ସାଧକ ରାଜୁପ୍ରମୁଖ। ଅନ୍ୟ ଯେଉଁ ମାତୃପ୍ରେମୀ ବନ୍ଧୁଗଣ ପାଠଚକ୍ର ଆନ୍ଦୋଳନର ପ୍ରସାର ଦିଗରେ କାର୍ଯ୍ୟ କରିଛନ୍ତି ସେମାନେ ହେଲେ– ଅଧ୍ୟାପକ ସର୍ବଶ୍ରୀ ହୃଦାନନ୍ଦ ରାୟ, ରଜତ କୁମାର କର, ଚନ୍ଦ୍ରଶେଖର ରଥ, ସୁନୀଲ ବିହାରୀ ମହାନ୍ତି, କୁମାରଚନ୍ଦ୍ର ମିଶ୍ର, ପ୍ରତାପ ଚନ୍ଦ୍ର ପଣ୍ଡା, ମାୟାଧର ସିଂ, ରଜନୀକାନ୍ତ ସାହୁ ପ୍ରମୁଖ। କୋରାପୁଟ ଜିଲ୍ଲାର ବିଭିନ୍ନ ପାଠଚକ୍ରମାନଙ୍କ ମଧ୍ୟରେ କେତୋଟି ମୁଖ୍ୟ ପାଠଚକ୍ର ଜୟପୁର, କୋରାପୁଟ, ରାୟଗଡ଼ା, ଗୁଣୁପୁର, କୁନ୍ଦ୍ରା, ବାଲିମେଳା, ଚିତ୍ରକୋଣ୍ଡା, ନବରଙ୍ଗପୁରରେ ଅବସ୍ଥିତ। ଯେଉଁମାନଙ୍କର ନିଜସ୍ୱ ପାଠଚକ୍ର ଗୃହ ବା ଜମି ରହିଛି ସେମାନେ ହେଲେ–ଜୟପୁର, କୋରାପୁଟ, ବାଲିମେଳା, କୁନ୍ଦ୍ରା, ରାୟଗଡ଼ା, କାଶୀପୁର, ଗୁଣୁପୁର ଇତ୍ୟାଦି। ବିଭିନ୍ନ ସ୍ଥାନରେ ପାଠଚକ୍ର କାର୍ଯ୍ୟକ୍ରମକୁ ପରିଚାଳନା ଏବଂ ସଙ୍ଗଠିତ କରିବାରେ ଯେଉଁମାନଙ୍କର ଅବଦାନ ରହିଛି ସେମାନେ ହେଲେ ଜୟପୁରର ସର୍ବଶ୍ରୀ ରାମନାଥ ପଣ୍ଡା, ପଞ୍ଚାନନ ପାତ୍ର, ଗଗନ ବିହାରୀ ଶତପଥି, ରଘୁନାଥ ପାଣିଗ୍ରାହୀ, ରାଧାନାଥ ପଣ୍ଡା, ଭାନୁକୁମାର, ଗଣେଶ୍ୱର ପଣ୍ଡା, ବିଘ୍ନେଶ୍ୱର ସାନ୍ତ୍ରା, ଲକ୍ଷ୍ମୀଧର ସାହୁ, ପ୍ରଭାକର ମହାନ୍ତି, ଅନନ୍ତରାମ ପଟ୍ଟନାୟକ, ବଳରାମ ମହାନ୍ତି, ପରମାନନ୍ଦ ପଟ୍ଟନାୟକ, ଗଣପତି ଷଡ଼ଙ୍ଗୀ, ରଶ୍ମିରଞ୍ଜନ ବେଉରିଆ, କମଳ କୁମାରୀ ସାମନ୍ତରାୟ ପ୍ରମୁଖ। ସୁନାବେଡ଼ାରୁ ସର୍ବଶ୍ରୀ ସୁରେଶଚନ୍ଦ୍ର ଦେ, ନଳିନୀ ରଞ୍ଜନ ମହାନ୍ତି, ପ୍ରୀତିରଞ୍ଜନ ରାୟ, ତ୍ରିନାଥ ରଥ, ରଣଜିତ କୁମାର ଦାସ, ଈଶ୍ୱରଚନ୍ଦ୍ର ଦୀକ୍ଷିତ୍, ଚନ୍ଦ୍ରଚୂଡ଼ ଦାସ, ନିରଞ୍ଜନ ପାତ୍ର, ବାରୀନ୍ଦ୍ର ନାଥ ଚାଖୀ ପ୍ରମୁଖ; ଗୁଣୁପୁରରୁ ସର୍ବଶ୍ରୀ ବିହାରୀଲାଲ ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ସାହୁ, ବି.ଭି.କେ. କୃଷ୍ଣ ଦେଓ, କୁମାରଚନ୍ଦ୍ର ମିଶ୍ର ପ୍ରମୁଖ; ରାୟଗଡ଼ାରୁ ସର୍ବଶ୍ରୀ ମାୟାଧର ସିଂ, ଇନ୍ଦ୍ରମଣି ସାହୁ, ନବକୁମାର ଆଚାର୍ଯ୍ୟ ପ୍ରମୁଖ; କୋରାପୁଟରୁ ସର୍ବଶ୍ରୀ ଭାସ୍କରଚନ୍ଦ୍ର ପଟ୍ଟନାୟକ, ରଘୁନାଥ ପାଣି, ଉପେନ୍ଦ୍ର ସିଂହ, ଉଦୟନାଥ ମିଶ୍ର, ହରେକୃଷ୍ଣ ବହିଦାର, ଶଶାଙ୍କ ଶେଖର ମହାପାତ୍ର, ଏ.ଭି. ଆପ୍‌ପାରାଓ, ଲକ୍ଷ୍ମୀନାରାୟଣ ଦାସ, ଜ୍ଞାନରଞ୍ଜନ ପଟ୍ଟନାୟକ, ଭବାନୀ ଶଙ୍କର ପ୍ରଧାନ ପ୍ରମୁଖ; ନବରଙ୍ଗପୁରରୁ ସର୍ବଶ୍ରୀ ପଦ୍ମଚରଣ ପଟ୍ଟନାୟକ, ଭାଗିରଥି ପାତ୍ର ପ୍ରମୁଖ; ବାଲିମେଳାରୁ ସର୍ବଶ୍ରୀ ପରୀକ୍ଷିତ ତ୍ରିପାଠୀ,

ଦେବେନ୍ଦ୍ରନାଥ ଦଳାଇ, ରଘୁନାଥ ନନ୍ଦ, ସତ୍ୟନାରାୟଣ ମିଶ୍ର, ଲଲାଟେନ୍ଦୁ ସାହୁ, କୃଷ୍ଣଚନ୍ଦ୍ର ଘଡେଇ ପ୍ରମୁଖ; ଇନ୍ଦ୍ରାବତୀ ପ୍ରକଳ୍ପରୁ ସର୍ବଶ୍ରୀ ଦାମୋଦର ସାହୁ, ରବୀନ୍ଦ୍ର କୁମାର ପାତ୍ର, କୁମାରୀ ବିଜୟଲକ୍ଷ୍ମୀ ରାଜୁ ପ୍ରମୁଖ; କୋଲାବ ନଗରରୁ ସର୍ବଶ୍ରୀ ବିଜୟାନନ୍ଦ ତ୍ରିପାଠୀ, ବିପ୍ରଚରଣ ପାଢ଼ୀ, ରଘୁନାଥ ନନ୍ଦ, ସୁରେନ୍ଦ୍ର କୁମାର ମହାପାତ୍ର, ଦିବାକର ଲେଙ୍କା, ପ୍ରମୋଦ କୁମାର ଦାସ ପ୍ରମୁଖ; କୁନ୍ଦ୍ରାରୁ ସର୍ବଶ୍ରୀ ସୁନୀଲ ବିହାରୀ ମହାନ୍ତି, ପଞ୍ଚାନନ ଗୌଡ଼ ପ୍ରମୁଖ; କୋଟପାଡରୁ ସର୍ବଶ୍ରୀ ଗୋପାଳ ପଟ୍ଟନାୟକ, ଶୈଳେନ୍ଦ୍ର ମହାପାତ୍ର ପ୍ରମୁଖ। ଶ୍ରୀମା ଶ୍ରୀଅରବିନ୍ଦଙ୍କ ପ୍ରବର୍ତ୍ତିତ ଶିକ୍ଷା-ପ୍ରଣାଳୀ ଅନୁସରଣ କରାଯାଇ ଅପର କୋଲାବ ପ୍ରକଳ୍ପର କୋଲାବ ନଗରଠାରେ ଏବଂ ଇନ୍ଦ୍ରାବତୀ ପ୍ରକଳ୍ପର ଖାତିଗୁଡ଼ାଠାରେ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ ଖୋଲା ଯାଇଅଛି। କୁନ୍ଦ୍ରାଠାରେ ଶ୍ରୀଅରବିନ୍ଦ ଶିକ୍ଷା ନିକେତନ ହାଇସ୍କୁଲ ପ୍ରତିଷ୍ଠା ହୋଇଅଛି। ଗୁଣୁପୁର, ରାୟଗଡ଼ା ଏବଂ ଜୟପୁରଠାରେ ଶିଶୁମାନଙ୍କର ସ୍କୁଲ ପ୍ରତିଷ୍ଠା ପାଇଁ ପ୍ରଚେଷ୍ଟା ଚାଲିଛି।

ବିଶିଷ୍ଟ ଅତିଥି ଭାବେ ଯେଉଁମାନେ ଜୟପୁର ପାଠଚକ୍ରକୁ ଆଗମନ କରିଛନ୍ତି ସେମାନେ ହେଲେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀଗଣ–ଡ.ହରେକୃଷ୍ଣ ମହତାବ, ଶ୍ରୀମତୀ ନନ୍ଦିନୀ ଶତପଥି, ଶ୍ରୀଯୁକ୍ତ ବିରେନ ମିତ୍ର। ପୂର୍ବତନ ମନ୍ତ୍ରୀମାନଙ୍କ ମଧ୍ୟରେ ଅଛନ୍ତି ସର୍ବଶ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀ, ଡ.କୃପାସିନ୍ଧୁ ଭୋଇ, ସୋମନାଥ ରଥ, ହରିଶ୍ଚନ୍ଦ୍ର ବକ୍‌ସିପାତ୍ର, ଦିବ୍ୟଲୋଚନ ଶେଖର ଦେଓ, ବ୍ରଜମୋହନ ମହାନ୍ତି, ହରିହର ପଟେଲ ଏବଂ ସମ୍ପ୍ରତି ଓଡ଼ିଶାର ଅର୍ଥ ଓ ଆଇନ ମନ୍ତ୍ରୀ ଶ୍ରୀଯୁକ୍ତ ରଘୁନାଥ ପଟ୍ଟନାୟକ।

ଆନ୍ଦୋଳନର ଏକ ସ୍ଥୂଳ ପ୍ରସାର ରୂପ ଉର୍ଦ୍ଧ୍ୱରେ ପ୍ରଦାନ କରାଗଲା। ଶ୍ରୀଅରବିନ୍ଦଙ୍କ ଯୋଗର ଆଭିମୁଖ୍ୟ ହେଉଛି ପ୍ରକୃତିର ନିଜସ୍ୱ ଯୋଗକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସଚେତନ ପ୍ରୟାସ। ତେଣୁ ଏହା କୌଣସି ସାମ୍ପ୍ରଦାୟକତା, ସଙ୍କୀର୍ଣ୍ଣ-ମନୋଭାବାପନ୍ନ ଧାର୍ମିକତା, ଗୋଷ୍ଠୀବାଦ ଉପରେ ବିଶ୍ୱାସ କରେ ନାହିଁ। ମଣିଷ ଜାତିର, ପୃଥିବୀର, ସମାଜର, ପରିବାରର, ବ୍ୟକ୍ତିର ଏପରି କୌଣସି ସମସ୍ୟା ନାହିଁ, ଯାହାର ସମାଧାନ ଶ୍ରୀମାଶ୍ରୀଅରବିନ୍ଦଙ୍କ ଦର୍ଶନ ଓ ବାଣୀରେ ନାହିଁ। ତେଣୁ ଏହି ସତ୍ୟ- ପ୍ରେରିତ ଦର୍ଶନ ଓ ବାଣୀର ବହୁଳ ପ୍ରସାର ଓ ଗ୍ରହଣ ଫଳରେ ଅପୂର୍ଣ୍ଣ ମାନବ ଜାତି ପୂର୍ଣ୍ଣତା ପ୍ରାପ୍ତି କରିବ ଏବଂ ଫଳତଃ ତା'ର ସମସ୍ତ ସାମ୍ପ୍ରତିକ ସମସ୍ୟା ସମାହିତ ହେବ।

Let each one do his very best and, peacefully leave to the Supreme the care of the results.

**- The Mother**

ପ୍ରତ୍ୟେକେ ନିଜ ନିଜର ସର୍ବୋତ୍ତମ ଉଦ୍ୟମ କରି ଫଳାଫଳର ଦାୟିତ୍ୱ ଶାନ୍ତିପୂର୍ଣ୍ଣ ଭାବରେ ପରମ ପ୍ରଭୁଙ୍କ ହାତରେ ଛାଡ଼ିଦିଅନ୍ତୁ।

**- ଶ୍ରୀମା**

# ନବଜୀବନ ଶିକ୍ଷା ସଂସଦ

**ନୂଆକରି ଶିକ୍ଷାକେନ୍ଦ୍ର ଖୋଲିବା ଓ ତାହାର ପରିଚାଳନା କରିବା ବିଷୟରେ କେତେକ ସୂଚନା:**
**(ନବଜୀବନ ଶିକ୍ଷା ସଂସଦର ପ୍ରାରମ୍ଭ ସମୟରେ ଲିଖିତ)**

**ଶ୍ରୀ ଚିତ୍ତ ରଞ୍ଜନ ଦାସ**

ଆମ ଭିତରେ ସଦା ଅବସ୍ଥିତ ରହି ଯିଏ ଆମକୁ ପରିଚାଳିତ କରୁଛନ୍ତି, ଏବଂ ନୂଆ ସ୍କୁଲଟିଏ କେତେବେଳେ ଆରମ୍ଭ କରିବାକୁ ହେବ ଏବଂ ତାହାକୁ କିପରି ଚଳାଇବାକୁ ହେବ, ଆମକୁ ଯିଏ ସେ କଥା କହିଦେଇ ପାରୁଥିବେ, ଆମେ ସମସ୍ତେ ତାହାଙ୍କୁହିଁ ଆମ ଯାବତୀୟ ବଳ ଓ ଶକ୍ତିର ଉତ୍ସରୂପେ ଗ୍ରହଣ କରିନେଇ ସାରିଛୁ। ସେହିଁ ନିରନ୍ତର ଆମର ସକଳ ପ୍ରେରଣାର ନିଧାନ ହୋଇ ରହିବେ। ତେଣୁ, ନିମ୍ନରେ ଯାହାକିଛି ଦିଆଯାଇଛି, ତାହାକୁ ଆମେ କେବଳ କେତୋଟି ସହାୟକ କଥା ବୋଲି ଗ୍ରହଣ କରିବା; ଆମର ସୂତ୍ରଗୁଡ଼ିକ ଯେ ଯଥାର୍ଥ ଏବଂ ଆମର ଅନ୍ତର୍ଦୃଷ୍ଟିଗୁଡ଼ିକରେ ଯେ ଆଦୌ କୌଣସି ପ୍ରକାର ଭ୍ରମାତ୍ମକତା ନାହିଁ, ସେ ବିଷୟରେ ଦୃଢ଼ନିଶ୍ଚିତ ହୋଇପାରିବାରେ ଉକ୍ତ କଥାଗୁଡ଼ିକ ଆମକୁ ନିଶ୍ଚୟ ସାହାଯ୍ୟ କରିବ।

**୧. ନୂଆ ସ୍କୁଲଟିଏ ଯେତେବେଳେ ଖୋଲିବା:**

କ) ସ୍କୁଲଟିଏ ଆରମ୍ଭ କରିବାକୁ ଯିବା ପୂର୍ବରୁ ଆମର ଏକ ପାଠଚକ୍ର ଥିବ। ଏହି ପାଠଚକ୍ର ସକ୍ରିୟ ହୋଇଥିବ। ପାଠଚକ୍ରର ଅଗ୍ରଗତି-କ୍ରମରେ ଏପରି ଏକ ସମୟ ଆସି ପହଞ୍ଚିବ, ଯେତେବେଳେ କି ପାଠଚକ୍ରର ସଭ୍ୟମାନେ ଗୋଟିଏ ନୂଆ ସ୍କୁଲ ଆରମ୍ଭ କରିବା ଆବଶ୍ୟକ ବୋଲି ଅନୁଭବ କରିବେ। ଏବଂ ଆପଣାର ବିଚାରରେ ପ୍ରତ୍ୟେକ ସଭ୍ୟ ପ୍ରକୃତରେ ଭାରି ସ୍ପଷ୍ଟ ହୋଇଯାଇଥିବ ଯେ, ସେମାନେ ଯେଉଁ ନୂଆ ସ୍କୁଲଟିକୁ ଆରମ୍ଭ କରିବାକୁ ଯାଉଛନ୍ତି, ତାହା ମର୍ମତଃ ପ୍ରଚଳିତ ସାଧାରଣ ସ୍କୁଲଗୁଡ଼ିକଠାରୁ ନିଶ୍ଚୟ ଅନ୍ୟ ପ୍ରକାରର ହେବ।

ଖ) ଆଖି ଆଗରେ ଏପରି କେତେକ ଅଭିଭାବକ ମଧ୍ୟ ରହିଥିବେ, ଯେଉଁମାନେ କି ଏପରି ସ୍କୁଲଟିଏ ଆରମ୍ଭ ହେଲେ ନିଜର ପିଲାଙ୍କୁ ସେଠାରେ ଛାଡ଼ିବାକୁ ସମ୍ମତ ଥିବେ। ସମ୍ଭବ ହେଲେ ଏଭଳି ଭାବୀ ଅଭିଭାବକମାନଙ୍କର ପ୍ରଥମେ ଏକ ବୈଠକ ଡକାଯାଇ ପାରିବ। ସ୍କୁଲଟିଏ ଆରମ୍ଭ କଲେ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ, ସେହି ବୈଠକରେ ବିଭିନ୍ନ ଦୃଷ୍ଟିରୁ ସେହି ସମସ୍ୟାଗୁଡ଼ିକର ଆଲୋଚନା କରାଯିବ।

ଗ) ସ୍କୁଲ ସକାଶେ ଉପଯୁକ୍ତ ଜାଗା ମିଳି ସାରିଥିବ। ଆଇନତଃ ତାହା ସ୍କୁଲଟିକୁ ଆରମ୍ଭ କରିଥିବା ରେଜେଷ୍ଟ୍ରୀଭୁକ୍ତ ପାଠଚକ୍ରର ସମ୍ପତ୍ତି ହୋଇ ରହିବ। ସେହି ଜାଗାରେ ସ୍ଥାୟୀ ଗୃହଗୁଡ଼ିକର ନିର୍ମାଣ ହେବା ପର୍ଯ୍ୟନ୍ତ ପାଠଚକ୍ର ଇଚ୍ଛା କଲେ ଆଉ କୌଣସି ସ୍ଥାନରେ ଅସ୍ଥାୟୀ ଭାବରେ ସ୍କୁଲର କାର୍ଯ୍ୟ ଆରମ୍ଭ କରିଦେଇ ପାରିବ।

ଘ) ଯେଉଁମାନେ ସ୍କୁଲଟିଏ ଆରମ୍ଭ କରିଥିବେ, ପ୍ରଧାନତଃ ନିଜର ସମ୍ବଳ ଉପରେ ନିର୍ଭର କରି ତାହାକୁ ଚଳାଇବା ଲାଗି ସେମାନେ ପ୍ରସ୍ତୁତ ବି ରହିଥିବେ। ସବୁଠାରୁ ଅଧିକ ପ୍ରତିକୂଳ ପରିସ୍ଥିତି ଆସି ପହଞ୍ଚିଲେ ମଧ୍ୟ ସେମାନେ ନିଜ ଉପରେ ନିର୍ଭର କରି ପାରୁଥିବେ। ତେଣୁ, ସ୍କୁଲ ପାଖରେ ଏପରି ଏକ ଅର୍ଥାଗମର ପନ୍ଥା ମହଜୁଦ ରହିଥିବ, ଯାହା ସାହାଯ୍ୟରେ କି ଅନୁଷ୍ଠାନଟିର ଆବଶ୍ୟକ ଅନ୍ତତଃ ସର୍ବନିମ୍ନ ଖର୍ଚ୍ଚଗୁଡ଼ିକର ନିର୍ବାହ ନିଶ୍ଚୟ ହୋଇ ପାରୁଥିବ।

ଙ) ତତ୍‌ପରବର୍ତ୍ତୀ କାର୍ଯ୍ୟ ହେଉଛି ଉଚିତ ଶିକ୍ଷକମାନଙ୍କୁ ଖୋଜି ସ୍କୁଲକୁ ଆଣିବା। ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଯଦି ଗୋଟିଏ କ୍ଲାସ ଖୋଲି ସ୍କୁଲ ଆରମ୍ଭ ହେଉଥାଏ, ତେବେ ସେଥିଲାଗି ସ୍କୁଲ ପାଇଁ ଅନ୍ତତଃ ଦୁଇଜଣ ଶିକ୍ଷକ ରହିବା ଆବଶ୍ୟକ। ଏକାବେଳକେ ଦୁଇଟି କ୍ଲାସ ଖୋଲୁଥିଲେ ଅନ୍ତତଃ ତିନିଜଣ ଶିକ୍ଷକ ରହିବା ଦରକାର। ଯଦି ଇଚ୍ଛୁକ ସ୍ଥାନୀୟ ଶିକ୍ଷକ ଉପଲବ୍ଧ ହୋଇପାରନ୍ତି, ତେବେ ତାହା ଅଧିକ ଭଲ ହେବ। ବିଶେଷ କରି ଗ୍ରାମାଞ୍ଚଳର ସ୍କୁଲଗୁଡ଼ିକରେ ଠିକ୍ ଏହିପରି ହେବାହିଁ ଉଚିତ। ଯଦି ଶିକ୍ଷକମାନେ ମଧ୍ୟ ସ୍କୁଲଟିକୁ ଆରମ୍ଭ କରୁଥିବା ପାଠଚକ୍ରର ସଭ୍ୟ ହୋଇଥାଆନ୍ତି ଏବଂ ଶିକ୍ଷା ଯେ କିପରି ହେବା ଉଚିତ, ସେହି ବିଷୟରେ ମା' ଶ୍ରୀଅରବିନ୍ଦଙ୍କର ଦୃଷ୍ଟି ବିଷୟରେ ସେମାନଙ୍କର ସମ୍ୟକ୍ ଜ୍ଞାନ ରହିଥାଏ, ତେବେ ତାହାକୁ ପ୍ରକୃତରେ ସବୁଠାରୁ ଭଲ ବୋଲି କୁହାଯିବ।

ଚ) ତା'ପରେ ଆମେ ଆବଶ୍ୟକ ଆସବାବ ଓ ସରଞ୍ଜାମ ପ୍ରତି ଦୃଷ୍ଟି ଦେବା। ଶିକ୍ଷଣର ସହାୟକ ଯାବତୀୟ ସାମଗ୍ରୀ, ଛବି, ମାନଚିତ୍ର ଓ ଚାର୍ଟ, ସ୍କୁଲ ପାଇଁ ଯଥେଷ୍ଟ ସ୍ଥାନ, ଶାରୀରିକ ଶିକ୍ଷାର ନାନାବିଧ ଦ୍ରବ୍ୟ, ହସ୍ତକର୍ମ, ସଙ୍ଗୀତ ଏବଂ ବଗିଚା ଲାଗି ଛାତ୍ରମାନଙ୍କର ସର୍ବନିମ୍ନ ଯେଉଁସବୁ ଜିନିଷ ଦରକାର, ସେଗୁଡ଼ିକୁ ଅବଶ୍ୟ ଯୋଗାଡ଼ କରିବାକୁ ପଡ଼ିବ। କେବଳ ପିଲାମାନେ ନୁହେଁ, ଯେତେବେଳେ ଶିକ୍ଷକ ଓ ପାଠଚକ୍ରର ସଦସ୍ୟମାନେ ମଧ୍ୟ ଶାରୀରିକ ଶିକ୍ଷାର କାର୍ଯ୍ୟକ୍ରମରେ ଭାଗ ନେଇ ପାରିବେ, ନିଜର ବୃଦ୍ଧି ଓ ବିକାଶ ଲାଗି, ହଁ, ଶାରୀରିକ ଅଭିବୃଦ୍ଧି ଲାଗି ମଧ୍ୟ ଇଚ୍ଛୁକ ଥିବା ଏକ

ଗୋଷ୍ଠୀରୂପେ ଯେତେବେଳେ ସେମାନେ ସେହି କାର୍ଯ୍ୟକ୍ରମରେ ଭାଗ ନେଇ ପାରିବେ, ସେତେବେଳେ ଯାଇ ସ୍କୁଲର ଶାରୀରିକ ଶିକ୍ଷାର କାର୍ଯ୍ୟକ୍ରମ ସବୁଠାରୁ ଅଧିକ ଭଲ ଭାବରେ ଚଳିପାରିଲା ବୋଲି କୁହାଯାଇ ପାରିବ। ବ୍ୟାବହାରିକ ଦୃଷ୍ଟିରୁ ଦେଖିଲେ ସ୍କୁଲରେ ସ୍ୱତନ୍ତ୍ର ଭାବରେ ଶାରୀରିକ ଶିକ୍ଷା ଲାଗି ଜଣେ ଶିକ୍ଷକ ହୁଏତ ନିଯୁକ୍ତ ହୋଇପାରନ୍ତି ସତ, ମାତ୍ର ସ୍କୁଲରେ କାର୍ଯ୍ୟ କରୁଥିବା ସବୁ ଶିକ୍ଷକ, ଅନ୍ତତଃ ଅଧିକାଂଶ ଶିକ୍ଷକ ଯେପରି ଶାରୀରିକ ଶିକ୍ଷାର କାର୍ଯ୍ୟକ୍ରମଟିକୁ ଓ ଶାରୀରିକ ଶିକ୍ଷା ଦେବାର ଦାୟିତ୍ୱଟିକୁ ସ୍ୱୟଂ ତୁଲାଇ ପାରୁଥିବେ, ପ୍ରକୃତରେ ସେହିପରି ହେବାହିଁ ଉଚିତ। ହସ୍ତକର୍ମ, ସଙ୍ଗୀତ ଓ ଚିତ୍ରକଳା ଲାଗି ରହିଥିବା ସ୍ୱତନ୍ତ୍ର ଶିକ୍ଷକମାନଙ୍କ କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା କୁହାଯାଇ ପାରିବ।

ଛ) ସ୍କୁଲ ଆରମ୍ଭ ହେବା ସଙ୍ଗେ ସଙ୍ଗେ ସ୍କୁଲର ଲାଇବ୍ରେରୀ ମଧ୍ୟ ଆରମ୍ଭ ହେବ। ପାଠଚକ୍ରର ସଦସ୍ୟ ତଥା ସ୍କୁଲର ଶିକ୍ଷକ ଏବଂ ପିଲାମାନଙ୍କ ଲାଗି ଏକ ସାଧାରଣ ଲାଇବ୍ରେରୀହିଁ ରହିବ। ସମସ୍ତେ ସକ୍ରିୟ ଭାବରେ ସେହି ଲାଇବ୍ରେରୀଟିକୁ ବ୍ୟବହାର କରିପାରୁଥିବେ। ସବୁ ବୟସ ଏବଂ ସବୁ ଆଗ୍ରହକୁ ସନ୍ତୁଷ୍ଟ କରିପାରୁଥିବା ବହିମାନ ସେହି ଲାଇବ୍ରେରୀରେ ରହିଥିବ। ଏହି ଲାଇବ୍ରେରୀ ମାଧ୍ୟମରେ ହିଁ ପାଠଚକ୍ରର ଏକ ଗୋଷ୍ଠୀଗତ ଜୀବନକେନ୍ଦ୍ର ହୋଇ ରହିବାର ଉଦ୍ୟମ କରିପାରିବ।

ଜ) ଶେଷରେ, –ମାତ୍ର ତା' ବୋଲି ଏହାର ଗୁରୁତ୍ୱ ଯେ ଅନ୍ୟଗୁଡ଼ିକ ଅପେକ୍ଷା କୌଣସି ପ୍ରକାରେ କମ୍, ସେକଥା ଆଦୌ ନୁହେଁ, –ସ୍କୁଲରେ ଏକ ବିଜ୍ଞାନଶାଳା ରହିବ। ଏହି ବିଜ୍ଞାନଶାଳାରେ ପିଲାମାନେ ସ୍ୱୟଂ ପ୍ରୟୋଗ କରି ଶିକ୍ଷା କରିବାର ସୁଯୋଗ ପାଇପାରିବେ। ଆମ ନୂତନ ସ୍କୁଲଗୁଡ଼ିକରେ ପାଠ୍ୟକ୍ରମ ଯେଉଁଠୁ ଆରମ୍ଭ ହେବ, ବିଜ୍ଞାନ ଶିକ୍ଷାର କ୍ରମ ମଧ୍ୟ ସେଇଠୁ ଆରମ୍ଭ ହେବ। ପିଲାମାନେ ବୟସ ଓ ଅଭିଜ୍ଞତାରେ ଯେତିକି ବଢ଼ି ବଢ଼ି ଯାଉଥିବେ ଓ ଶ୍ରେଣୀ ପରେ ଶ୍ରେଣୀ ଉପରକୁ ଉଠି ଯାଉଥିବେ, ବିଜ୍ଞାନ ଶିକ୍ଷାର ପରିସର ଏବଂ କ୍ରିୟାତ୍ମକ କ୍ଷେତ୍ରଟି ମଧ୍ୟ ସେହି ଅନୁସାରେ ପ୍ରସାରିତ ହୋଇ ଯାଉଥିବ। ବିଜ୍ଞାନ ଆମ ପିଲାଙ୍କ ମନରେ ସମଗ୍ରତଃ ଅନୁସନ୍ଧାନର ଏକ ମୁକ୍ତ ଓ ବହୁମୁଖୀ ଆଗ୍ରହ ସୃଷ୍ଟି କରିବାକୁ ସମର୍ଥ ହେବ ଏବଂ ସେହି ଆଗ୍ରହ ସେମାନଙ୍କୁ ନୂତନ ଜ୍ଞାନ ଲାଗି ସତତ ଗ୍ରହଣଶୀଳ ହୋଇ ରହିପାରିବାର ଆବଶ୍ୟକ ଉନ୍ମୋଚନଟି ଆଣି ଦେଇପାରିବ। ପିଲାମାନଙ୍କ ମନରେ ଏପରି ଏକ ବୈଜ୍ଞାନିକ ଦୃଷ୍ଟିକୋଣର କ୍ରମବିକାଶ ହୋଇଆସିବ, ଯାହାକି କେବଳ ଗୋଟିଏ ବିଷୟରୂପେ ବିଜ୍ଞାନକୁ ପଢ଼ିବାର ଆୟତନ ମଧ୍ୟରେ ନିଜକୁ କଦାପି ସୀମାବଦ୍ଧ କରି ରଖିବ ନାହିଁ, ମାତ୍ର, ଯେତେବେଳେ ପିଲାମାନେ ଅନ୍ୟ ବିଷୟଗୁଡ଼ିକର ମଧ୍ୟ ଅଧ୍ୟୟନ କରୁଥିବେ, ଏପରିକି ତଥାକଥିତ ବିଜ୍ଞାନୋତ୍ତର ବିଷୟଗୁଡ଼ିକୁ ବି ଅଧ୍ୟୟନ କରୁଥିବେ, ସେତେବେଳେ ମଧ୍ୟ ସେହି ଦୃଷ୍ଟିକୋଣ ସେମାନଙ୍କର ମୌଳିକ ଦୃଷ୍ଟିକୋଣ ହୋଇ ରହିଥିବ ଓ ସେମାନଙ୍କୁ ବାଟ ଦେଖାଇ ପାରୁଥିବ। ଆମ ସ୍କୁଲଗୁଡ଼ିକରେ ଏହାହିଁ ଯାବତୀୟ ବିଜ୍ଞାନ ଶିକ୍ଷାର ଲକ୍ଷ୍ୟ ହୋଇ ରହିବ। ଜଡ଼ବସ୍ତୁର ଅଧ୍ୟୟନ କହିଲେ ତାହାର ଯାବତୀୟ ଦିଗ ଓ ଶାଖା ସହିତ ଯାହାକିଛିର ଅଧ୍ୟୟନକୁ ବୁଝାଏ, ଆମେ ସେହି ସମ୍ପୂର୍ଣ୍ଣ ପରିସରଟି ମଧ୍ୟରେ ରହି ଜଡ଼ବସ୍ତୁର ଅଧ୍ୟୟନ କରିବା, ଆମେ ଶ୍ରଦ୍ଧାର ସହିତ ଜଡ଼ ଅଧ୍ୟୟନ କରିବା, ଗୋଟିଏ ମୂଳ ସତ୍ୟ ଯେ ଜଡ଼ ଭିତରେ ତଥା ଆମ ଭିତରେ ରହିଛି, ଏହିପରି ଏକ ଉଜ୍ଜ୍ୱଳ ବିଶ୍ୱାସ ଦ୍ୱାରା ପ୍ରେରିତ ହୋଇ ଜଡ଼ର ଅଧ୍ୟୟନ କରିବା। ତାହାରି ଦ୍ୱାରାହିଁ ଆମେ ଜଡ଼ର ମର୍ମସ୍ଥଳରେ ପ୍ରବେଶ କରିପାରିବା, –ଆମ ନୂତନ ବିଦ୍ୟାଳୟଗୁଡ଼ିକରେ ବିଜ୍ଞାନ ଅଧ୍ୟୟନରେ ଏହାହିଁ ଆମର ଅସଲ ଦୃଷ୍ଟିକୋଣ ହୋଇ ରହିବ ଏବଂ ଆମକୁ ଅଗ୍ରସର କରାଇ ନେଉଥିବ।

୫) ଗୋଟିଏ ନୂତନ ସ୍କୁଲ ଆରମ୍ଭ କରିବା ଲାଗି ପାଠଚକ୍ର ଏକ ନିଷ୍ପତ୍ତି ଗ୍ରହଣ କରିସାରିବା ପରେ ସ୍କୁଲ ପ୍ରକୃତରେ ଖୋଲିବାର ଯଥେଷ୍ଟ ପୂର୍ବରୁ ତାହା ସେହି ମର୍ମରେ 'ନବଜୀବନ ଶିକ୍ଷା ସଂସଦ'କୁ ଲେଖି ଜଣାଇବ। ଏହି ନୂତନ ଉଦ୍ୟମଟିକୁ କାର୍ଯ୍ୟକାରୀ କରିବା ଲାଗି ସର୍ବନିମ୍ନ ଆବଶ୍ୟକତାଗୁଡ଼ିକର ଯେ ପୂରଣ ହୋଇପାରିଛି, ଏପରି ଗୋଟିଏ ଉଦ୍ୟମ ଲାଗି ଯେ ପ୍ରକୃତରେ ଏକ ବାସ୍ତବ ଅନୁକୂଳ ପ୍ରସ୍ତୁତି କରାଯାଇ ପାରିଛି, ତାହା ପରୀକ୍ଷା କରି ଦେଖିବା ଲାଗି ସଂସଦ ତରଫରୁ ଏକ ପ୍ରତିନିଧିମଣ୍ଡଳ ଯିବେ ଏବଂ ପରିସ୍ଥିତିଟି ସମ୍ବନ୍ଧରେ ସଂସଦକୁ ଆଣି ଜଣାଇବେ। ତା'ପରେ ଯାଇ ସଂସଦ ସମ୍ପୃକ୍ତ ସ୍ଥାନରେ ନୂଆ ସ୍କୁଲଟିଏ ଆରମ୍ଭ କରିବା ଲାଗି ପରାମର୍ଶ ଦେଇପାରିବ। ଅବସ୍ଥା ଅନୁକୂଳ ନ ଥିଲେ ତାହା ହୁଏତ ଆଉ କିଛିଦିନ ଅପେକ୍ଷା କରିବାକୁ ପରାମର୍ଶ ଦେଇପାରିବ। ଉକ୍ତ ପ୍ରତିନିଧିମଣ୍ଡଳୀରେ ସାଧାରଣତଃ ତିନି ଜଣ ସଦସ୍ୟ ରହିବେ।

**୨. ନୂଆ ସ୍କୁଲଗୁଡ଼ିକର ପରିଚାଳନା:**

କ) ନୂତନ ସ୍କୁଲର ବିଭିନ୍ନ ବିଷୟର ବ୍ୟାବସ୍ଥାକୁ ବୁଝିବା ପାଇଁ ଗୋଟିଏ ବ୍ୟବସ୍ଥାପକ ସମିତି ରହିବ। ସେଥିରେ ପାଠଚକ୍ରର ସଦସ୍ୟ ରହିବେ, ଅଭିଭାବକ ରହିବେ ଏବଂ ଶିକ୍ଷକମାନେ ରହିବେ। ଅର୍ଥାତ୍, ସ୍କୁଲରୂପକ କ୍ରିୟାୟତନର ତିନୋଟିଯାକ ଦିଗର ପ୍ରତିନିଧିତ୍ୱ ଏଥିରେ ହେବ। ମାତ୍ର ସମିତିର ଆଗ୍ରହ ଗୋଟିଏ ହୋଇ ରହିବ;– ସ୍କୁଲର କଲ୍ୟାଣ, ସ୍କୁଲର ଉନ୍ନତି ଏବଂ ଯଥାର୍ଥ ମାର୍ଗରେ ତାହାର ଅଗ୍ରଗତି, ଏହାହିଁ ସମଗ୍ରତଃ ବ୍ୟବସ୍ଥାପକ ସମିତିର ଆଗ୍ରହ ହୋଇ ରହିଥିବ।

ଖ) ସ୍କୁଲର ବ୍ୟବସ୍ଥାପକ ସମିତି କୌଣସି ପରିସ୍ଥିତିରେ ମଧ୍ୟ ନିଜକୁ ଯେପରି କେବଳ ଏକ ଆଳଙ୍କାରିକ ଅନାବଶ୍ୟକତାରେହିଁ ପର୍ଯ୍ୟବେସିତ କରି ନ ରଖେ ! ମାତ୍ର, ଯେତେବେଳେ ବ୍ୟବସ୍ଥାପକମାନଙ୍କ ମଧ୍ୟରେ ମାତ୍ର ଦୁଇ ବା ତିନି ଜଣ ଅତ୍ୟୁତ୍ସାହ ବ୍ୟକ୍ତି ସବୁ କଥାକୁ କେବଳ ନିଜେ କରିବେ ବୋଲି ସବୁବେଳେ ବାହାରି ଆସନ୍ତି ଏବଂ କୌଣସି ବିଷୟରେ ଅନ୍ୟମାନଙ୍କର ବି ହୁଏତ କିଛି ଭାବିବାକୁ, କହିବାକୁ ବା କରିବାକୁ ରହିଛି ବୋଲି ଅପେକ୍ଷା କରିବାକୁ ମଧ୍ୟ ଆଦୌ କୌଣସି ବେଳ ପାଆନ୍ତି ନାହିଁ, ସେତେବେଳେ ଅଧିକାଂଶ ସ୍କୁଲରେହିଁ ସେହିପରି ଘଟିଥାଏ । ଅତ୍ୟନ୍ତ ନିୟମିତ ଭାବରେ ବ୍ୟବସ୍ଥାପକ ସମିତିର ବୈଠକ ବସୁଥିବ, ସେଥିରେ ସର୍ବନିମ୍ନ ଔପଚାରିକତା ଏବଂ ନିୟମବଦ୍ଧତାକୁ ଅବଶ୍ୟ ରକ୍ଷା କରାଯାଉଥିବ । ଏହି ବ୍ୟବସ୍ଥାପକ ସମିତିର ବୈଠକଗୁଡ଼ିକରେହିଁ ସ୍କୁଲ ବିଷୟରେ ଯାବତୀୟ ନିଷ୍ପତ୍ତିମାନ ଗ୍ରହଣ କରାଯିବ । କୌଣସି ଜଣେ ସଦସ୍ୟ ଯେତେ ବଡ଼ ହୋଇଥାନ୍ତୁ ବା ସ୍କୁଲଟିକୁ ତିଆରି କରିବାରେ ତାଙ୍କର ବ୍ୟକ୍ତିଗତ ଅବଦାନଙ୍କୁ ସେ ଯେତେ ଅପରିହାର୍ଯ୍ୟ ବୋଲି ଭାବୁଥାନ୍ତୁ ପଛକେ, ସ୍କୁଲ ବିଷୟରେ ବିଭିନ୍ନ ନିଷ୍ପତ୍ତିଗୁଡ଼ିକୁ ଗ୍ରହଣ କରାଯିବା ସମୟରେ ତାଙ୍କର ମତ ଏବଂ ଆଗ୍ରହ ଗୁଡ଼ିକୁ ଲଦି ଦେବାପାଇଁ ତାଙ୍କୁ କଦାପି ଅବକାଶ ଦିଆଯିବ ନାହିଁ । ଅର୍ଥାତ୍, ସବୁକିଛି ନିଷ୍ପତ୍ତି ସମସ୍ତଙ୍କରହିଁ ନିଷ୍ପତ୍ତି ହୋଇ ରହିଥିବ ଏବଂ ସର୍ବବିଧ ନିଷ୍ଠା ଓ ଆନ୍ତରିକତା ସହିତ ସମସ୍ତେ ସେହି ନିଷ୍ପତ୍ତିଗୁଡ଼ିକୁ ଅବଶ୍ୟ ସମ୍ମାନ ଦେଖାଉଥିବେ ।

ଗ) ସ୍କୁଲର ଯାବତୀୟ ବହି, ଖାତା ଓ ହିସାବପତ୍ର ବିଧିବଦ୍ଧ ଭାବେ ମହଜୁଦ ରହିଥିବ; ସ୍କୁଲର ଆରମ୍ଭରୁହିଁ ଏସବୁ ରହିଥିବ । ହିସାବ ରଖିବାଟାକୁ ସ୍କୁଲ ଭିତରେ କେହି ସତେଅବା ଏକ ଧର୍ମ ପରି ଅନୁସରଣ କରୁ ନଥିବେ ସତ (ଅନେକ ଅଫିସ୍‌ରେ ସାଧାରଣତଃ ଯେପରି ଦୃଷ୍ଟିଗୋଚର ହୋଇଥାଏ), ମାତ୍ର ଏକଥା ଅବଶ୍ୟ ହେବ ଯେ ସ୍କୁଲର କାଗଜପତ୍ର ସର୍ବଦା ପରିଷ୍କାର ଓ ନିର୍ଦ୍ଦୋଷ ରହିଥିବ, ଚାହିଁବା ମାତ୍ରକେ ଦେଖାଇ ଦିଆଯାଇ ପାରିବା ଭଳି ହୋଇ ରହିଥିବ । ସ୍କୁଲ ଯାହା ଅର୍ଥ ପାଉଛି ଓ ଯେଉଁ ଅର୍ଥର ବ୍ୟୟ କରୁଛି, ତାହାର ପଇସା ପଇସା ହିସାବ ବି ସ୍କୁଲ ପାଖରେ ମହଜୁଦ ଥିବ ।

ଘ) ବିଦ୍ୟାଳୟ-ବ୍ୟବସ୍ଥାର ବହିର୍ଗଠନରୁ ବିଚାର କରି ଦେଖିଲେ, ବିଦ୍ୟାଳୟରେ ଯେ କେତେକ ପରିମାଣରେ ଏକ ଶ୍ରମ-ବିଭାଜନର ରୀତି ରହିଥିବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ସବୁଠାରୁ ବଡ଼ କଥା ହେଉଛି, ପ୍ରତ୍ୟେକ କାର୍ଯ୍ୟ ଅନ୍ୟ ପ୍ରତ୍ୟେକ କାର୍ଯ୍ୟର ପରିପୂରକ ଭାବେ କରା ଯାଉଥିବ ଏବଂ କୌଣସି କ୍ଷେତ୍ରରେ ଅନ୍ୟ କୌଣସି କ୍ଷେତ୍ରରୁ ଆଦୌ ହସ୍ତକ୍ଷେପ ହେଉ ନଥିବ । ବିଦ୍ୟାଳୟର ଅଧ୍ୟୟନ ଏବଂ ଅଧ୍ୟାପନାର ଦିଗଟି ନ୍ୟାୟତଃ ଶିକ୍ଷକମାନଙ୍କର କାର୍ଯ୍ୟ ହୋଇ ରହିଥିବ ଏବଂ ସେମାନେ ପୂର୍ଣ୍ଣ ସ୍ୱାଧୀନତାର ସହିତ ତାହାର ସମ୍ପାଦନ କରି ପାରୁଥିବେ । ସବୁ ଶିକ୍ଷକ ମିଶି ପାରସ୍ପରିକ ପୂର୍ଣ୍ଣ ସହଯୋଗରେ ଯେପରି ସେହି କାର୍ଯ୍ୟଟିକୁ କରି ପାରୁଥିବେ, ସେଥିଲାଗି ସେମାନଙ୍କୁ ଏକ କାର୍ଯ୍ୟକାରୀ ବିଧି ଓ ପନ୍ଥା ବାହାର କରିବାକୁ ପଡ଼ିବ । ଯଦି ସୁବିଧାଜନକ ବୋଲି ବିବେଚିତ ହୁଏ, ତେବେ, ଅଧ୍ୟୟନ ଓ ଅଧ୍ୟାପନାର ତତ୍ତ୍ୱାବଧାନ ଲାଗି ଶିକ୍ଷକ, ଅଭିଭାବକ ଏବଂ କେତେଜଣ ବ୍ୟବସ୍ଥାପକଙ୍କୁ ନେଇ ଏକ ସ୍ୱତନ୍ତ୍ର ସମିତି ମଧ୍ୟ ଗଢ଼ାଯାଇ ପାରିବ । ଏହିପରି ଭାବରେ ଦାୟିତ୍ୱଗୁଡ଼ିକର ଏକ ବଣ୍ଟନ ହୋଇଥିବ ସତ, ମାତ୍ର ସବୁଗୁଡ଼ିକରେ ସମସ୍ତେ ସମାନ ଭାବରେହିଁ ଦାୟି ଓ ଭାଗୀ ହୋଇ ରହିଥିବେ, ଏବଂ ସତେଅବା ଏକ ସର୍ବସମ୍ମତ ନିର୍ଣ୍ଣୟ ଅନୁସାରେ ସବୁକିଛି ସମସ୍ତଙ୍କରହିଁ କ୍ଷେତ୍ର ଓ ଦାୟିତ୍ୱ ହୋଇ ରହିଥିବ । ବିଦ୍ୟାଳୟର ସମଗ୍ର ପରିସରଟି ମଧ୍ୟରେ ଯଦି କର୍ତ୍ତୃତ୍ୱ ପରିବର୍ତ୍ତେ ନେତୃତ୍ୱକୁହିଁ ପ୍ରତିଷ୍ଠା ଓ ମାନ୍ୟତା ଦିଆଯିବ ଏବଂ ଯଦି ନେତୃତ୍ୱ ମଧ୍ୟ ଧର୍ମତଃ ସ୍କୁଲଟିକୁ ଜନ୍ମଲାଭ କରିବା ଲାଗି ପ୍ରେରଣା ଦେଇଥିବା ଦୃଷ୍ଟି ଏବଂ ବିଚାରଟି ଦ୍ୱାରାହିଁ ନିଜକୁ ପରିଚାଳିତ କରି ପାରୁଥିବ, ତେବେ ଏହି ରୀତିଟି ଅତ୍ୟନ୍ତ ଫଳପ୍ରଦ ଏବଂ ସ୍ୱାସ୍ଥ୍ୟପ୍ରଦ ଭାବରେ ସ୍କୁଲରେ କାର୍ଯ୍ୟକାରୀ ହୋଇପାରିବ ।

ଙ) ବିଦ୍ୟାଳୟର ବାହ୍ୟ ବ୍ୟବସ୍ଥାପନ ଅପେକ୍ଷା ଅଧିକ ମହତ୍ତ୍ୱପୂର୍ଣ୍ଣ ଏବଂ ସର୍ବଦା ସମ୍ଭବତଃ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥାଟି ହେଉଛି ଯେ ଯଦି ଆମେ ବିଦ୍ୟାଳୟର ବୃଦ୍ଧି ତଥା ବିକାଶ ଇଚ୍ଛା କରୁଥିବା ଏବଂ ସମ୍ପୃକ୍ତ ସମସ୍ତଙ୍କର ଉଦ୍ୟମ ବଳରେ ବସ୍ତୁତଃ ଶିକ୍ଷାରହିଁ ଅଭ୍ୟୁଦୟ ଘଟୁ ବୋଲି ଯଦି ସମସ୍ତେ ପ୍ରକୃତରେ ଇଚ୍ଛା କରୁଥିବେ, ତେବେ ବିଦ୍ୟାଳୟରେ ବ୍ୟବସ୍ଥାପକ ଓ ଶିକ୍ଷକ ସମସ୍ତଙ୍କୁ ସ୍ୱୟଂ ସତତ ବିକାଶଲାଭ କରିବାକୁ ପଡୁଥିବ । ଯେଉଁମାନେ ବଡ଼ ହୋଇଗଲେଣି, ସେମାନଙ୍କ ମଧ୍ୟରେ ଆଦୀ ବୃଦ୍ଧିଲାଭ ନକରିବା ନିମନ୍ତେ ସତେଅବା ଏକ ପ୍ରବୃତ୍ତି ବଦ୍ଧମୂଳ ହୋଇ ରହିଥାଏ । ସେମାନେ ଯେଉଁଠି ଥାଆନ୍ତି, ସେଇଠାରେହିଁ ରହିବାକୁ ମନ କରୁଥାନ୍ତି, ବୁଢ଼ା ହୋଇଯିବାକୁ ଅନିବାର୍ଯ୍ୟ ବୋଲି ଧରିନିଅନ୍ତି ଏବଂ ତେଣେ ସେମାନଙ୍କର ଅଧୀନରେ ବା ହେପାଜତରେ ଅଛନ୍ତି ବୋଲି ସେମାନେ କଳ୍ପନା କରୁଥିବା ଅନ୍ୟମାନେହିଁ ବୃଦ୍ଧିପ୍ରାପ୍ତ ହୁଅନ୍ତୁ ବୋଲି ପ୍ରତ୍ୟାଶା କରିବାରେ ଲାଗିଥାନ୍ତି । ଏପରି ହେବା ମୋତେ ଉଚିତ ନୁହେଁ । ଆମ ନିଜ ଭିତରେ ବୃଦ୍ଧିଲାଭ କରିବାର ଓ ଆହୁରି ବୃଦ୍ଧିଲାଭ କରିବାର ଏକ ବାସନା ରହିଛି ବୋଲିହିଁ ତ ଆମେ ନୂଆ ସ୍କୁଲଟିଏ ଆରମ୍ଭ କରିଛୁ ଏବଂ ତାହାର ଅଭିବୃଦ୍ଧି କାମନା କରୁଛୁ ! ଯେଉଁଠି ବ୍ୟବସ୍ଥାପକ ବୟସ୍କମାନଙ୍କର ଆଦୌ କୌଣସି ବିକାଶ ବା ବୃଦ୍ଧି ହେଉ ନଥାଏ, ସେଠାରେ ନିଜର

ସ୍ୱାସ୍ଥ୍ୟ ଏବଂ ଅଭିବୃଦ୍ଧିର କ୍ଷେତ୍ରରେ ପିଲାମାନଙ୍କୁ ଭାରି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଯଦି ପାଠଚକ୍ର ଏବଂ ପାଠଚକ୍ରର ବିଦ୍ୟାଳୟ ପରସ୍ପରର ସୀମା ମଧ୍ୟକୁ କ୍ରମଶଃ ବିକଶିତ ହୋଇଯିବାକୁହିଁ ନିଷ୍ଠାରୂପେ ଗ୍ରହଣ କରି ନେଇଥାନ୍ତି ଏବଂ ସେହି ଦୁହିଁଙ୍କୁ ଏକତ୍ର କରି ବାନ୍ଧି ରଖିବାର ଡୋରଗୁଡ଼ିକ ମୂଳତଃ ଶିକ୍ଷାଗତ ଏବଂ ବୃଦ୍ଧି-ଅନୁକୂଳ ହୋଇ ରହିଥାଏ, ତେବେ ଅଭିବୃଦ୍ଧିର ସେହି ପ୍ରକ୍ରିୟାଟିକୁ ସର୍ବୋତ୍କୃଷ୍ଟ ଭାବରେ ରକ୍ଷା କରାଯାଇ ପାରିବ।

ସପ୍ତାହରେ ଅନ୍ତତଃ ଗୋଟିଏ ଦିନ ଏପରି ରହିଥିବା ଉଚିତ, ଯେଉଁ ଅବସରରେ କି ପାଠଚକ୍ରର ସଦସ୍ୟ ଏବଂ ବିଦ୍ୟାଳୟର ଶିକ୍ଷକମାନେ ଏକତ୍ର ବସି ଶ୍ରୀଅରବିନ୍ଦ ଏବଂ ମା'ଙ୍କର ବିଭିନ୍ନ ବିଚାରର ଆଲୋଚନା କରିପାରିବେ, ବିଶେଷତଃ ଶିକ୍ଷା ବିଷୟରେ ସେମାନଙ୍କ ବିଚାରର ଆଲୋଚନା କରିପାରିବେ। ଶିକ୍ଷା ବିଷୟରେ ସାଧାରଣ ସମସ୍ୟାଗୁଡ଼ିକୁ ନେଇ ମଧ୍ୟ ସେମାନେ ବିଚାର-ବିନିମୟ କରିପାରିବେ, ଶିକ୍ଷାର ସର୍ବାଧୁନିକ ପ୍ରବୃତ୍ତି ଓ ପ୍ରଚେଷ୍ଟାଗୁଡ଼ିକ ବିଷୟରେ ବି ଆଲୋଚନା କରି ପାରିବେ। ବିଦ୍ୟାଳୟର ଲାଇବ୍ରେରୀକୁ ଏହି କାର୍ଯ୍ୟରେ ଯଥାସମ୍ଭବ ଅଧିକ ପରିମାଣରେ ବ୍ୟବହାର କରାଯାଇ ପାରୁଥିବ। ସ୍କୁଲର ବଗିଚା, ତାହାର ତତ୍ତ୍ୱ ନେବା ଓ ତାହାର ଅଭିବୃଦ୍ଧିକୁ ଲକ୍ଷ୍ୟ କରିବା, – ଏଇଟି ମଧ୍ୟ ଭାରି ଚମତ୍କାର ଭାବରେ ଏପରି ଏକ ସୁଅବସରର ଯୋଗାଇଦେଇ ପାରିବ, ଯେତେବେଳେ କି ସମ୍ପୃକ୍ତ ସମସ୍ତେ ଏକ ସାଧାରଣ ଆସ୍ପୃହା ସହିତ ଏକାଠି ହୋଇପାରିବେ; ବଗିଚାରେ କାମ କରୁଥିବା ସମୟରେ ସେମାନେ ପରସ୍ପରକୁ ନିଜ ନିଜ ମଧ୍ୟରେ ରହିଥିବା ସର୍ବୋତ୍କୃଷ୍ଟ ନିଜସ୍ୱତାଗୁଡ଼ିକୁ ଦେବା ଲାଗି ସମର୍ଥ ହୋଇପାରିବେ।

ଚ) ନିଜର ଯାବତୀୟ ପ୍ରୟୋଜନର ସମାଧାନ କରିବା ଲାଗି ଓଡ଼ିଶାର ସବୁଯାକ ପୂର୍ଣ୍ଣାଙ୍ଗ ବିଦ୍ୟାଳୟ 'ନବଜୀବନ ଶିକ୍ଷା ସଂସଦ' ମଧ୍ୟରେ ପରସ୍ପର ସହିତ ସଂଯୁକ୍ତ ହୋଇ ରହିଛନ୍ତି। ବିଦ୍ୟାଳୟଗୁଡ଼ିକହିଁ ସ୍ୱୟଂ ସେହି ସଂସଦଟିକୁ ଗଢ଼ିଛନ୍ତି। ତେଣୁ ସଂସଦରେ ବିଭିନ୍ନ ସ୍କୁଲର ପ୍ରତିନିଧିତ୍ୱ କରୁଥିବା ପ୍ରତିନିଧିମାନେ ସଂସଦର ବୈଠକ ଗୁଡ଼ିକରେ ଯୋଗଦେବାକୁ ନିଜର ଦାୟିତ୍ୱ ବୋଲି ଭାବିବେ, ସେଠି ଆଲୋଚନା ଗୁଡ଼ିକରେ ଅଂଶଗ୍ରହଣ କରିବେ ଏବଂ ସଂସଦ ସମକ୍ଷରେ ଆପଣାର ବିଦ୍ୟାଳୟଟି ବିଭିନ୍ନ ବିବରଣୀ ଦେବାକୁ ମଧ୍ୟ ସମର୍ଥ ହେବେ। ଆବଶ୍ୟକ ପଡ଼ିଲେ ସଂସଦ ପାଖକୁ ବିଭିନ୍ନ କାଗଜପତ୍ର ଓ ବିବରଣୀ ପଠାଇବା ମଧ୍ୟ ପ୍ରତ୍ୟେକ ସ୍କୁଲର କର୍ତ୍ତବ୍ୟ ହୋଇ ରହିବ। ସ୍କୁଲର ସବୁ ଶିକ୍ଷକ ଯେପରି ପୂର୍ଣ୍ଣାଙ୍ଗ ବିଦ୍ୟାଳୟଗୁଡ଼କର ବାର୍ଷିକ ଶିବିରରେ ଯୋଗଦେଇ ପାରିବେ, ସ୍କୁଲ ସେ ବିଷୟରେ ନିଶ୍ଚୟ ଆବଶ୍ୟକ ବ୍ୟବସ୍ଥାମାନ କରିବ। ଏହି ଶିବିରରେ ଯୋଗ ଦେବା ସକାଶେ ଆବଶ୍ୟକ ଯାତାୟାତ ଓ ଅନ୍ୟାନ୍ୟ ଖର୍ଚ୍ଚ ବା ଅନ୍ତତଃ ସେହି ଖର୍ଚ୍ଚର କିୟଦଂଶ ଶିକ୍ଷକମାନଙ୍କୁ ଯୋଗାଇଦେଇ ପାରିବାକୁହିଁ ସ୍କୁଲର ବ୍ୟବସ୍ଥାପକମାନଙ୍କ ପକ୍ଷରେ ଏକ ଯଥୋଚିତ କର୍ତ୍ତବ୍ୟ ବୋଲି କୁହାଯିବ।

ଛ) ବିଦ୍ୟାଳୟଗୁଡ଼ିକ ସ୍ୱାଧୀନ ଭାବରେ ନିଜର ପରିଚାଳନା କରିବେ ସତ, ମାତ୍ର ତଥାପି 'ସଂସଦ' ସହିତ ନିଜକୁ ଆଣି ସଂଯୁକ୍ତ କରିଥିବା ସ୍କୁଲମାନେ ପରସ୍ପରର ସହୋଦର ପରି ଅବଶ୍ୟ କାର୍ଯ୍ୟ କରିବେ, ସେମାନେ ପରସ୍ପରର ସହଯାତ୍ରୀ ପରି ହୋଇ ରହିଥିବେ। ଏହି କ୍ଷେତ୍ରରେ ପାରସ୍ପରିକ ଆଦାନପ୍ରଦାନ ଓ ସହଯୋଗ ଲାଗି ଏକ ପ୍ରଶସ୍ତ କ୍ଷେତ୍ର ସବୁବେଳେ ମହଜୁଦ ରହିଥିବ। ସମ୍ପୃକ୍ତ ସ୍କୁଲମାନେ ଇଚ୍ଛାକଲେ ଓ ସମ୍ମତି ଦେଲେ ସେମାନଙ୍କ ମଧ୍ୟରେ ସାମୟିକ ଶିକ୍ଷକ ବିନିମୟ ମଧ୍ୟ ହୋଇପାରିବ। ଗୋଟିଏ ସ୍କୁଲର ଶିକ୍ଷକମାନେ ଆଉ ଗୋଟିଏ ସ୍କୁଲକୁ ଯାଇ ସେଠାକାର କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ ବି କରି ପାରୁଥିବେ। ପଣ୍ଡିଚେରୀର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରକୁ ମଧ୍ୟ ସେମାନେ ଏକତ୍ର ପରିଦର୍ଶନରେ ଯିବା ଦ୍ୱାରା ଅତ୍ୟନ୍ତ ଲାଭବାନ୍ ହୋଇପାରିବେ; ଏବଂ ଏହିସବୁ କ୍ଷେତ୍ରରେ 'ସଂସଦ' ସର୍ବଦା ଏକ ପ୍ରଧାନ ଭୂମିକା ଗ୍ରହଣ କରି ପାରିବ।

**୩. ନୂଆ ଶିକ୍ଷକଙ୍କ ନିଯୁକ୍ତି ବେଳେ:**

ଆମର ନୂଆ ସ୍କୁଲଗୁଡ଼ିକ ଶିକ୍ଷାକ୍ଷେତ୍ରରେ ଗୋଟିଏ ଗୋଟିଏ ନୂଆ ପ୍ରୟୋଗ। ତେଣୁ ସେହିସବୁ ସ୍କୁଲରେ କାର୍ଯ୍ୟ କରିବା ଲାଗି ଯଥାର୍ଥ ଦୃଷ୍ଟିକୋଣ ଓ ଯୋଗ୍ୟତା ରହିଥିବା ଶିକ୍ଷକମାନଙ୍କର ଯେ ଏକାନ୍ତ ଆବଶ୍ୟକତା ରହିଛି, ସେହି କଥାଟିକୁ ଆଖି ଆଗରେ ରଖି ନିମ୍ନରେ କେତେଗୁଡ଼ିଏ କଥା କୁହାଯାଉଛି:

କ) ନୂଆ ସ୍କୁଲର ଶିକ୍ଷକଙ୍କୁ ତାଙ୍କର କାମ ଭଲ ଲାଗୁଥିବ। ତାଙ୍କୁ ଶିକ୍ଷକ ହେବାକୁ ଭଲ ଲାଗୁଥିବ, ପଢ଼ାଇବାକୁ ଓ ପଢ଼ିବାକୁ ଭଲ ଲାଗୁଥିବ। ଅଧିକ ଭଲ ଚାକିରି ପାଇବା ପୂର୍ବରୁ ମଝିରେ ଅସ୍ଥାୟୀ ଭାବରେ କେଉଁଠିହେଲେ ରହିଯିବା ପାଇଁ ଭାବି ସେ ସ୍କୁଲରେ ଶିକ୍ଷକତା କରିବାପାଇଁ ଆସି ନଥିବେ। କିମ୍ବା, ଜୀବନରେ ଆଉ ଅଧିକ ଭଲ କୌଣସି ଚାକିରି ମିଳିଲା ନାହିଁ ବୋଲି ମଧ୍ୟ ସେ ସ୍କୁଲକୁ ଆସି ନଥିବେ। ଅର୍ଥାତ୍, ଗୋଟିଏ କଥାରେ କହିଲେ, ଶିକ୍ଷକ ହେବାକୁ ଇଚ୍ଛା କରୁଛନ୍ତି ବୋଲି ଜଣେ ଶିକ୍ଷକ ଶିକ୍ଷକ ହୋଇଥିବେ।

ଖ) ନୂତନ ସ୍କୁଲଗୁଡ଼ିକରେ କାର୍ଯ୍ୟ କରିବାକୁ ଆସୁଥିବା ଶିକ୍ଷକ ତାଙ୍କ ଜୀବନର କୌଣସି ନା କୌଣସି ମୁହୂର୍ତ୍ତରେ ନିଜ ଲାଗି ଏକ ବାଟ ଖୋଜୁ ଖୋଜୁ ଶ୍ରୀଅରବିନ୍ଦ ଓ ମା'ଙ୍କର ସମ୍ପର୍କରେ ଆସିଥିବେ, ସେହି ସମ୍ପର୍କ ଦ୍ୱାରା ସେ ବିସ୍ମିତ ହୋଇ ଠିଆ ହୋଇ

ରହିଥିବେ ଓ ଏହି ସମ୍ପର୍କରୁ ଲବ୍ଧ ସମ୍ପଦ ଦ୍ୱାରା ସମ୍ପଦବାନ୍ ହୋଇ ପାରିଥିବେ। ସିଏ ଜଣେ ଛାତ୍ର ହୋଇଥିବେ, ନିଜକୁ ଅବଲୋକନ ଓ ଅଧ୍ୟୟନ କରି ପାରିବା ଭଳି ଜଣେ ଛାତ୍ର ହୋଇଥିବେ; ଏବଂ ଯେଉଁସବୁ ବିଚାର ଦ୍ୱାରା ପ୍ରେରିତ ହୋଇ ସିଏ ଏପରି ଏକ ପଥକୁ ନିଜର ପଥ ବୋଲି ଗ୍ରହଣ କଲେ, ସିଏ ସେହି ବିଚାରଗୁଡ଼ିକର ବି ଛାତ୍ର ହୋଇଥିବେ।

